୪୯ତମ ନିଖିଳ ଉତ୍କଳ

# ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ

# ସ୍ମରଣିକା

୪, ୫, ୬ ଏବଂ ୭ ଏପ୍ରିଲ ୨୦୧୯


**ମାତୃଭବନ**

ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩

ଟେଲିଫୋନ: (୦୬୭୧) ୨୩୪୪୩୩୮, ୨୩୪୦୭୧୮

e-mail : matrubhaban@gmail.com

website: www.motherorissa.com

IML : http://www.motherorissa.com/Files/magazine/IML-Feb-19.pdf

ORGANISATION REPORT : http://motherorissa.com/Event/Monthly_News.aspx

# ସୂଚୀପତ୍ର


| | | | |
|---|---|---|---|
| ୧. | ଶ୍ରୀଅରବିନ୍ଦଙ୍କର କେତୋଟି ଅପ୍ରକାଶିତ ପତ୍ର (ଶ୍ରୀ ଭି. ଚନ୍ଦ୍ରଶେଖରଙ୍କୁ ଲିଖିତ) | ଶ୍ରୀଅରବିନ୍ଦ | ୫ |
| ୨. | ପୃଥିବୀ ପରିବର୍ତ୍ତନରେ ଆମର କର୍ତ୍ତବ୍ୟ | ଶ୍ରୀମା | ୭ |
| ୩. | ଭଗବତୀ ଜନନୀ | ଶ୍ରୀ ନଳିନୀକାନ୍ତ ଗୁପ୍ତ | ୯ |
| ୪. | ଆତ୍ମକଥା | ପବିତ୍ର | ୧୦ |
| ୫. | ଶ୍ରୀମା'ଙ୍କର ଆଧ୍ୟାତ୍ମିକ ବ୍ରତ | ଶ୍ରୀ ମାଧବ ପଣ୍ଡିତ | ୧୮ |
| ୬. | ମାନବଜାତି ପାଇଁ ଶ୍ରୀଅରବିନ୍ଦ ଆଶ୍ରମ କ'ଣ କରୁଛି | ଶ୍ରୀ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ | ୨୦ |
| ୭. | ଚୈତ୍ୟପୁରୁଷର ଜାଗରଣ | ଶ୍ରୀ ରାମକୃଷ୍ଣ ଦାସ | ୨୨ |
| ୮. | ଛାତ୍ର ଓ ଶିକ୍ଷକ ହିସାବରେ ମୋର ଅଭିଜ୍ଞତା | ଶ୍ରୀ ମନୋଜ କୁମାର ଦାସଗୁପ୍ତ | ୨୫ |
| ୯. | ଭଗବତ୍ ରାଜ୍ୟ ସ୍ଥାପନ | ଶ୍ରୀ ପ୍ରପତ୍ତି | ୨୯ |
| ୧୦. | ସାହିତ୍ୟ ଓ ଅଧ୍ୟାତ୍ମ-ଜୀବନ | ଶ୍ରୀ ମନୋଜ ଦାସ | ୩୧ |
| ୧୧. | ଛାତ୍ର-ଜୀବନର ସ୍ୱପ୍ନ | ଶ୍ରୀ ପ୍ରପତ୍ତି | ୩୪ |
| ୧୨. | ଭବିଷ୍ୟତ କେଉଁଠି ? | ଶ୍ରୀ ଲଳିତ ମୋହନ ଘୋଷ | ୩୮ |
| ୧୩. | ସୂର୍ଯ୍ୟମଗନ୍ମ ଜ୍ୟୋତିରୁତ୍ତମମ୍ | ଶ୍ରୀ ନିମାଇଁ ଚରଣ ମହାପାତ୍ର | ୪୨ |
| ୧୪. | ଦିବ୍ୟଜନନୀଙ୍କର ବିଭିନ୍ନ ସତ୍ତା, ବିଭିନ୍ନ ରୂପ ଓ କରୁଣାର ମାର୍ଗ | ଭାଷ୍ୟକାର:-ଡଃ ଆଲୋକ ପାଣ୍ଡେ | ୪୪ |
| ୧୫. | ଶୁନଃଶେପ ଉପାଖ୍ୟାନ | କୃଷ୍ଣା ଦେବୀ | ୪୬ |
| ୧୬. | NEW DYNAMICS OF ACTION | Dr. Shyama Kanungo | ୫୦ |
| ୧୭. | ପାଦୁକା ସ୍ଥାପନ -ଏକ ଅନନ୍ୟ ମୁହୂର୍ତ୍ତ | ଗୀତାଞ୍ଜଳି ଦାସ | ୫୩ |
| ୧୮. | ସେହିଁ ମାତୃମନ୍ତ୍ରର ପୁରୋଧା | ବିମଳ ପ୍ରସନ୍ନ ଦାସ | ୫୪ |
| ୧୯. | ଏକ ଭ୍ରମଣ ଯାତ୍ରାର ଅନୁଭୂତି | ସନାତନ ବାରିକ | ୫୬ |
| ୨୦. | ମା'ଙ୍କ ଯଥାର୍ଥ ସନ୍ତାନ | କୈବଲ୍ୟ ଜେନା | ୫୯ |
| ୨୧. | ଭୟ ଓ ବିଷାଦ | .. | ୬୧ |
| ୨୨. | ନିଷ୍ଠା | ଲତା ଦାସ | ୬୪ |
| ୨୩. | ତୋ କୃପାରେ ରଖିଛି ଭରସା | ଜ୍ୟୋସ୍ନାରାଣୀ ଦାଶ | ୬୫ |
| ୨୪. | ହୃଦୟ ହୁଅଇ ପୂର୍ଣ୍ଣ | ପ୍ରସାଦ ତ୍ରିପାଠୀ | ୬୫ |


All Orissa Sri Aurobindo Study Circle Committee, Matrubhaban, Cuttack extends its gratitude to the Managing Trustee of Sri Aurobindo Ashram, Pondicherry for giving permission to print the photographs of Sri Aurobindo & The Mother and their writtings in the Souvenir.

# PRAYER

## 49TH ALL ORISSA SRI AUROBINDO STUDY CIRCLE CONFERENCE
## ALL ORISSA SRI AUROBINDO STUDY CIRCLE COMMITTEE

**MATRUBHABAN, CUTTACK**

**E.mail: matrubhaban@gmail.com, Website : www.motherorissa.com**

Sweet Mother,

Pranams at Thy Lotus Feet.

The 49th All Orissa Sri Aurobindo Study Circle Conference is going to be organised during 4th to 7th April, 2019 at Matrubhaban, Cuttack.

In this Conference, like every year, all the organisers of Sri Aurobindo Relics Centres, Sri Aurobindo Integral Schools and Sri Aurobindo Study Circles as well as devotees from different district will be participating. The main guest speakers for this Conference are Sri Biswanath Ray from Kolkata and Dr. Alok Pandey from Sri Aurobindo Ashram. In the afternoons we shall be reviewing the progress of The Mother's Work in Orissa and prepare the plans for the coming year. During the morning sessions we will continue our discussion from Sri Aurobindo's "FOUNDATION OF INDIAN CULTURE (1972 edition)". The chapters we will take up are "Is India Civilised part-3, A Rationalistic Critic on Indian Culture –Part-1,2 and 3.

We pray for Thy Presence, Guidance, Blessings and Protections for all the activities to be undertaken during the Conference.

We pray our service to Sweet Mother be complete and effective.

Let Thy Will be done in spite of all our shortcomings, ignorances and weaknesses.

With deep gratitude at Thy Feet,

Thy Children

Members
All Orissa Sri Aurobindo Study Circle Committee,
Matrubhaban,
Sri Aurobindo Marg,
Cuttack-753013



**SRI AUROBINDO ASHRAM**
COPYRIGHT DEPARTMENT

Telegrams
AUROBINDO-PONDICHERRY

PONDICHERRY - 605 002
India

**Sri Manoj Das Gupta**
Managing Trustee

We invoke the Mother's Blessings for the celebrations to be held at Matrubhaban,Cuttack, from 4th to 7th April, 2019,for the 49th anniversary of the Sri Aurobindo Study Circle Conference.

We understand that you intend to publish a souvenir for the occasion. We are glad to give you permission to include in the souvenir extracts from the Works of Sri Aurobindo and the Mother. You may also print Their photographs but they must be printed inside the souvenir and not on the cover, and their quality has to be ensured.

Proper reference notes must be given for the extracts and due acknowledgement made to the Sri Aurobindo Ashram Trust for the above permission. On publication, two copies of the souvenir may be sent to 'The Copyright Department, Sri Aurobindo Ashram, for our records.

With good wishes and regards,

*Sincerely,*

**Manoj Das Gupta**
Managing Trustee
Sri Aurobindo Ashram

# ଶ୍ରୀଅରବିନ୍ଦଙ୍କର୍ କେତୋଟି ଅପ୍ରକାଶିତ ପତ୍ର

(ଶ୍ରୀ ଭି. ଚନ୍ଦ୍ରଶେଖରଙ୍କୁ ଲିଖିତ)

ପଣ୍ଡିଚେରୀ, ୧୩ ଜୁଲାଇ, ୧୯୨୦

ପ୍ରିୟ ଚନ୍ଦ୍ରଶେଖର,

ମୁଁ ସମୟ ଅଭାବରୁ ତୁମ ପାଖକୁ ଆଗରୁ ଲେଖିପାରି ନାହିଁ, ଆଜିକାଲି ସର୍ବଦା ମୋର ସମୟର ବିଶେଷ ଅଭାବ ହେଉଛି, ମୋର ଆଶା ଏହା ଭିତରେ ତୁମର ରୋଗ ଠିକ୍ ଭାବରେ ଭଲ ହୋଇଛି; ଯଦି ନ ହୋଇଥାଏ ତୁମେ ଆମକୁ ତୁମ ସ୍ୱାସ୍ଥ୍ୟର ଅବସ୍ଥା ଲେଖି ଜଣାଅ। ଏହା ଛଡ଼ା ତୁମର ଶରୀର ଯେ ଅନୁପଯୁକ୍ତ—ଏପରି କୌଣସି ଧାରଣା ପୋଷଣ କର ନାହିଁ। ଏ ପ୍ରକାର ଇଙ୍ଗିତମାନ ସିଦ୍ଧିଲାଭର ସଙ୍କଳ୍ପ ଉପରେ ଆକ୍ରମଣ କରନ୍ତି ଏବଂ ବିଶେଷ କରି ଦୈହିକ ବିଷୟରେ ଏହା କ୍ଷତିକାରକ। ଯୋଗକରୁଥିବା ବହୁଲୋକଙ୍କ ଭିତରେ ଏହା ବୃଦ୍ଧି ପାଉଛି ଏବଂ ପ୍ରଥମ କାମ ହେଉଛି ଏହାକୁ ସମୂଳେ ବହିଷ୍କାର କରିବା। ବହିଃରୂପ ଓ ତଥ୍ୟ ଏହାର ସର୍ବପ୍ରକାର ଅନୁକୂଳ ହୋଇପାରେ, କିନ୍ତୁ ଯୋଗୀ ଏବଂ ବାସ୍ତବରେ ଯେ କୌଣସି ବ୍ୟକ୍ତି ଯେ କୌଣସି ମହାନ୍ ବା ଅସାଧାରଣ କାର୍ଯ୍ୟ କରିବାର ଇଚ୍ଛା କରିଥାଏ ତାହାପାଇଁ ସଫଳତାର ପ୍ରଥମ ସର୍ତ୍ତ ହେଲା ବାହ୍ୟଘଟଣାର ଊର୍ଦ୍ଧ୍ୱରେ ରହିବା ଏବଂ ବହିଃରୂପରେ ଅବିଶ୍ୱାସ କରିବା। ବ୍ୟାଧି ଯେତେ ମାରାତ୍ମକ, ବହୁମୁଖୀ କିମ୍ବା ଅପରିବର୍ତ୍ତନଶୀଳ ହେଉନା କାହିଁକି ତାହାଠାରୁ ମୁକ୍ତି ପାଇବାର ସଙ୍କଳ୍ପ କର ଏବଂ ସମସ୍ତ ବିରୋଧି ଇଙ୍ଗିତମାନଙ୍କୁ ଦୂର କର।

ଆଜିକାଲି ସଠିକ ଭାବରେ ଏହି ଦୈହିକ କ୍ଷେତ୍ରରେହିଁ ମୁଁ ସବୁଠାରୁ ବେଶି ବାଧାପ୍ରାପ୍ତ ହେଉଛି। ମୁଁ ନିଜେ ପ୍ରାୟ ଗତ ଏକ ମାସ ହେଲା ଗୋଟିଏ ପସନ୍ଦ ମୁତାବକ କାଶରୋଗ ନେଇ ଖେଳୁଛି, ଯାହାକି ମୋ' ଗଳାଭିତରେ ବସା ବାନ୍ଧିଛି ଓ ମୋ' ଶାରୀରିକ ସତ୍ତା ସହିତ ଯେତେଦୂର ସମ୍ଭବ ଦୀର୍ଘତମ ସମୟ ପର୍ଯ୍ୟନ୍ତ ସାନନ୍ଦରେ ମୋର ସଙ୍ଗୀ ହେବାକୁ ବଦ୍ଧପରିକର ହୋଇଛି, ଏବଂ ଅନଭ୍ୟର୍ଥିତ ଏବଂ କ୍ରମାଗତ ଭାବରେ ନିରୁତ୍ସାହିତ ହେଲେ ମଧ, ଏହା ଚତୁର୍ଦ୍ଦିଗରେ ଭାସିବୁଲୁଛି। ପ୍ରଚଳିତ ରୀତି ଅନୁଯାୟୀ ବିରୋଧ ସତ୍ତ୍ୱେ ଅନ୍ୟ ବିଷୟମାନଙ୍କରେ ମୋର ପୂର୍ବ ଯୋଗସାଧନାର ସମୟଠାରୁ ଅଧିକ ଶୀଘ୍ର ଭାବରେ ଉନ୍ନତି ହେଉଛି। ଏଥିରେ ସମ୍ପୂର୍ଣ୍ଣ ନୂତନତ୍ୱ ନାହିଁ– ମୁଁ କେବଳ ଗୋଟିଏ ଊର୍ଦ୍ଧ୍ୱତର ସ୍ତର ବିଜ୍ଞାନ ଦିଗକୁ ଉନ୍ନତି ମାର୍ଗରେ ଆଗେଇ ଚାଲିଛି ଏବଂ ଅନ୍ୟ ସମସ୍ତ ବିଷୟକୁ ଏହାର ପ୍ରକୃତିର ଅଭିମୁଖୀ କରାଉଛି।

ତୁମର ଯୋଗପାଇଁ ଯେ ତୁମେ ଅନୁକୂଳ ପରିସ୍ଥିତି ଲାଭ କରିପାରୁ ନାହଁ ଏହା କ୍ଷତିକାରକ। ଯଦି ତୁମେ ସେଠାରେ ବିଶେଷ ପ୍ରତିବନ୍ଧକର ସମ୍ମୁଖୀନ ହୁଅ, ତାହାହେଲେ ଏଠାରେ ଆଉ କିଛିଦିନ କାହିଁକି ଚେଷ୍ଟା କରୁନାହଁ? ଏଥର କୌଣସି ଅସୁବିଧା ରହିବ ନାହିଁ। ଆମ ବନ୍ଧୁମାନେ, 'R' ପ୍ରଭୃତି ତୁମେ ସେମାନଙ୍କ ସହିତ ରହିବା ଲାଗି ପଚାରିବା ପାଇଁ ଇଚ୍ଛା କରିଛନ୍ତି, ସେମାନେ କେବଳ ସବୁ ବିଷୟ ବାଟରେ ପଡ଼ିବାଯାଏ ଅପେକ୍ଷା କରୁଥିଲେ ଏବଂ ସେମାନେ ତୁମପାଇଁ ସୁବିଧା କରିବା ପୂର୍ବରୁ ତୁମେ ହଠାତ୍ ଚାଲିଯିବାରୁ ଦୁଃଖିତ ହୋଇଥିଲେ। ଅନ୍ୟ ସମୟରେ ବନ୍ଦୋବସ୍ତ କରାଯାଇ ପାରିଥାନ୍ତା, ଏବଂ ମୁଁ ଭାବୁଛି ୧୫ ଅଗଷ୍ଟରେ ଏଠାରେ ରହିବାପାଇଁ କୌଣସି ଆପତ୍ତି ରହିବ ନାହିଁ। ସେଇଟା କ'ଣ କେବଳ ଗୋଟିଏ ଧାରଣା, ଅଭିପ୍ରାୟ ନା ସଙ୍କଳ୍ପ?

ତୁମ ସ୍ୱାସ୍ଥ୍ୟ ଓ ଯୋଗ ବିଷୟରେ କିଛି ଲେଖିବ।

(୨)

ପଣ୍ଡିଚେରୀ, ୧୩ ଏପ୍ରିଲ, ୧୯୨୧

ପ୍ରିୟ ଚନ୍ଦ୍ରଶେଖର,

ଅନେକ ଦିନ ପରେ ତୁମ ଚିଠି ପାଇ ମୁଁ ଆନନ୍ଦିତ। ସମୟ ଅଭାବ ଓ ଯୋଗରେ ନିମଗ୍ନ ରହିବା, ଏହି ଦୁଇ କାରଣ ଯୋଗୁଁ ମୁଁ ନିଜେ ଗଲା ଛ' ମାସ ହେଲା କାହାରି ପାଖକୁ ଚିଠି ଲେଖିନାହିଁ ଯାହାକି ମୋ'ର ନୀରବତାର କାରଣ ବୁଝାଇଦିଏ। ତୁମକୁ ସାହାଯ୍ୟ କରିବାପାଇଁ ମୁଁ ଯଥାସାଧ ଚେଷ୍ଟା କରିବି। କିନ୍ତୁ ତୁମେ ଆସିଲାଯାଏଁ ମୋ' ପାଖକୁ ଲେଖୁଥାଅ, କାରଣ ମୁଁ ଉତ୍ତର ନଦେଲେ ବି ତାହା ଏକ ଦୈହିକ ସମ୍ବନ୍ଧର ସୃଷ୍ଟିକରେ ଯାହାକି ପାର୍ଥିବ ସ୍ତରରେ ଭୌତିକ ଚେତନା ପକ୍ଷରେ ସାହାଯ୍ୟର ସଞ୍ଚାର ସହଜ କରିଦିଏ। ତୁମେ ଯଦି ପଣ୍ଡିଚେରୀକୁ ଆସ, ଏହା ତୁମ ପାଇଁ ନିଶ୍ଚୟ ଅପେକ୍ଷାକୃତ ଭଲ ହେବ। କିନ୍ତୁ ପ୍ରତିବନ୍ଧକଗୁଡ଼ିକ ମୁଁ ସ୍ୱୀକାର କରୁଛି। ଏପର୍ଯ୍ୟନ୍ତ ସଫଳତା ନ ଆସିଥିଲେ ମଧ ଯୋଗକରିବା ପାଇଁ ବାହାରୁ ଆସୁଥିବା ଲୋକଙ୍କ ସକାଶେ ଆମେ ଏଠାରେ ଗୋଟିଏ ଘର ଯୋଗାଡ଼ କରିବାପାଇଁ ଚେଷ୍ଟା କରୁଛୁ। ବୋଧହୁଏ ତୁମ ପକ୍ଷରେ କିଛି ସମୟ ଅପେକ୍ଷା କରିବା, ଏହା ରୂପାୟିତ ହେଉଛି କି ନାହିଁ ଦେଖିବା ସବୁଠାରୁ

ଭଲହେବ। ତୁମ ସ୍ୱାସ୍ଥ୍ୟର ବର୍ତ୍ତମାନ ଅବସ୍ଥାରେ ତାମିଲ୍ ହୋଟେଲ୍‌ର ନିକୃଷ୍ଟ ଖାଦ୍ୟ ପ୍ରଭୃତିର ସଙ୍କଟ ନିକଟରେ ତୁମେ ନିଜକୁ ଖୋଲି ରଖିଲେ କିଛି ଲାଭ ହେବ ନାହିଁ। ଆମେ ବିଷୟଟି ଠିକ୍ ଠାକ୍ କରିବା ମାତ୍ରେ ଅମୃତ ତୁମ ପାଖକୁ ଲେଖି ଜଣାଇବେ।

(୩)

(ଅମୃତଙ୍କ ଦ୍ୱାରା ଶ୍ରୁତଲିଖିତ)

ଜୁଲାଇ୨୧, ୧୯୨୪

ନୀରବତା ମଧ୍ୟରେ ପ୍ରବେଶ କରିବା ସହଜ ନୁହେଁ। ମାନସିକ ଏବଂ ପ୍ରାଣିକ କ୍ରିୟାକଳାପମାନଙ୍କୁ ନିକ୍ଷେପ କରିବା ଦ୍ୱାରାହିଁ ଏହା କେବଳ ସମ୍ଭବ। ତୁମ ନିଜ ଭିତରକୁ ନୀରବତାକୁ ଓହ୍ଲାଇ ଆଣିବା ଅଧିକ ସହଜ–ଅର୍ଥାତ୍ ନିଜକୁ ଉନ୍ମୁକ୍ତ କରିଦିଅ ଏବଂ ଏହାକୁ ଅବତରଣ କରିବାକୁ ଦିଅ। ଏହାକୁ ଅବଲମ୍ବନ କରିବାର ପଥ ଏବଂ ଊର୍ଦ୍ଧ୍ୱତର ଶକ୍ତିକୁ ଆବାହନ କରିବାର ପଥ ଏକ, ଧ୍ୟାନ କରିବା ସମୟରେ ଶାନ୍ତ ରହି, ଚିନ୍ତା ସହିତ ସଂଗ୍ରାମ ନକରି କିମ୍ବା ମାନସିକ ପ୍ରଚେଷ୍ଟା ଦ୍ୱାରା ନୀରବତାର ଶକ୍ତିକୁ ନିମ୍ନଦିଗକୁ ଟାଣି ନ ଆଣି ସେମାନଙ୍କ ପାଇଁ କେବଳ ଏକ ନୀରବ ଇଚ୍ଛା ଏବଂ ଅଭୀପ୍ସାରେ ଲାଗିରହ। ଯଦି ମନ ଚଞ୍ଚଳ ଥାଏ, ନିଜକୁ ଅପସାରଣ କରି, ଅନ୍ତର ମଧ୍ୟରୁ କୌଣସି ଅନୁମୋଦନ ନ କରି, ଅନ୍ତରର କୌଣସି ଅବଲମ୍ବନ ବିନା ଯେପର୍ଯ୍ୟନ୍ତ ତାହାର ଅଭ୍ୟସ୍ତ କିମ୍ବା ଯାନ୍ତ୍ରିକ କ୍ରିୟାକଳାପ ଝଡ଼ିପଡ଼ିବାକୁ ଆରମ୍ଭ ନ କରିଛି, ସେଥିପ୍ରତି ଦୃଷ୍ଟିପାତ କରିବାର ଶିକ୍ଷା କରିବାହିଁ ଉଚିତ୍। ଯଦି ଏହା ନଛୋଡ଼ବନ୍ଧା ହୋଇ ଲାଗିରହେ, ବଳ ପୂର୍ବକ ବାଧ୍ୟତା କିମ୍ବା ସଂଗ୍ରାମ ବିନା ଏକ ସ୍ଥିର ପ୍ରତ୍ୟାଖ୍ୟାନହିଁ ଏକମାତ୍ର କର୍ତ୍ତବ୍ୟ, "ଈଶ୍ୱରହିଁ ଯୋଗେଶ୍ୱର" ଏହି ସଂକ୍ରାନ୍ତୀୟ ମାନସିକ ପ୍ରବୃତ୍ତି ଗ୍ରହଣ କରିବା ତୁମ ପକ୍ଷରେ ପ୍ରଶାନ୍ତି ଦିଗରେ ଏକ ପ୍ରଥମ ପଦକ୍ଷେପ ସ୍ୱରୂପ ହୋଇପାରେ। ଆନ୍ତର ନୀରବତା ଏବଂ ପ୍ରଶାନ୍ତି ଯେଉଁଥିରେ କି କୌଣସି ବ୍ୟାଘାତ ସୃଷ୍ଟି ନହୋଇ ମଧ୍ୟ ଅଭିଜ୍ଞତା ଜାତ ହୋଇଥାଏ। ତୁମ ମଧ୍ୟରେ ଉଦୟ ହେଉଥିବା ରୂପଗୁଡ଼ିକ ଉପରେ ହସ୍ତକ୍ଷେପ କରିବା ଅତ୍ୟନ୍ତ ଭୁଲ ହେବ। ସେଗୁଡ଼ିକ ମାନସିକ ହୁଅନ୍ତୁ ବା ଆତ୍ମିକ ହୁଅନ୍ତୁ ସେଥିରେ କିଛି ଯାଏ ଆସେ ନାହିଁ। କାହାରି ପକ୍ଷରେ କେବଳ ଆତ୍ମିକ ଅଭିଜ୍ଞତା ନୁହେଁ ବରଂ ଆନ୍ତର ମାନସିକ, ଆନ୍ତର ପ୍ରାଣିକ ଏବଂ ସୂକ୍ଷ୍ମ ଭୌତିକ ଜଗତ୍ ବା ସ୍ତରର ଅଭିଜ୍ଞତା ଲାଭ ହେବା ଉଚିତ। ଭାବରୂପମାନଙ୍କର ଉଦୟ ହେବା ଏଗୁଡ଼ିକର ଉନ୍ମୁକ୍ତ ହୋଇଉଠିବାର ଲକ୍ଷଣ ଏବଂ ସେଗୁଡ଼ିକୁ ଦମନ କରିବାର ଅର୍ଥ ହେବ ଚେତନାର ସମ୍ପ୍ରସାରଣର ଓ ଅଭିଜ୍ଞତାର ଦମନ ଯାହା ବ୍ୟତୀତ ଯୋଗ କରାଯାଇ ପାରେନା।

ତୁମ ଚିଠିର ଜିଜ୍ଞାସାଗୁଡ଼ିକର ଉତ୍ତର ହିସାବରେ ଏହା ସବୁ ଲେଖାଗଲା। ଏହା ଅବଶ୍ୟ ଉଦ୍ଦେଶ୍ୟ ନୁହେଁ ଯେ, ତୁମେ ଯାହା କରୁଛ ସେଥିରୁ ତୁମର ହଠାତ୍ ପରିବର୍ତ୍ତନ ହୋଇଯିବ। ଯେଉଁ ଅବସ୍ଥା ତୁମେ ଲାଭ କରିଛ ଯାହାକି ଛୋଟ ହେଲେ ମଧ୍ୟ ମଜବୁତ୍ ଜଣାପଡୁଛି, ସେଥିରେ ନିର୍ଦ୍ଦିଷ୍ଟ ପଥରେ ଶାନ୍ତ ଭାବରେ ଅଗ୍ରସର କରିଯିବା ଭଲ ହେବ।

(୪)

(ଅମୃତଙ୍କ ଦ୍ୱାରା ଶ୍ରୁତ ଲିଖିତ)

ଅକ୍ଟୋବର, ୪, ୧୯୨୪

ତୁମର ପ୍ରଶ୍ନ ଥିଲା ଯେ ଏକ ଶାନ୍ତ ଆସ୍ପୃହା ବିନା ଊର୍ଦ୍ଧ୍ୱତନ ଚେତନାରେ ପହଞ୍ଚିବା ଲାଗି କଷ୍ଟସାଧ୍ୟ ପରିଶ୍ରମ କରିବାଦ୍ୱାରା ତୁମେ ଠିକ୍ କରୁଛକି ନାହିଁ। ସାଧନାର ଦୁଇ ପ୍ରକାର ଗତି ରହିଛି, ଯଥା:ଆରୋହଣ ଏବଂ ଅବରୋହଣ। ଆରୋହଣ ବା ଊର୍ଦ୍ଧ୍ୱମୁଖୀ ଗତି ଆରମ୍ଭ ହୁଏ ଯେତେବେଳେ ସତ୍ତାର ବିଭିନ୍ନ ଅଂଶ: ମାନସିକ, ପ୍ରାଣିକ ଓ ଶାରୀରିକ ସ୍ତରରେ ଯଥେଷ୍ଟ ଆସ୍ପୃହା ରହିଛି। ପ୍ରତ୍ୟେକ ଅଂଶ ନିଜ ନିଜର କ୍ରମରେ ମନର ଊର୍ଦ୍ଧ୍ୱରେ ଉତ୍‌ଥିତ ହୋଇ ଅତିମାନସ ସହିତ ମିଳିତ ହୁଅନ୍ତି ଏବଂ ତା'ପରେ ଊର୍ଦ୍ଧ୍ୱରୁ ସମସ୍ତ ଗତିର ଉତ୍ପତ୍ତି ଗ୍ରହଣ କରିପାରନ୍ତି। ତୁମ ସତ୍ତାର ବିବିଧ ସ୍ତରରେ ତୁମେ ଏହାକୁ ଗ୍ରହଣ କରିବାର ଉପଯୁକ୍ତ ଏକ ଗ୍ରହଣକ୍ଷମ ସ୍ଥିରତା ଯେତେବେଳେ ଲାଭକର, ସେତେବେଳେହିଁ ଊର୍ଦ୍ଧ୍ୱତନ ଚେତନା ଅବତରଣ କରେ। ଊର୍ଦ୍ଧ୍ୱତର ଚେତନାଦିଗକୁ ଉତ୍‌ଥିତ ହେବାପାଇଁ ଊର୍ଦ୍ଧ୍ୱକୁ ଆରୋହଣ ହେଉ ବା ନିଶ୍ଚେଷ୍ଟ ରହି ଊର୍ଦ୍ଧ୍ୱତନ ଶକ୍ତି ନିକଟରେ ନିଜକୁ ଉନ୍ମୁକ୍ତ କରିଦେବା ହେଉ, ଏହି ଦୁଇଟିଯାକ କ୍ଷେତ୍ରରେ ସତ୍ତାର ବିଭିନ୍ନ ଅଙ୍ଗରେ ଏକ ପ୍ରଶାନ୍ତିହିଁ ଏକମାତ୍ର ଯଥାର୍ଥ ସର୍ତ୍ତ। ଯଦି ତୁମର ଶାନ୍ତ ଅଭୀପ୍ସା ବା ସଙ୍କଳ୍ପରେ ପ୍ରୟୋଜନୀୟ ଶକ୍ତି ନଥାଏ ଏବଂ ତୁମେ ଯଦି ଅନୁଭବ କରୁଥାଅ ଯେ, କିଛି ପରିମାଣରେ ଚେଷ୍ଟା ତୁମର ଊର୍ଦ୍ଧ୍ୱକୁ ଆରୋହଣ କରିବାରେ ସାହାଯ୍ୟ କରିବ, ତେବେ ତୁମେ ଏହାକୁ ଏକ କ୍ଷଣସ୍ଥାୟୀ ଉପାୟ ହିସାବରେ ବ୍ୟବହାର କରିପାର ଯେପର୍ଯ୍ୟନ୍ତ ଏକ ସ୍ୱାଭାବିକ ଉନ୍ମୀଳନ ମଧ୍ୟରେ ଊର୍ଦ୍ଧ୍ୱତନ ଶକ୍ତିର ପ୍ରକ୍ରିୟାକୁ ସଙ୍ଘଟିତ କରିବାକୁ ପର୍ଯ୍ୟାପ୍ତ ନୀରବ ଆବାହନ କିମ୍ବା ସରଳ ପ୍ରୟାସ ସଙ୍କଳ୍ପ ନ ଆସିଛି।

("Mother India," August, 1969)

ଅନୁବାଦ: ଶ୍ରୀ ପୂର୍ଣ୍ୟବ୍ରତ ଦାସ

# ପୃଥିବୀ ପରିବର୍ତ୍ତନରେ ଆମର କର୍ତ୍ତବ୍ୟ

ଶ୍ରୀମା

(ବର୍ତ୍ତମାନ ପୃଥିବୀ ଏକ ଘୋର ଦୁର୍ଦ୍ଦିନ ସଙ୍କଟ ମଧ୍ୟରେ ଗତି କରୁଛି। ପ୍ରାୟ ପ୍ରତ୍ୟେକ ଲୋକ ଚାହାନ୍ତି ଏ ଅବସ୍ଥାର ପରିବର୍ତ୍ତନ ହେଉ ଏବଂ ଏକ ନୂତନ ଓ ଉନ୍ନତତର ମାନବସମାଜ ସୃଷ୍ଟି ହେଉ। କିନ୍ତୁ ଏହା କି ଉପାୟରେ ସମ୍ଭବ ହେବ ଏବଂ ପୃଥିବୀର ଏହି ପରିବର୍ତ୍ତନ ଆଣିବା ଦିଗରେ ଆମ୍ଭେମାନେ କେଉଁ ପ୍ରକାର କର୍ମ କଲେ ସାହାଯ୍ୟ କରିପାରିବା–ତାହାହିଁ ହେଲା ପ୍ରଶ୍ନ। ଏହି ପ୍ରଶ୍ନର ଉତ୍ତର ଶ୍ରୀମା ଏଠାରେ ଅତି ସଂକ୍ଷେପରେ ଦେଇଛନ୍ତି।)

ପ୍ରଶ୍ନ: ପୃଥିବୀର ବର୍ତ୍ତମାନ ଅବସ୍ଥାର ପରିବର୍ତ୍ତନ କରିବା ଦିଗରେ ସାହାଯ୍ୟ କରିବା ପାଇଁ ଜଣେ କ'ଣ କରିପାରେ ?

ଶ୍ରୀମା : ପୃଥିବୀର ବାସ୍ତବ ଅବସ୍ଥାକୁ ଦେଖି ବହୁତ ଲୋକ ହତାଶ ଓ କାତର ହୋଇପଡ଼ନ୍ତି ଏବଂ ପ୍ରଶ୍ନ କରନ୍ତି, "ଏ ପୃଥିବୀ ଏପରି ଭୟଙ୍କର ହୋଇଛି କାହିଁକି ?" କିନ୍ତୁ ଏପରି ଦୁଃଖ କରିବାର କୌଣସି ମୂଲ୍ୟ ନାହିଁ, ବରଂ ଯାହା ଆବଶ୍ୟକ ତାହା ହେଲା ଏ ପୃଥିବୀର ପରିବର୍ତ୍ତନ। ଏ ବିଷୟରେ ଆମେ ସମସ୍ତେ ଏକମତ, କାରଣ ଏ ପୃଥିବୀ ଆମର କାହାରି ମନୋମତ ବା ରୁଚି ଉପଯୋଗୀ ନୁହେଁ। ପୃଥିବୀ ଯେପରି ହେବା ଉଚିତ, ଯେହେତୁ ଏହା ସେପରି ହୋଇନାହିଁ, ତେଣୁ ଆମର କର୍ତ୍ତବ୍ୟ ହେଉଛି ଏହାକୁ ଭିନ୍ନ ପ୍ରକାର ଗଢ଼ିବା ଦିଗରେ କାର୍ଯ୍ୟକରିବା।

କିନ୍ତୁ କିପରି ଏ ଦିଗରେ ବ୍ୟକ୍ତିଗତଭାବେ କାର୍ଯ୍ୟ କରାଯାଇପାରେ ?

ସମସ୍ତଙ୍କ ସାଧ୍ୟର ସୀମା ଭିତରେ ଗୋଟିଏ ଉପାୟ ଅଛି ଏବଂ ତାହା ହେଉଛି ନିଜକୁ ପରିବର୍ତ୍ତନ କରିବା। ତୁମେ ଯଦି ନିଜକୁ କହିପାର, "ମୁଁ ନିଜେ କ'ଣ ତା ମୁଁ ବିଶେଷ ଭଲଭାବେ ଜାଣି ନାହିଁ, କିନ୍ତୁ ଯେଉଁସବୁ ବିଷୟ ସମଷ୍ଟିକୁ ନେଇ ମୁଁ ଗଠିତ ତାହାହିଁ ବୋଧହୁଏ ଏହି ସମଗ୍ର କର୍ମ ଭିତରୁ ମୋ ପାଇଁ ନିରୂପିତ ଅଂଶ ଏବଂ ଏହାକୁ ଯଦି ମୋ ପାରୁପର୍ଯ୍ୟନ୍ତ ଭଲଭାବେ କରିପାରେ, ତେବେ ବୋଧହୁଏ ତାହାହିଁ ହେବ ଏ ଦିଗରେ ମୋର ଶ୍ରେଷ୍ଠ କାର୍ଯ୍ୟ"– ତେବେ ଏହା ଏକ ଅତି ମହତ୍ ଧରଣର କାର୍ଯ୍ୟାରମ୍ଭ ହେବ, ଅତି ମହତ୍। ଏହା ଅସାଧ୍ୟ ଗୁରୁଭାର ନୁହେଁ, ତୁମ ସାଧ୍ୟ ଓ ସମ୍ଭାବନାର ସୀମାର ବାହାର ମଧ୍ୟ ନୁହେଁ। କୁହାଯାଇପାରେ ଯେ ସର୍ବଦା ତୁମ ନିକଟରେ ତୁମର ଶକ୍ତି ଅନୁଯାୟୀ କର୍ମକ୍ଷେତ୍ର ରହିଛି, ଯାହାକି ତୁମର ଆଗ୍ରହ ସୃଷ୍ଟି କଲା ପରି ବେଶ୍ ବହୁମୁଖୀ, ଜଟିଳ, ବ୍ୟାପକ ଓ ମହତ୍। ଏହା ଏକ ଅଜଣା ରାଜ୍ୟ, ଯାହା ଭିତରକୁ ନୂଆ ନୂଆ ଆବିଷ୍କାରର ଆଗ୍ରହ ସହ ପ୍ରବେଶ କରାଯାଇପାରେ।

ତୁମେ ବୋଧହୁଏ ପଚାରିବ, "କିନ୍ତୁ ତାହାହେଲେ ଏହାତ' ଅହଂଭାବ। ଏହା ଅହଂଭାବ ହେବ, ଯଦି ତୁମେ ଅହଂଭାବ ସହ ନିଜର ବ୍ୟକ୍ତିଗତ ଲାଭପାଇଁ କାର୍ଯ୍ୟକର। ଉଦାହରଣ ସ୍ୱରୂପ ତୁମେ ଯଦି ନିଜର କ୍ଷମତାର୍ଜ୍ଜନ ପାଇଁ ଚେଷ୍ଟା କର, ଅନ୍ୟମାନଙ୍କୁ ଅକ୍ତିୟାର କରିବାର ଉଦ୍ଦେଶ୍ୟ ସହ ଶକ୍ତିଶାଳୀ ହେବାକୁ ବା ତୁମ ଜୀବନକୁ ସୁଖସ୍ୱାଚ୍ଛନ୍ଦ୍ୟରେ ପରିପୂର୍ଣ୍ଣ କରିବାକୁ ଯତ୍ନ କର, ତେବେ ସେହି କ୍ଷେତ୍ରରେ ଏହା ନିଶ୍ଚୟ ଅହଂଭାବ ହେବ। ଏହାଛଡ଼ା, ଏହାଦ୍ୱାରା ତୁମର କୌଣସି ଲାଭ ନାହିଁ। ତୁମେ ନିଜକୁ ପ୍ରବଞ୍ଚନା କରିବାକୁ ଆରମ୍ଭ କରିବ, ଦିନକୁ ଦିନ ବୃଦ୍ଧି ପାଉଥିବା ବିଭ୍ରାନ୍ତି ମଧ୍ୟରେ ଜୀବନ କଟାଇବ ଓ ଅଧିକରୁ ଅଧିକ ଅନ୍ଧକାର ମଧ୍ୟରେ ପଡ଼ିବାହିଁ ସାର ହେବ। ଜଣେ ଯେପରି ବିଶ୍ୱାସ କରେ, ତାହାଠାରୁ ଅନେକ ଭଲଭାବେ ବିଷୟବସ୍ତୁ ସଙ୍ଗଠିତ ହୋଇଛି....। ଯାହା ଆବଶ୍ୟକ ତାହା ହେଉଛି ଭଗବତ କର୍ମର ସିଦ୍ଧିପାଇଁ ତୁମ ଅଭୀପ୍ସାର ପୂର୍ଣ୍ଣ ଆନ୍ତରିକତା।

ତୁମେ ଯଦି ଏହିପରି ଭାବରେ ଆରମ୍ଭ କର ତେବେ ମୁଁ ଏହି ପ୍ରତିଶ୍ରୁତି ଦେଇପାରେ ଯେ ତୁମର ଯାତ୍ରା ଖୁବ୍ ଚିତ୍ତାକର୍ଷକ ହେବ ଏବଂ ତାହା ଦୀର୍ଘକାଳ ବ୍ୟାପୀ ଚାଲିଲେ ସୁଦ୍ଧା କ୍ଳାନ୍ତିକର ବୋଧ ହେବ ନାହିଁ। ତୁମର ଯଦି ଏକ ଦୃଢ଼ ସଙ୍କଳ୍ପ ଓ ଅପରାଜେୟ ଅଧ୍ୟବସାୟ ଥାଏ, ଯଦି ସେହି ଅପରିହାର୍ଯ୍ୟ ପ୍ରସନ୍ନତା ଥାଏ ଯାହାଫଳରେ ତୁମେ ଏକ ସ୍ମିତହାସ୍ୟ ସହ ସମସ୍ତ ପ୍ରକାର ଅସୁବିଧା ଓ ଭୁଲଭ୍ରାନ୍ତିର ସମ୍ମୁଖୀନ ହେବାକୁ ସମର୍ଥ ହେବ, ତେବେ ସମସ୍ତ ବିଷୟ ଖୁବ୍ ଭଲଭାବେ ଚାଲିବ। (ବୁଲେଟିନ୍, ନଭେମ୍ବର ୧୯୫୭)

........

ପ୍ରଶ୍ନ : ଜଣେ କ'ଣ ନିଜର ଶୁଭେଚ୍ଛା ଦ୍ୱାରା ପୃଥିବୀକୁ ସାହାଯ୍ୟ କରିପାରେ ?

ଶ୍ରୀମା: ଜଣେ ନିଜର ଶୁଭେଚ୍ଛା ଦ୍ୱାରା ବହୁତକିଛିର ପରିବର୍ତ୍ତନ କରିପାରେ, କେବଳ ଏହା ସମ୍ପୂର୍ଣ୍ଣରୂପେ ପବିତ୍ର ଏବଂ ଅବିମିଶ୍ର

ଶୁଭେଚ୍ଛା ହେବା ଆବଶ୍ୟକ। କିନ୍ତୁ ଏହା ଏକବାରେ ସୁସ୍ପଷ୍ଟ ଯେ ଏକ ପୂର୍ଣ୍ଣ ପବିତ୍ର ଏବଂ ସତ୍ୟ ଚିନ୍ତା ବା ପ୍ରାର୍ଥନା ଯଦି ବିଶ୍ୱ ମଧ୍ୟକୁ ନିକ୍ଷେପ କରାଯାଏ, ତେବେ ସେ ତାହାର କାର୍ଯ୍ୟ କରେ। କିନ୍ତୁ ଯେତେବେଳେ ଏହି ପୂର୍ଣ୍ଣ ପବିତ୍ର ଓ ସତ୍ୟଚିନ୍ତା ମନୁଷ୍ୟର ମସ୍ତିଷ୍କ ମଧ୍ୟରେ ପ୍ରବେଶ କରେ ତାହାର ଅବସ୍ଥା କ'ଣ ହୁଏ ? ସେଠାରେ ତାହାର ଅଧୋଗତି ଘଟେ। ତୁମେ ଯଦି ନିଜର ଅନ୍ତର୍ଚେତନା ଏବଂ ଜ୍ଞାନ ଦ୍ୱାରା ନିଜ ମଧ୍ୟରେ କୌଣସି କାମନାକୁ ପ୍ରକୃତରେ ଧ୍ୱଂସ କରିପାର ବା ଅତିକ୍ରମ କରିପାର, ଯଦି ତୁମେ ନିଜର ଅନ୍ତର୍ଶୁଭେଚ୍ଛା, ଚେତନା, ଆଲୋକ ଏବଂ ଜ୍ଞାନଦ୍ୱାରା କୌଣସି କାମନାର ଧ୍ୱଂସ କର, ତେବେ ତୁମେ ପ୍ରଥମେ ନିଜେ ବ୍ୟକ୍ତିଗତଭାବେ କାମନାକୁ ପୂରଣ କରିଥିଲେ ଯେତିକି ସୁଖୀ ହୋଇଥାନ୍ତ, ତାହାଠାରୁ ଶହେଗୁଣ ଅଧିକ ସୁଖୀ ହୁଅ ଏବଂ ତାପରେ ଏହାର ଗୋଟିଏ ଆଶ୍ଚର୍ଯ୍ୟଜନକ ପରିଣାମ ଦେଖାଦିଏ। ସମଗ୍ର ପୃଥିବୀରେ ଏହାର ଏପରି ଏକ ପ୍ରତିକ୍ରିୟା ଦେଖାଦେବ, ଯାହା ତୁମର କଳ୍ପନାତୀତ। ଏହା ସର୍ବତ୍ର ବ୍ୟାପିଯିବ, କାରଣ ତୁମର କାର୍ଯ୍ୟ ଯେଉଁ ସ୍ପନ୍ଦନ ସୃଷ୍ଟି କଲା ତାହା କ୍ରମଶଃ ପରିବ୍ୟାପ୍ତ ହେବ। ଏହା ଏପରି ଏକ ବସ୍ତୁ ଯାହା ନିଜକୁ ବରଫର ପେଣ୍ଡୁ ତୁଲ୍ୟ ସମୃଦ୍ଧ କରେ। ନିଜ ଚରିତ୍ରରେ ଯେଉଁ ବିଜୟ ହାସଲ କରାହୁଏ, ତାହା ଯେତେ ନଗଣ୍ୟ ହେଲେ ମଧ୍ୟ, ସେହି ବିଜୟ ସମଗ୍ର ପୃଥିବୀରେ ହାସଲ କରାଯାଇ ପାରେ। ଆଉ ଠିକ୍ ଏହାହିଁ ମୁଁ ବର୍ତ୍ତମାନ କହିବାକୁ ଇଚ୍ଛା କରିଥିଲି। ଅନ୍ତର୍ଚେତନାର ପରିବର୍ତ୍ତନ ନକରି, ଯେଉଁସବୁ ବସ୍ତୁକୁ କେବଳ ବାହ୍ୟତଃ କରାଯାଏ, ଯେପରି ଡାକ୍ତରଖାନା ଓ ସ୍କୁଲ ଇତ୍ୟାଦି, ତହିଁରେ ଗର୍ବ ଓ ଆଡ଼ମ୍ବରହିଁ ବିଦ୍ୟମାନ, ଆଉ ତହିଁରେ ଥାଏ ବଡ଼ ହେବାର ଭାବ। ଅଥଚ ନିଜ ମଧ୍ୟରେ ଥିବା ଛୋଟ ଛୋଟ ଅସ୍ପଷ୍ଟ ବିଷୟଗୁଡ଼ିକ ଉପରେ ବିଜୟ ପ୍ରାପ୍ତ ହୁଏ, ଯଦିଓ ତାହାର ପରିଣାମ ଲୁକ୍କାୟିତ ହୋଇପାରେ, ତୁମ ମଧ୍ୟରେ ହେଉଥିବା ପ୍ରତ୍ୟେକ ଗତିବୃତ୍ତି ଯାହା ମିଥ୍ୟା, ସତ୍ୟର ବିପରୀତ, ତାହା ଦିବ୍ୟଜୀବନର ବାଧକ। ତୁମର କ୍ଷୁଦ୍ର କ୍ଷୁଦ୍ର ଉଦ୍ୟମଗୁଡ଼ିକର ବିରାଟ ପରିଣାମ ଅଛି, ଯାହାକି ତୁମେ ଜାଣି ବି ପାରିବ ନାହିଁ, କିନ୍ତୁ ସେହିଗୁଡ଼ିକ ଯଥାର୍ଥରେ ସତ୍ୟ ଏବଂ ତାହା ନିର୍ଦ୍ଦିଷ୍ଟ ଭାବେ ନୈର୍ବ୍ୟକ୍ତିକରୂପେ ସାଧାରଣ ଭାବେ ଗୋଟିଏ ଫଳ ପ୍ରଦାନ କରନ୍ତି।

ତୁମେ ଯଦି ଯଥାର୍ଥରେ କିଛି କଲ୍ୟାଣ କରିବାକୁ ଚାହ, ସବୁଠାରୁ ଭଲ ବସ୍ତୁ ହେଲା ଏହାହିଁ ଯେ ଗୋଟିକ ପରେ ଗୋଟିଏ ନିଜର ଛୋଟ ଛୋଟ ବିଜୟଗୁଡ଼ିକୁ ପ୍ରଥମେ ପ୍ରାପ୍ତ ହୁଅ ଏବଂ ଏହିପରି ଭାବରେ ଯେତେଦୂର ତୁମେ ସମର୍ଥ ହେବ, ପୃଥିବୀ ନିମନ୍ତେ ସବୁଠାରୁ ବେଶୀ ମଙ୍ଗଳକର କାର୍ଯ୍ୟ କରିପାରିବ।

ପ୍ରଶ୍ନ: ଆମ୍ଭମାନଙ୍କ ବିଜୟ କ'ଣ ସମଗ୍ର ପୃଥିବୀରେ କ୍ରିୟା କରିପାରିବ ?

ଶ୍ରୀମା: ଏହା ସମସ୍ତଙ୍କୁ ପରିବର୍ତ୍ତିତ କରିବ ନାହିଁ। କାରଣ ତୁମର ବିଜୟ ସମସ୍ତଙ୍କୁ ତା' ମଧ୍ୟରେ ଅନ୍ତର୍ଭୁକ୍ତ କରିବା ନିମିତ୍ତ ନିତାନ୍ତ କ୍ଷୁଦ୍ର। ଲକ୍ଷ ଲକ୍ଷ ବ୍ୟକ୍ତି ଆବଶ୍ୟକ। ସମସ୍ତ ପୃଥିବୀ ସଙ୍ଗେ ତୁଳନା କଲେ ଏହା ଏକ ଅତି ଛୋଟ ବିଜୟ। କିନ୍ତୁ ଏହା ଅନ୍ୟ କେତେକ ବସ୍ତୁ ସହିତ ମିଶ୍ରିତ ହୋଇଯାଏ।

ତୁମେ କହିପାର ଯେ ଏହା କୌଣସି ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ ହାସଲ ନିମିତ୍ତ ସାମର୍ଥ୍ୟ ଅର୍ଜନ କରିବା ତୁଲ୍ୟ। କିନ୍ତୁ ଏହାର ପରିଣାମ କାର୍ଯ୍ୟକାରୀ ହେବାକୁ, କେତେକ କ୍ଷେତ୍ରରେ ଶହଶହ ବର୍ଷ ଲାଗି ଯାଇପାରେ। ଏହା ଏକ ଅନୁପାତର ପ୍ରଶ୍ନ। ତୁମେ ତୁମର ଚାରିପାଖରେ ଥିବା ଲୋକମାନଙ୍କ ଉପରେ ପରୀକ୍ଷା କରିପାର। ତୁମକୁ ସମ୍ପୂର୍ଣ୍ଣ ଭାବେ ଐକାନ୍ତିକ ହେବାକୁ ହେବ, ତୁମେ କେବେହେଲେ ଏକ ନିର୍ଦ୍ଦିଷ୍ଟ ଫଳଲାଭ ଆଶାରେ ଏ କାର୍ଯ୍ୟ କରିବ ନାହିଁ, – "କେବଳ ତୁମେ ଗୋଟାଏ ବିଜୟ ଚାହଁ ବୋଲି।" ତୁମେ ଯଦି ବିଜୟ ହାସଲ କରିପାର, ଏହାର ଏକ ପ୍ରଭାବ ନିଶ୍ଚୟ ଚତୁର୍ଦ୍ଦିଗରେ ଥିବା ବ୍ୟକ୍ତିମାନଙ୍କ ଉପରେ ପଡ଼ିବ। କିନ୍ତୁ ଯଦି କୌଣସି ସାମାନ୍ୟ ମାତ୍ର ବ୍ୟବସାୟିକ ବୁଦ୍ଧି ଥାଏ, ଅର୍ଥାତ ଏପରି କଲେ ସେପରି ଫଳ ମିଳିବ; "ମୁଁ ମୋର ତ୍ରୁଟିବିଚ୍ୟୁତିକୁ ଜୟ କରିବାକୁ ଚାହେଁ। କିନ୍ତୁ ଅମୁକ ଲୋକ ମଧ ତାର ତ୍ରୁଟିକୁ ଜୟ କରିବା ଉଚିତ।" ଏପରି କଥା କିନ୍ତୁ ଚଳିବ ନାହିଁ। ଏହା ବ୍ୟବସାୟୀ ମନୋଭାବ। "ମୁଁ ଏହା ଦେଲି କିନ୍ତୁ ମୁଁ ତାହା ନେବି।" ଏହି ମନୋଭାବ ସବୁକିଛିକୁ ନଷ୍ଟ କରିଦିଏ। ଏଥିରେ ପବିତ୍ରତା ନାହିଁ କିମ୍ବା ଐକାନ୍ତିକତା ନାହିଁ। ଏହା କେବଳ ଫାଇଦା ଉଠାଇବା କଥା।

ତୁମର ଐକାନ୍ତିକତା, ତୁମର ଆସ୍ପୃହା, ତୁମର ମନୋଭାବ ସହିତ ଅନ୍ୟକିଛି ଯେପରି ମିଶ୍ରିତ ନହୁଏ। ଅନ୍ୟ କୌଣସି ଅଭିପ୍ରାୟ ବ୍ୟତୀତ, ଚିନ୍ତା ବ୍ୟତୀତ, ଭଗବାନଙ୍କ ନିମିତ୍ତ, ସତ୍ୟ ନିମିତ୍ତ, ପୂର୍ଣ୍ଣତା ନିମିତ୍ତ ତୁମେ କାର୍ଯ୍ୟ କର ଏବଂ ତାହା ହେବ ଫଳପ୍ରସୂ।

*(ବୁଲେଟିନ, ଫେବୃୟାରୀ, ୧୯୬୨)*

# ଭଗବତୀ ଜନନୀ

ଶ୍ରୀ ନଳିନୀକାନ୍ତ ଗୁପ୍ତ

ମାନବିକ ଦୁର୍ବଳତାରେ ଆଚ୍ଛନ୍ନ ହୋଇ ଆମ୍ଭେମାନେ ଭଗବତୀ ଜନନୀଙ୍କୁ ଦେଖୁ କେବଳ ଜନନୀ ରୂପେ, ଭୁଲିଯାଉ ଯେ ସେ ଭଗବତୀ। ତାଙ୍କର ଅପରୂପ ନାମର ଶେଷାଂଶଟିକୁ ଆମ୍ଭେମାନେ ପୂର୍ଣ୍ଣ ବୋଲି ଗ୍ରହଣ କରୁ, ପ୍ରଥମ ଅଂଶଟି ଯେ ଖୁବ୍ ମହତ୍ତ୍ୱପୂର୍ଣ୍ଣ ଏହା ଆମ୍ଭେମାନେ ଲକ୍ଷ୍ୟ କରୁନାହିଁ। ସନ୍ତାନ ଉପରେ ମାନୁଷୀ ମା'ଙ୍କର ଯେପରି ସ୍ନେହ-ମମତା, ତାଙ୍କଠାରୁ ଆମ୍ଭେମାନେ ସେହିପରି ସ୍ନେହ-ମମତା ଆଶାକରୁ। ତାଙ୍କ ପ୍ରତି ଆମର ପ୍ରେମ ମାନବିକ-ଅଜ୍ଞାନାଚ୍ଛନ୍ନ, ମାନବିକ ପ୍ରେମ-ଲୋଭ ଓ ଇନ୍ଦ୍ରିୟ ପ୍ରରୋଚନା ତଥା ଅଧିକାର ବାସନାରେ ପରିପୂର୍ଣ୍ଣ -ମା' ଯେପରି ଆମ୍ଭମାନଙ୍କର ସ୍ୱାର୍ଥ ଚରିତାର୍ଥ କରିବାର ନିମିତ୍ତ-ମାତ୍ର।

ସେ ନିଶ୍ଚୟହି ଜନନୀ, କିନ୍ତୁ ଦିବ୍ୟ-ଜନନୀ। ସେ ଚାହାନ୍ତି ଆମ୍ଭମାନଙ୍କୁ ତାଙ୍କ ପାଖକୁ ଯିବାକୁ ମାନବିକ ଭାବରେ ନୁହେଁ, ବରଂ ଦିବ୍ୟ ଭାବରେ। କାରଣ ଏହି ଦିବ୍ୟ ଭାବରେହିଁ ଆମ୍ଭେମାନେ ଉଠିଯାଉ ଆମ୍ଭମାନଙ୍କ ସତ୍ତାର ଉତ୍ତୁଙ୍ଗ ଶିଖରରେ, ପହଞ୍ଚିପାରୁ ଗଭୀରତମ ଗଭୀରରେ ଏବଂ ତାଙ୍କୁ ପ୍ରାପ୍ତ କରୁ ପରିପୂର୍ଣ୍ଣରୂପେ ଓ ନିଃଶେଷରେ ଆଉ ଅବଗାହନ କରୁ ତାଙ୍କର କରୁଣାର ଅମୃତଧାରା। ମାନବିକ ଭାବ, ମାନବୀୟବୋଧ ଓ ଅନୁଭବର କ୍ଷୁଦ୍ରତା ଓ ତୁଚ୍ଛତା କେବଳ ଆମ୍ଭମାନଙ୍କୁ ବାନ୍ଧି ରଖେ। ବହୁତ ସମୟରେ ଏହି ମାନବିକ ଭାବର ଧାରା ଅଧିକ ଆଦରରେ ବଢ଼ିଥିବା ଭ୍ରଷ୍ଟ-ସନ୍ତାନର ଧାରା ତୁଲ୍ୟ। ଯଦିବା ଅନ୍ତରର ନିମ୍ନତମ ଭୂମିରେ ଏକ ବିନ୍ଦୁ ଶୁଦ୍ଧ ପ୍ରେମ ଥାଇପାରେ ତଥାପି ତାହା ପୁଞ୍ଜିଭୂତ ଅଜ୍ଞାନ ଓ ରାଶୀକୃତ ପଙ୍କିଳ କ୍ଳେଦ ମଧ୍ୟରେ ଆଚ୍ଛାଦିତ ହୋଇ ରହିଅଛି।

ତଥାପି ସେ ଭଗବତୀ ହୋଇ ମଧ୍ୟ ଜନନୀ। ସେ ଭଗବତୀ କିନ୍ତୁ ଏହାର ଅର୍ଥ ନୁହେଁ ଯେ ସେ ସୁଦୂର, ସମ୍ପର୍କହୀନ ଏବଂ ବିଶ୍ୱାତୀତ ବ୍ରହ୍ମଙ୍କ ତୁଲ୍ୟ, ନିର୍ମମ ଓ ଉଦାସୀନ। ବସ୍ତୁତଃ ଭଗବତୀ ଜନନୀଙ୍କର ମାତୃ-ସ୍ନେହ ମାନବିକ ମାତୃ-ସ୍ନେହ ଅପେକ୍ଷା ବହୁଗୁଣରେ ପରିପୂର୍ଣ୍ଣ। କାରଣ ମାନବିକ ମା' ହେଲେ ସେହି ଆଦି ଜଗତର ଦିବ୍ୟ-ଜନନୀଙ୍କର ଗୋଟାଏ ଅସ୍ପଷ୍ଟ ପ୍ରତିଧ୍ୱନି ବା ପ୍ରତିଚ୍ଛାୟା ବା ବିକୃତି ମାତ୍ର।

ବିଶ୍ୱାତୀତ ହୋଇ ମଧ୍ୟ ଭଗବତୀ ଜନନୀ ଆମ୍ଭମାନଙ୍କ ମାନୁଷଇ ଆଧାର ମଧ୍ୟରେ ଅବତରଣ କରିଅଛନ୍ତି, ଆମ୍ଭମାନଙ୍କ ପରି ମନୁଷ୍ୟରୂପ ଧାରଣ କରିଅଛନ୍ତି, ଆତ୍ମ-ସ୍ୱରୂପ ହୋଇ ଆମ୍ଭମାନଙ୍କ ମଧ୍ୟରେ ରହିଅଛନ୍ତି, ସଙ୍ଗେ ସଙ୍ଗେ ମଧ୍ୟ ସାଥୀ ଓ ଗୁରୁରୂପେ ରହିଅଛନ୍ତି। ଯଦି ଆମ୍ଭେମାନେ ତାଙ୍କୁ କାର୍ଯ୍ୟ କରିବାକୁ ଛାଡ଼ିଦେଉ, ସେ ଆମ୍ଭମାନଙ୍କ ହାତ ଧରି ଉଠାଇ ନେଇ ଯାଆନ୍ତି, କିପରି ଆମ୍ଭର ଏହି କ୍ଷୁଦ୍ର ମାନବିକ ସତ୍ତାକୁ ଅତିକ୍ରମ କରିବାକୁ ହେବ ତାହା ଶିକ୍ଷା ଦିଅନ୍ତି, ଆଉ ଆମ୍ଭମାନଙ୍କ ପ୍ରେମ ଯଦି ତାଙ୍କ ଦିବ୍ୟ-ପ୍ରେମର ପୂର୍ଣ୍ଣ ଉତ୍ତର ଦିଏ, ତେବେ ଅତି ଆଶ୍ଚର୍ଯ୍ୟରୂପେ ତାଙ୍କର ପ୍ରେମଦ୍ୱାରା ଆମକୁ ତାଙ୍କର ଦିବ୍ୟ-ପ୍ରକୃତି ଓ ସତ୍ତାରେ ବଢ଼ି ଉଠିବାକୁ ସହାୟତା କରନ୍ତି !

ଆମ୍ଭେମାନେ ତାଙ୍କର ଯଥାର୍ଥ ସନ୍ତାନ ହୋଇପାରୁ ଯଦି ତାଙ୍କର ଏହି ଦ୍ୱିବିଧ ସତ୍ୟ ସ୍ମରଣ ରଖିପାରୁ—ତାଙ୍କର ପ୍ରେମର ଦୁଇଟି ବାହୁ—ଯାହାଦ୍ୱାରା ସେ ଆମ୍ଭମାନଙ୍କୁ କରୁଣା-ବଶରେ ଘେରି ରହିଅଛନ୍ତି।

# ଆତ୍ମକଥା

**ପବିତ୍ର (P.B.Saint-Hilaire)**

(ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରର ଅଧକ୍ଷ 'ପବିତ୍ର'ଙ୍କର ତା ୮.୮.୧୯୬୪ରିଖରେ ଛାତ୍ରମାନଙ୍କ ସହ ଫରାସୀ ଭାଷାରେ ହୋଇଥିବା ଘରୋଇ ଆଳାପର ଇଂରାଜୀ ଅନୁବାଦ "Mother India" - ୧୯୬୯ ଜୁଲାଇ ସଂଖ୍ୟାରେ ପ୍ରକାଶିତ ହୋଇଛି। ନିମ୍ନରେ ତାହାର ଓଡ଼ିଆ ଅନୁବାଦ ଦିଆଗଲା। ଏହି ଆତ୍ମକଥା ଛାତ୍ରଛାତ୍ରୀମାନଙ୍କୁ ବିଶେଷ ପ୍ରେରଣା ଯୋଗାଇବ ବୋଲି ଆଶା କରୁ। ନ.ସଂ.)

ପୂରାପୂରି ଆନ୍ତରିକ ହେବା ଯେ କେତେ ଶକ୍ତ !

ମୁଁ ଯଥାସାଧ ଚେଷ୍ଟା କରିବି ମୋର ଯାତ୍ରାର ସଠିକ୍ ବର୍ଣ୍ଣନା ଦେବାକୁ, କିନ୍ତୁ ତା' ହେବ ଗୋଟିଏ ମୋଟାମୋଟି ବର୍ଣ୍ଣନା। ମୋର ଟିକିନିଖି ଚିନ୍ତାଧାରା, ଅନୁଭୂତିରୁ ସବୁ ଗତିଧାରା, ଭିତରର ବା ବାହାରର ଯେତେସବୁ ଅଭିଜ୍ଞତା-ସେସବୁର କଥା କହିବା ତ' ମୋ ପକ୍ଷେ ସମ୍ଭବ ନୁହେଁ।

ମୁଁ ଜାଣେ ନାହିଁ ତୁମ୍ଭେମାନେ ପ୍ରଥମ ବିଶ୍ୱଯୁଦ୍ଧର କୌଣସି ଚଳଚ୍ଚିତ୍ର ଦେଖିଛ କି ନା। ଗତ ଯୁଦ୍ଧର ଛବି ଦେଖିଛ ଜାଣେ, କିନ୍ତୁ ଦୁଇଟି ଯୁଦ୍ଧ ମଧ୍ୟରେ ପ୍ରଧାନ ତଫାତ୍ କେଉଁଠି, ଯେଉଁମାନେ ଯୁଦ୍ଧରେ ଯୋଗ ଦେଇଥିଲେ ସେମାନଙ୍କ ପକ୍ଷରେ ବାସ୍ତବ ପାର୍ଥକ୍ୟ କେଉଁଠି, ତା' ହୁଏତ ତୁମ୍ଭେମାନେ ଜାଣ ନାହିଁ। ପ୍ରଥମ ଯୁଦ୍ଧରେ, ଚାରିବର୍ଷବ୍ୟାପି ଯୁଦ୍ଧର ଅନେକଟା ସମୟ ଥିଲା ଯାହାକୁ କୁହାଯାଏ 'ଟ୍ରେଞ୍ଚ ଯୁଦ୍ଧ;' ଅର୍ଥାତ୍ ଦୁଇ ସୈନ୍ୟବାହିନୀ ବ୍ୟୂହ ରଚନା କରିଥିଲା ଟ୍ରେଞ୍ଚ ବା ପରିଖାର ମଧ୍ୟରେ, ପରସ୍ପରର ମୁଖାମୁଖି ହୋଇ। ସେମାନେ ପରିଖା ଖୋଳିଥିଲେ, ମାଟିର ଗହ୍ୱରରେ ଗଢ଼ି ତୋଳିଥିଲେ ଆଶ୍ରୟ, ଏବଂ ଦିନ ପରେ ଦିନ, ରାତି ପରେ ରାତି କି କଠିନ ଏପରିକି ବିପଜ୍ଜନକ ଅବସ୍ଥା ମଧ୍ୟରେ ସେମାନେ ବାସ କରିଥିଲେ, ଶୀତବୃଷ୍ଟିରୂପ ଶତ୍ରୁ ମଧ୍ୟରେ; ମଝିରେ ମଝିରେ, କହିବା ବାହୁଲ୍ୟ, ଶତ୍ରୁର ଗୋଳାଗୁଳି, ଅସୁସ୍ଥତା, ଏକ ପ୍ରକାରର ବିରକ୍ତିକର ଅବସ୍ଥା ଦେଇ କାଳକାଟିବା ତ ଦେହସୁହା ହୋଇଯାଇଥିଲା।

ସେ ସମୟରେ ମୁଁ ଜଣେ ତରୁଣ ସାମରିକ ଅଫିସର। ୧୯୧୪ ଖ୍ରୀଷ୍ଟାବ୍ଦରେ ମୋର ବୟସ ଥିଲା କୋଡ଼ିଏ ବର୍ଷ। ମୁଁ ସେତେବେଳେ ଶେଷ କରିଛି—ମୋର ନିଜର କଥା କହିବାକୁ ହେଉଛି କାରଣ ତୁମ୍ଭେମାନେ ଯେ ତାହା ଶୁଣିବାକୁ ଚାହିଁଛ—ମୋର ବିଜ୍ଞାନ ଶିକ୍ଷା ସେତେବେଳେ ଠିକ୍ ଶେଷ କରିଛି। ମୁଁ ଥିଲି ବିଖ୍ୟାତ 'ପଲିଟେକ୍‌ନିକ୍ ସ୍କୁଲ'ର ଛାତ୍ର। ଗୋଟିଏ ବର୍ଷ ଯେତେବେଳେ ମୁଁ ସେଠାରେ କଟାଇଛି, ଆଉ ସେହି ସ୍କୁଲର ଶିକ୍ଷା ଆରମ୍ଭ ହେବା ଆଗରୁ ଅନ୍ୟ ଯୁବକମାନଙ୍କ ପରି କିଛିଟା ସାମରିକ ଶିକ୍ଷା ଗ୍ରହଣ କରିଛି, ସୁତରାଂ ୧୯୧୪ ଖ୍ରୀଷ୍ଟାବ୍ଦ ଅଗଷ୍ଟ ମାସରେ ଯେତେବେଳେ ଯୁଦ୍ଧ ଘୋଷଣା କରାହେଲା ସେତେବେଳେ ଗୋଟିଏ ବର୍ଷ ସେହି ସ୍କୁଲରେ ଶିକ୍ଷା ହୋଇ ଯାଇଥିଲା – ଯେଉଁ ଏକ ବର୍ଷରେ ଆମ୍ଭମାନଙ୍କ ଶିକ୍ଷାର ବିଷୟ ଥିଲା ଗଣିତ, ପଦାର୍ଥ ବିଦ୍ୟା ଓ ରସାୟନ ଶାସ୍ତ୍ର। ତା'ପରେ ମୋର ଭର୍ତ୍ତି ହେବାର କଥା ଥିଲା ଏକ ଗୋଲନ୍ଦାଜ ସୈନ୍ୟ ବିଭାଗରେ, ସାଧାରଣ ସୈନିକ ହିସାବରେ କିଛି ଶିକ୍ଷା ନେବା ସକାଶେ।

ନିର୍ଦ୍ଦିଷ୍ଟ ଦଳରେ ଯୋଗ ଦେବାପାଇଁ ଯେଉଁ ଦିନ ଆମର ଯାତ୍ରାର ଦିନ ଥିଲା, ଯୁଦ୍ଧ ଘୋଷଣା କରାହେଲା ଠିକ୍ ତାହାର ପୂର୍ବ ଦିନରେ। ସୈନ୍ୟଦଳରେ ଯୋଗ ଦେଲି ଠିକ୍ କିନ୍ତୁ ସେତେବେଳର ପରିସ୍ଥିତି ଥିଲା ଅଲଗା; କାର୍ଯ୍ୟତଃ ସଙ୍ଗେ ସଙ୍ଗେ ଆମ୍ଭମାନଙ୍କୁ ଏକ ଗୁରୁଭାର ବା କଠିନ ଚାପା ଭିତର ଦେଇ ରଖାଗଲା। ଅର୍ଥାତ୍ ପ୍ରତିଦିନ ଚାରି, ପାଞ୍ଚ ଘଣ୍ଟା କରି ଘୋଡ଼ାରେ ଚଢ଼ିବା ଅଭ୍ୟାସ କରିବାକୁ ହେଉଥିଲା। ସେତେବେଳ ସେହିଟାକୁହିଁ ମନେ କରାହେଉଥିଲା ସମରଶିକ୍ଷାର ଶ୍ରେଷ୍ଠ ତାଲିମ୍। ସମରତତ୍ତ୍ୱ ବି ଶିଖିବାକୁ ହେଉଥିଲା: ମୋଟାମୋଟି ଜୀବନଟା କଠୋର ଥିଲା ବୋଲି କହିବାକୁ ହେବ। କେତେ ମାସ ପରେ ଏହି ସାମରିକ ଶିକ୍ଷାନବିଶିର ଫଳରେ ଆମ୍ଭେମାନେ ସାବ୍ ଲେଫ୍ଟନାଣ୍ଟ ଉପାଧି ଲାଭ କଲୁ। ଗୋଲନ୍ଦାଜ ବିଭାଗର। ଅକ୍ଟୋବର ମାସର ଶେଷରେ ଅର୍ଥାତ୍ ଯୁଦ୍ଧ ଘୋଷଣାର ତିନି କି ଚାରି ମାସ ପରେ ଆମ୍ଭେମାନେ ଯାତ୍ରା କଲୁ ଯୁଦ୍ଧକ୍ଷେତ୍ରକୁ। ମୁଁ ଥିଲି ୧୦୫ର ଗୋଟିଏ ବ୍ୟାଟେରୀରେ ତରୁଣ ଅଫିସର ହିସାବରେ:୧୦୫ ଅର୍ଥାତ ଇଂରେଜମାନେ ଯାହାକୁ କହୁଥିଲେ ୪ଇଞ୍ଚର କମାଣ। ଏଇଟା ଥିଲା ନୂତନ ତିଆରି ଅସ୍ତ୍ର, ଯାହା ସାହାଯ୍ୟରେ ଗୋଳାବର୍ଷଣ କରାଯାଉଥିଲା ଖୁବ୍ ଶୀଘ୍ର ଆଉ ଯାହା ଥିଲା ଫ୍ରାନ୍ସର ବିପୁଳ ଗୌରବର ବସ୍ତୁ।

ସେହି ସମୟର କଥା କହୁଛି–ଯାହାକୁ ତୁମ୍ଭମାନଙ୍କ ନିକଟରେ ଆଦୌ ଗୋପନ କରିବି ନାହିଁ–ମୋର ସମବୟସ୍କ ଆଉ ସାଧାରଣ ଯୁବକମାନଙ୍କ ନିକଟରେ ଯେଉଁସବୁ ଆକର୍ଷଣ ରହିଥାଏ ମୋର ମଧ୍ୟ ଠିକ୍ ତାହା ଥିଲା। ମୁଁ ଥିଲି ମୋର ସବୁ ବନ୍ଧୁମାନଙ୍କ ପରି, ସେହିମାନଙ୍କ ପରି ଗୋଟିଏ ବିଷୟ ନେଇ ମୁଁ ମାତି ରହୁଥିଲି, ଏକ ଧରଣର ଅନୁରାଗ ଓ ଆକର୍ଷଣ ଥିଲା। ପଢ଼ାଶୁଣା କରିବାକୁ ମୁଁ ଭଲ ପାଉଥିଲି। ଯାହା ମୁଁ କରୁଥାଏ–ତାକୁ ଭଲ ପାଇ କରୁଥାଏ; କାରଣ ତାହା ପ୍ରତି ଆକର୍ଷଣ ନ ରହିବାଠାରୁ ଆକର୍ଷଣ ରହିବାଟା ହିଁ ଭଲ ନୁହେଁ କି ? ଜୀବନରେ ସେହିଟାହିଁ ଶ୍ରେୟ। କିନ୍ତୁ ମୋର ଅତୀତ ଜୀବନ ଆଡ଼କୁ ଯେତେବେଳେ ଅନେଇ ଦେଖେ ମୁଁ ସେତେବେଳେ କହିପାରେ ନାହିଁ ଯେ ସେ ସମୟରେ ମୋ ମଧ୍ୟରେ ଆଧ୍ୟାତ୍ମିକ ଆସ୍ପୃହା ବୋଲି କିଛି ଥିଲା। କ୍ୟାଥଲିକ୍ ଧର୍ମର ପରିବେଶରେ ମୁଁ ବଡ଼ ହୋଇଉଠିଥିଲି, ଯଦିଓ ତାହା ପ୍ରତି ମୋର ବିଶେଷ କୌଣସି ପ୍ରଶ୍ନହିଁ ମୋର ମନରେ ଜାଗି ନାହିଁ। ତାହାପରେ ଆସିଲା ଯୁଦ୍ଧ, ଯୁଦ୍ଧ ମଧ୍ୟରେ କେତେବେଳେ କେତେବେଳେ ଆମ୍ଭମାନଙ୍କୁ ବେଶ୍ 'ଶକ୍ତ ଧକ୍କା' (hard knocks) ଭୋଗିବାକୁ ପଡ଼ିଛି, ସାଙ୍ଘାତିକ ଅବସ୍ଥା ଦେଇ ଯିବାକୁ ହୋଇଛି; କିନ୍ତୁ ସେହିପରି ମଝିରେ ମଝିରେ ଅବସର ମିଳୁଥାଏ ପ୍ରଚୁର, ତାହା କିପରି କଟାଇବି ସେହିଟାହିଁ ଥିଲା କଥା।

ମୁଁ ଜାଣେ ନାହିଁ କିପରି–ସମ୍ଭବତଃ ମୋର ଭବିଷ୍ୟତ୍‌ର ନିର୍ଦ୍ଦେଶରେ–ଅତୀନ୍ଦ୍ରୀୟ ତଥ୍ୟ (Psychic phenomena) ସଂକ୍ରାନ୍ତରେ କେତେଗୁଡ଼ିଏ ବହି ପଢ଼ିବାକୁ ଆରମ୍ଭ କଲି; ଅର୍ଥାତ୍ ଏ ହେଲା ସେହିସବୁ ତଥ୍ୟ, ସେତେବେଳକାର ବିଜ୍ଞାନ ଯାହାର କୌଣସି ଚର୍ଚ୍ଚା କରୁ ନଥିଲା, ଅବଜ୍ଞାହିଁ କରୁଥିଲା ଏବଂ ମନେ କରୁଥିଲା ଯେ ସେସବୁ ତାହାର ଇଲାକାର ବାହାରେ, ଅର୍ଥାତ୍ ବିଜ୍ଞାନବହିର୍ଭୂତ।

ନାନା ବିଷୟ ଥିଲା ଏହା ମଧ୍ୟରେ। ଏହି ଧର, ଟେଲିପ୍ୟାଥି, ଅତୀନ୍ଦ୍ରୀୟ ଦୃଷ୍ଟି (clairvoyance), ପରଲୋକ ସହ ଯୋଗାଯୋଗ ସ୍ଥାପନ ସଂକ୍ରାନ୍ତୀୟ ଯେତେକିଛି, ଏପରିକି ସହଜନମ୍ୟ ଯଷ୍ଟିର ସାହାଯ୍ୟରେ ଗୋପନ ଜଳର ଉତ୍ସ ଆବିଷ୍କାର ଏବଂ ଭବିଷ୍ୟକଥନ ପର୍ଯ୍ୟନ୍ତ। ଜାଣେ ନାହିଁ ଏସବୁର କଥା ତୁମ୍ଭେମାନେ ଆଦୌ ଶୁଣିଛ କି ନା। ଯାହାହେଉ, ଯାହାକିଛି ବିଜ୍ଞାନର ପ୍ରାନ୍ତ-ଦେଶର ବିଷୟ, ସେହିସବୁ ମୁଁ ପଢ଼ିବାକୁ ଆରମ୍ଭ କଲି–ବୈଜ୍ଞାନିକ ମନୋଭାବ ନେଇ,କେବଳ ଜାଣିବାର ଆଗ୍ରହରେ। ମୁଁ ଭାବୁଥିଲି, "ଆଶ୍ଚର୍ଯ୍ୟ ! ଏଇ ଯେ ଏପରି ଗୋଟିଏ ମସ୍ତ ରାଜ୍ୟ ପଡ଼ି ରହିଛି, ବିଜ୍ଞାନ ତାହାକୁ ଆଦୌ ଅଧ୍ୟୟନ କରେ ନା!" କିନ୍ତୁ କାହିଁକି ? ଜାଣେ ନାହିଁ। ମୁଁ କିନ୍ତୁ କେତେବେଳେ ଏସବୁର ବ୍ୟବହାର କରିବାକୁ ଯାଇନି–ମିଡିୟମ୍‌ମାନଙ୍କର ବ୍ୟାବହାରିକ ପରୀକ୍ଷା-ନିରୀକ୍ଷା, ଯେପରି ଭବିଷ୍ୟତ୍ ସମ୍ବନ୍ଧରେ ବା ଏହି ଧରଣର ଆଉ ଯାହାକିଛି, ସେଥିରେ କେବେବି ଆଗ୍ରହୀ ହୋଇ ନ ଥିଲି। ନା, ଏମାନଙ୍କ ପ୍ରତି ମୋର କୌଣସି ଆକର୍ଷଣ ନ ଥିଲା; ମୋର ଆଗ୍ରହ ଥିଲା ଏସବୁର ସମ୍ଭାବ୍ୟତା, ଏମାନଙ୍କର ଅସ୍ତିତ୍ୱ ସମ୍ବନ୍ଧରେ। ଯଥାର୍ଥରେ ଏସବୁ ଅଛନ୍ତି କି ? ଏସବୁ କ'ଣ ସତ୍ୟ ନା ମିଥ୍ୟା ? ବିଜ୍ଞାନ କାହିଁକି ସେସବୁର ଚର୍ଚ୍ଚା କରେ ନାହିଁ ? ଏହିସବୁ ଥିଲା ମୋର ଜିଜ୍ଞାସା। ନ ହେଲେ, ଏହିସବୁ ବିଦ୍ୟା ଅର୍ଜ୍ଜନ କରିବା ବା ଭବିଷ୍ୟତ୍ ଜାଣିବା ଏପରିକି ମୋ ନିଜ ସମ୍ପର୍କରେ ଜାଣିବାର ବିନ୍ଦୁମାତ୍ର ବାସନା ମୋର ନ ଥିଲା।

ତା'ପରେ ଧୀରେ ଧୀରେ ଗୋଟିଏ ବହିରୁ ଆଉ ଗୋଟିଏ ବହି ମୋତେ ଟାଣି ନେଇଗଲା, ୟୁରୋପ ଯାହାକୁ ଗୁହ୍ୟବିଦ୍ୟା (Occultism) କହେ, ସେହି ସଂକ୍ରାନ୍ତୀୟ ବହି ପଢ଼ିବାକୁ। ନାନା ବିଷୟ ବୁଝିଲି। ଲେଖକମାନଙ୍କର ନାମ କହିବାର ପ୍ରୟୋଜନ ନାହିଁ, କେବଳ କହିପାରେ ଯେ ଏହି ବିଷୟ ସମ୍ବନ୍ଧରେ ଯା' କିଛି ପଢ଼ିବାର ଥିଲା ସବୁ ପଢ଼ିଛି। ଏହି ଯେପରି, ଯାହାକୁ କୁହାଯାଏ ଭୋଜବିଦ୍ୟା–ଡାହାଣୀ ବିଦ୍ୟା ନୁହେଁ, କିନ୍ତୁ ତା'ପ୍ରତି ମୋର ଆକର୍ଷଣ ନ ଥିଲା–ଭୋଜବିଦ୍ୟା, ଅର୍ଥାତ୍ କେତେଗୁଡ଼ିଏ ବିଶେଷ ଧରଣର ଶକ୍ତିମାନଙ୍କର ଅସ୍ତିତ୍ୱ ପ୍ରମାଣ କରିବା ଓ ସେମାନଙ୍କର ବ୍ୟବହାର କରିବା ସମ୍ଭବ କି ନା, ତା' ପରୀକ୍ଷା କରି ଦେଖିବା; ତା'ପରେ ମଧ୍ୟଯୁଗରେ ପ୍ରବେଶ କରିବା, କାହିଁକି ନା ଗୁହ୍ୟବିଦ୍ୟାର ଚର୍ଚ୍ଚା କରିବାକୁ ହେଲେ ତାହାର ଆବିର୍ଭାବ ଓ ବିକାଶର ଦିନଗୁଡ଼ିକର ଦିଗକୁ ନ ଫେରି ଉପାୟ ନାହିଁ; କାବାଲା (Kabbala), ଗୁପ୍ତ ସମିତି, ହିବ୍ରୁମାନଙ୍କର ପରମ୍ପରାଗତ ଗୁହ୍ୟବିଦ୍ୟା–ହଁ, କାବାଲା, ଆଲକେମି, ଆଲ୍‌କେମି-ତତ୍ତ୍ୱଜ୍ଞମାନଙ୍କର ବହି –ମୁଁ ଅବଶ୍ୟ ପଢ଼ିଛି ସେମାନଙ୍କର ଆଧ୍ୟାତ୍ମିକ ଅର୍ଥରେ ଅର୍ଥାତ୍ କିପରି ପ୍ରକୃତିର ରୂପାନ୍ତର ସମ୍ଭବ ତା' ଜାଣିବା ନିମନ୍ତେ; ଏହାପରେ ପଢ଼ିଲି ଆଧୁନିକ ଗୁହ୍ୟବିଦ୍ୟାରେ ପାରଦର୍ଶୀ ଯେଉଁମାନେ, ସେମାନଙ୍କ ସମ୍ବନ୍ଧରେ। ସେମାନେ ଖୋଲିଦେଲେ ଭାରତବର୍ଷର ଦ୍ୱାର।

ମୋତେ କହିବାକୁ ହେବ ଯେ "ଥିଓସଫି" (Theosophy) ହିଁ ମୋ ପାଖରେ ଭାରତବର୍ଷର ଦ୍ୱାର ଖୋଲିଦେଲା। ଆଉ ସେଥିପାଇଁ ମୁଁ ତା'ପାଖରେ ଖୁବ୍ କୃତଜ୍ଞ। ପ୍ରଥମତଃ ୟୁରୋପରେ, ବିଶେଷକରି ସେତେବେଳକାର କଥା କହୁଛି, ସେହି ସମୟରେ ଭାରତ ବିଷୟରେ ଆଉ ସେହିପରି କୌଣସି ଉଲ୍ଲେଖଯୋଗ୍ୟ ଚର୍ଚ୍ଚା ନଥିଲା। 'ଥିଓସଫି' ଭାରତବର୍ଷରେ ବହୁ ଧର୍ମଗ୍ରନ୍ଥ ଅନୁବାଦ କରେ ଏବଂ ପାଶ୍ଚାତ୍ୟର ହାତ ପାଖକୁ ନେଇଆସେ–କୁହାଯାଏ ସେସବୁ ବହି ପଢ଼ାର ପ୍ରାୟ ଗୋଟିଏ 'ଫ୍ୟାଶନ୍'ହିଁ ସୃଷ୍ଟି କରେ –ନା, ସେପର୍ଯ୍ୟନ୍ତ ତାହା ସାର୍ବଜନୀନ

ଫ୍ୟାଶନ୍ ହୋଇଉଠିନି। ତେବେ ପାଶ୍ଚାତ୍ୟର ବୁଦ୍ଧିଜୀବୀମାନଙ୍କ ପାଖକୁ ଏହା ନେଇଆସେ ପୁନର୍ଜନ୍ମବାଦ, କର୍ମବାଦ, ପାର୍ଥିବ ସିଦ୍ଧି, ଜୀବନ୍ମୁକ୍ତର ଆଦର୍ଶ–ଏହିସବୁହିଁ ଥିଲା ଥିଓସଫିର ଅନ୍ତର୍ଗତ ବିଷୟ।

ମୋ କଥା କହିବାକୁ ଗଲେ–ମୋର ଯେତେଦୂର ମନେପଡ଼େ–ପୁନର୍ଜନ୍ମ ଓ କର୍ମବାଦର ମୁହାଁମୁହିଁ ହେବାର ମୁହୂର୍ତ୍ତରେ ମୋର ମନେହେଲା ସେସବୁ ହେଉଛି ଏକାନ୍ତଭାବେ... ସ୍ୱୟଂ ସତ୍ୟ। ଏହି ବ୍ୟାପାରରେ ବାଗ୍‌ବିତଣ୍ଡାର କୌଣସି ଅବସର ବା ପ୍ରୟୋଜନ ନାହିଁ। ହଁ, ପୁନର୍ଜନ୍ମ ଓ କର୍ମବାଦର ସଙ୍ଗେ ପରିଚିତ ହେବା ପରଠାରୁ ଗୋଟିଏ ମୁହୂର୍ତ୍ତ ପାଇଁ ସେସବୁର ସମ୍ବନ୍ଧରେ କୌଣସି ବିତର୍କ କରିନାହିଁ। ସେସବୁକୁ ମୋର ନିଜର ଅଂଶସ୍ୱରୂପ ବୋଲି ଗ୍ରହଣ କରିଛି, ସେସବୁ ମୋ ପାଖରେ ଅସ୍ତିତ୍ୱ ପ୍ରମାଣ କରାଯାଇ ପାରେ ନାହିଁ। ଫଳରେ ବୃଥା ଆଲୋଚନାରେ କ'ଣ ଲାଭ ? ହୁଏତ ସେସବୁକୁ ସ୍ୱୀକାର କର ଅଥବା ଅସ୍ୱୀକାର କର।

ଯାହା ହେଉ, ଭାରତବର୍ଷ ସମ୍ବନ୍ଧରେ ଏସବୁ ଧାରଣାରେ ପୁଷ୍ଟ ହୋଇ ଏଥର ମୁଁ ପ୍ରବେଶ କଲି ଗୋଟିଏ ନୂତନ ଅଧ୍ୟାୟରେ, ଯାହାହେଲା ପୂର୍ଣ୍ଣ ଆଧାତ୍ମିକ ସିଦ୍ଧିପାଇଁ ଆସ୍ପୃହାର ଅବସ୍ଥା। ବିଷୟଟା କ'ଣ ଜାଣ, ଭାରତୀୟ ଧର୍ମସାଧନା-ଚର୍ଚ୍ଚାର ଦୁଇଟି ଉପାୟ ଅଛି। ଗୋଟିଏ ବାହାରର, ଯେଉଁଟାକି ସାଧାରଣ ଭାବରେ ପାଶ୍ଚାତ୍ୟମାନଙ୍କର ଏବଂ ଫରାସୀମାନଙ୍କ ଅଭ୍ୟାସ। ସେମାନେ ଜୀବନଦେଇ ତା'କୁ ଗ୍ରହଣ କରନ୍ତି ନାହିଁ। ମହୁମାଛି ବା ପିମ୍ପୁଡ଼ିମାନଙ୍କ ଜୀବନ-ଧାରା ନେଇ ଯେଉଁ ଭାବରେ ଚର୍ଚ୍ଚା କରନ୍ତି, ଭାରତବର୍ଷକୁ ସେମାନେ ସେହି ଭାବରେ ମନେକରନ୍ତି। ସେମାନେ ଯାହା ଭାବନ୍ତି ବା କରନ୍ତି ତାହାହିଁ ଲିପିବଦ୍ଧ କରନ୍ତି।

କିନ୍ତୁ ଦ୍ୱିତୀୟ ଉପାୟଟି, ଯାହା ମୋତେ ଆକୃଷ୍ଟ କଲା, ତା'ହେଲା ଭାରତର ଧର୍ମସାଧନାକୁ ଜୀବନରେ ଗ୍ରହଣ କରିବା: ପ୍ରଥମେ ତା'କୁ ବୁଝିବା, ପରେ ତା'କୁ ନିଜ ଜୀବନରେ ପ୍ରୟୋଗ କରିବା। ମୁଁ ପ୍ରକୃତରେ ଆନନ୍ଦ ପାଉଥିଲି ପରିପୂର୍ଣ୍ଣତାର ଆଦର୍ଶରେ, ଯେଉଁ ଆଦର୍ଶକୁ କାଳେ କାଳେ, ଜନ୍ମରୁ ଜନ୍ମାନ୍ତର ମଧଦେଇ ମନୁଷ୍ୟ ଉପଲବ୍ଧି କରିପାରେ: ଏହି ଆଦର୍ଶହିଁ ଥିଲା ମୋ ପାଖରେ ସତ୍ୟ ଓ ଏକସଙ୍ଗେ ମୋ ଜୀବନର କର୍ତ୍ତବ୍ୟ।

ଏହି ସମୟରେ ଯୁଦ୍ଧ ଚାଲୁଥାଏ। ଦୁଇ ବର୍ଷଧରି ମୁଁ ଥିଲି ଯାହାକୁ କୁହାଯାଏ ରଣାଙ୍ଗନର ସମ୍ମୁଖରେ, ଗୋଟିଏ ଜାଗାରୁ ଆଉ ଗୋଟିଏ ଜାଗା ଘୁରିବାକୁ ପଡୁଥାଏ। ଅବଶ୍ୟ ମୋତେ ବରାବର ରହିବାକୁ ପଡୁଥାଏ ଗୋଲନ୍ଦାଜ ବିଭାଗର ୪ଇଞ୍ଚିଆ କମାଣବାହିନୀରେ। ତା'ପରେ ପ୍ରାୟ ଦୁଇ ବର୍ଷଧରି ମୁଁ ଥିଲି ଗୋଟିଏ ସୈନ୍ୟଦଳର 'ଜେନେରାଲ୍ ଷ୍ଟାଫ୍'ରେ। 'ଷ୍ଟାଫ୍ ଅଫିସର୍' ହିସାବରେ ମୋର ଦାୟିତ୍ୱ ଥିଲା ଗୋଲନ୍ଦାଜ ବିଭାଗକୁ ଯଥାଯଥ ସମ୍ବାଦ ସରବରାହ କରିବା। ମୋର କାମ ଥିଲା ପ୍ରାୟ ଅଫିସ୍‌ର କାମ ପରି, କିନ୍ତୁ ତା'ହେଲେ ମଧ ତା'ର ଆକର୍ଷଣ ଥିଲା ପ୍ରଚୁର; କାରଣ କାମ ଥିଲା–ହାତ ପାଖରେ ଯେତେସବୁ ସମ୍ବାଦ ମିଳୁଥିଲା ସେଗୁଡ଼ିକ ସଜାଡ଼ି ସୈନ୍ୟବାହିନୀ ଗଠିତ ହେଉଥିଲା କେତୋଟି ସୈନ୍ୟଦଳ ନେଇ, ପ୍ରତ୍ୟେକ ଦଳର ଥିଲା ଦୁଇଟି କି ତିନୋଟି ବିଭାଗ, ସେହି ବିଭାଗଗୁଡ଼ିକର ପ୍ରତ୍ୟେକଟି ଥିଲା ଆହୁରି ଦୁଇଟି ବ୍ରିଗେଡ଼ର ସମଷ୍ଟି, ଆଉ କେତୋଟି ରେଜିମେଣ୍ଟ ମିଶି ହେଉଥିଲା ଗୋଟିଏ ବ୍ରିଗେଡ଼। ଫଳତଃ ବୁଝିପାରୁଛ, ଗୋଟିଏ ସୈନ୍ୟବାହିନୀ କହିଲେ ବୁଝାଯାଉଥିଲା ଯୁଦ୍ଧକ୍ଷେତ୍ରରେ ଏକ ଲକ୍ଷ, ବା ଦୁଇ ଲକ୍ଷ ମନୁଷ୍ୟର ସମାବେଶ, ସେମାନଙ୍କ ସଙ୍ଗରେ ଅସଂଖ୍ୟ କମାଣ-ଗୋଳା, ଆଉ ଦଶ କି ପନ୍ଦର ସ୍କୋୟାଡ୍ରନ୍ ବିମାନ। ଯେତେସବୁ ଖବର ଆସୁଥିଲା ସେଗୁଡ଼ିକୁ ଖୁଣ୍ଟିନାଣ୍ଟି ଦେଖିବା, ଏକତ୍ର କରିବା, ପରୀକ୍ଷା କରିବା ଏବଂ ସେଗୁଡ଼ିକୁ ଠିକ୍‌ଠାକ୍ ଭାବରେ ଯାଞ୍ଚ କରିନେବା– ଏହାହିଁ ଥିଲା କାମ। ତା' ସଙ୍ଗେ ସଙ୍ଗେ ଆଉ ଗୋଟିଏ କାମ ଥିଲା ମୋର–ଯୁଦ୍ଧ-କ୍ଷେତ୍ରର ସାମ୍ନା ଗାଡ଼ିର 'ଇୟୁନିଟ୍'ମାନଙ୍କ ସାଙ୍ଗରେ ଏକ ମାନବୀୟ ସଂଯୋଗ ବଜାୟରଖି ଚାଲିବା; କେବଳ ତା' କାହିଁକି ଦର୍ଶକ ଓ ବିଦେଶୀ ଯେଉଁମାନେ ଆସୁଥିଲେ, ସେମାନଙ୍କ ସଙ୍ଗେ ମଧ–କାରଣ କିଛି ଦିନ ପରେ ବେଶ୍ ପରିମାଣରେ ଆମେରିକାନ୍ ଆସିବାକୁ ଲାଗିଲେ ଏବଂ ସେହି ସଙ୍ଗେ ସଙ୍ଗେ କିଛି ଇଂରେଜ ମଧ।

କିନ୍ତୁ ଯେଉଁ ସମୟ ଅବସର ପାଉଥିଲି ମୁଁ ତାର ସବୁତକହିଁ– ଅବଶ୍ୟ ଅବସର ଥିଲା ଖୁବ୍ କମ୍, ପ୍ରାୟ ଅଧିକାଂଶ ସମୟ କାମ ଆଉ କାମ। ମୁଁ ପଢ଼ାଶୁଣା କରୁଥିଲି ପ୍ରାୟ ଗଭୀର ରାତ୍ରି ପର୍ଯ୍ୟନ୍ତ। ଯେଉଁ ଭାବର କଥା ଆଗେ ମୁଁ କହିଛି କ୍ରମେ, କ୍ରମେ ସେ ସବୁ ମୋତେ କରଗତ କରିନେଲେ। ଅର୍ଥାତ୍ ହୁଏତ ମୁଁ ନିଜକୁ ସେମାନଙ୍କ ପାଖରେ ସମର୍ପି ଦେଲି, ଉତ୍ସର୍ଗ କଲି। ଆଉ କେତୋଟି ବର୍ଷ ମଧରେ–ହଁ, ୧୯୧୭ ଖ୍ରୀଷ୍ଟାବ୍ଦଠାରୁ କହିପାରେ ମୋଟାମୋଟି ଦୁଇ ବର୍ଷ ମଧରେ, ମୋର ଦୃଷ୍ଟିଭଙ୍ଗୀ ସମ୍ପୂର୍ଣ୍ଣରୂପେ ବଦଳିଗଲା। ଆଗେ ମୁଁ ଥିଲି... ନା, ଠିକ୍ ଜଡ଼ବାଦୀ ନୁହେଁ, କାରଣ ସେହିସବୁ ନେଇ ମୋର ନିଜର କୌଣସି ମତ ନଥିଲା। ତୁମ୍ଭମାନଙ୍କୁ କହିଛି ଯେ ମୁଁ ଥିଲି କଠୋର ଓ ଯୁକ୍ତିସମ୍ମତ ବୈଜ୍ଞାନିକ ଶିକ୍ଷାର ଶିକ୍ଷିତ ଏକ ଯୁବକ, କିନ୍ତୁ ଏ ସବୁ ବିଷୟରେ ସେତେବେଳେ ପର୍ଯ୍ୟନ୍ତ କୌଣସି ପ୍ରଶ୍ନ ମୋ ମନରେ ଉଠି ନଥିଲା। ବର୍ତ୍ତମାନ ଥରେ ଯେତେବେଳେ ସେମାନେ ମୋର ଚିନ୍ତା ଓ ଅନୁଭୂତିକୁ ଦଖଲ କରି ବସିଲେ, ସେତେବେଳେ ମୁଁ ସେମାନଙ୍କ ପାଖରେ ସମ୍ପୂର୍ଣ୍ଣ ଭାବରେ ନିଜକୁ ଦେଇଦେଲି।

ଏହା ପରେ ୧୯୧୮ ଖ୍ରୀଷ୍ଟାବ୍ଦରେ ଦେଖାଦେଲା ଏକ ମହାମାରୀ: ସେତେବେଳର ଦିନରେ ତାର ନାମ ଥିଲା "ହିମ୍ପାନିଫ୍ଲୁ"

ବା ଇନ୍‌ଫ୍ଳୁଏଞ୍ଜା। ବେଶ୍ କିଛିଦିନ ଧରି ତାହାର ଆକ୍ରମଣ ଚାଲିଥିଲା ଏବଂ ସେଥିରେ ସାରା ପୃଥିବୀରେ ମରିଥିଲେ ଦୁଇକୋଟି ମନୁଷ୍ୟ– ହଁ ଦୁଇକୋଟି, ଏହି ସେହି ଦିନ ଗୋଟିଏ ରିପୋର୍ଟରେ ଦେଖିଲି। ୧୯୧୮ ଖ୍ରୀଷ୍ଟାବ୍ଦର ନଭେମ୍ବର ମାସରେ, ଯୁଦ୍ଧବିରତିର ଘୋଷଣା ସମୟରେ ମୋତେ ହେଲା ଏହି ଫ୍ଳୁ। ସେତେବେଳେ ମୁଁ ରଣକ୍ଷେତ୍ରର ସମ୍ମୁଖ ଦଳରେ, ଜର୍ମାନ ବ୍ୟୁହ ଭେଦ କରି ମୁଁ ସେତେବେଳେ ଜର୍ମାନୀ ଦିଗକୁ ଆଗେଇ ଚାଲିଛି। ଏହି ଜର୍ମାନ ଲାଇନ୍ ମଧ୍ୟରେହିଁ ମୋର ଦେହଟା ଖରାପ ହେଲା। କିନ୍ତୁ ତାହା ଜର୍ମାନୀ ସକାଶେ ନୂଆ କଥା ନ ଥିଲା, କାରଣ ସମଗ୍ର ଦେଶରେହିଁ ସେତେବେଳେ ସେହି ମହାମାରୀର ପ୍ରକୋପ ଚାଲିଥିଲା।

ଏହି ସମୟଟାକୁହିଁ କହିପାରେ ମୋର ଜୀବନର ସନ୍ଧିକ୍ଷଣ। ଯୁଦ୍ଧର ହାସ୍‌ପାତାଳରେ ଯେଉଁ ତମ୍ବୁରେ ମୋତେ ରଖାଯାଇଥିଲା, ସେଠାରେ ସେତେବେଳେ ପ୍ରତ୍ୟେକ ଦିନ ତିନି ଚାରିଜଣ ଲୋକ ମରୁଥିଲେ। ମୋର ବେଶ୍ ମନେଅଛି, ଗୋଟିଏ ପ୍ରବଳ ଭାବ ମୋତେ ଖୁବ୍ ଜୋର୍‌ରେ ଅଧିକାର କରିବସିଲା, ଆଉ ତାହା ଫଳରେ ସମସ୍ତ ମୃତ୍ୟୁଭୟରୁ ମୁଁ ମୁକ୍ତି ପାଇଲି; ତାହା ହେଲା ଆତ୍ମସମର୍ପଣ। ମୋର ନିଜର ଆତ୍ମସମର୍ପଣ ଯାହାଦ୍ୱାରା ମୋର ଅଧ୍ୟାତ୍ମ ନିୟତି, ସେ ଯାହା ହେଉ ନା କାହିଁକି, ସଂସିଦ୍ଧ ହୋଇପାରେ.... ଯଦି ମୋତେ ମରିବାକୁ ହୁଏ, ତେବେ ତାହା ଘଟିଯାଉ ମୋର ଜୀବନ-ବଳିର ମଧ୍ୟଦେଇ– ଏହାହିଁ ଥିଲା ମୋର ପ୍ରକୃତ ଆନ୍ତରିକ ଅନୁଭୂତି। ଆଉ ଯଦି ବଞ୍ଚେ, ତାହାହେଲେ ଭଗବାନଙ୍କ ପାଖରେ ଜୀବନ ଉତ୍ସର୍ଗ କରିଦେବି।

ସେତେବେଳେ ମୋର ବୟସ ଚବିଶ, ଟିକିଏ ବେଶୀ ହେବ ହୁଏତ। ତାପରେ, ବେଶ୍, ଶୀଘ୍ରହିଁ ମୋର ସୈନ୍ୟ ଜୀବନ ଶେଷ ହୋଇଗଲା ଏବଂ ପଢ଼ାଶୁଣା ପୁନର୍ବାର ଆରମ୍ଭ କରିବାକୁ ହେଲା। ତା'କଲି, ଯାହା ଆରମ୍ଭ କରିଥିଲି ତାହାର ସମାପ୍ତି ପାଇଁ। ଖୁବ୍ ଉତ୍ସାହ ଯେ ଥିଲା ତାହା ନୁହେଁ, କିନ୍ତୁ କରିବା ଭଳି ଅନ୍ୟ କିଛି ନ ଥିଲା।

ଫଳତଃ ପଲିଟେକ୍‌ନିକ୍‌ର ପଢ଼ା ଶେଷ କଲି, ଶେଷ କଲି ସେତୁ ଓ ସରଣିସ୍ଥାପତ୍ୟ (the school of Bridges and Highways)ର ପଢ଼ାଶୁଣା; ତାପରେ ପାଇଲି ପାରିସ୍‌ରେ ତରୁଣ ଇଞ୍ଜିନିୟରିଂ ଚାକିରୀ। ଆଉ ସେତେବେଳେ 'ଏ ଧରଣର ଜୀବନ ଯାପନ କରିବା ଆଉ ମୋ ପକ୍ଷରେ ଅସମ୍ଭବ'–ଏହି ଧରଣର ଗୋଟିଏ ପ୍ରବଳ ଅନୁଭୂତି ମୋତେ ଅଧିକାର କରି ବସିଲା। ଜୀବନଟା ଏହିପରି କିଛି ଖରାପ ନ ଥିଲା ଯାହା ପାଇଁ ତାହା ପ୍ରତି ମୋର ବିତୃଷ୍ଣା ଜନ୍ମିପାରେ। ଇଞ୍ଜିନିୟରର ଜୀବନ, ଯଥେଷ୍ଟ ଚିତ୍ତାକର୍ଷକ କାମ, ପାରିସ୍ ସହରକୁ ଅନ୍ତର୍ଗତ କରି 'ସୋନ୍' ନଦୀର ପୂରା ଅଞ୍ଚଳଟା ଥିଲା ମୋର ଇଲାକା। ନୂଆ ନୂଆ କାମ, ସଂସ୍କାରର କାମ, ଏହିପରି କେତେ କ'ଣ! କିନ୍ତୁ କ'ଣ କହିବି, ଏହି ସବୁରେ ମୋର ଆଉ କୌଣସି ଆକର୍ଷଣ ନ ଥିଲା। ମୁଁ କାମ କରୁଥିଲି କେବଳ କର୍ତ୍ତବ୍ୟପାଳନ ହିସାବରେ, କିନ୍ତୁ ସେଥିରେ ମୋର ମନ ମୋଟେ ନ ଥିଲା।

ତାପରେ ୧୯୨୦ ଖ୍ରୀଷ୍ଟାବ୍ଦରେ ମୁଁ ସ୍ଥିର କଲି ଯେ ଏହିପରି ଜୀବନ ଆଉ ମୋର ଚଳିବ ନାହିଁ। ମୋର ଆଧ୍ୟାତ୍ମିକ ପଥ ପ୍ରଦର୍ଶକ, ମୋର ଗୁରୁଙ୍କ ସନ୍ଧାନରେ ମୋତେ ବାହାରିବାକୁ ହେବ। ମୁଁ ନିଶ୍ଚିତ ଭାବରେ ଜାଣିଥିଲି ଯେ ମୋର ଜୀବନ ଧାରଣ ହେବ ଆଧ୍ୟାତ୍ମିକ ସିଦ୍ଧିଲାଭ ପାଇଁ, ଅନ୍ୟ କୌଣସିର ମୂଲ୍ୟ ମୋ ପାଖରେ ନାହିଁ। ଏବଂ ଏହି ପୃଥିବୀର କେଉଁଠାରେ ଜଣେ ଅଛନ୍ତି ଯେ ମୋତେ ଆଲୋକର ଦିଗ ଦେଖାଇବେ ଏବଂ ସେହି ଆଡ଼କୁ ନେଇଯିବେ।

ଏହା ହେଲା ୧୯୨୦ ମସିହାର ଆରମ୍ଭରେ, ବର୍ଷର ପ୍ରଥମ ଭାଗରେ। କେତୋଟି ମାସ ଧରି ମୋ ଭିତରେ ବୃଦ୍ଧିପାଇଥିବା ବାଧାବିଘ୍ନର ସଙ୍ଗେ ଯୁଦ୍ଧ କରି ଚାଲିବାକୁ ଲାଗିଲି। ଶେଷରେ ମୁଁ ଛୁଟି ପାଇଁ ଦରଖାସ୍ତ କଲି। ମନେରଖ, ମୋର ସମସ୍ତ ପରିବାରଟି ଥିଲା ମୋର ବିରୁଦ୍ଧରେ, ଏହା ଅବଶ୍ୟ ସ୍ୱାଭାବିକ। ମୋର ପିତା, ମାତା, ଭାଇ ସମସ୍ତେ–କେହିବି ବୁଝି ପାରୁ ନ ଥିଲେ ଯେ ମୁଁ କ'ଣ କରୁଛି ଏବଂ କାହିଁକି କରୁଛି। ମୋର ପିତା ଅବଶ୍ୟ ବୁଝିବାକୁ ଚାହିଁଥିଲେ ବୁଝିପାରିଥା'ନ୍ତେ, ଅବଶ୍ୟ ବୁଝୁଥିଲେ, କାରଣ ସେ ତାଙ୍କର ଯଥାସାଧ୍ୟ ମୋର ମତିଗତି ଅର୍ଥାତ୍ ମୋର କାର୍ଯ୍ୟଧାରାର କାରଣ ବୁଝିବାକୁ ଚେଷ୍ଟା ବି କରିଥିଲେ ଏବଂ ମୋତେ ସହାନୁଭୂତି ମଧ୍ୟ ଦେଖାଇଥିଲେ। କିନ୍ତୁ ସେ କହୁଥିଲେ, "ଏହିସବୁ ଅଧିଭୌତିକ ଜିନିଷ ଯଦି ତୋତେ ଭଲ ଲାଗେ, ତେବେ ଭଲ କଥା। ତୁ ଯଦି ଡାକ୍ତର ହେବାକୁ ଚାହୁଁ, ଡାକ୍ତରମାନେ ଯେଉଁ ଭାବରେ ଏହି ସବୁର ଚର୍ଚ୍ଚା କରନ୍ତି ତାହା କରିବାକୁ ଚାହୁଁ, ମୁଁ ତୋତେ ପୂରାପୂରି ସାହାଯ୍ୟ କରିବି। ଡାକ୍ତରୀ ପଢ଼, ଯାହା ସମୟ ଲାଗିବାର ଲାଗୁ। ତାପରେ ଡାକ୍ତର ପରି ସବୁକିଛି ଜ୍ଞାନ ଓ ପ୍ରଣାଳୀ ଆୟତ୍ତ କରି ତୁ ଏହିସବୁ ବିଷୟ ଚର୍ଚ୍ଚା କର।"

କିନ୍ତୁ ସେ ଯାହା ବୁଝିପାରୁ ନ ଥିଲେ ତାହା ହେଲା ଏହି ଯେ କେବଳ ଶିଖିବା ବିଷୟ ନୁହେଁ, ମୁଁ ସେହି ଜୀବନକୁହିଁ ବରଣ କରିନେବାକୁ ଚାହୁଁଥିଲି।

ସୁତରାଂ ସେ କହୁଥିଲେ: "ନା, ସେଥିରେ ନିବିଡ଼ ଭାବରେ ଲିପ୍ତ ହେଲେ ଚଳିବ ନାହିଁ; କାରଣ ତା'ହେଲେ ତୁ ତୋର ବିଚାରଶକ୍ତି ହରାଇ ବସିବୁ। ଥରେ ଯଦି କୌଣସି ଗୋଟିଏ ବିଶେଷ ଧାରଣାକୁ ଗ୍ରହଣ କରିନେଇ ତାକୁ ଜୀବନରେ ସଫଳ କରିବାକୁ ଲାଗିଯାଉ, ତା'ହେଲେ ସତ୍ୟ ଯେ କି ବସ୍ତୁ, ତା' ଆଉ ତୁ ଜାଣିପାରିବୁ ନାହିଁ।"

ଘରେ ମୋତେ ସେହି ପ୍ରକାରର ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। କିନ୍ତୁ ମୁଁ ଏତିକି କହିପାରେ ଯେ ପ୍ରଥମ ଅବସ୍ଥାରେ ସବୁ ପ୍ରବେଶାର୍ଥୀମାନଙ୍କ ପରି ମୁଁ ଏକବାଗିଆ ଧରଣର ଲୋକ ଥିଲି। ଏହି ଧର, ମୁଁ ତୁମ୍ଭମାନଙ୍କୁ ପ୍ରଥମେ କହି ନଥିଲି ଯେ ଯେତେବେଳେ ମୁଁ ଅଫିସରମାନଙ୍କ ମେସ୍ ଏବଂ ଖାଇବା ଦାୟିତ୍ୱରେ ଥିଲି। କେଉଁ ଦିନ କ'ଣ ରନ୍ଧାଯିବ ତା'ର ତାଲିକା ମୋତେ ଦେବାକୁ ପଡୁଥିଲା। କାରଣ ମୋ ପାଖରେ ଟଙ୍କା ପଇସା ରହୁଥିଲା। ହଁ, ସେତେବେଳେ ମୁଁ ପ୍ରାୟ ନିରାମିଷାଶୀ ହୋଇପଡ଼ିଲି (ହାସ୍ୟ)–ଆଉ ଯଥେଷ୍ଟ ପ୍ରତ୍ୟୟର ସହିତ। ବର୍ତ୍ତମାନ ଘଟଣାଟା କ'ଣ ବେଶ୍ ବୁଝିପାରୁଥିବ। ସେତେବେଳେ ମୋତେ ମହାପରାଧୀ ବୋଲି କୁହାଯାଉଥିଲା। କାରଣ, ସୈନ୍ୟ ବିଭାଗରେ ରହି ନିରାମିଷାଶୀ ହେବା, ତା'ପରେ ବିଶେଷତଃ ଫ୍ରେଞ୍ଚ୍ ଅଫିସରଙ୍କ ମେସ୍‌ରେ, ମୁଁ ନିର୍ଭୀକ ଭାବରେ ଏହା ପ୍ରକାଶ କରୁଛି, ଏହା ଆଦୌ ଆନନ୍ଦଦାୟକ ନ ଥିଲା। ମୋତେ ନେଇ ସେମାନେ ବେଶ୍ ମଜା ଦେଖୁଥିଲେ। କିମ୍ବା ହୁଏତ ମୋତେ କରୁଣାର ଚକ୍ଷୁରେ ଦେଖୁଥିଲେ (ହାସ୍ୟ) ଏବଂ ସେମାନେ ଆଶା କରୁଥିଲେ ଯେ ମୁଁ ପୂର୍ବ ମାନସିକ ସୁସ୍ଥ ଅବସ୍ଥାକୁ ଫେରିଯିବି ଏବଂ ପୁନର୍ବାର ଫରାସୀମାନଙ୍କର ଧାରା ବାହିକ ରୀତିରେ ଖାଦ୍ୟ ଗ୍ରହଣ କରିବି। ମୁଁ ତୁମ୍ଭମାନଙ୍କ ପାଖରେ ଲୁଚେଇ ରଖିବାକୁ ଚାହେ ନାହିଁ ଯେ ଯୁଦ୍ଧ ପୂର୍ବରୁ ମୁଁ ମଝିରେ ମଝିରେ ମଦ୍ୟପାନ କରୁଥିଲି ଏବଂ ଅନ୍ୟାନ୍ୟ ଜାତୀୟ ମଦ ମଧ୍ୟ ଆମ୍ଭମାନଙ୍କ ଦେଶର ଯୁବକମାନଙ୍କ ପରି ପାନ କରୁଥିଲି, କାରଣ ମଦ୍ୟପାନ ପ୍ରତି ମୋର ସେହିପରି କୌଣସି ବିଶେଷ ଆକର୍ଷଣ ନଥିଲା, କିନ୍ତୁ ମୋଟାମୋଟି ବ୍ୟବହାର କରୁଥିଲି, କାରଣ ମଦ ପିଇବା ଫ୍ରେଞ୍ଚ ଦେଶର ଗୋଟିଏ ଅତି ମାମୁଲି ଧରଣର ବିଷୟ। ତୁମ୍ଭେମାନେ ଏହା ପ୍ରତି ବେଶି ଗୁରୁତ୍ୱ ଦେବ ନାହିଁ। ଏହି ବିଷୟକୁ ତୁମ୍ଭେ ତୁମ୍ଭମାନଙ୍କ ଦେଶଗତ ଆଚାର ଦୃଷ୍ଟିରେ ଦେଖିବ ନାହିଁ। ଏବଂ କହ ନାହିଁ, "ଓହୋ, ଦେଖ କି ଖରାପ ଲୋକ ଏମାନେ।" କାରଣ, ଭାରତୀୟମାନଙ୍କର ଧାରଣା ଯେ ଯେକୌଣସି ମଦ୍ୟପାୟୀ ବ୍ୟକ୍ତି ଅତ୍ୟନ୍ତ ଖରାପ ଲୋକ। ତେବେ ନିଜକୁ ମନ୍ଦ ଦେଖାଇବା ଚେଷ୍ଟାରେ ମୁଁ ମଦ୍ୟପାନର ପ୍ରସଙ୍ଗ ଏଠାରେ ଆଣିନି। ଯାହା ସତ୍ୟ ତାହାହିଁ ଏଠାରେ ବ୍ୟକ୍ତ କରୁଛି।

ତା'ହେଲେ ଦେଖୁଛ, ମୁଁ ସେତେବେଳେ ବେଶ୍ ଏକ ବାଗିଆ ଲୋକ ଥିଲି, ଆଉ ସାଧାରଣ ଜୀବନଧାରା ତ୍ୟାଗ କରିବା ପାଇଁ ସବୁକିଛି ପୁରୁଣା ପଦ୍ଧତିକୁ ଭାଙ୍ଗି ପକାଇବାକୁ ପ୍ରସ୍ତୁତ ହୋଇପଡ଼ିଲି। ଠିକ୍ ସେହି ସମୟରେ ସୁଯୋଗ ମଧ୍ୟ ଆସିଗଲା। ମୋର କେତେଜଣ ବନ୍ଧୁ ସୁଦୂର ପ୍ରାଚ୍ୟ, ଅର୍ଥାତ୍ ଜାପାନ ଆଡ଼କୁ ଯାତ୍ରା କରୁଥିଲେ। ମୁଁ ସେମାନଙ୍କ ସହିତ ଯିବାପାଇଁ ସ୍ଥିର କରିନେଲି। କାରଣ ଏହାଦ୍ୱାରା ମୋର ଲକ୍ଷ୍ୟ ଦିଗରେ କିଛିଟା ଆଗେଇ ଯାଇପାରିଲି। ଅସଲ କଥା, ସେତେବେଳ ପର୍ଯ୍ୟନ୍ତ ମୁଁ ବୌଦ୍ଧ ଏବଂ ହିନ୍ଦୁ ଧର୍ମ ମଧ୍ୟରେ ବେଶିକିଛି ତଫାତ୍ ଦେଖୁ ନ ଥିଲି। ମୋର ଦୃଷ୍ଟିରେ ଏକ ପ୍ରକାର ଆଧ୍ୟାତ୍ମିକ ପ୍ରାଣଧାରା ଭାରତର ସବୁଧର୍ମର ଭିତ୍ତି ଥିଲା। ସୁତରାଂ ମୁଁ ଯାତ୍ରା କଲି ଜାପାନ ଉଦ୍ଦେଶ୍ୟରେ–ଇଞ୍ଜିନିୟର ହିସାବରେ ନୁହେଁ, ନିତାନ୍ତ ଜଣେ ସାଧାରଣ ଯାତ୍ରୀ ହିସାବରେ। ସୁତରାଂ ସେଠାରେ ପହଞ୍ଚି ନିଜର ଜୀବିକାର୍ଜନ ଦିଗଟା ଭାବିବାକୁ ହେଲା। ଆଉ ତାହା ଏତେ ସହଜ ବ୍ୟାପାର ନ ଥିଲା। ବିଶେଷ ଭାବରେ ଏସିଆ ମଧ୍ୟରେ ଜାପାନ ଏପରି ଗୋଟିଏ ଦେଶ, ଯେଉଁଠାରେ ବିଦେଶୀମାନଙ୍କର କୌଣସି ସ୍ଥାନ ନ ଥିଲା ଯଦି ଅବଶ୍ୟ ସେମାନଙ୍କର ନ ଥାଏ ଧନବଳ ବା ପ୍ରତିପତ୍ତି ଅଥବା କୌଣସି ଅର୍ଥବାନ ପ୍ରତିଷ୍ଠାନର ଆନୁକୂଲ୍ୟ। ଏହା ମଧ୍ୟରୁ ମୋର କୌଣସିଟି ନଥିଲା।

କିନ୍ତୁ ସେ ଯାହାହେଉ, କିଛି ଘୁରାଘୁରି କଲା ପରେ, ବେଶ୍ କିଛି ବାଧାବିପତ୍ତି କଟାଇ, କିଛିଟା କଠୋର ଜୀବନ ଯାପନର ମଧ୍ୟଦେଇ, ଜାପାନରେ ରହିଗଲି ଚାରିବର୍ଷ। ଅନେକ ଧରଣର ଅଭିଜ୍ଞତା, ବୌଦ୍ଧଧର୍ମ ଅଧ୍ୟୟନ, ବିଶେଷକରି ଜେନ୍-ବୌଦ୍ଧଧର୍ମ, ମନ୍ଦିରରେ ଯାଇ ବାସ କରିବା, ବିଜ୍ଞାନାଗାରରେ କାର୍ଯ୍ୟକର୍ମ, ଆଉ ଘରେ ରାତିରେ ବସି ନାନା ପ୍ରକାର ଗ୍ରନ୍ଥ ଅଧ୍ୟୟନ, ଏହାହିଁ ଥିଲା ମୋର ଜୀବନ-ଯାତ୍ରା। ଅଧ୍ୟୟନର ବିଷୟବସ୍ତୁ ଥିଲା ଅବଶ୍ୟ ଭାରତୀୟ, ଜାପାନୀ ଓ ଚୈନିକ ଆଧ୍ୟାତ୍ମିକତା। ନିଜ ଭିତରେ ମୋତେ ସେତେବେଳେ ଯିବାକୁ ହୋଇଛି ଆଲୋକ ଅନ୍ଧକାରର କ୍ରମ ମଧ୍ୟଦେଇ, –କେତେବେଳେ ବା ଆଗେଇ ଚାଲିବା, କେତେବେଳେ ବା ଥକାମାରି ଛିଡ଼ାହୋଇ ରହିବା। ଯେଉଁମାନେ ଆଲୋକ ସନ୍ଧାନର ଅନୁଗାମୀ, ପଥ ମଧ୍ୟରେ ଚାଲନ୍ତି ପ୍ରାୟ ଏକା ଏକା ହୋଇ (ଅନ୍ତତଃ ଆପାତ ଦୃଷ୍ଟିରେ), ସେମାନଙ୍କୁ ଯେଉଁସବୁ ପ୍ରକାର ବାଧାର ସମ୍ମୁଖୀନ ହେବାକୁ ହୁଏ, ସେହିସବୁ ବାଧା-ବିପତ୍ତିର ସମ୍ମୁଖୀନ ମୋତେ ହେବାକୁ ପଡ଼ିଲା।

ତା'ପରେ ମଙ୍ଗୋଲୀୟ ଲାମା ସାଧୁମାନଙ୍କର ଗୋଟିଏ ଦଳ ଜାପାନ ଆସିଲେ। ସେମାନେ ଦେଖିଲେ ମୋର ବିଜ୍ଞାନାଗାର, ଦେଖିଲେ କର୍ମଶାଳା–ଯେଉଁଠାରେ ମୁଁ କାର୍ଯ୍ୟ କରୁଥିଲି। ସେମାନଙ୍କ ସହିତ ମୁଁ ମିଳାମିଶା ଆରମ୍ଭ କରିଦେଲି। ଅବସ୍ଥିତି ଦୃଷ୍ଟିରୁ ତିବ୍ବତ-ଯାହା ମଧ୍ୟ-ଏସିଆରେ ଅବସ୍ଥିତ –ଉତ୍ତର ଓ ଦକ୍ଷିଣ ଏସିଆର ମିଳନସ୍ଥଳ। ସେମାନଙ୍କ ସହ ମିଳାମିଶାଦ୍ୱାରା ମୁଁ ଯେପରି ତିବ୍ବତ ଯିବା ପାଇଁ ଏକ ପରମ ସୁଯୋଗର ଇଙ୍ଗିତ ପାଇଲି। କିନ୍ତୁ ସେମାନଙ୍କ ସଙ୍ଗେ କଥାବାର୍ତ୍ତା କରିବା ଖୁବ୍ ସହଜସାଧ୍ୟ ନ ଥିଲା, କାହିଁକି ନା, ଆମ୍ଭମାନଙ୍କୁ ପରସ୍ପରକୁ ଜାଣିବା ପାଇଁ କୌଣସି ସାଧାରଣ ଭାଷା ମିଳିଲା ନାହିଁ ଯାହା ଆମ୍ଭମାନଙ୍କ ମଧ୍ୟରେ ସେତୁବନ୍ଧର କାର୍ଯ୍ୟ କରିପାରିଥା'ନ୍ତା। ଏମାନଙ୍କ ମଧ୍ୟରେ ଥିଲେ ପୂର୍ବତନ ରୁଷ-ବାହିନୀର

ଜଣେ ଅଫିସର, ଜାତିରେ ମଙ୍ଗୋଲୀୟ, କିନ୍ତୁ ସେ ଇଂରେଜୀ ବା ଚୀନା–ଏଥିରୁ କୌଣସି ଭାଷା ଜାଣି ନ ଥିଲେ। ତେବେ ତାଙ୍କର ସ୍ତ୍ରୀ ଏହି ଦୁଇ ଭାଷାହିଁ ଜାଣିଥିଲେ। ତାଙ୍କରି ମାଧ୍ୟମରେ ଆମ୍ଭମାନଙ୍କର କଥାବାର୍ତ୍ତା ଚାଲୁଥିଲା। ବୁଝିପାରୁଥିବ ଯେ ତା' ମଧ୍ୟ ଖୁବ୍ ସହଜସାଧ୍ୟ ବା ସୁବିଧାଜନକ ନ ଥିଲା। କିନ୍ତୁ ଧୀରେ ଧୀରେ ଏ ସମ୍ଭାବନା ଫୁଟିଉଠିଲା ଯେ ଇଚ୍ଛାହେଲେ କିଛି ଦିନ ପାଇଁ ସେମାନଙ୍କର ମଠ ଲାମାବାସରେ ଯାଇ ବାସ କରିପାରେ। କିନ୍ତୁ ତା'ପାଇଁ ପ୍ରୟୋଜନ ହେବ ସମଗ୍ର ଉତ୍ତର ଚୀନ ଅତିକ୍ରମ କରି ଚୀନର ସାମନ୍ତ ରାଜ୍ୟ ବହିର୍ମଙ୍ଗୋଲୀୟରେ ପହଞ୍ଚିବା। ଏହା ହେଲା ୧୯୨୪ ମସିହାର କଥା। ସଂକ୍ଷେପରେ କହେ ଯେ ଏକ ମଙ୍ଗୋଲୀୟ ଲାମାଙ୍କ ସହିତ ମୁଁ ଯାତ୍ରାରମ୍ଭ କଲି: ଲୋକଟି ଥିଲେ ଖୁବ୍ ବିଦ୍ୱାନ ଓ ସରଳ। ସେହି ସମୟରେ ମଙ୍ଗୋଲୀୟ ଭାଷାଟା ମଧ୍ୟ ଶିଖିନେଲି–ତାଙ୍କ ସହିତ କିଛିଟା କଥାବାର୍ତ୍ତା ଚଳାଇବାକୁ ହେବ ତ'। ସାମାନ୍ୟ ଯାହାକିଛି ବହି ମିଳିଲା, ତାହାନେଇ ମଙ୍ଗୋଲ ଭାଷା ଶିଖିବାକୁ ଆରମ୍ଭ କଲି: ଓଃ, ମଙ୍ଗୋଲ ଶିଖିବାର ବହି ପାଇବା ବଡ଼ ଦୁଷ୍କର ଥିଲା।... ଯାହାହେଉ, ଯିବାକୁ ହେଲା ଉତ୍ତର ଚୀନ ମଧ୍ୟଦେଇ, ପେକିଂ ପାରହୋଇ... ଭଲ କଥା, ସେ ସମୟର ବିଚିତ୍ର ଅଭିଜ୍ଞତାସବୁ ଓ ନାନା ଧରଣର ଘଟଣା ଓ ଦୁର୍ଘଟଣାର କଥା ତୁମ୍ଭମାନଙ୍କ ପାଖରେ କହୁନାହିଁ, କାରଣ ସମୟର ଅଭାବ; ତେବେ ମୋର ଅନ୍ତର ସତ୍ୟର ଅଭିମୁଖେ ମୋର ଯାତ୍ରାରମ୍ଭ ହୋଇଛି, ଚାଲିଛି ତାହା ପାଖକୁ ଯିଏ କି ମୋତେ ସତ୍ୟ ପାଖରେ ପହଞ୍ଚାଇ ଦେବ। କେଉଁଠାରେ ସେ ଜାଣେ ନାହିଁ, ଜାଣେ ନାହିଁ କିପରି ତାଙ୍କ ପାଖରେ ପହଞ୍ଚିବି। ମୋର ସାଧ୍ୟ ମଧ୍ୟରେ ଏତିକି ଥିଲା ନିଜକୁ ସମ୍ପୂର୍ଣ୍ଣ ଉନ୍ମୁଖ ଓ ଉନ୍ମୁକ୍ତ କରି ଧରିରଖିବା ଯାହାଦ୍ୱାରା ଯେକୌଣସି ଇଙ୍ଗିତ–ତା' ଯେତେ ସାମାନ୍ୟ ହେଉ ନା କାହିଁକି– ମୋର ଦୃଷ୍ଟିରୁ ଏଡ଼ାଇ ନ ଯାଏ। ଯଦି ଦେଖେ ଯେ କୌଣସି ଗୋଟିଏ ଦିଗର ଦ୍ୱାର ଖୋଲିଗଲା, ତେବେ ସେ ଦିଗକୁ ଲକ୍ଷ୍ୟରଖି ଚାଲିବି। ଆଉ ଯଦି କିଛି ନ ଦେଖେ, ବେଶ୍, ତା'ହେଲେ ନୀରବରେ ଅପେକ୍ଷା କରିବି।" ଆଉ ଆଜି ମଧ୍ୟ ମୋର ମନେହୁଏ, ଏହାହିଁ ହେଉଛି ଯଥାର୍ଥ ମନୋଭାବ।

ପଥଚଲା ମୋର ତେବେ ଆରମ୍ଭ ହେଲା। ତାପରେ, ସମସ୍ତ ଉତ୍ତର ଚୀନ ଛାଡ଼ି ପହଞ୍ଚିଲି ଯାଇ ସେହି ମଠରେ ଯେଉଁଠାରେ ଥିଲେ କେବଳ ତିବ୍ବତୀୟ ଲାମାମାନେ। ସେଠାରେ ନଅଟି ମାସ ରହିଲି: ସମ୍ପୂର୍ଣ୍ଣ ଶୀତକାଳ, ସେହି କଣ-କଣିଆ ଥଣ୍ଡା ଦେଶରେ। ତେବେ ଶୀତରେ ଯେ ବେଶି ଗୋଟାଏ ଦାରୁଣ କଷ୍ଟ ପାଇଥିଲି ତାହା କହିପାରିବି ନାହିଁ। ଜୀବନଟା ଥିଲା ବାହାରର ସବୁ ପ୍ରକାର ସଂସ୍ପର୍ଶଠାରୁ ଏକାନ୍ତ ଭାବରେ ବିଚ୍ଛିନ୍ନ, ବିଭକ୍ତ। ସେହି ନଅମାସ ମଧ୍ୟରେ ଜଣେହେଲେ ଇଉରୋପୀୟ ମୁହଁ ଦେଖିନାହିଁ, ଦେଖିଛି କେବଳ କେତେଜଣ ଚୀନାଙ୍କୁ–ବ୍ୟବସାୟୀ ସେମାନେ, ଆଉ କେତେଜଣ ମଙ୍ଗୋଲୀୟଙ୍କୁ। ସମୟ ସମୟରେ ବେଶ୍ ଦୁଃସାହସତାର ମଧ୍ୟରେ ପଡ଼ିବାକୁ ହୋଇଛି। ସେତେବେଳେ ଡୁବିଯାଏ ନିଜ ମଧ୍ୟରେ ଆଉ ତା'ପରେ ବ୍ୟାପୃତ ହୋଇଯାଏ ଅନ୍ତର ଭିତରେ ଉଠୁଥିବା ନାନା ଦ୍ୱିଧା, ଦ୍ୱନ୍ଦ୍ୱ, ସଂଘାତ ଓ ସଙ୍କଟ ସାଙ୍ଗରେ।

କିନ୍ତୁ ସବୁକିଛି ଭିତରେ ଯେଉଁ ଭାବଟା ପ୍ରବଳ ଥିଲା ତାହା ହେଲା– "ହେ ଭଗବାନ, କେବଳ ଯଦି ଜାଣିପାରିଥା'ନ୍ତି କ'ଣ ମୋର କରଣୀୟ ଏହି ପୃଥିବୀ ବକ୍ଷରେ, ତାହା ଯାହାହେଉ ନା କାହିଁକି, ଯଦି ସେଥିପାଇଁ ରାସ୍ତାରେ ଝାଡୁ ଦେବାକୁ ଦରକାର ପଡ଼େ ତାହା ମଧ୍ୟ ଆନନ୍ଦ ସହକାରେ କରିବି। କିନ୍ତୁ କିପରି ଜାଣିବି କ'ଣ ମୋତେ କରିବାକୁ ହେବ ଏହି ପୃଥିବୀରେ? କେଉଁଠାରେ ପାଇବି ତାହାର ସ୍ୱଚ୍ଛ ଇଙ୍ଗିତ?"

ହଁ, ଏହି ସମୟରେ ମୋର ବନ୍ଧୁମାନଙ୍କ ପାଖରୁ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ କଥା ଜାଣିପାରିଲି। ଫ୍ରାନ୍ସ ଛାଡ଼ିବା ଆଗରୁ "ଆର୍ଯ୍ୟ" ପତ୍ରିକାର ଫରାସୀ ସଂସ୍କରଣର ଗୋଟିଏ ସଂଖ୍ୟା ମଧ୍ୟ ମୋର ହାତରେ ଆସି ପହଞ୍ଚିଲା। ଦେଖିଥିଲି ତାହା, ତାହା ପ୍ରତି ମୋର ବିଶେଷ କୌଣସି ଆକର୍ଷଣ ଜାଗି ନାହିଁ। ବିଷୟବସ୍ତୁ ତାହାର ପଢ଼ି ଦେଖିଥିଲି ତାହା, ମନେହେଉଥିଲା: ହଁ, ବେଶ୍ ଭଲ ତ" କିନ୍ତୁ ଯାହା ମୁଁ ଚାହିଁଥିଲି, ତାହା ହେଲା କୌଣସି ସଜୀବ ସଂସ୍ପର୍ଶ... ମୁଁ ଯାହା ଖୋଜୁଥିଲି, ବୁଝିଲ ତ', ତାହା କେବଳ ବହିପତ୍ର ମଧ୍ୟରେ ଖୋଜିଲେ ମିଳେନାହିଁ... ହଁ, "ଆର୍ଯ୍ୟ"ର ସଂଖ୍ୟାଟିରେ ଥିଲା "ଦିବ୍ୟ ଜୀବନ" ଗ୍ରନ୍ଥର ପ୍ରଥମ ଅଧ୍ୟାୟଗୁଡ଼ିକ–ଆଉ ଥିଲା "ଶାଶ୍ୱତ ପ୍ରଜ୍ଞା" ସଂକ୍ରାନ୍ତୀୟ ରଚନାଗୁଡ଼ିକ। ସେଗୁଡ଼ିକ ଦେଖିଥିଲି। ପ୍ରକୃତରେ ସେଗୁଡ଼ିକ ଚିତ୍ତାକର୍ଷକ! କିନ୍ତୁ ଅନ୍ୟସବୁ ବିଷୟ ଅପେକ୍ଷା ତାହା ମୋତେ ବେଶିକିଛି ସ୍ପର୍ଶ କରିନାହିଁ... ସେକଥା ତୁମ୍ଭମାନଙ୍କୁ ସ୍ପଷ୍ଟ କହିବାହିଁ ଭଲ।

ମୁଁ ଯେତେବେଳେ ଜାପାନରେ ଥିଲି... ଶ୍ରୀମା ଜାପାନ ଛାଡ଼ିବାର କିଛିଦିନ ପରେ ମୁଁ ସେଠାରେ ଯାଇ ପହଞ୍ଚିଲି; ଏଟା ହେଲା ୧୯୨୦ ସାଲର କଥା: ଶ୍ରୀମା କେତେମାସ ଆଗରୁ ସେ ଦେଶ ଛାଡ଼ି ଚାଲିଯାଇଥିଲେ। ମୋର ବନ୍ଧୁମାନଙ୍କଠାରୁ (ସେମାନଙ୍କ ମଧ୍ୟରୁ କେତେଜଣ ମା'ଙ୍କର ବନ୍ଧୁଥିଲେ) ତାଙ୍କର କଥା ଜାଣି ଶୁଣିଲି ସେଥିରେ ମୁଁ ଆକୃଷ୍ଟ ହୋଇପଡ଼ିଲି ବିଶେଷ ଭାବରେ। ଆଉ ଠିକ୍ କଲି ତାଙ୍କ ପାଖକୁ ଚିଠି ଦେବି। ଏ ଚିଠି ପଣ୍ଡିଚେରୀକୁ ଲେଖିଲି, କିନ୍ତୁ ଉତ୍ତର ମିଳିଲା ନାହିଁ (ହାସ୍ୟ); ନା, କୌଣସି ଦିନ ନୁହେଁ। ଦୁଇଖଣ୍ଡ ଚିଠି ଦେଲି, ଉତ୍ତର ନାହିଁ। ମୋର ମନେହୁଏ, ସେ ଯୁଗରେ ଚିଠିପତ୍ରର ଉତ୍ତର ଦେବା ଏତେ ବେଶି ପ୍ରଚଳନ ନ ଥିଲା; ବୋଧହୁଏ, ଆଶା କରେ, ଆଜିକାଲି ଉତ୍ତର ଆଗଠାରୁ ବେଶି ମିଳେ।

ଯାଉ ସେ କଥା। ମଙ୍ଗୋଲୀୟାରେ ଶୀତଟା କଟାଇବାର ପରେ ମୋର ସୁସ୍ପଷ୍ଟ ମନେହେଲା ଯେ ସେଠାରେ ମୋର ରହିବାର ପ୍ରୟୋଜନ ଶେଷ ହୋଇଛି; ବର୍ତ୍ତମାନ ମତେ ଯିବାକୁ ହେବ "ଅନ୍ୟ କେଉଁ ଆଡ଼କୁ" କିନ୍ତୁ କୁଆଡ଼େ ? ହଁ, ଭାରତବର୍ଷ। ଭାରତକୁ ଆସିବାର ସୁଲଗ୍ନ ମୋର ଜୀବନରେ ଉପସ୍ଥିତ ହେଲା। କିନ୍ତୁ କେଉଁ ସ୍ଥାନକୁ ? ତା' ତ ଜାଣେ ନାହିଁ। ଜାପାନରୁ ଯେତେବେଳେ ଫେରୁଛି, ସେତେବେଳେ ମୋତେ କୁଆଡକୁ ହେଲେ ଯିବାକୁ ହେବ। ଅତଏବ, ଅନ୍ୟମାନଙ୍କର ଅବଗତି ପାଇଁ–ମୋର ପରିବାରର ଲୋକଙ୍କୁ ଏବଂ ବନ୍ଧୁମାନଙ୍କୁ –ମୁଁ କହିଲି: "ଭାରତବର୍ଷ ଘୁରି ଇଉରୋପକୁ ଫେରୁଛି ମୁଁ।"

କିନ୍ତୁ ଅନ୍ତର ଭିତରେ ବେଶ୍ ଜାଣୁଥାଏ ଯେ ମୁଁ ଭାରତ ବର୍ଷରେ ରହିଯିବି। କିନ୍ତୁ ସେକଥା ତ ଲୋକମାନଙ୍କୁ କୁହାଯାଏ ନାହିଁ; ତାହାହେଲେ ପ୍ରଶ୍ନ ଉଠିବ: "ଭାରତର କେଉଁ ଆଡ଼କୁ ତୁମେ ଚାଲିଛ ?"–"ତାହା ତ ଜାଣେ ନାହିଁ ମୁଁ।" ବୁଝିପାରୁଥିବ ତୁମ୍ଭେମାନେ, ଏହିପରି କୌଣସି ସ୍ଥୂଳ ବାହ୍ୟ ନିଦର୍ଶନ ମୋ ପାଖରେ ନଥିଲା ଯାହା ଉପରେ ଭିତ୍ତି କରି ମୋର ଅନ୍ତରର ନିଶ୍ଚିତତାକୁ ଦୃଢ଼ କରାଇ ପାରିଥା'ନ୍ତି। କେବଳ ଜାଣିଥିଲି, "ଯାହା ମୁଁ ଖୋଜି ଚାଲିଛି ତାର ସନ୍ଧାନ ମିଳିବ ଭାରତବର୍ଷରେ କେବଳ।"

ତାପରେ ଆରମ୍ଭ ହେଲା ମୋର ନବଯାତ୍ରା–ଇନ୍ଦୋଚୀନରେ ମୋର ଭାଇ ଥିଲେ ବେତାର-ବ୍ୟବସ୍ଥାର ଇଞ୍ଜିନିୟର, ସେଠାରେ ଗୋଟିଏ ମାସ କଟାଇ ପହଞ୍ଚିଲି ଆସି ସିଂହଳ ଦେଶରେ; ଦକ୍ଷିଣ ଦିଗ ଦେଇ। ଆସିଲି ସିଂହଳକୁ, ସାମନାରେ ମୋର ଭାରତବର୍ଷ, ଭାରତପ୍ରବେଶର ଦ୍ୱାରଦେଶ।

କିନ୍ତୁ, କୁଆଡ଼େ ଚାଲିଛି ମୁଁ ?... ପଣ୍ଡିଚେରୀ ଯେତେବେଳେ ସବୁଠାରୁ ପାଖରେ, ତେବେ ପ୍ରଥମେ ସେଠାକୁ ଯାଏ। କିନ୍ତୁ ସେଠାରେ ଅଭ୍ୟର୍ଥନାର ଧରଣ କି ପ୍ରକାର ହେବ ବୁଝି ପାରୁନାହିଁ। ଦୁଇ-ଦୁଇଟା ଚିଠିର ଉତ୍ତର ତ' ମିଳିନାହିଁ। ତେବେ ମଧ ପଣ୍ଡିଚେରୀ ଯିବି, ଏଇଟା ସବୁଠାରୁ ପାଖରେ ଯେତେବେଳେ, ତାପରେ ? ଅନ୍ୟକଥା ପରେ ଦେଖାଯିବ। ହୁଏତ ଆଡ଼ିୟାରକୁ ଯାଇପାରେ, ତାହା ମଧ ବେଶୀ ଦୂର ନୁହେଁ... ଦେଖାଯିବ।

ମୋର ଅନ୍ତରର ଭାବ ଥିଲା ପ୍ରାୟ ଏହି ପ୍ରକାର: ଦେଖାଯିବ। ଦେଖାଯିବ କେତେବେଳେ କେଉଁ ଦରଜା ଖୋଲିଲା କି ନାହିଁ।

ସିଂହଳରେ ମୋତେ ପନ୍ଦରଦିନ ଅପେକ୍ଷା କରିବାକୁ ହେଲା, କାରଣ ବନ୍ୟାରେ ଦକ୍ଷିଣଭାରତର ରେଳପଥ ବନ୍ଦ ହୋଇଯାଇଥିଲା। ଆଜି ମଧ ଦେଖୁଛି ଏହି ପ୍ରକାର ପ୍ରାୟ ଘଟିଥାଏ। ଛାଡ଼, ରେଳରାସ୍ତା ଭାଙ୍ଗିଯିବାରୁ ତିନିସପ୍ତାହ ସିଂହଳରେ ରହିବାକୁ ପଡ଼ିଲା। ତାପରେ, ଏକ ସୁପ୍ରଭାତରେ ରେଳଗାଡ଼ିରେ ବସି ପଣ୍ଡିଚେରୀ ଆସିଲି। ଉଠିଲି ଗୋଟିଏ ହୋଟେଲ୍‌ରେ, ତାର ନାମ "Hotel d'Europe"। ସେଠାରେ ଆଉ କାଳ ବିଳମ୍ବ ନ କରି ଆଶ୍ରମ ଚାଲିଆସିଲି। ସେହି ସମୟରେ ଶ୍ରୀଅରବିନ୍ଦ ଥା'ନ୍ତି ସେହି ଘରେ ଯେଉଁ ଘରେ ଅନିଲବରଣ ପରେ ରହୁଥିଲେ। ତୁମ୍ଭେମାନେ ସେ ଘରଟି ଜାଣ।

ଖବର ପଠାଇଲି ମୁଁ ଶ୍ରୀଅରବିନ୍ଦଙ୍କର ଦର୍ଶନ ପାଇପାରେ କି ନାହିଁ।... ସେପର୍ଯ୍ୟନ୍ତ ଶ୍ରୀଅରବିନ୍ଦ ଶିଷ୍ୟମାନଙ୍କ ସହିତ ଦେଖାସାକ୍ଷାତ୍ କରୁଥିଲେ। ସେ ରାଜି ହେଲେ ଯେ ମୁଁ ତାଙ୍କର ସାକ୍ଷାତ୍ ପାଇପାରେ। ତାଙ୍କ ପାଖକୁ ଗଲି; ତାଙ୍କୁ ଜଣାଇଲି ମୋର କାହାଣୀ, କ'ଣ ମୋର ମନୋଭାବ, କ'ଣ ଖୋଜିବାକୁ ମୁଁ ବାହାରିଛି, ୟୁରୋପ ଛାଡ଼ିଲି କାହିଁକି, କାହିଁକି ବା ଆସିଲି ଭାରତବର୍ଷ ଏବଂ ମୋର ସେଠାରେ କ'ଣ ପ୍ରତ୍ୟାଶା।

ପ୍ରଥମ ଦିନ, ମୁଁ ତାଙ୍କୁ ମୋ କଥା ଜଣାଇଦେଲି। ସେ କେବଳ କହିଲେ ତା' ପରଦିନ ଆସି ଦେଖା କରିବା ପାଇଁ। ସନ୍ଧ୍ୟାରେ ଶ୍ରୀମା'ଙ୍କ ଦର୍ଶନ ପାଇଲି। ମା'ଙ୍କ ସମ୍ବନ୍ଧରେ ମନେଅଛି... ମନେଅଛି ବିଶେଷକରି ଆଖି ଦୁଇଟି ତାଙ୍କର ଆଲୋକରେ ପୂର୍ଣ୍ଣ। ତାଙ୍କ ପାଖରେ, ହୁଏତ ଟିକିଏ ସଂକ୍ଷେପରେ ନିବେଦନ କଲି ମୋର ଇତିହାସ। ସେ ମୋତେ ଗୋଟିଏ ଦୁଇଟି କଥା କହିଲେ, ତା'ପରେ ଫେରିଆସିଲି ମୋର ହୋଟେଲକୁ। ମନେଅଛି, ସମୁଦ୍ର ଧାର ରାସ୍ତାଦେଇ ବୁଲିବାକୁ ଯାଇ ଫେରୁଥିଲି, ଏହି ସମୟରେ କିଏ ଆସି ମୋତେ କହିଲେ: "ଶୁଣନ୍ତୁ ମହାଶୟ, ଏଠାରେ ଯେଉଁମାନେ ଅଛନ୍ତି ସେମାନେ ସମସ୍ତେ ସ୍ୱଦେଶୀ", ଅର୍ଥାତ୍ ସାଦା ପୋଷାକ ପିନ୍ଧା ଆଶ୍ରମର ବାସିନ୍ଦା ! ସେତେବେଳକା ଦିନରେ ଏମାନଙ୍କର ସଂଖ୍ୟା ବେଶି ନ ଥିଲା। କେତେଜଣ ହେବେ ? ଦଶ-ପନ୍ଦର ଜଣ ହୁଏତ !

ତା'ପରଦିନ ସକାଳେ ପୁନର୍ବାର ଗଲି ଆଶ୍ରମକୁ, ଶ୍ରୀଅରବିନ୍ଦ ମୋତେ ଦର୍ଶନ ଦେଲେ, ଏଥର ସେ କଥା କହିଲେ। କହିଲେ ଯେ ଯାହା ମୁଁ ଖୋଜୁଛି–କହିବା ବାହୁଲ୍ୟ, ମୋର ମୋକ୍ଷର ଆକାଂକ୍ଷା ତାଙ୍କୁ ଖୋଲି କହିଲି; କହିଥିଲି ମୁକ୍ତି ମୁଁ ଚାହେଁ, ଜନ୍ମଚକ୍ରଠାରୁ ଯେତେଟା ନୁହେଁ, ତେତେଟା ଅହଂଠାରୁ, ଅଜ୍ଞାନ ଓ କଳୁଷଠାରୁ, ଅନୃତଠାରୁ, ଯାହାକିଛି ମନୁଷ୍ୟର ଜୀବନକୁ ସାଧାରଣ ଗଣ୍ଡିରେ ବାନ୍ଧି ରଖିଥାଏ– ତା'ଠାରୁ; ହଁ, ମୋକ୍ଷହିଁ ଥିଲା ମୋର ଆଦର୍ଶ ଓ ଅଭୀଷ୍ଟ। ତେବେ ସେହି ଆଦର୍ଶ ସିଦ୍ଧିକୁ ମୁଁ ଅନ୍ୟ କୌଣସି ସ୍ୱର୍ଗରେ ସ୍ଥାପନ କରି ନାହିଁ। ବ୍ୟଥା-ବେଦନାକୁ ଏଡାଇଯିବା ବିଶେଷକରି ମୋର ଅଭୀଷ୍ଟ ନ ଥିଲା। ଯାହା ମୁଁ ଚାହିଁଥିଲି ତା'ହେଲା ଅଜ୍ଞାନ, ଅନୃତ ଓ କଳୁଷର ଗୁରୁଭାରଠାରୁ ମୁକ୍ତି। ଆଉ କେବଳ

ପରିହାର ନୁହେଁ; ଚାହିଁଥିଲି ଏପରି କିଛି ସିଦ୍ଧି ଯାହା ଏକମାତ୍ର ସାର୍ଥକ। ମୁଁ ଖୋଜୁଥିଲି ଆଲୋକ, କେବଳ ମାତ୍ର ବେଦନା ଓ ମିଥ୍ୟାର ନିରାକରଣ ନୁହେଁ, ପରନ୍ତୁ ଜ୍ୟୋତି, ପ୍ରଜ୍ଞା ଓ ପରମ ସତ୍ୟକୁ।

ଏହାପରେ ଶ୍ରୀଅରବିନ୍ଦ ମୋତେ କହିଲେ ଯେ ଯାହା ମୋର ଅଭୀଷ୍ଟ, ତା' ମୋତେ ଦେବାପାଇଁ ଲୋକ ଭାରତବର୍ଷରେ ନିଶ୍ଚୟ ଅଛନ୍ତି, କିନ୍ତୁ ସେମାନେ ସହଜରେ ଧରାଛୁଆଁ ଦେବା ଲୋକ ନୁହଁନ୍ତି, ବିଶେଷକରି ଜଣେ ୟୁରୋପୀୟଙ୍କ ସକାଶେ। ତା'ପରେ ଶ୍ରୀଅରବିନ୍ଦ କହିଲେ–ମୁଁ ଯାହା ଖୋଜୁଥିଲି, ଯେପରି ଭଗବତ୍ ମିଳନ ଓ ବ୍ରହ୍ମୋପଲବ୍ଧି, ତାକୁ ସେ ପ୍ରଥମ ପଦକ୍ଷେପ ବୋଲି ମନେକରନ୍ତି। ନିଶ୍ଚୟ ପ୍ରୟୋଜନୀୟ ପାବଚ୍ଛ, ସନ୍ଦେହ ନାହିଁ, କିନ୍ତୁ ତାହା ସବୁ ନୁହେଁ; ଏହା ପରେ ଅଛି ଦ୍ୱିତୀୟ... ଆଉ ତା'ର ଅନ୍ତରରେ ଦିବ୍ୟଶକ୍ତିର ଅବତରଣ। ଆଉ ଏହି ପ୍ରଚେଷ୍ଟାରେହିଁ ନିଜେ ଶ୍ରୀଅରବିନ୍ଦ ସେତେବେଳେ ନିୟୁକ୍ତ ଥିଲେ।

ତା'ପରେ ସେ ମୋତେ କହିଲେ: "ବର୍ତ୍ତମାନ ତୁମେ ଯଦି ଏ ଦିଗରେ ଚେଷ୍ଟା କରିବାକୁ ଚାହଁ ତେବେ ଏଠାରେ ରହିପାର।" ମୁଁ ତାଙ୍କ ଶ୍ରୀଚରଣରେ ଭୂମିଷ୍ଠହୋଇ ପ୍ରଣାମ କଲି। ସେ ମୋତେ ଆଶୀର୍ବାଦ କଲେ। ଏହିଠାରେହିଁ ଜିନିଷଟି ଶେଷ ହେଲା। ବୁଝିପାରୁଛ ତ', ମୋ ଜୀବନର ଗୋଟଏ ପୃଷ୍ଠା ଏକାବେଳକେ ଓଲଟି ଗଲା। ଖୋଜିବାର ଅଧ୍ୟାୟ... ଆଲୋକ ଉତ୍ସର ସନ୍ଧାନ, ମୋର ଯିଏ ପଥପ୍ରଦର୍ଶକ –ଯେ ମୋତେ ପରମସତ୍ୟ ଦିଗକୁ ନେଇ ଚାଲିବେ, ତା'ର ଅନୁସନ୍ଧାନ–ଏସବୁ ଏଥର ଶେଷ ହୋଇଗଲା। ଆରମ୍ଭ ହେଲା ଅନ୍ୟକିଛି... ଅର୍ଥାତ୍ ଉପଲବ୍ଧି, ଅର୍ଥାତ୍ ବାସ୍ତବରେ ରୂପାୟଣ। କିନ୍ତୁ ଏଥର ପାଇଛି ଶ୍ରୀଅରବିନ୍ଦଙ୍କୁ, ମୋର ଗୁରୁଙ୍କୁ ମୁଁ ପାଇଛି।

ଶୁଣିଲ ତ', କେଉଁ ପ୍ରକାରେ ଏଠାରେ ଆସି ପହଞ୍ଚିଲି।

ମୁଁ ତୁମ୍ଭମାନଙ୍କୁ କହିଛି–ଶ୍ରୀଅରବିନ୍ଦ ମୋତେ ଶିଷ୍ୟ ରୂପରେ ସ୍ୱୀକାର କରିନେଲେ। ସେତେବେଳ ପର୍ଯ୍ୟନ୍ତ ଆଶ୍ରମ ଗଢ଼ିଉଠିନି। ଆଶ୍ରମର ପ୍ରତିଷ୍ଠା ହେଲା ଆଉ ଏକ ବର୍ଷ ପରେ, ୧୯୨୬ ମସିହାରେ। ତା'ହେଲେ ବୁଝିପାରୁଛ, କି ପରମ ସୁବିଧା ଓ ସୁଯୋଗ ଆମ୍ଭମାନଙ୍କର ଥିଲା, ପ୍ରତିଦିନ ଶ୍ରୀଅରବିନ୍ଦଙ୍କୁ ଦର୍ଶନ କରିବାପାଇଁ, ତାଙ୍କର ବାଣୀ ଶୁଣିବାପାଇଁ ଆଉ ଆମ୍ଭମାନଙ୍କର ସର୍ବବିଧ ପ୍ରଶ୍ନର ଉତ୍ତର ଜାଣିବା ପାଇଁ। କିନ୍ତୁ ସେ ହେଲା ଆଉ କିଛି ଅଲଗା କଥା ଯାହା ସମ୍ବନ୍ଧରେ ଆଜି ତୁମ୍ଭମାନଙ୍କୁ କହିବି ନାହିଁ।... ହଁ, ଶେଷ କରିବା ଆଗରୁ ତୁମ୍ଭମାନଙ୍କୁ ଆଉ ଗୋଟିଏ କଥା ଯାହା ସମ୍ବନ୍ଧରେ ଆଜି ତୁମ୍ଭମାନଙ୍କୁ ଆଉ ଗୋଟିଏ କଥା ମୋର କହିବାର ଅଛି।... କ'ଣ ସେ କଥା ? ଏତେଦିନର ଅଭିଜ୍ଞତାର ଆଲୋକରେ ଯାହା ମୁଁ ଜାଣିଛି, ତା' ଯଦି ତୁମ୍ଭେମାନେ ଶୁଣିବାକୁ ଚାହଁ, ତା'ହେଲେ ମୁଁ କହିବି– ଯାହା ସବୁଠାରୁ ପ୍ରୟୋଜନ ତାହା ହେଲା ଯାହାକିଛି ତୁମ୍ଭେମାନେ କର ନା କାହିଁକି ତା' ମଧ୍ୟରେ ନିଜକୁ ସମ୍ପୂର୍ଣ୍ଣ ଭାବରେ ଢ଼ାଳିଦେବା। ଯାହା କରିବାକୁ ଚାହ ତା'କୁ ସର୍ବାଙ୍ଗୀନ ଭାବରେ କର, ଅଧା-ଖଣ୍ଡିଆ ଭାବରେ ନୁହେଁ। ଆଉ କହେ, କ୍ଷୁଦ୍ର ସହଜ ଜୀବନର ସନ୍ଧାନରେ ଛୁଟ ନାହିଁ, ଏପରି ଏକ ଜୀବନ ଯେଉଁଠାରେ କୌଣସି ବିପତ୍ତି ନାହିଁ, ନାହିଁ କୌଣସି ଝିନ୍‌ଝଟ୍, ନାହିଁ କୌଣସି ବୃହତ୍ କର୍ମର ଅବକାଶ। ଏହାର ବିଶେଷ ମୂଲ୍ୟ ନାହିଁ। ପ୍ରୟୋଜନ ଯାହା ତା' ହେଲା ଏପରି କିଛି କରିବ, ଯହିଁରେ ଥାଏ ତୁମ୍ଭମାନଙ୍କର ଯଥାର୍ଥ ଆନନ୍ଦ, ଯାହା ମଧ୍ୟରେ ନିଜକୁ ନିଃଶେଷରେ ଢ଼ାଳି ଦେଇପାରିବ। ଆଉ ଏ କାମ ଯଦି କରିପାର, ତେବେ ଜାଣିରଖ, ପଛରେ ଅଦୃଶ୍ୟ କର୍ଣ୍ଣଧାର ତୁମ୍ଭମାନଙ୍କ ଜୀବନତରୀକୁ ସବୁ ସମୟରେ ଧରିରଖିବେ। ଏ କଥା କାହିଁକି କହୁଛି ଜାଣ ? କାରଣ, ଆଜି ଯେତେବେଳେ ମୋର ବିଗତ ଜୀବନକୁ ଚାହିଁ ଦେଖେ, ସେତେବେଳେ ଦେଖିପାରେ, ଆରମ୍ଭରୁ, ଯାହାକିଛି ମୁଁ କରିଛି... ଭୁଲ୍‌ଭ୍ରାନ୍ତିର କଥା ମଧ୍ୟ ବାଦ୍ ଦେଉନାହିଁ, କାରଣ କେତେ ଭୁଲ୍ ତ' କରିଛି... କିନ୍ତୁ ସେସବୁର ପଛରେ ଥିଲା ଗୋଟିଏ ଅଦୃଶ୍ୟ ହସ୍ତ, ସେ ହସ୍ତ ଅଭୟାର, ସେ ହସ୍ତ ପଥପ୍ରଦର୍ଶକ ହୋଇ ମୋତେ ଚଳେଇ ନେଇଆସିଛି। ଆଉ, ଗଭୀରଭାବେ ଅନେଇ ଦେଖିଲେ ଦେଖିବାକୁ ପାଏ, ଯାହାକିଛି ଜୀବନରେ କରିଛି, ମୋର ସବୁକିଛି ଅଭିଜ୍ଞତାହିଁ (ସେଗୁଡ଼ିକର ନ୍ୟାୟତା ପ୍ରମାଣ କରିବାକୁ, ଏ କଥା କହୁ ନାହିଁ।) –ସେଥିରେ କୌଣସିଟି ଥିଲା ନାହିଁ ଅସାର୍ଥକ ସବୁକିଛିରେ ଥିଲା ଅର୍ଥ। ଆଉ ଅବଶେଷରେ ଯେଉଁଠାରେ ମୋର ପହଞ୍ଚିବାର କଥା ସେହିଠାରେ ଆସି ପହଞ୍ଚିଲି। ମୋର କଥାଟି ତେବେ ସରିଲା।

ଧନ୍ୟବାଦ।

*(ଅନୁବାଦ: ନୀଳିମା ଦାସ)*

# ଶ୍ରୀମା'ଙ୍କର୍ ଆଧାତ୍ମିକ ବ୍ରତ

**ଶ୍ରୀ ମାଧବ ପଣ୍ଡିତ**

ଶ୍ରୀମା'ଙ୍କୁ ଥରେ ପଚରା ଯାଇଥିଲା ସେ କେବେ ଓ କିପରି ତାଙ୍କର ଜୀବନର ବ୍ରତ (mission) ବିଷୟରେ ସଚେତ ହେଲେ । କେବେ ଓ କିପରି ଶ୍ରୀଅରବିନ୍ଦଙ୍କ ସହ ତାଙ୍କର ସାକ୍ଷାତ ଘଟିଥିଲା । ଏହି ପ୍ରଶ୍ନର ଉତ୍ତର ତାଙ୍କ ନିଜ ଭାଷାରେ ଦିଆଯାଉଛି ।

"ଜୀବନର ଉଦ୍ଦେଶ୍ୟ ବିଷୟରେ କେବେ ଯେ ମୋର ଜ୍ଞାନ ହେଲା, ସେକଥା କହିବା କଠିନ ହେବ । ଏହି ଭାବକୁ ସଙ୍ଗରେ ଧରି ବୋଧହୁଏ ମୁଁ ଜନ୍ମଗ୍ରହଣ କରିଥିଲି ଏବଂ ମନ ଓ ମସ୍ତିଷ୍କର ସମୃଦ୍ଧି ସଙ୍ଗେ ସଙ୍ଗେ ଏହି ଚେତନାର ଯଥାଯଥତା ଓ ସମ୍ପୂର୍ଣ୍ଣତା ମଧ୍ୟ ବଢ଼ିବାକୁ ଲାଗିଲା ।

୧୧ବର୍ଷଠାରୁ ୧୩ ବର୍ଷ ବୟସ ମଧ୍ୟରେ ମୋର ଅନେକ ଚୈତ୍ୟିକ ଓ ଆଧାତ୍ମିକ ଉପଲବ୍ଧି ହୋଇଥିଲା, ତାହା ନୁହେଁ; ମଣିଷ ପକ୍ଷରେ ତାଙ୍କୁ ଦର୍ଶନ କରିବାର କିମ୍ବା ତାଙ୍କୁ ଚେତନାରେ ତଥା କାର୍ଯ୍ୟରେ ସମଗ୍ର ଭାବରେ ପ୍ରକାଶ କରିବାର, ପୃଥିବୀ ପୃଷ୍ଠରେ ଦିବ୍ୟଜୀବନ ମଧ୍ୟରେ ତାଙ୍କୁ ଅଭିବ୍ୟକ୍ତ କରିବାର ସମ୍ଭାବନା ଅଛି ବୋଲି ମଧ୍ୟ ମୋର ଉପଲବ୍ଧି ହୋଇଥିଲା । ଏସବୁ ସହିତ, କାର୍ଯ୍ୟକ୍ଷେତ୍ରରେ କେଉଁ କେଉଁ ଶୃଙ୍ଖଳା ଏହାକୁ ସଫଳକାମ କରିପାରିବ, ସେଗୁଡ଼ିକର କଥା ମଧ୍ୟ ମୋତେ ନିଦ୍ରିତ ଅବସ୍ଥାରେ କେତେଜଣ ଆଧାତ୍ମିକ ଗୁରୁଙ୍କ ଦ୍ୱାରା ଶିକ୍ଷା ଦିଆଯାଇଥିଲା । ପରବର୍ତ୍ତୀ କାଳରେ ସେହି ଗୁରୁମାନଙ୍କ ମଧ୍ୟରୁ ଅନେକଙ୍କୁ ମୁଁ ପୃଥିବୀପୃଷ୍ଠରେ ସାକ୍ଷାତ କରିଛି । ପରେ ବାହ୍ୟ ତଥା ଆନ୍ତର ବିକାଶର ଅଗ୍ରଗତି ସଙ୍ଗେ ସଙ୍ଗେ ଏମାନଙ୍କ ମଧ୍ୟରୁ ଜଣଙ୍କ ସହିତ ମୋର ଅଧ୍ୟାତ୍ମ ଓ ବ୍ୟାବାହାରିକ ସମ୍ବନ୍ଧ ଅଧିକରୁ ଅଧିକ ସ୍ପଷ୍ଟ ଓ ସାରଗର୍ଭ ହୋଇଥିଲା ଏବଂ ଯଦିବା ଭାରତୀୟ ଦର୍ଶନ ଓ ଧର୍ମ ସମ୍ପର୍କରେ ମୋର ଜ୍ଞାନ ଅତି ସାମାନ୍ୟ ଥିଲା, ତେବେ ବି ମୁଁ ତାଙ୍କୁ 'କୃଷ୍ଣ' ଆଖ୍ୟା ଦେଇଥିଲି ଏବଂ ସେହି ସମୟରୁ ମୁଁ ଏ ବିଷୟରେ ନିଶ୍ଚିତ ଥିଲି ଯେ (ଦିନେ ଅବଶ୍ୟ ତାଙ୍କ ସହିତ ମୋର ଚାକ୍ଷୁଷ ପରିଚୟ ହେବ) ତାଙ୍କ ସହଯୋଗରେ ମୋତେ ମୋର ଭଗବତ୍ ନିର୍ଦ୍ଧାରିତ କର୍ମ କରିବାକୁ ହେବ ।...

ଶ୍ରୀଅରବିନ୍ଦଙ୍କୁ ଦେଖିବା ମାତ୍ରେ ସେ ମୋର ସେହି ଅତି ପରିଚିତ ବ୍ୟକ୍ତି–ଯାହାଙ୍କୁ ମୁଁ କୃଷ୍ଣ ନାମରେ ଡାକୁଥିଲି– ବୋଲି ଜାଣିପାରିଲି... ଏବଂ ଭାରତ ବର୍ଷରେ ତାଙ୍କରି ସମୀପରେ ମୋର ସ୍ଥାନ ଓ ମୋର କର୍ମ ସମ୍ପର୍କରେ ମୁଁ ଦୃଢ଼ନିଶ୍ଚିତ ହେବାର କାରଣ ଏହା ଦ୍ୱାରା ଯଥେଷ୍ଟ ପରିଷ୍କାର ହୋଇଗଲା ।"

ଶ୍ରୀମା ୧୯୧୪ ମସିହାରେ ଭାରତକୁ ଆସିଥିଲେ । 'ଆର୍ଯ୍ୟ'ପତ୍ରିକାର ପ୍ରକାଶନ କାର୍ଯ୍ୟ ଆରମ୍ଭ କରିବାରେ ଶ୍ରୀଅରବିନ୍ଦଙ୍କ ସହ ସହଯୋଗ କରିଥିଲେ । ସେହି ପତ୍ରିକା ଦିବ୍ୟଜୀବନର ଏବଂ ଯେଉଁ ଆତ୍ମପରିପୂର୍ଣ୍ଣତାର ଯୋଗ ମାଧ୍ୟମରେ ସେହି ଜୀବନକୁ ଗଢ଼ିତୋଳିବାକୁ ହେବ, ତାହାର ବାଣୀ ଶୁଣାଇଥିଲା । ସମାଜର ପରିପୂର୍ଣ୍ଣତା, ମାନବସମୂହର ଐକ୍ୟ ମଧ୍ୟ ଏହି ଆଦର୍ଶର ଅନ୍ତର୍ଗତ ଥିଲା । ପ୍ରଥମ ମହାସମର ଆରମ୍ଭ ହୋଇ ଯିବାରୁ ମା'ଙ୍କୁ ଫେରିବାକୁ ହୋଇଥିଲା, ମାତ୍ର ସେ ପୁନରାୟ ୧୯୨୦ରେ ଫେରିଆସିଲେ ଓ ସେହିଦିନଠାରୁ ସେ ତାଙ୍କ ଦିବ୍ୟ ଦାୟିତ୍ୱର କର୍ମ ସମ୍ପାଦନ କରି ଆସିଛନ୍ତି, ଯନ୍ତ୍ରଣାକ୍ଲିଷ୍ଟମାନଙ୍କୁ ସେ ସାନ୍ତ୍ୱନା ଓ ଆଶ୍ରୟ ଆଣି ଦେଇଛନ୍ତି, ଦିବ୍ୟତର ଓ ଉଚ୍ଚତର ଜୀବନ ଯାପନ ନିମନ୍ତେ ଆସ୍ପୃହାର ତରୁ ସେ ସମସ୍ତଙ୍କ ହୃଦୟରେ ରୋପଣ କରିଛନ୍ତି । ସତ୍ୟ, ପ୍ରେମ ଓ ସାମଞ୍ଜସ୍ୟର ପଥରେ ଯେଉଁମାନେ ଆପଣାକୁ ପରିପୂର୍ଣ୍ଣ କରିବାର ସୁଯୋଗ ଅନୁସନ୍ଧାନ କରନ୍ତି, ସେମାନଙ୍କୁ ଗ୍ରହଣ କରିଛନ୍ତି ଓ ସାହାଯ୍ୟ କରି ଆସିଛନ୍ତି ।

ଦିବ୍ୟଜୀବନର ସାଧନା କରିବା ଓ ସେହି ଦିଗରେ ଅଗ୍ରସର ହେବା ଲାଗି ଏବଂ ଦିବ୍ୟ ଅଭିବ୍ୟକ୍ତିର କେନ୍ଦ୍ରସ୍ଥଳୀରୂପେ ପ୍ରସ୍ତୁତ ହେବା ଲାଗି ଶ୍ରୀମା'ଙ୍କ ନିର୍ଦ୍ଦେଶରେ ସଙ୍ଗଠିତ ହୋଇଥିବା ଏହି ଆଶ୍ରମ ଅତୁଳନୀୟ । ଏହି ସଂଘବଦ୍ଧ ଅନୁଷ୍ଠାନର ଉତ୍ସ କଥା କହିବାକୁ ଯାଇ ସେ ଥରେ ଅତୀତର ସ୍ମୃତିଚାରଣ କରି ଯାହା କହିଥିଲେ, ତାହା ଏଠାରେ ମୁଁ ଲିପିବଦ୍ଧ କରୁଅଛି–

"ମୋର ଏହି ସ୍ଥୂଳ ଅସ୍ତିତ୍ୱର ପ୍ରାରମ୍ଭ ଅବସ୍ଥାରେ ଏପରି କେତେ ଲୋକଙ୍କ ସଂସ୍ପର୍ଶରେ ମୁଁ ଆସିଛି, ଯେଉଁମାନଙ୍କର ପ୍ରଭୁତ ଆସ୍ପୃହା ଥିଲା ଓ ଗଭୀରତର ଓ ସତ୍ୟତର କିଛି ଆଦର୍ଶ ପ୍ରତି ମଧ୍ୟ ସେମାନଙ୍କର ଆଗ୍ରହ ଥିଲା ବୋଲି ସେମାନେ କହୁଥିଲେ, ମାତ୍ର ସେମାନେ ନିଜ ନିଜର ଜୀବିକାର୍ଜନର ନିଷ୍ଠୁର ପ୍ରୟୋଜନର ବଶୀଭୂତ, ଶୃଙ୍ଖଳାବଦ୍ଧ ଓ ଦାସତ୍ୱାଧୀନ ହୋଇ ରହିଗଲେ ଏବଂ ସେମାନେ କର୍ତ୍ତବ୍ୟବୋଧର ଭାରରେ ଏପରି ଭାରାକ୍ରାନ୍ତ ହୋଇଥିଲେ ତଥା ଏହାରି ପଛରେ ସମୟ ଓ ସାମର୍ଥ୍ୟର ଅଧିକାଂଶ ଭାଗ ବ୍ୟୟିତ କରୁଥିଲେ ଯେ ଆନ୍ତର ତଥା ବାହ୍ୟିକ ଅନ୍ୟ କୌଣସି କାମ ପାଇଁ ସେମାନେ ସୁଯୋଗ ପାଉ ନଥିଲେ । ଏହି ଅଭିଯୋଗ ବହୁବାର ମୁଁ ଶୁଣିବାକୁ ପାଉଥିଲି ।

" ସେ ସମୟରେ ମୁଁ ଖୁବ୍ ଛୋଟ ଥିଲି ଏବଂ ନିଜକୁ ପ୍ରାୟ ସବୁବେଳେ କହୁଥିଲି ଯଦି କେବେ କିଛି କଲାଭଳି କାମ କରିପାରିବି, ତେବେ ଏପରି ଗୋଟିଏ ଛୋଟିଆ ଜଗତ ତିଆରି କରିବି, ଗୋଟିଏ ଟିକି ଜଗତ– ଏତେ ଟିକିଏ ଜଗତ ଗଢ଼ିବି, ଯେଉଁଠି ଲୋକେ ଖାଦ୍ୟ, ବାସସ୍ଥାନ ବା ପରିଚ୍ଛଦ ଏବଂ ଜୀବନର ନାନାଦି ଭାରପ୍ରଦ ପ୍ରୟୋଜନୀୟତାରୁ ମୁକ୍ତ ହୋଇ ବଞ୍ଚି ରହିବେ ଏବଂ ବାହ୍ୟ ସ୍ଥୂଳ ଜୀବନ ବିଷୟରେ ନିଶ୍ଚିନ୍ତ ହୋଇ ସେମାନଙ୍କର ସକଳ ଶକ୍ତି ମୁକ୍ତିଲାଭ କରି ଦିବ୍ୟଜୀବନ ଓ ଆନ୍ତର ଉପଲବ୍ଧି ଦିଗରେ ନିଯୁକ୍ତ ହେବ। ମୋ ଜୀବନର ପ୍ରାୟ ଅଧାଅଧି ବେଳକୁ, ହଁ, ଯାହାକୁ ସାଧାରଣତଃ ମଣିଷ ଜୀବନର ମଧ୍ୟାହ୍ନ କୁହାଯାଏ, ସେତିକିବେଳେ ମୋତେ ଉପକରଣ ସବୁ ଯୋଗାଇ ଦିଆଗଲା ଯାହାଦ୍ୱାରା ଏହିପରି ଜୀବନଧାରଣ ସକାଶେ ପରିବେଶ ସୃଷ୍ଟି ହୋଇପାରିଲା।"

ଶ୍ରୀମା'ଙ୍କ ଦ୍ୱାରା ସଙ୍ଗଠିତ ଏହି ଶ୍ରୀଅରବିନ୍ଦ ଆଶ୍ରମ ସେହି ଉଦ୍ଦେଶ୍ୟ ନେଇ ଗଢ଼ାଯାଇଥିଲା, ଯେଉଁଠାରେ ଦେଢ଼ ସହସ୍ର ଅନ୍ୱେଷୁ ସାଧକ ଅଜ୍ଞାନ, ସୀମାବଦ୍ଧତା ଓ ଯନ୍ତ୍ରଣା ଦ୍ୱାରା କ୍ଳିଷ୍ଟ ସାଧାରଣ ମନୁଷ୍ୟ ଜୀବନରୁ ଆଗେଇ ଯାଇ ଜ୍ଞାନ, ମୁକ୍ତି ଓ ଆନନ୍ଦର ଜୀବନ ମଧ୍ୟକୁ ପ୍ରବେଶ କରିବେ। ସେ ଯେଉଁଭଳି ଜୀବନ ରୂପଦେବାକୁ ପ୍ରସ୍ତାବ ଦେଇଛନ୍ତି ତାହା ଚତୁର୍ବିଧ ପରିପୂର୍ଣ୍ଣତାର ଶୃଙ୍ଖଳିତ ହେବ– ବାହ୍ୟ ଭୌତିକ ଶୃଙ୍ଖଳାରେ ସୌନ୍ଦର୍ଯ୍ୟ ଓ ସମନ୍ୱୟ, ସ୍ଥୂଳ ଭୌତିକ ବସ୍ତୁରେ ଜୀବନ୍ତ ଚେତନାବୋଧ ଏବଂ ସେଗୁଡ଼ିକୁ ଯତ୍‌ପରୋନାସ୍ତି ଯତ୍ନ ଦେଇ ସମୃଦ୍ଧ କରିବା; ସଙ୍କଳ୍ପ ଶକ୍ତି ଓ ଆପଣାର ସାମର୍ଥ୍ୟକୁ ଦିବ୍ୟ ପ୍ରଭୁଙ୍କ ଆଡ଼କୁ ଏକମୁଖୀ କରିବା ଦ୍ୱାରା ସେଗୁଡ଼ିକର ପରିପୂର୍ଣ୍ଣ ବିକାଶ ସାଧନ କରିବା; ଜ୍ଞାନ ଆହରଣର ସହଜସାମର୍ଥ୍ୟକୁ ବଢ଼ାଇବା ଏବଂ ମାନସ -ସ୍ତରର ଉର୍ଦ୍ଧ୍ୱରେ ଥିବା ସ୍ତରଗୁଡ଼ିକୁ ଉନ୍ମୁକ୍ତ କରି ସତ୍ୟ- ଚେତନା ଆଡ଼କୁ ଆଗେଇ ନେବା; ହୃଦୟସ୍ଥିତ ପ୍ରେମର କେନ୍ଦ୍ରବିନ୍ଦୁଟିକୁ ସଚଳତାରେ ସ୍ପନ୍ଦିତ କରିବା। –ଏହି ଚାରିଗୋଟି ବିଭବର ମଧ୍ୟଦେଇ ଆମର ଜୀବନ ରୂପାୟିତ ହେବ।

ଜୀବନର ଦାୟିତ୍ୱକୁ ସମଗ୍ର ଭାବରେ ଗ୍ରହଣ କରି ଆଧ୍ୟାତ୍ମିକ ସମାଜ ଯେଉଁ ପରୀକ୍ଷା ନିରୀକ୍ଷା ଆଦିର ବୃହତ୍ତର ଯୋଜନା ପାଇଁ ପ୍ରସ୍ତୁତ ହେଉଛି, ତାହା ବର୍ତ୍ତମାନ ଅରୋଭିଲ୍‌ରେ ପ୍ରସାର ଲାଭ କରୁଛି। ବିଭିନ୍ନ ଦେଶର ଅସଂଖ୍ୟ ଭକ୍ତ ଓ ଶିଷ୍ୟ ବ୍ୟକ୍ତିଗତ ଭାବରେ ଶ୍ରୀମା'ଙ୍କଠାରୁ ତଥା ତାଙ୍କ ପ୍ରଦତ୍ତ ଶିକ୍ଷା ଓ ଅନୁଶୀଳନ ମଧ୍ୟରୁ ନିଜ ନିଜ ଜୀବନକୁ ପଥ ଦେଖାଇବା ଭଳି ନୂତନ ଆଲୋକ ଲାଭ କରିଛନ୍ତି। ତାଙ୍କର ପଥହିଁ ଜ୍ୟୋତିର୍ମୟୀ ପରମାପ୍ରକୃତିର ପଥ। ଜୀବନର ପ୍ରତିଟି ବିଭାଗରେ ସ୍ୱାଧୀନଚାରଣା ଉପରେ ସେ ଜୋର୍ ଦିଅନ୍ତି, ନର ଓ ନାରୀ ଉଭୟଙ୍କୁ ସେ ସମାନ ଦୃଷ୍ଟିରେ ଗ୍ରହଣ କରନ୍ତି, କାରଣ ଏକହିଁ ଦିବ୍ୟ ଆତ୍ମା ଉଭୟଙ୍କ ମଧ୍ୟରେ ବିରାଜିତ ରହିଛି। ଶିକ୍ଷାକ୍ଷେତ୍ରରେ ତାଙ୍କର ପ୍ରଦର୍ଶିତ ଧାରାକୁ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର ଅନୁସରଣ କରୁଅଛି; ଭାରତବର୍ଷରେ ଆଉ କେତେକ ସ୍ଥାନରେ ମଧ୍ୟ ସେହି ଧାରା ଅନୁସୃତ ହେଉଅଛି। ବାଳକବାଳିକାମାନଙ୍କୁ ପୂର୍ଣ୍ଣ ସ୍ୱାଧୀନତା ଦେବା, ବାହାରୁ ସେମାନଙ୍କ ଉପରେ କୌଣସି ପ୍ରକାର ଜୋର୍ ଜବରଦସ୍ତିକୁ ଲଦି ଦେବାକୁ ପ୍ରତିରୋଧ କରିବା, ଆତ୍ମ-ଶିକ୍ଷଣ ଓ ସ୍ୱତଃସ୍ଫୂର୍ତ୍ତ ଉନ୍ନତି ଦିଗରେ ପିଲାଙ୍କୁ ପ୍ରୋତ୍ସାହ ଦେବା ଆଦି ସେହି ଶିକ୍ଷାପଦ୍ଧତିର କେତେକ ଦିଗ ବୋଲି କହିବାକୁ ହେବ।

ମନୁଷ୍ୟଜାତି ପାଇଁ ଏକ ନବଜୀବନର ଆଗମନ ଉଦ୍ଦେଶ୍ୟରେ ଶ୍ରୀଅରବିନ୍ଦଙ୍କ ସହିତ ଶ୍ରୀମା କାର୍ଯ୍ୟରତ ରହିଥିଲେ। ମଣିଷ ବର୍ତ୍ତମାନ ଯେଉଁ ମାନସ ଚେତନାରେ ନିବାସ କରୁଛି, ତାହାଠାରୁ ଆଉ ଏକ ଉଚ୍ଚତର ଚେତନାକୁ ମଣିଷ ମଧ୍ୟରେ ବିକଶିତ କରାଇବା ଦ୍ୱାରାହିଁ କେବଳ ସେହି ନବଜୀବନ ସମ୍ଭବ ହେବ। ମାନବ-ବିବର୍ତ୍ତନ ଧାରାରେ ଏହା ପରବର୍ତ୍ତୀ ପାବଚ୍ଛ ଏବଂ ମା' ଏହି ସତ୍ୟଚେତନାକୁ ଆପଣା ସତ୍ତା ମଧ୍ୟରେ ସଫଳ ରୂପେ ତଥା ପୂର୍ଣ୍ଣରୂପେ ଧାରଣ କରି ଅନ୍ୟମାନଙ୍କ ପାଇଁ ଏହାର ସମ୍ଭାବନାର ପଥ ପ୍ରସ୍ତୁତ କରିଦେଲେ। ତାଙ୍କ ଭିତରେ ମାନବପ୍ରକୃତିରେ ରୂପାନ୍ତରିତ ହେବାର କ୍ରିୟା ନିରନ୍ତର ନିୟନ୍ତ୍ରିତ ହେଉଛି ଏବଂ ଯେଉଁମାନେ ଭାଗବତ ଅଭିବ୍ୟକ୍ତିର ସତ୍ୟ ପ୍ରତି ଉନ୍ମୁକ୍ତ ସେମାନଙ୍କ ଭିତରେ ବି ଏହି କାର୍ଯ୍ୟ ଅପ୍ରତିହତ ଭାବରେ ସମ୍ପନ୍ନ ହେଉଛି।

ମାନବସତ୍ତା ନିମନ୍ତେ ପାର୍ଥିବ ବାତାବରଣକୁ ରୂପାନ୍ତରିତ କରିବାର ଅନୁକୂଳ ପରିସ୍ଥିତି ପାଇଁ ଅନ୍ତହୀନ ଧୈର୍ଯ୍ୟ, ଅପରିସୀମ ଆଶା ତଥା ଅକ୍ଳାନ୍ତ ପରିଶ୍ରମ ଦେଇ ନିଜ ଜୀବନଟିକୁ ଉତ୍ସର୍ଗ କରିଛନ୍ତି। ବିଶ୍ୱସମସ୍ୟାର ଯାବତୀୟ ଭାରକୁ ସେ ନିଜ ହାତରେ ନେଇ ତାହାର ମୂଳଉତ୍ସ ନିକଟରୁ ହିଁ ତାହାକୁ ନିୟନ୍ତ୍ରଣ କରୁଛନ୍ତି। ଶ୍ରୀଅରବିନ୍ଦ ତାଙ୍କ ବିଷୟରେ ପଚାଶ ବର୍ଷ ପୂର୍ବେ ଯାହା କହିଥିଲେ, ଯେଉଁମାନେ ଶ୍ରୀମା'ଙ୍କର ଭାସ୍ୱର ପ୍ରଭାବର ଅଧୀନରେ ଜୀବନ ବିତାଇବାର ସୁଯୋଗ ପାଇଛନ୍ତି, ସେମାନେ ତାଙ୍କର ସେହି କଥା କେତେଦୂର ସତ୍ୟ, ତାହା ଅନୁଭବ କରିଛନ୍ତି:

"ବିଶ୍ୱର ଯାବତୀୟ କିଛିର ଉର୍ଦ୍ଧ୍ୱରେ ସେ, ବିଶ୍ୱର କୌଣସି କିଛି ଦ୍ୱାରା ସେ ସୀମାବଦ୍ଧ ନୁହନ୍ତି, କାହାରି ସହିତ ସଂଶ୍ଳିଷ୍ଟ ନୁହନ୍ତି, ଅଥଚ ବିଶ୍ୱଜନନୀଙ୍କର ହୃଦୟ ତାଙ୍କରିଠାରେ ରହିଛି। କାରଣ ତାଙ୍କର କରୁଣା ଅଫୁରନ୍ତ ଓ ଅଶେଷ।... ମାତ୍ର ତାଙ୍କର କରୁଣା ତାଙ୍କ ଜ୍ଞାନକୁ ଅନ୍ଧପ୍ରବେଗ ଦ୍ୱାରା ଚାଳିତ କରେ ନାହିଁ ବା ଯାହା ନିର୍ଦ୍ଧାରିତ, ସେ ପଥରୁ ତାଙ୍କ କର୍ମକୁ ଅପସୃତ କରାଇ ନିଏ ନାହିଁ। କାରଣ ବସ୍ତୁସମୂହର ସତ୍ୟସ୍ୱରୂପ ସହିତ ସେ ଏକାନ୍ତଭାବେ ସମ୍ପୃକ୍ତ, ଜ୍ଞାନହିଁ ତାଙ୍କର ସକଳ ଶକ୍ତିର କେନ୍ଦ୍ର ଏବଂ ଦିବ୍ୟ ପରମ ସତ୍ୟର ରୂପରେ ଆମ ଆତ୍ମା ଓ ପ୍ରକୃତିକୁ ଗଠନ କରିବାହିଁ ତାଙ୍କର ବ୍ରତ ଓ ତାଙ୍କର କର୍ମ।"

ଅନୁବାଦ: କୃଷ୍ଣା ଦେବୀ

# ମାନବଜାତି ପାଇଁ ଶ୍ରୀଅରବିନ୍ଦ ଆଶ୍ରମ କ'ଣ କରୁଛି

ଶ୍ରୀ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ

ଅନେକ ହିଁ ଜାଣିବାକୁ ଚାହାନ୍ତି ଶ୍ରୀଅରବିନ୍ଦ ଆଶ୍ରମ ସାଧାରଣ ମାନବଜାତି ସକାଶେ କ'ଣ କରୁଛି ? ଏ ସମ୍ବନ୍ଧରେ ମୋର ବକ୍ତବ୍ୟ ଏଠାରେ ପ୍ରକାଶ କରୁଅଛି।

**ପରୋକ୍ଷ କାର୍ଯ୍ୟ**

(କ) ଯେଉଁମାନଙ୍କର ଏକ ଉନ୍ନତତର ଜୀବନ ପାଇଁ ଆସ୍ପୃହା ରହିଛି, ଏଇ ଆଶ୍ରମ ସେମାନଙ୍କୁ ଦିଏ ଏକ ଅନନ୍ୟ ସୁଯୋଗ ଓ ସୁବିଧା। ଜୀବନ୍ତ, ସକ୍ରୀୟ ଏକ ପରିବେଶ, ଆଧ୍ୟାତ୍ମିକ ବିକାଶ ପକ୍ଷରେ ଯାହା ଏକାନ୍ତ ସହାୟ। ସେମାନେ ଲାଭ କରନ୍ତି ଶ୍ରୀମାଶ୍ରୀଅରବିନ୍ଦଙ୍କର ପ୍ରତ୍ୟକ୍ଷ ନିର୍ଦ୍ଦେଶ ଏବଂ ଏଇ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ବାସ କରି, ସେମାନଙ୍କର ଅନ୍ତରର ଭାଗବତ ପୁରୁଷଙ୍କର ସତ୍ୟକୁ ଅବଲମ୍ବନ କରି, ସେମାନେ ନିଜ ନିଜକୁ ସାର୍ଥକଭାବେ ଗଢ଼ିତୋଳି ପାରନ୍ତି।

ଖ) ଶ୍ରୀମା ଶ୍ରୀଅରବିନ୍ଦ ଓ ତାଙ୍କର ଶିଷ୍ୟମାନଙ୍କ ଲିଖିତ ବହୁଳ ରଚନାସମ୍ଭାର ପ୍ରକାଶିତ ଓ ପ୍ରଚାରିତ ହୁଏ ଏବଂ ତାହା ସମଗ୍ର ପୃଥିବୀରେ ପରିବ୍ୟାପ୍ତ ହୋଇଯାଏ। ସେହିସବୁ ଶକ୍ତିଶାଳୀ ରଚନା ମାଧ୍ୟମରେ ମନୁଷ୍ୟର ମନୋରାଜ୍ୟର ଦିଗନ୍ତ ପ୍ରସାରିତ ହୋଇଯାଏ। ଜୀର୍ଣ୍ଣ ଅତୀତର ଯାବତୀୟ ବିଶ୍ୱାସ ଓ ସଂସ୍କାରକୁ ସମୂଳେ ଉତ୍ପାଟିତ କରି ଏହିସବୁ ରଚନା ଏକ ଜ୍ୟୋତିର୍ମୟ ଭବିଷ୍ୟତ୍‌ର ବୀଜ ବପନ କରେ।

ଗ) ହଜାର ହଜାର ଦର୍ଶନାର୍ଥୀ ଆଶ୍ରମ ପରିଦର୍ଶନରେ ଆସନ୍ତି। ସେମାନେ ଫେରିଯିବାବେଳେ ଏକ ଜୀବନ୍ତ ପ୍ରେରଣାରେ ଅଭିଭୂତ ହୋଇ ସଙ୍ଗରେ ନେଇଯାଆନ୍ତି ଏକ ଆଶ୍ରମ-ଜୀବନର ସଜୀବ ଉଦ୍ଦୀପନା, ଏଠାକାର ସମବେତ ସାଧନାର ବିଦ୍ୟୁତ୍‌ସ୍ପନ୍ଦନ। ସେମାନଙ୍କର ଅନ୍ତରରେ ଜାଗିଉଠେ ଏକ ଉଚ୍ଚତର ଜ୍ଞାନ, ଶକ୍ତି ଓ ସୌନ୍ଦର୍ଯ୍ୟର ଆକର୍ଷଣ।

ଘ) ଜଗତ୍‌ବ୍ୟାପୀ ଶ୍ରୀମା ଶ୍ରୀଅରବିନ୍ଦଙ୍କର ବହୁ ଶିଷ୍ୟ ଓ ଅନୁଗାମୀ, ଯେଉଁମାନେ ଆଶ୍ରମର ବାହାରେ ରହି ନିଜକୁ ସଙ୍ଗଠିତ କରି ପ୍ରତିଷ୍ଠା କରିଛନ୍ତି ଗୋଟିଏ ଗୋଟିଏ ଗୋଷ୍ଠୀ ବା କେନ୍ଦ୍ର, ନିଜସ୍ୱ ପରିବେଶରେ ବିଭିନ୍ନ ସ୍ତରର ମନୁଷ୍ୟମାନଙ୍କ ମଧ୍ୟରେ ସେମାନେ ସଞ୍ଚାରିତ କରନ୍ତି ଏଇ ପ୍ରେରଣା ଓ ଉଦ୍ଦୀପନାର ଆଲୋକ।

ଙ) ପଣ୍ଡିଚେରୀର ସାଧାରଣ ଲୋକମାନଙ୍କ ପାଇଁ ମଧ୍ୟ ଆଶ୍ରମ ନାନା ପ୍ରକାର କାର୍ଯ୍ୟ ମାଧ୍ୟମରେ ଆର୍ଥିକ ସୁବିଧା-ସୁଯୋଗର ଦ୍ୱାର ଉନ୍ମୁକ୍ତ କରିଦେଇଛି। ଆଶ୍ରମ ତା'ର ବିଭିନ୍ନ ବିଭାଗ ମାଧ୍ୟମରେ ପ୍ରାୟ ଦୁଇ ହଜାର ଲୋକଙ୍କର ନାନାପ୍ରକାର କାର୍ଯ୍ୟର ସଂସ୍ଥାନ କରି ଦେଇଛି। ଆଶ୍ରମକୁ ନିୟମିତ ହଜାର ହଜାର ଦର୍ଶନାର୍ଥୀ ଆସନ୍ତି, ତା'ଫଳରେ ସ୍ଥାନୀୟ ଦୋକାନୀ, ଫେରିବାଲା, ହୋଟେଲ୍-ରେଷ୍ଟୁରାଣ୍ଟ୍‌ର ମାଲିକ, ରିକ୍‌ସାବାଲା ଓ ଘରବାଲାମାନେ ପ୍ରଚୁର ଗ୍ରାହକ ପାଇ ଆର୍ଥିକ ଭାବେ ଉପକୃତ ହୁଅନ୍ତି। ତା'ଛଡ଼ା ଶ୍ରୀମାଶ୍ରୀଅରବିନ୍ଦଙ୍କ ଭକ୍ତବୃନ୍ଦ, ଯେଉଁମାନେ ସ୍ୱାଧୀନଭାବେ ଆଶ୍ରମ ପରିବେଶର ନିକଟରେ ରହିବାକୁ ଚାହାନ୍ତି, ସେମାନେ ବି ବିଭିନ୍ନ ପ୍ରକାର ବ୍ୟବସାୟ କେନ୍ଦ୍ର, କଳକାରଖାନା ଓ ଫ୍ୟାକ୍ଟରୀ ଖୋଲିଛନ୍ତି ଯଦ୍ଦ୍ୱାରା ବହୁ ସ୍ଥାନୀୟ ଲୋକମାନଙ୍କର କର୍ମସଂସ୍ଥାନ ହୋଇଛି।

**ଆମମାନଙ୍କର ଅସଲ କାମ**

ଯେ କୌଣସି ଧରଣର ପ୍ରୟାସ, ତାହା ସାମାଜିକ, ଆର୍ଥିକ, ରାଜନୈତିକ ବା ଧର୍ମୀୟ ଯାହା ବି ହେଉ ନା କାହିଁକି, ଯାହା ମଧ୍ୟରେ ଅନ୍ତରାତ୍ମାର ମୂଳ ସତ୍ୟ ପ୍ରକାଶିତ ହୋଇ ନାହିଁ, ତାହା ମାନବଜାତିର ଦୁଃଖକଷ୍ଟ ଦୂର କରିପାରେ ବୋଲି ଆମେମାନେ ବିଶ୍ୱାସ କରୁ ନାହିଁ। ଏଇ ଧରଣର କାର୍ଯ୍ୟରେ ମନୁଷ୍ୟର ସମସ୍ୟାର ଚିରସ୍ଥାୟୀ କୌଣସି ସମାଧାନ ଆସିପାରେ ନାହିଁ, ଯଦିବା ତାହା ସାମୟିକଭାବେ ମଣିଷର ଦୁଃଖକଷ୍ଟର କିଛିଟା ଉପଶମ ଆଣେ ଆଉ ତା'ର ଜ୍ୱାଳାଯନ୍ତ୍ରଣା କିଛିଟା କମାଇଦିଏ ମାତ୍ର। ମନୁଷ୍ୟର ସ୍ୱଭାବ-ପ୍ରକୃତି ବର୍ତ୍ତମାନ ଯେପରି ଅଛି ଠିକ୍ ସେହିପରି ଯଦି ରହେ ତା'ହେଲେ ତା'ର କ୍ଷୁଦ୍ରତା ଓ ଦୁଃଖକଷ୍ଟରୁ ନିଷ୍କୃତି ନାହିଁ। ଏପରିକି ପୃଥିବୀର ସବୁଠାରୁ ସମୃଦ୍ଧିଶାଳୀ ଓ ଜାଗତିକ ଦୃଷ୍ଟିରୁ ସବୁଠାରୁ ଉନ୍ନତ ଦେଶଗୁଡ଼ିକ ବି ମନୁଷ୍ୟର ଏହି ସମସ୍ୟାର ସମାଧାନ କରିପାରି ନାହାନ୍ତି। ସେଠାରେ ବି ମଣିଷ ପରିତୃପ୍ତ ନୁହେଁ। ସେମାନଙ୍କର ପ୍ରଚୁର ପରିମାଣରେ ଖାଦ୍ୟସାମଗ୍ରୀ ଥାଇପାରେ, କିନ୍ତୁ ଏଇସବୁ ସୁବିଧା-ସୁଯୋଗ ଥିବା ସତ୍ତ୍ୱେ ପ୍ରାଚୁର୍ଯ୍ୟ ସେମାନଙ୍କୁ ସୁଖୀ କରାଇପାରି ନାହିଁ। ସେମାନଙ୍କ ଜୀବନରେ ଏପରି ଏକ ଶୂନ୍ୟତା ରହିଛି ଯାହା ପୂର୍ଣ୍ଣ ହୋଇଉଠିବା ପାଇଁ ଅପେକ୍ଷା କରିଛି। ସେହି ଜିନିଷହିଁ ଆମେମାନେ ଏଠାରେ ସମଗ୍ର ମାନବଜାତିର କଲ୍ୟାଣ ପାଇଁ ଆୟତ୍ତ କରିବାର ପ୍ରୟାସ କରୁଛୁ।

**ଶ୍ରୀଅରବିନ୍ଦଙ୍କ ଶିକ୍ଷା**

ଶ୍ରୀଅରବିନ୍ଦ କହିଛନ୍ତି, "ଜୀବନ ଭିତରେ ଭଗବାନଙ୍କୁ ପ୍ରକଟ କରି ପାରିବାହିଁ ହେଲା ମନୁଷ୍ୟର ମନୁଷ୍ୟତ୍ୱ।" ମା'ଶ୍ରୀଅରବିନ୍ଦଙ୍କ ଶିକ୍ଷା, ଦୃଷ୍ଟାନ୍ତ, ପ୍ରଭାବ ଓ ଉପଦେଶ ଦ୍ୱାରା ଆମମାନଙ୍କ ପ୍ରକୃତିର ପରିବର୍ତ୍ତନ ଓ ଆମମାନଙ୍କ ଜୀବନରେ ଦିବ୍ୟସତ୍ୟର ପ୍ରକାଶ ଓ ପ୍ରତିଷ୍ଠାପାଇଁ ଆମେମାନେ ଭଗବତ୍-ଶକ୍ତିକୁ ଆବାହନ କରୁ। ଆମେମାନେ ଚାହୁଁ, "ପୃଥିବୀପୃଷ୍ଠରେ ସ୍ୱର୍ଗକୁ ଉତାରି ଆଣିବା ପାଇଁ।" ଆମମାନଙ୍କ ଦୃଢ଼ ବିଶ୍ୱାସ, ମନୁଷ୍ୟଜୀବନର ଦୁଃଖକଷ୍ଟ ପୂରାପୂରି ଦୂର କରିବାର ଏଇ ହେଲା ଏକମାତ୍ର ପଥ। "ମନ୍ତ୍ରର ସାଧନ କିମ୍ବା ଶରୀର ପାତନ", ଏଇ ମନୋଭାବ ନେଇହିଁ ଆମେମାନେ କାର୍ଯ୍ୟ କରିଚାଲିଛୁ।

**ଆମେମାନେ ସମୟସୀମା ମାନୁ ନାହିଁ**

ଏ କାର୍ଯ୍ୟ ଖୁବ୍ କଠିନ ଓ ଶ୍ରମସାଧ, ଏଥିରେ କୌଣସି ସନ୍ଦେହ ନାହିଁ। କିନ୍ତୁ ମନୁଷ୍ୟଜୀବନରେ ବିବର୍ତ୍ତନର ଅଗ୍ରଗତିପଥରେ ଏହାର ସାଫଲ୍ୟ ହେବ ଏକ ବିରାଟ ପଦକ୍ଷେପ। ଏ ପଥ ଦୀର୍ଘ, ଆମମାନଙ୍କର ଦରକାର ଅଶେଷ ଧୈର୍ଯ୍ୟ। କାର୍ଯ୍ୟର ବିରାଟତ୍ୱ ଓ ଲକ୍ଷ୍ୟର ବୈପ୍ଲବିକ ଗୁରୁତ୍ୱ କଥା ଭାବି, କେତେକ ଶତାବ୍ଦୀ ପାର ହୋଇଗଲେ ବି, ଏପରିକି ଏଇ ସାଧନାର ସିଦ୍ଧି ପାଇଁ ଯେତେଦିନ ହିଁ ଅପେକ୍ଷା କରିବାକୁ ପଡୁ ନା କାହିଁକି ସେଥିରେ କିଛି ଯାଏଆସେ ନାହିଁ।

**କାହିଁକି ଆମେମାନେ ଆଶ୍ରମର ବାହାରକୁ ଯିବାକୁ ଚାହୁଁ ନାହିଁ**

ସାଧନା ପାଇଁ, ଆମମାନଙ୍କ ଆଦର୍ଶର ସାର୍ଥକତା ଦିଗରେ ଅଗ୍ରସର ହେବା ପାଇଁ ଉପଯୁକ୍ତ ପରିବେଶ ଦରକାର। ସେଇଥିପାଇଁ ହିଁ ମା' ଏଇ ଆଶ୍ରମଜୀବନଟିକୁ ସଙ୍ଗଠିତ କରିଛନ୍ତି। ଯଦ୍ଦ୍ୱାରା ସାଧକ ପାଇପାରେ ତା'ର ଅନୁକୂଳ ପରିବେଶ, ପରିସ୍ଥିତି ଏବଂ ଦେହ-ମନ-ପ୍ରାଣର ପୂର୍ଣ୍ଣ ବିକାଶ ପାଇଁ ସୁବିଧା ସୁଯୋଗ। ମା' ତାଙ୍କର କରୁଣାର ବରାଭୟ-ପଣତ ଘୋଡ଼ାଇ ରଖି ସକ୍ରିୟଭାବେ ଆମମାନଙ୍କୁ ସାହାଯ୍ୟ କରି ଚାଲିଛନ୍ତି। ଯେତେଦିନ ପର୍ଯ୍ୟନ୍ତ ଆମେମାନେ ବାହାରର ଜୀବନ-କ୍ଷେତ୍ରରେ କାର୍ଯ୍ୟ କରିବାପାଇଁ ଯଥାର୍ଥର ଉପଯୁକ୍ତ ନ ହୋଇଛୁ ସେତେଦିନ ପର୍ଯ୍ୟନ୍ତ ଏଇ ଦିବ୍ୟ ପରିବେଶ ବାହାରକୁ ଯାଇ କୌଣସି କିଛି କରିବା ବିପଜ୍ଜନକ। ସେ ସମୟ ଏବେ ବି ଆସି ନାହିଁ।

**କାହିଁକି ଆମେମାନେ ସାଂସାରିକ ମନୁଷ୍ୟମାନଙ୍କ ମଧ୍ୟକୁ ଯାଇ ସେମାନଙ୍କ ଜୀବନକୁ ଉନ୍ନତ କରିବାପାଇଁ କାର୍ଯ୍ୟ କରୁନାହୁଁ**

ଆମେମାନେ ସାଧନା-ପଥରେ ପୂର୍ଣ୍ଣତାର ଲକ୍ଷ୍ୟରେ ପହଞ୍ଚିଯାଇଛୁ ବୋଲି ଯଦିବା ଦାବି କରୁ ନାହୁଁ, ତଥାପି ଏପର୍ଯ୍ୟନ୍ତ ଆମେମାନେ ଯାହାକିଛି ଅର୍ଜନ କରିଛୁ ସେସବୁକୁ ସୁସଂହତ ଓ ସମାହିତ କରି ରଖିବାକୁ ହେବ। ବର୍ତ୍ତମାନ ଜଗତର ମନୁଷ୍ୟ ଯେଉଁସବୁ ଜୀବନଧାରା ଓ ଆଚାର-ବ୍ୟବହାର ଦ୍ୱାରା ଚାଳିତ ସେ ପର୍ଯ୍ୟାୟର ଆମେମାନେ ଅନ୍ତର୍ଭୁକ୍ତ ନୋହୁ, ପୁଣି ଉର୍ଦ୍ଧ୍ୱ ଜୀବନର ପୂର୍ଣ୍ଣତାର ଦେବଭୂମିରେ ବି ଆମେମାନେ ପହଞ୍ଚିପାରି ନାହୁଁ। ତେଣୁ "ଭବିଷ୍ୟତ୍‌ର କାର୍ଯ୍ୟ" କରିବାପାଇଁ ଯଦି କେହି ଏଇ ପରିବର୍ତ୍ତନଶୀଳ ବା ଅପକ୍ୱ ଅବସ୍ଥାରେ ଆଗଭର ହୋଇ ବାହାରକୁ ଯିବାକୁ ଚାହେଁ ସେଥିରେ କାହାରି ବି କୌଣସି ସାହାଯ୍ୟ ହେବ ନାହିଁ। ବରଂ ପରିସ୍ଥିତି ଆହୁରି ବିଶୃଙ୍ଖଳ ହୋଇପଡ଼ିବ।

**ସତ୍ୟହିଁ କାର୍ଯ୍ୟ କରିଚାଲିଛି**

କିନ୍ତୁ ଗୋଟାଏ କଥା ନିଶ୍ଚିତ, ତା'ହେଲା, ମା'ଶ୍ରୀଅରବିନ୍ଦଙ୍କ ସାଧନା ଦ୍ୱାରା ଯେଉଁ ଦିବ୍ୟଶକ୍ତି ଅବତରଣ କରିଛି ତାହା ପ୍ରତ୍ୟେକଟି ମନୁଷ୍ୟ ମଧ୍ୟରେ ସକ୍ରିୟଭାବେ କାର୍ଯ୍ୟ କରି ଚାଲିଛି – ତାହା କେବଳ ଏଇ ଆଶ୍ରମରେହିଁ ସୀମାବଦ୍ଧ ନୁହେଁ, ଜଗତ୍‌ରେ ସର୍ବତ୍ର ପ୍ରତ୍ୟେକଙ୍କର ଗ୍ରହଣକ୍ଷମତା ଅନୁସାରେ ତା'ର ଆସ୍ପୃହା ଏବଂ ଐକାନ୍ତିକତା ଅନୁଯାୟୀ ତାହା କାର୍ଯ୍ୟ କରିଚାଲିଛି। ଏଇ ଦିବ୍ୟ ଶକ୍ତିକୁ ସ୍ଥୂଳ ଚକ୍ଷୁରେ ଦେଖାଯାଇ ନ ପାରେ, କିନ୍ତୁ ତାହା ନିୟତ କାର୍ଯ୍ୟ କରଚାଲିଛି। ଏବଂ ଯେଉଁମାନଙ୍କର ଦୃଷ୍ଟି ରହିଛି ସେମାନେ ଏହାର ଫଳାଫଳ ବି ପ୍ରତ୍ୟକ୍ଷ କରନ୍ତି, ଯଦିବା ସାଧାରଣ ମନୁଷ୍ୟ ଏ ସମ୍ବନ୍ଧରେ ସଚେତନ ନୁହେଁ, ଅଥବା ତାହା ସ୍ୱୀକାର କରିବାକୁ ଅନିଚ୍ଛୁକ।

ଧୀରେ ଅଥଚ ସୁନିଶ୍ଚିତଭାବେ ଏଇ ଆଶ୍ରମ ମାନବ-ଜଗତକୁ ଏକ ନିଃଶବ୍ଦ ବିପ୍ଳବ ମଧ୍ୟଦେଇ ଆଗେଇ ନେଇ ଚାଲିଛି।

# ଚୈତ୍ୟପୁରୁଷର୍ ଜାଗରଣ

ଶ୍ରୀ ରାମକୃଷ୍ଣ ଦାସ

ଚୈତ୍ୟପୁରୁଷ ଶରୀରର ନେତା। ସେ ମନ-ପ୍ରାଣ-ଶରୀରକୁ ଧାରଣ କରିଥାଏ। ସେ ଭଗବାନଙ୍କର ଅଂଶ ବା ପ୍ରତିଭୂ। ତାର ଜ୍ଞାନ ଅଭ୍ରାନ୍ତ। କିନ୍ତୁ ସେ ଥାଏ ମନ ପ୍ରାଣର ପଶ୍ଚାତ୍‌ରେ। ମନପ୍ରାଣର କାମନାବାସନା ତାକୁ ଆବୃତ କରି ରଖିଥା'ନ୍ତି। ସେ ଜାଗ୍ରତ ହେଲେ ବ୍ୟକ୍ତିକୁ ଭଗବତଭିମୁଖୀ କରେ। ଯୋଗରେ ବିଶେଷ ଆବଶ୍ୟକ ଚୈତ୍ୟପୁରୁଷର ଜାଗରଣ। ସେ ସମ୍ମୁଖରେ ରହିଲେ ବ୍ୟକ୍ତିକୁ ସତ୍ୟମାର୍ଗରେ ଜୀବନର ଯଥାର୍ଥ ଲକ୍ଷ୍ୟ ଆଡ଼କୁ ପରିଚାଳିତ କରେ। ସେ ଜାଗ୍ରତ ହୁଏ ମନପ୍ରାଣ ନୀରବ ହେଲେ। ଏହା ହୁଏ ଚେତନାର ଏକାଗ୍ରତାରେ। ସେହି ସକାଶେ ଯୋଗସାଧନାରେ ସର୍ବାଗ୍ରେ ଆବଶ୍ୟକ ହୁଏ ଏକାଗ୍ରତା। ଏକାଗ୍ରତା ବିନା ବ୍ୟକ୍ତି ନିଜ ମନ ପ୍ରାଣର କ୍ରିୟା ତଥା ଗତିବୃତ୍ତି ସମ୍ବନ୍ଧେ ସଚେତ ହୋଇପାରେ ନାହିଁ, କିମ୍ବା ଚୈତ୍ୟପୁରୁଷ ଜାଗ୍ରତ ହୋଇ ସାଧକକୁ ପରିଚାଳିତ କରେ ନାହିଁ। ଚୈତ୍ୟପୁରୁଷର ଜ୍ଞାନ-ଜ୍ୟୋତି ମନପ୍ରାଣରେ ଉଦ୍ଭାସିତ ନ ହେଲେ ବ୍ୟକ୍ତି ଦିବ୍ୟ ଏବଂ ଅଦିବ୍ୟ ଶକ୍ତିର ପ୍ରେରଣା ବୁଝିପାରେ ନାହିଁ। ଏହି ସୁଯୋଗରେ ଅନ୍ଧକାର ଶକ୍ତିସବୁ ବ୍ୟକ୍ତିକୁ କୁମନ୍ତ୍ରଣା ଦେଇ ସାଧନାମାର୍ଗରୁ ଟାଣି ନେଇ ବିପଥଗାମୀ କରାନ୍ତି। ସେହି ସକାଶେ ହୃଦୟରେ ଧ୍ୟାନ କରିବାକୁ ମା' ଅଧିକ ଜୋର୍ ଦେଇଛନ୍ତି। ହୃଦୟରେ ଧ୍ୟାନ ତଥା ଅଭୀପ୍ସା, ସମର୍ପଣରେ ହୃଦ୍‌ପୁରୁଷ ବା ଅନ୍ତରାତ୍ମା ଜାଗ୍ରତ ହୁଏ। 'ମାତୃବାଣୀ'ରେ ମା' କହିଛନ୍ତି, "ଆଉ ମଧ୍ୟ ଏକାଗ୍ରତା ନିମିତ୍ତ ଅନ୍ୟାନ୍ୟ କେନ୍ଦ୍ର ଅଛି: ଉଦାହରଣସ୍ୱରୂପ, ଗୋଟିଏ ମସ୍ତକ ଊର୍ଦ୍ଧ୍ୱରେ ଏବଂ ଅନ୍ୟଟି ଭ୍ରୂଯୁଗଳ ମଧ୍ୟରେ। ପ୍ରତ୍ୟେଟିର ଉପଯୋଗିତା ଅଛି ଏବଂ ପ୍ରତ୍ୟେକ ବିଶେଷ ଫଳ ଦିଅନ୍ତି। କିନ୍ତୁ ହୃଦୟରେ କେନ୍ଦ୍ରସ୍ଥ ସତ୍ତା ରହିଛି ଏବଂ ସେଠାରୁ ସକଳ କେନ୍ଦ୍ରୀୟ ଗତିବୃତ୍ତି ଜନ୍ମେ; ଏହାହିଁ ହେଲା ରୂପାନ୍ତର ଓ ଉପଲବ୍ଧିର ସକଳ ଗତି ଓ ପ୍ରେରଣା।

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ ବିଶେଷରୂପେ ହୃଦୟ ଏବଂ ମସ୍ତକ ଊର୍ଦ୍ଧ୍ୱରେ ଧ୍ୟାନ କରାହୁଏ। ହୃଦୟରେ ଚେତନା କେନ୍ଦ୍ରିତ କରିବାଦ୍ୱାରା ହୃଦ୍‌ପୁରୁଷ ଜାଗ୍ରତ ହୁଏ ଏବଂ ସାଧକକୁ ଯଥାର୍ଥ ମାର୍ଗରେ ପରିଚାଳିତ କରେ। ମସ୍ତକ ଊର୍ଦ୍ଧ୍ୱରେ ଧ୍ୟାନ କରିବା ଦ୍ୱାରା ଊର୍ଦ୍ଧ୍ୱସ୍ଥ ସ୍ତରସମୂହ ପ୍ରତି ମାନସଚେତନା ଉଦ୍‌ଘାଟିତ ହୁଏ। ଊର୍ଦ୍ଧ୍ୱରୁ ଶାନ୍ତି, ଶକ୍ତି, ଜ୍ୟୋତି, ଜ୍ଞାନ, ଭକ୍ତି ଇତ୍ୟାଦି ସାଧକର ମନ-ପ୍ରାଣ-ଶରୀରର ଆଧାରରେ ଅବତରଣ କରେ। ଯଦ୍ୟପି ସାଧନାରେ ଏହା ଏକାନ୍ତ ଆବଶ୍ୟକ ତଥାପି ହୃଦ୍‌ପୁରୁଷ ଜାଗ୍ରତ ହେବା ପୂର୍ବରୁ ଏସବୁ ଦିବ୍ୟଶକ୍ତି ଅବତରଣ କଲେ ସାଧକର ସମତା ରହେ ନାହିଁ, ସେ ନିଜକୁ ବଡ଼ ସାଧକ ମନେ କରେ। ଏହି ଅହଂବୋଧ ସାଧକର ବହୁତ ଅନିଷ୍ଟ କରିପାରେ। କିନ୍ତୁ ହୃଦ୍‌ପୁରୁଷ ଜାଗ୍ରତ ହେଲେ ଏପରି ହୁଏ ନାହିଁ। ଭଗବାନଙ୍କ ଚରଣରେ ନିଜକୁ ସମର୍ପଣ କରିବା ତାର ସ୍ୱାଭାବିକ ଧର୍ମ। ପ୍ରଥମରେ ହୃଦୟରେ ଧ୍ୟାନ କରିବା ଆବଶ୍ୟକ। ହୃଦ୍‌ପୁରୁଷ ଜାଗ୍ରତ ହେଲେ ସେ ଅଭୀପ୍ସା କରେ; ତାର ଉତ୍ତରରେ ଊର୍ଦ୍ଧ୍ୱରୁ ଭାଗବତୀ ଶକ୍ତି ସାଧକ ମଧ୍ୟରେ ଅବତରଣ କରି ସମସ୍ତ ଚକ୍ର ଭେଦକରି ମୂଳାଧାର ଚକ୍ରରୁ କୁଣ୍ଡଳିନୀ ଶକ୍ତିକୁ ଜାଗ୍ରତ କରେ। ଏହି ଭାଗବତୀ ଶକ୍ତି କ୍ରିୟା କରିବା ସମୟରେ ସ୍ୱାଭାବିକ ରୂପେ ମସ୍ତକ ଏବଂ ମସ୍ତକ ଊର୍ଦ୍ଧ୍ୱସ୍ଥ କେନ୍ଦ୍ରରେ ଧ୍ୟାନ ହୁଏ। ସେତେବେଳେ ହୃଦୟ ଏବଂ ମସ୍ତକ କେନ୍ଦ୍ରରେ ପୃଥକ୍ ପୃଥକ୍ ଧ୍ୟାନ କରିବାକୁ ହୁଏ ନାହିଁ। ଯେଉଁମାନଙ୍କର ମସ୍ତକ ଅଥବା ମସ୍ତକ ଊର୍ଦ୍ଧ୍ୱରେ ଧ୍ୟାନ କରିବାର ପୂର୍ବରୁ ଅଭ୍ୟାସ ଥାଏ ସେମାନେ ପୃଥକ୍ ସମୟରେ ଉଭୟ କେନ୍ଦ୍ରରେ ଧ୍ୟାନ କରିପାରନ୍ତି। ଅଥବା ପ୍ରଥମରେ ଧ୍ୟାନ କରିବା ସମୟରେ ହୃଦୟର ଗଭୀରକୁ ଚେତନାକୁ ନେଇଯିବାକୁ ସଙ୍କଳ୍ପ କରିପାରନ୍ତି, ଯେତେ ସମୟ ପର୍ଯ୍ୟନ୍ତ ହୃଦୟରେ ଚେତନା ଏକାଗ୍ର ହୁଏ ସେତେ ସମୟ ପର୍ଯ୍ୟନ୍ତ ହୃଦୟରେ ଧ୍ୟାନ କରିପାରନ୍ତି; ସ୍ୱାଭାବିକ ରୂପେ ମସ୍ତକକୁ ଚେତନା ଚାଲିଗଲେ ମସ୍ତକରେ ଏବଂ ମସ୍ତକ ଊର୍ଦ୍ଧ୍ୱରେ ଧ୍ୟାନ କରିପାରନ୍ତି। ମା'ଙ୍କ ଉପରୋକ୍ତ ବାକ୍ୟରୁ ସ୍ପଷ୍ଟ ହେଉଛି ଧ୍ୟାନ ସକାଶେ ଯଦ୍ୟପି ଭ୍ରୂ ମଧ୍ୟ ଓ ମସ୍ତକୋର୍ଦ୍ଧ୍ୱ ଦୁଇଟି କେନ୍ଦ୍ର ଅଛି ତଥାପି ହୃଦୟରେ ଧ୍ୟାନ କରିବା ଅଧିକ ବାଞ୍ଛନୀୟ ଏବଂ ଅଧିକ ଉପଯୋଗୀ। କାରଣ ଏହି ରୂପାନ୍ତର ଯୋଗରେ ମନ-ପ୍ରାଣ-ଶରୀର ରୂପାନ୍ତରିତ ହେବାକୁ ଚାହାନ୍ତି ନାହିଁ ଏବଂ ନିଜ କବଳରୁ ବ୍ୟକ୍ତିକୁ ମୁକ୍ତ କରିବା ବିରୋଧୀ ଶକ୍ତିସମୂହର ଅଭିପ୍ରାୟ ନୁହେଁ। ସେସବୁ ସବୁସମୟରେ କଳକୌଶଳ, ଫନ୍ଦିଫିକର କରି ସାଧକକୁ ଛଳନା କରି ବିପରୀତ ମାର୍ଗରେ ନେଇ ନିଜ ଯନ୍ତ୍ରରୂପେ ବ୍ୟବହାର କରିବାକୁ ଚାହାନ୍ତି। ସେମାନଙ୍କ ଛଦ୍ମକୌଶଳ ଜାଣିବାର କୌଣସି ଉପାୟ ସାଧକ ପାଖରେ ନ ଥାଏ। କେବଳ ହୃଦୟଗଭୀରସ୍ଥ ଚୈତ୍ୟପୁରୁଷ ଜାଗ୍ରତ ହେଲେ ସେସବୁର

କପଟତା ବୁଝିପାରେ, ସେସବୁର କୌଶଳକୁ ଧରିପାରେ ଏବଂ କେଉଁ ଉପାୟରେ ସେସବୁର ଅତ୍ୟାଚାରରୁ ରକ୍ଷା ପାଇବାକୁ ହେବ ତାର ବ୍ୟବସ୍ଥା କରେ। ସେଥି ସକାଶେ ଏହି ଯୋଗରେ ହୃଦ୍‌ପୁରୁଷକୁ ଜାଗ୍ରତ କରିବା ଏକାନ୍ତ ଆବଶ୍ୟକ।

ଚୈତ୍ୟପୁରୁଷ ଜାଗରଣର ହେତୁ

ଚୈତ୍ୟପୁରୁଷର ଦୃଷ୍ଟି ଅଭ୍ରାନ୍ତ। ତାର ସମସ୍ତ କ୍ରିୟା ଯଥାର୍ଥ। ଏହି ସତ୍ତା ଜାଗ୍ରତ ହେଲେ ସାଧକକୁ ତାର ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ମାର୍ଗର ଜ୍ଞାନ ଦିଏ, ଯାହା ବର୍ଜନୀୟ ତାହା ବର୍ଜନ କରେ, ଯାହା ଗ୍ରହଣଯୋଗ୍ୟ ତାହା ଗ୍ରହଣ କରେ। ଏହି ସତ୍ତା ଜାଗ୍ରତ ହୁଏ କ୍ରମ ବିକାଶରେ। କିନ୍ତୁ ସେଥିରେ ବହୁତ ସମୟ ଲାଗେ।

ଭଗବାନଙ୍କ କୃପା ଅହେତୁକୀ। କେବେ କେବେ କୌଣସି ଜୀବ ପ୍ରତି ଭଗବାନ କୃପା କଲେ, ତାର ଚୈତ୍ୟପୁରୁଷ ଜାଗ୍ରତ ହୁଏ ଏବଂ ସେ ଭଗବତ୍ ପ୍ରାପ୍ତି ମାର୍ଗରେ ଅଗ୍ରସର ହୁଏ। ଭଗବାନଙ୍କ ସୃଷ୍ଟିରେ ସମସ୍ତ ବସ୍ତୁର ଆବଶ୍ୟକତା ଓ ଉପଯୋଗିତା ରହିଛି। ସେ ସଂସାରରେ ସୁଖ ସଙ୍ଗେ ସଙ୍ଗେ ଦୁଃଖ ସୃଷ୍ଟି କରିଅଛନ୍ତି। ଜ୍ଞାନୀ ବ୍ୟକ୍ତି ପରମାନନ୍ଦ ତଥା ପରମ ସତ୍ୟରେ ନିବାସ କରି ପାରନ୍ତି। କିନ୍ତୁ ଅଶୁଦ୍ଧ ମନପ୍ରାଣଯୁକ୍ତ ସଂସାରୀ ବ୍ୟକ୍ତି ଦୁଃଖ ଅଭାବରେ ଇନ୍ଦ୍ରିୟତୃପ୍ତି ସୁଖ, ଅହଂତୃପ୍ତି ମାନପ୍ରତିଷ୍ଠାରେ ରାକ୍ଷସ ସଦୃଶ ହୋଇଯାଆନ୍ତି। ସେମାନଙ୍କ ବିକାଶମାର୍ଗ ରୁଦ୍ଧ ହୋଇଯାଏ। ଏପରି ଅସତ୍ ମାର୍ଗରେ ପ୍ରବୃତ୍ତ, ମୋହନିଦ୍ରାଗ୍ରସ୍ତ ବ୍ୟକ୍ତିକୁ ସଚେତ କରେ ଦୁଃଖକଷ୍ଟ। ଦୁଃଖକଷ୍ଟ ଏମାନଙ୍କର ହିତାକାଂକ୍ଷୀ ପରମମିତ୍ର। ଦୁଃଖକଷ୍ଟର ସାହାଯ୍ୟ ବିନା ଏମାନଙ୍କ ସକାଶେ ପରମସୁଖ ଅସମ୍ଭବ। ସେହି ସକାଶେ ଲୋକ ଉକ୍ତିରେ କୁହାଯାଏ ଦୁଃଖ ଛଡ଼ା ସୁଖର ମୁଲ୍ୟ ନ ଥାଏ। ଏହି ଉକ୍ତି କେବଳ ଆମ୍ଭମାନଙ୍କ ସଦୃଶ ବଦ୍ଧ ଜୀବ ସକାଶେ। ପରମାନନ୍ଦ ନିବାସୀ ମୁକ୍ତ ଜୀବ ସକାଶେ ନୁହେଁ।

ବିଷୟାସକ୍ତ ମୋହମାୟାଗ୍ରସ୍ତ ବ୍ୟକ୍ତି ସ୍ତ୍ରୀପୁତ୍ର, ଧନ, ମାନ, ଅଜ୍ଞାନ, ଆସକ୍ତିରେ ଆସକ୍ତ ଥାଏ। ନିଜ ଅନ୍ତରାତ୍ମା ଅଥବା ଭଗବାନଙ୍କ ଧାରଣା କେବେ ବି କରେ ନାହିଁ। ମୃତ୍ୟୁ ଯଦ୍ୟପି ତା ଶିର ଉପରେ ସର୍ବଦା ନୃତ୍ୟ କରୁଥାଏ ତଥାପି ସେ ତାହା ଭୁଲି ଇନ୍ଦ୍ରିୟ ବିଷୟ ଚିରକାଳ ଭୋଗିବା ଉଦ୍ଦେଶ୍ୟରେ କର୍ମ କରୁଥାଏ। ଭଗବାନଙ୍କ ନାମ ଶୁଣିବା ମାତ୍ରେ କୁସଂସ୍କାର କହି ସୀମିତ, ଅସଂସ୍କୃତ, ଅଜ୍ଞାନାବୃତ ବୁଦ୍ଧିରେ ଯୁକ୍ତିତର୍କ ଦ୍ୱାରା ଅନୀଶ୍ୱରବାଦ ପ୍ରତିପାଦନ କରେ ଅଥବା କଥାରେ ଯଦ୍ୟପି ଈଶ୍ୱରଙ୍କର ଅସ୍ତିତ୍ୱ ଅସ୍ୱୀକାର କରେନାହିଁ ତଥାପି ଈଶ୍ୱରଙ୍କଠାରୁ ଉଦାସୀନ ଥାଏ। ଭଗବାନ ପରମ କରୁଣାମୟ। ସମସ୍ତ ଜୀବ ତାଙ୍କରି। ତାଙ୍କ କୃପା ସମସ୍ତଙ୍କ ଉପରେ ସମାନ। ଏପରି ବଦ୍ଧଜୀବଙ୍କ ଉପରେ ଭଗବାନଙ୍କ କରୁଣା ନହେଲେ ଏମାନଙ୍କର କୋଟି କୋଟି ଜନ୍ମ ପର୍ଯ୍ୟନ୍ତ ଉଦ୍ଧାର ଅସମ୍ଭବ। ଭଗବାନଙ୍କ କରୁଣା ହୁଏ ବ୍ୟକ୍ତିର ସ୍ୱଭାବ ଅନୁସାରେ। କାହାକୁ ସୁଖସମୃଦ୍ଧି ମଧ୍ୟରେ କରୁଣା କରନ୍ତି, କାହା ଉପରେ କରୁଣା କରନ୍ତି ଦୁଃଖତାପ ମଧ୍ୟରେ। ତାଙ୍କ ମାୟା ବଡ଼ ପ୍ରବୀଣ। ସେ ଭଗବାନଙ୍କ ନିର୍ଦ୍ଦେଶ ବୁଝି କାର୍ଯ୍ୟ କରେ। ଯାହା ସକାଶେ ସୁଖସମୃଦ୍ଧିର ଆବଶ୍ୟକ ଥାଏ ତାକୁ ତାହା ଦେଇ ତାହାରି ମଧ୍ୟରେ ତାକୁ ସଚେତ କରାଏ। ଅନ୍ୟଥା ମୋହନିଦ୍ରାଗ୍ରସ୍ତ ବ୍ୟକ୍ତିମାନଙ୍କୁ ଜାଗ୍ରତ କରିବା ସକାଶେ ଦୁଃଖକଷ୍ଟ ଆଣି ସେମାନଙ୍କ ଉପରେ ଲଦିଦିଏ। ଦୁଃଖରେ ଜର୍ଜରିତ ହୋଇପଡ଼ିବାରୁ ସେମାନଙ୍କ ମନପ୍ରାଣର କୋଳାହଳ ସ୍ଥଗିତ ହୁଏ। ଏହି ଅବସରରେ ମନପ୍ରାଣ ଦ୍ୱାରା ଆବୃତ ହୋଇଥିବା ଅନ୍ତରସତ୍ତା ସମ୍ମୁଖକୁ ଆସି ବ୍ୟକ୍ତିକୁ ଭଗବତ୍ ଅଭିମୁଖେ ଗତି କରିବାର ପ୍ରେରଣା ଦିଏ। ସେହି ସମୟରେ ବ୍ୟକ୍ତି ଦୁଃଖକଷ୍ଟରୁ ମୁକ୍ତ ହେବା ସକାଶେ ଭଗବାନଙ୍କୁ ଡାକେ। ଭଗବାନ ତତ୍‌କ୍ଷଣାତ୍ ଶୁଣନ୍ତି। ଭଗବାନଙ୍କ କରୁଣା ବ୍ୟକ୍ତିର ଅନ୍ତରତମ ପ୍ରଦେଶରେ ପ୍ରାପ୍ତ ହୁଏ। ତାହା କେବେ ବି ନଷ୍ଟ ହୁଏ ନାହିଁ। କିନ୍ତୁ ବ୍ୟକ୍ତି ସେ ସମୟରେ ଭଗବତ୍ କରୁଣା ବୁଝି ପାରେ ନାହିଁ। ପୁନରାୟ ମନପ୍ରାଣ ସମ୍ମୁଖକୁ ଆସନ୍ତି, ଅନ୍ତରାତ୍ମା ସେସବୁର ଆବରଣର ପଶ୍ଚାତ୍‌କୁ ଚାଲିଯାଏ। ଏହିପରି ଜନ୍ମଜନ୍ମାନ୍ତରରେ ଦୁଃଖକଷ୍ଟଦ୍ୱାରା ଚୈତ୍ୟସତ୍ତାର ବିକାଶ ହୋଇଚାଲେ। ତାର ବିକାଶ ଅନୁସାରେ ମନପ୍ରାଣର କର୍ତ୍ତୃତ୍ୱ କମ୍ ହେଉଥାଏ। ଏହାହିଁ ଯଥାର୍ଥ ପୁଣ୍ୟ। ଏହି ପୁଣ୍ୟ ଜନ୍ମଜନ୍ମାନ୍ତରରେ ଯେତେବେଳେ ଏକତ୍ର ହୁଏ ସେତେବେଳେ ଚୈତ୍ୟସତ୍ତାର ପ୍ରଭାବ ମନପ୍ରାଣ ଉପରେ ପଡ଼େ। ଏହି ସମୟରେ ବ୍ୟକ୍ତି ଭଗବାନଙ୍କ ସମ୍ବନ୍ଧରେ ସଚେତ ହୁଏ ଏବଂ ଅଧ୍ୟାତ୍ମମାର୍ଗରେ ଯାତ୍ରା କରେ। ପ୍ରତ୍ୟେକ ବ୍ୟକ୍ତି ସକାଶେ ଏକହିଁ ପ୍ରଣାଳୀ ହୁଏ ନାହିଁ। କାହା ଉପରେ ଭଗବାନ ଅହେତୁକୀ କୃପା କରି ବିନା କାରଣରେ ତାର ଚୈତ୍ୟପୁରୁଷକୁ ଜାଗ୍ରତ କରିଦିଅନ୍ତି। ସେ ଭଗବତଭିମୁଖୀ ହୋଇଯାଏ।

ଆଉ କାହାରି କାହାରି ଯେଉଁ ବିଷୟରେ ଅଧିକ ମୋହ ବା ଆସକ୍ତି ଥାଏ ତାହା ଉପରେ ପ୍ରକୃତି ପ୍ରହାର କରେ। ସ୍ତ୍ରୀ ପ୍ରତି ଅତ୍ୟଧିକ ଆସକ୍ତି ଥିଲେ ସ୍ତ୍ରୀ ରୋଗଗ୍ରସ୍ତ ହୁଏ, ଅଥବା ପତିକୁ ପ୍ରବଞ୍ଚନା କରେ। ପୁତ୍ର ପ୍ରତି ଆସକ୍ତି ଥିଲେ ପୁତ୍ର ଅବଜ୍ଞାକାରୀ ହୁଏ କିମ୍ବା ଗୃହ ତ୍ୟାଗ କରି ସନ୍ୟାସ ଗ୍ରହଣ କରେ ଅଥବା ମୃତ୍ୟୁ ମୁଖରେ ପଡ଼େ। ଧନରେ ଲୋଭ ଥିଲେ ଧନ ନଷ୍ଟ ହୁଏ। ମାନଯଶଲାଳାୟିତ ବ୍ୟକ୍ତିର ଅପମାନ ହୁଏ, ଯଶ ପରିବର୍ତ୍ତେ ଅପଯଶ ମିଳେ। କୌଣସି ବ୍ୟକ୍ତି ପକ୍ଷେ ସ୍ତ୍ରୀ ପୁତ୍ର, ଧନ, ମାନଯଶ ଏକସଙ୍ଗେ ନଷ୍ଟ ହୁଏ। ତା'ପକ୍ଷେ

ହୁଏ ସମସ୍ତ ଦିଶା ଅନ୍ଧକାର। ସେ ଏକବାରେ ଅସହାୟ। ସଂସାର ତା ପକ୍ଷେ ଶ୍ମଶାନ। ସମସ୍ତ ଇନ୍ଦ୍ରିୟ ମ୍ରିୟମାଣ, ଶୋକସନ୍ତପ୍ତ, ନିସ୍ତବ୍ଧ। ଏହି ଅବସ୍ଥାରେ ଅନ୍ତରସ୍ଥ ଚୈତ୍ୟପୁରୁଷ ଜାଗ୍ରତ ହୋଇ ବ୍ୟକ୍ତିକୁ ଭଗବତ୍ ସମ୍ମୁଖ କରିଦିଏ। ପ୍ରତ୍ୟେକ ବ୍ୟକ୍ତି ପକ୍ଷେ ଏପରି ହୁଏ ନାହିଁ। ହୁଏ ଯେଉଁ ବ୍ୟକ୍ତି ଉପରେ ଭଗବାନ କୃପା କରନ୍ତି। ଅର୍ଥାତ୍ ଯେଉଁ ବ୍ୟକ୍ତିକୁ ସଂସାରର ମୋହମାୟାରୁ ମୁକ୍ତ କରି ପରମାନନ୍ଦ ପ୍ରାପ୍ତ କରାଇବାକୁ ଚାହାନ୍ତି।

ଭଗବାନ କେବଳ ବିପତ୍ତି ମଧ୍ୟଦେଇ କୃପା କରନ୍ତି ତା' ନୁହେଁ। ଭଗବାନଙ୍କ କୃପା ବହୁତ ପ୍ରକାରେ ଆସିଥାଏ। ପ୍ରତ୍ୟେକ ମନୁଷ୍ୟର ସ୍ୱଭାବ ତଥା ଆତ୍ମାର ସମ୍ଭାବନା ଅନୁସାରେ ଭଗବାନ ଭିନ୍ନ ଭିନ୍ନ ପ୍ରଣାଳୀରେ ଭିନ୍ନ ବ୍ୟକ୍ତିଙ୍କୁ କୃପା କରନ୍ତି।

ଭଗବାନଙ୍କ କୃପା କାହାର ସମସ୍ତ ବାସନାକାମନା ପୂର୍ଣ୍ଣ କରି ତାକୁ ଭଗବତଅଭିମୁଖୀ କରେ, କାହାର ବାସନାକାମନା ଧ୍ୱଂସ କରି ଭଗବତଭିମୁଖୀ କରେ। ଭଗବତ କୃପା କଟୁ ତଥା ମିଠା ଔଷଧ ସଦୃଶ। ରୋଗ ଅନୁସାରେ କାହା ସକାଶେ କଟୁ ଔଷଧ, କାହା ସକାଶେ ମିଠା ଔଷଧ।

ସାମୂହିକ ରୂପେ, ଅର୍ଥାତ୍ ସଂସାରରେ ଅଧିକ ବ୍ୟକ୍ତିଙ୍କୁ ଉଦ୍ଧାର କରିବାକୁ ହେଲେ କିମ୍ବା ସଂସାରରେ ନୂତନ ଜାତି ବା ନୂତନ ଚେତନା ସ୍ଥାପନା କରିବାକୁ ହେଲେ ଭଗବାନ ସ୍ୱୟଂ ମନୁଷ୍ୟ ଶରୀରରେ ଏହି ପୃଥିବୀରେ ଅବତୀର୍ଣ୍ଣ ହୁଅନ୍ତି। ତାଙ୍କ ଉପସ୍ଥିତି, ତାଙ୍କ ସାନ୍ନିଧ, ତାଙ୍କ ଶାରୀରିକ ବାତାବରଣର ପ୍ରଭାବ, ତାଙ୍କ ସହିତ ବ୍ୟକ୍ତିର ସମ୍ପର୍କ ଓ ପତ୍ରବିନିମୟ, ତାଙ୍କ ଶକ୍ତିଶାଳୀ ବାକ୍ୟ ବା ଲିଖିତ ପୁସ୍ତକ ଏବଂ ତାଙ୍କ ଅସୀମ ଶକ୍ତି ପ୍ରଭାବରେ ଶହ ଶହ ସଂଖ୍ୟାରେ ଆବାଳ ବୃଦ୍ଧବନିତାଙ୍କର ଚୈତ୍ୟପୁରୁଷ ଜାଗ୍ରତ ହୁଏ। ସେମାନେ ଆଧ୍ୟାତ୍ମିକ ପଥରେ ଅଗ୍ରସର ହୋଇ ଭଗବାନଙ୍କ ଯନ୍ତ୍ର ରୂପେ କର୍ମ କରି ନୂତନ ଯୁଗର ଅଗ୍ରଦୂତ ହୋଇ ପାରନ୍ତି। ଏପରିକି ପଶୁପକ୍ଷୀ, ବୃକ୍ଷଲତା ମଧ୍ୟରେ ବି ଗୋଟାଏ ଜାଗରଣ ତଥା ପରିବର୍ତ୍ତନ ଆସେ। ଏହା ହୁଏ ଗୋଟିଏ ନୂତନ ଚେତନା ଏହି ପୃଥିବୀରେ ପ୍ରତିଷ୍ଠା କରିବାକୁ ସ୍ୱୟଂ ଭଗବାନ ମାନବ ଶରୀରରେ ନୂତନ ଜାତିର ପଥପ୍ରଦର୍ଶକ ଗୁରୁରୂପେ ଅଥବା ଆଚାର୍ଯ୍ୟ ରୂପେ ପ୍ରାପ୍ତ ହେଲେ। ଏହା ମନୁଷ୍ୟ ଜାତି ଉପରେ ଭଗବାନଙ୍କର ଅହେତୁକୀ କୃପା, ମନୁଷ୍ୟର ମହାନ୍ ସୌଭାଗ୍ୟ। ଏହି ଅବସ୍ଥାରେ ବ୍ୟକ୍ତି ଅଳ୍ପ ପ୍ରୟାସରେ ଏପରିକି ନୂତନ ଜାତିର ପଥପ୍ରଦର୍ଶକ ଭଗବାନଙ୍କ ଉପରେ କେବଳ ନିର୍ଭରତା ରଖି ତାଙ୍କ ଚରଣରେ ନିଃଶେଷରେ ନିଜକୁ ସମର୍ପଣ କରିଦେଲେ ଖୁବ୍ ସହଜରେ ଲକ୍ଷ୍ୟରେ ପହଞ୍ଚିପାରେ। ଏ ସମୟରେ ଚୈତ୍ୟପୁରୁଷ ଜାଗ୍ରତ ହେବା ସକାଶେ ପୂର୍ବ କର୍ମ-ବିବର୍ତ୍ତନ ତୁଟି ଯାଏ। ହଠାତ୍ ବହୁ ସଂଖ୍ୟାରେ ବ୍ୟକ୍ତିଙ୍କ ଚୈତ୍ୟପୁରୁଷ ଜାଗ୍ରତ ହୁଏ।

---

In depths of your being shines a light whose purity is equal to its brilliance, a light that is a living and conscious portion of a universal divinity giving life, warmth and illumination to matter, a powerful and infallible guide to those who are willing to listen to his law, a helper full of solace and tender indulgence to all who aspire to see, hear, and obey him. No sincere and lasting aspiration towards him can be in vain, no strong and respectful confidence in him can be disappointed, no expectation is ever frustrated.

**-The Mother**

# ଛାତ୍ର ଓ ଶିକ୍ଷକ ହିସାବରେ ମୋର ଅଭିଜ୍ଞତା

**ଶ୍ରୀ ମନୋଜ କୁମାର ଦାସଗୁପ୍ତ**

(ଶ୍ରୀ ମନୋଜ କୁମାର ଦାସଗୁପ୍ତ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରର ଜଣୈକ ବିଶିଷ୍ଟ କୃତବିଦ୍ୟ ଛାତ୍ର ଓ ସନାମଧନ୍ୟ ଯୁବକ ଅଧ୍ୟାପକ । ଖେଳ କସରତ୍, ଆଥ୍‌ଲେଟିକ୍‌ସଠାରୁ ଆରମ୍ଭ କରି ଗଣିତ ଶାସ୍ତ୍ରର ଗଭୀର ତତ୍ତ୍ୱ, ବିଭିନ୍ନ ଭାଷା ଓ ସଙ୍ଗୀତ, ନାଟ୍ୟକଳା ଇତ୍ୟାଦିରେ ତାଙ୍କର ଖୁବ୍ ପାରଦର୍ଶିତା ରହିଛି । ୧୯୫୦ ସାଲରେ ସକଳ ବିଷୟରେ ଜଣେ କୃତୀ ଛାତ୍ରରୂପେ ଶ୍ରୀମା'ଙ୍କ ହସ୍ତରୁ ଶିକ୍ଷାକେନ୍ଦ୍ରରୁ ପ୍ରଥମ ଥର ପାଇଁ ସେ ସ୍ୱର୍ଣ୍ଣପଦକ ଲାଭ କରିଥିଲେ ।

ଶ୍ରୀ ଦାସଗୁପ୍ତ ଶ୍ରୀମା'ଙ୍କ ବିଶେଷ ନିର୍ଦ୍ଦେଶାନୁସାରେ ଏହି ପ୍ରବନ୍ଧଟି ରଚନା କରି ଶ୍ରୀଅରବିନ୍ଦ ସୋସାଇଟିର ଗତବର୍ଷ (୧୯୬୩) ବାର୍ଷିକ ଅଧିବେଶନରେ ପାଠକରି ଶ୍ରୋତୃବର୍ଗଙ୍କୁ ଚମତ୍କୃତ କରିଥିଲେ । ଏଥିରେ ଲେଖକ ତାଙ୍କର ଛାତ୍ର ଜୀବନର ଓ ତତ୍ପରବର୍ତ୍ତୀ ଅଧ୍ୟାପକ ଜୀବନର ଅନୁଭୂତି ବର୍ଣ୍ଣନା କରିଅଛନ୍ତି । ନଃ ସଃ)

ସମ୍ମାନନୀୟ ଭଦ୍ର ମହିଳା ଓ ଭଦ୍ର ମହୋଦୟଗଣ,

ବର୍ତ୍ତମାନ ମୁଁ ଏକ ସ୍ୱୀକାରୋକ୍ତି ଓ ଏକ ପ୍ରାର୍ଥନା ସହ ଆରମ୍ଭ କରୁଛି । ମୁଁ ସ୍ୱୀକାର କରୁଛି ଯେ ମୁଁ ଖୁବ୍ ଭୟଭୀତ ହୋଇପଡ଼ିଛି, କାରଣ ଏପରି ଏକ ପ୍ରଖ୍ୟାତ ସମ୍ମିଳନୀରେ ଭାଷଣ ଦେବାକୁ ମୁଁ ନିଜକୁ ଅନୁପଯୁକ୍ତ ମନେକରୁଛି । କିନ୍ତୁ ପରିସ୍ଥିତିର ଏକ ଅଦ୍ଭୁତ ଚାପରେ ମୁଁ ବର୍ତ୍ତମାନ ଅବସ୍ଥାରେ ପଡ଼ିଛି । "ଯଦି ତୁମର ପ୍ରଭୁ ତୁମ ପାଇଁ ଦୁଃଖ ଯନ୍ତ୍ରଣାରେ ହିଁ ରଖିଥାଆନ୍ତି, ତେବେ ପ୍ରତିବାଦ କର ନାହିଁ । ଏହାକୁ ଆଶୀର୍ବାଦ ରୂପେ ଗ୍ରହଣ କର ଏବଂ ବାସ୍ତବରେ ଏହା ତାହାହିଁ ହୋଇଉଠିବ ।" –ମା'ଙ୍କର ଏହି ବାଣୀ ସ୍ମରଣ କରି ମୁଁ ଏଠାକୁ ଧାଇଁ ଆସିଛି ଯେଉଁଠାରେ କି ବଡ଼ ବଡ଼ ଲୋକଙ୍କର ସାହସ କୁଳାଏ ନାହିଁ । ସାଧାରଣ ଭାଷଣ ଦେବା ଏହାହିଁ ମୋର ପ୍ରଥମ, ତେଣୁ ମୁଁ ସମସ୍ତଙ୍କୁ ପ୍ରାର୍ଥନା କରୁଛି: ଧୈର୍ଯ୍ୟର ସହିତ ମୁଁ ଯାହା କହୁଛି ଶୁଣନ୍ତୁ, ଯଦି ସମ୍ଭବ ହୁଏ ସ୍ନେହ ଓ ଶ୍ରଦ୍ଧାର ସହିତ । ମୁଁ ଆପଣମାନଙ୍କୁ ପ୍ରତିଶ୍ରୁତି ଦେଉଛି ମୁଁ ବହୁତ ସମୟ ନେବି ନାହିଁ ।

ଶିକ୍ଷାକେନ୍ଦ୍ର ତରଫରୁ କିଛି କହିବାକୁ ମୋତେ ଅନୁରୋଧ କରାଯାଇଛି । ଶିକ୍ଷାକେନ୍ଦ୍ର ସହିତ ମୋର ବ୍ୟକ୍ତିଗତ ସମ୍ବନ୍ଧ: ଏଠାରେ ମୋର ଶିକ୍ଷାଲାଭ ଓ କିପରି ମୁଁ ଏଠାରେ ଅଧ୍ୟାପକ ହେଲି–ଏହିସବୁ ବିଷୟରେ ମୁଁ ଏଠାରେ ଦୃଢ଼ତା ଓ ସୁବିଚାର ସହିତ କହିପାରିବି । କିନ୍ତୁ ତଦ୍ଦ୍ୱାରା ପ୍ରଥମ ପୁରୁଷ ଏକ ବଚନ ବାରମ୍ବାର ବ୍ୟବହାର କରିବାକୁ ହେବ । କିନ୍ତୁ ମୋର ଅନୁରୋଧ ଦୟାପୂର୍ବକ ସ୍ମରଣ ରଖିବେ ଯେ ଏହାଦ୍ୱାରା ଆପଣମାନେ କେବଳ ମୋ ପରି ଜଣେ ବ୍ୟକ୍ତିକୁ ବୁଝିବେ ନାହିଁ, ବରଂ ଏହି ଅନୁଷ୍ଠାନର ଯେକୌଣସି ବ୍ୟକ୍ତିକୁ ଏହିପରି ବୁଝି ପାରିବେ ।

ଯେଉଁ କେତେକ ଭାଗ୍ୟବାନ ଛାତ୍ର ଏହି ଅନୁଷ୍ଠାନ ସହିତ ପ୍ରଥମରୁ ସମ୍ପୃକ୍ତ ମୁଁ ସେମାନଙ୍କ ମଧ୍ୟରୁ ଜଣେ । ଯଦି ମୋତେ ପଚରାଯାଏ ମୋ ଛାତ୍ରଜୀବନର ବୈଶିଷ୍ଟ୍ୟ କ'ଣ, ତେବେ ମୋର ଉତ୍ତର ହେବ: "ସମ୍ପୂର୍ଣ୍ଣ ସ୍ୱାଧୀନତା" । ଏହି ସ୍ୱାଧୀନ ବାତାବରଣ ଯେ କେବଳ ଶିକ୍ଷାକେନ୍ଦ୍ର ସମ୍ବନ୍ଧରେ ପ୍ରଯୁଜ୍ୟ ତାହା ନୁହେଁ, ବରଂ ଆଶ୍ରମର ସମଗ୍ର ଜୀବନ ପ୍ରତି ଏହା ପ୍ରଯୁଜ୍ୟ । କହିବା ବାହୁଲ୍ୟ ଯେ ଏହି ଅନନ୍ୟ ସାଧାରଣ ସ୍ୱାଧୀନତାର ଅସଦ୍‌ବ୍ୟବହାର ଆମ୍ଭେମାନେ ଅନେକ ପରିମାଣରେ କରିଛୁ ଓ କରୁଛୁ ମଧ୍ୟ । ଏ ସମ୍ବନ୍ଧରେ ଅନେକ ଉତ୍କଟ ଶୃଙ୍ଖଳାପ୍ରିୟ ବ୍ୟକ୍ତି (Purist) ବିପଦସୂଚକ ଚକ୍ଷୁରେ ଜିଜ୍ଞାସା କରନ୍ତି, "କାହିଁକି ଏହି ସ୍ୱାଧୀନତା ?"

"... ତୁମ୍ଭମାନଙ୍କୁ ଅକଳ୍ପନୀୟ ସ୍ୱାଧୀନତା ଦିଆହୋଇଛି, ପୃଥିବୀରେ ଅନ୍ୟ କୌଣସି ଅନୁଷ୍ଠାନ ଅଛି ଯେଉଁଠି ପିଲାମାନେ ଏତେ ସ୍ୱାଧୀନ–ଏହା ମୁଁ ବିଶ୍ୱାସ କରେ ନାହିଁ । ବାସ୍ତବରେ ଏତେ ପରିମାଣରେ ସ୍ୱାଧୀନତାର ସଦ୍‌ବ୍ୟବହାର କରିବା ଅତ୍ୟନ୍ତ କଷ୍ଟକର ।

"ତଥାପି ଏହା ପରୀକ୍ଷାଯୋଗ୍ୟ । ତୁମେ ଏହାକୁ ଗ୍ରହଣ କରିପାରୁନାହିଁ, କାରଣ ବସ୍ତୁ ସକଳ ସେମାନଙ୍କ ଯଥାର୍ଥ ସ୍ୱରୂପରେ କ'ଣ ତାହା ତୁମେ ଜାଣ ନାହିଁ । ତୁମ୍ଭମାନଙ୍କୁ ଏଠାରେ ସବୁକିଛି ସ୍ୱାଭାବିକ ବୋଧ ହେଉଅଛି । କିନ୍ତୁ ନିଜ ସ୍ୱାଧୀନତାର ସୁଶୃଙ୍ଖଳ ବ୍ୟବସ୍ଥା କରିବା ବହୁତ କଠିନ । ଆଉ ଥରେ ଯଦି ତୁମ୍ଭେ ନିଜକୁ ଶୃଙ୍ଖଳାବଦ୍ଧ କରିବାରେ କୃତକାର୍ଯ୍ୟ ହୁଅ- ଏବଂ ତାହା ହେବା ଉଚିତ୍ ଉଚ୍ଚତର ଲକ୍ଷ୍ୟ ନିମିତ୍ତ; ପରୀକ୍ଷାରେ ପାସ୍ କରିବା, ଚାକିରୀ ପାଇବା, ଶିକ୍ଷକଙ୍କୁ ସନ୍ତୁଷ୍ଟ କରିବା, ଅନେକ ପୁରସ୍କାର ପାଇବା ବା ଏହିପରି ଅନ୍ୟାନ୍ୟ ସାଧାରଣ ଉଦ୍ଦେଶ୍ୟ ନିମିତ୍ତ ନୁହେଁ ଯାହା ସାଧାରଣତଃ ପିଲାମାନଙ୍କର ଥାଏ; ଗାଳି ନଖାଇବା, ଦଣ୍ଡ ନ ପାଇବା ଭୟ ସକାଶେ ବି ନୁହେଁ; ଏବଂ ଏସବୁ ସତ୍ତ୍ୱେ ଯଦି ତୁମେ ନିଜକୁ

ନିୟମାନୁବର୍ତ୍ତୀ କରିବାରେ କୃତକାର୍ଯ୍ୟ ହୁଅ (ନିଜେ ନିଜର ଶୃଙ୍ଖଳା ବାହାର କରିବା ଦରକାର, ଅନ୍ୟର ଶୃଙ୍ଖଳାକୁ ଅନୁସରଣ କରିବାର ଆବଶ୍ୟକତା ନାହିଁ), କାରଣ ତୁମ୍ଭେ ଉନ୍ନତି କରିବାକୁ ଚାହ, ତୁମ୍ଭ ମଧ୍ୟରେ ଯାହା ସର୍ବଶ୍ରେଷ୍ଠ ତାହାର ପ୍ରକାଶ ତୁମ୍ଭେ ଚାହ, ତେବେହିଁ ତୁମ୍ଭେ ସ୍କୁଲର ସାଧାରଣ ଶୃଙ୍ଖଳା ପାଳନ କରୁଥିବା ଛାତ୍ରଙ୍କଠାରୁ ମହତ୍ତର ବ୍ୟକ୍ତି ହୋଇ ପାରିବ। ତାହାହିଁ ମୁଁ ପରୀକ୍ଷା କରିବାକୁ ଚାହୁଁଛି। ମନେରଖ, ମୁଁ କହୁ ନାହିଁ ଯେ ମୁଁ ଅକୃତକାର୍ଯ୍ୟ ହୋଇଛି; ତଥାପି ମୋର ଉଜ୍ଜ୍ୱଳ ଆଶା ରହିଛି ଦିନେ ତୁମ୍ଭେମାନେ ଜାଣିବ ଏହି ଅନନ୍ୟ ସାଧାରଣ ସୁଯୋଗରୁ କିପରି ଲାଭବାନ ହେବାକୁ ହୁଏ। କିନ୍ତୁ ତୁମକୁ ଗୋଟାଏ ଜିନିଷ ଖୋଜି ବାହାର କରିବାକୁ ହେବ: ଗୋଟାଏ ଆନ୍ତର ଶୃଙ୍ଖଳାର ଆବଶ୍ୟକତା; ଶୃଙ୍ଖଳା ବ୍ୟତୀତ ତୁମେ ଏକ ପାଦ ମାତ୍ର ଅଗ୍ରସର ହୋଇପାରିବ ନାହିଁ; ଏପରିକି ମନୁଷ୍ୟଭାବେ ଅତି ସାଧାରଣ ଜୀବନ ମଧ୍ୟ ଯାପନ କରିପାରିବ ନାହିଁ। କିନ୍ତୁ ସାଧାରଣ ସମାଜ, ସାଧାରଣ ଅନୁଷ୍ଠାନରେ ପ୍ରଚଳିତ ଶୃଙ୍ଖଳା ପରିବର୍ତ୍ତେ ମୁଁ ଚାହୁଁଥିଲି ଏବଂ ବର୍ତ୍ତମାନ ମଧ୍ୟ ଚାହୁଁଛି, ତୁମ୍ଭେମାନେ ନିଜେ ନିଜର ଶୃଙ୍ଖଳା ବାଛିନିଅ। ଆଉ ତାହାର ଉଦ୍ଦେଶ୍ୟ ହେଉ ପୂର୍ଣ୍ଣତା ପ୍ରାପ୍ତି–ତୁମ୍ଭ ନିଜର ପୂର୍ଣ୍ଣତା, ତୁମ୍ଭ ସତ୍ତାର ପୂର୍ଣ୍ଣତା....।"

ପୁନଶ୍ଚ ସେହି ଦିନହିଁ ମା' କହିଥିଲେ, "ଏହାର ଅର୍ଥ ନୁହେଁ ଯେ ସାମାଜିକ ବା ଅନ୍ୟ କୌଣସି ପ୍ରକାର ପ୍ରଚଳିତ ସାଧାରଣ ଶୃଙ୍ଖଳାକୁ ମୁଁ ଅତ୍ୟନ୍ତ ଘୃଣା କରେ ଏବଂ ସମସ୍ତ ପ୍ରକାର ଶୃଙ୍ଖଳାରୁ ନିଜକୁ ଦୂରରେ ରଖିବାକୁ ହେବ। ବରଂ ମୁଁ ଚାହେଁ ଯେ ପ୍ରତେକକୁ ନିଜର ଆନ୍ତର ଆସ୍ପୃହାର ଐକାନ୍ତିକତା ଓ ନିଜକୁ ଉପଲବ୍ଧି କରିବାର ଇଚ୍ଛା ସାହାଯ୍ୟରେ ନିଜର ଶୃଙ୍ଖଳା ଖୋଜି ବାହାର କରିବାକୁ ହେବ।" ଏହି ବାକ୍ୟ ପ୍ରତି ଲକ୍ଷ୍ୟ ରଖ: ବରଂ ମୁଁ ଚାହେଁ....।

ମୁଁ ଏକନିଷ୍ଠ ଭାବରେ ବିଶ୍ୱାସ କରେ ଯେ ଆମ ଶିକ୍ଷାକେନ୍ଦ୍ର ସମ୍ବନ୍ଧରେ ଯାହା ଅନନ୍ୟ ସାଧାରଣ ତାହା ତାହାର ଶିକ୍ଷାଗତ ସଙ୍ଗଠନ ନୁହେଁ, ବରଂ ତାହାର ବୈଶିଷ୍ଟ୍ୟ ହେଲା ଦିବ୍ୟଜନନୀଙ୍କର ସାନ୍ନିଧ୍ୟ, ଜୀବନ୍ତ ବାତାବରଣ, ଯାହା ଏଠାରେ ଥିବା ଛାତ୍ରକୁ ଦିନେ ନା ଦିନେ, କୌଣସି ବାହ୍ୟିକ ବାଧ୍ୟବାଧକତା ବ୍ୟତୀତ, ଏକ ଆନ୍ତର ଶୃଙ୍ଖଳା, ଏକ ଆନ୍ତର ପୂର୍ଣ୍ଣତା ପାଇଁ ଜାଗ୍ରତ କରାଏ।

ପ୍ରଥମରୁ ହିଁ ଆମ୍ଭେମାନେ ସଚେତନ ଥିଲୁ ଯେ ଏଠାରେ କେବଳ ଅଧ୍ୟୟନର ସଫଳତାକୁ ଲକ୍ଷ୍ୟ ବୋଲି ଧରାଯାଇ ନାହିଁ। ଶିକ୍ଷକମାନଙ୍କୁ ଗୋଟିଏ ବାଣୀରେ ମା' ଥରେ କହିଛନ୍ତି:

"ଆମ୍ଭେମାନେ ଏଠାରେ ବହୁସଂଖ୍ୟକ ଛାତ୍ର ଚାହୁଁ ନାହୁଁ ବରଂ କେତେକ ନିର୍ବାଚିତ ଛାତ୍ରଙ୍କୁ ଚାହୁଁ; ଆମ୍ଭେମାନେ ଚାହୁଁ ନାହୁଁ ଖୁବ୍ ବୁଦ୍ଧିମାନ ଛାତ୍ର, କିନ୍ତୁ ଜାଗ୍ରତ ଆତ୍ମା।"

ଏ କଥାର ଅର୍ଥ ଯେପରି କେହି ଭୁଲ ନ ବୁଝନ୍ତି ଯେ ମା' ବିଦ୍ୟାଚର୍ଚ୍ଚାକୁ ବିଶେଷ ମୂଲ୍ୟ ଦିଅନ୍ତି ନାହିଁ। ବାସ୍ତବରେ ଗୋଟିଏ କ୍ଲାସରେ ସେ ଥରେ ଆମ୍ଭମାନଙ୍କୁ କହିଥିଲେ:

"ଏ ପ୍ରକାର କୌଣସି ଭ୍ରାନ୍ତ ଧାରଣା ରଖ ନାହିଁ ଯେ ଯଦି ତୁମ୍ଭେ ପଠନ ନିମିତ୍ତ ସମସ୍ତ ପ୍ରକାର ଚେଷ୍ଟାରୁ ନିବୃତ୍ତ ହୁଅ, ଅତିମାନସ କ୍ରିୟା ଫଳରେ ତୁମ୍ଭେ ଉଚ୍ଚ ପ୍ରତିଭାସମ୍ପନ୍ନ ବ୍ୟକ୍ତି ହୋଇପାରିବ ବା ଅତିମାନସ ପ୍ରତିଭାର ଅଧିକାରୀ ହୋଇପାରିବ। କାରଣ ଏପରିକି ତୁମ୍ଭେ ଯଦି ନିଜର ଆନ୍ତର ଆସ୍ପୃହା ବା ଭଗବତ୍ କୃପା ସାହାଯ୍ୟରେ ଉଚ୍ଚତର ଜ୍ୟୋତିର ସଂସ୍ପର୍ଶରେ ଆସ, ତଥାପି ତୁମ ମସ୍ତିଷ୍କରେ ଏପରି କିଛି ନ ଥିବ ଯାହା ତାହାକୁ ପ୍ରକାଶ କରିବାରେ ତୁମକୁ ସାହାଯ୍ୟ କରିବ। ସୁତରାଂ ତାହା ସମ୍ପୂର୍ଣ୍ଣ ଏକ ଅସ୍ପଷ୍ଟ ଅବସ୍ଥାରେ ରହିବ ଏବଂ ତୁମ୍ଭର ବାହ୍ୟ ଜୀବନରେ କୌଣସି ପରିବର୍ତ୍ତନ ଆଣିବ ନାହିଁ। କିନ୍ତୁ ସେହିପରି ରହିବାକୁ ତୁମକୁ ଯଦି ଖୁସି ଲାଗେ, ତେବେ ଅନ୍ୟ କାହାରି କୌଣସି ଅଧିକାର ନାହିଁ ତୁମକୁ ଅନ୍ୟ କିଛି ହେବାକୁ ବାଧ୍ୟ କରିବା ପାଇଁ। ତୁମକୁ ସେ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେବ ଯେପର୍ଯ୍ୟନ୍ତ ତୁମର ଚେତନାର ଉନ୍ନତି ନ ହୋଇଛି ଯାହାଦ୍ୱାରା ତୁମେ ଭଲ ମନ୍ଦ ବାଛିପାରିବ।" "ସାବିତ୍ରୀ"ରେ ଅଛି:

But how shall come the glory and the flame
If the mind is cast away into the abyss?

ଅର୍ଥାତ୍ "ଯଦି ମନକୁ ବର୍ଜନ କରାଯାଏ, ତେବେ ସେହି ଐଶ୍ୱର୍ଯ୍ୟ ଓ ଦୀପ୍ତି ଦେଖାଦେବ କିପରି ?"

ମନେପଡୁଛି, କିଛିଦିନ ପୂର୍ବେ ମୋର ସହପାଠୀ ଓ ଅନ୍ତରଙ୍ଗ ବନ୍ଧୁମାନଙ୍କ ସହିତ ମୋର ଖୁବ୍ ଗରମାଗରମ ଆଲୋଚନାର କଥା। ଆଲୋଚନାର ସାରାଂଶ ହେଲା ଅଧ୍ୟୟନର ନିରର୍ଥକତା: ମୋର ବନ୍ଧୁମାନଙ୍କ ମଧ୍ୟରୁ ଜଣେ କହିଲେ, "ଦେଖ, ମୋର ପିତା ମାଟ୍ରିକ୍ୟୁଲେସ୍ ପର୍ଯ୍ୟନ୍ତ ମଧ୍ୟ ପଢ଼ିନାହାନ୍ତି; ତଥାପି ସେ କେତେ ଚମତ୍କାର ଇଂରାଜୀ କହନ୍ତି, ଏବଂ ଜଣେ ଖୁବ୍ ଦକ୍ଷ ବ୍ୟବସାୟୀ !" ଅନ୍ୟଜଣେ ଶ୍ରୀରାମକୃଷ୍ଣଙ୍କ ଉଦାହରଣ ଦେଲେ, ଇତ୍ୟାଦି ଇତ୍ୟାଦି। ତା'ପର ଦିନ ସକାଳେ ମୁଁ ସବୁକଥା ମା'ଙ୍କୁ କହିଲି। ଶେଷରେ ମା' ମୋତେ ବୁଝାଇ ଦେଲେ ଶ୍ରୀଅରବିନ୍ଦ କିପରି ସୁପଣ୍ଡିତ ଥିଲେ ଏବଂ କିପରି ସେ ନିଜେ ଛୁଟି ଦିନମାନଙ୍କରେ ସ୍କୁଲ ପାଠ୍ୟ ବ୍ୟତୀତ ଅନ୍ୟ ବିଷୟ ପଢୁଥିଲେ, କିପରି ସେ ଉଚ୍ଚତର ଶ୍ରେଣୀରେ ପଢୁଥିବା ତାଙ୍କ ଭାଇଙ୍କ ପାଠ୍ୟ ବିଷୟ ମଧ୍ୟ ପଢୁଥିଲେ। ଯେତେବେଳେ ମୁଁ ପଚାରିଲି, "କିନ୍ତୁ ମା', ଆପଣ ତ' ମୋର ବନ୍ଧୁ କ'ଙ୍କୁ ପଢ଼ା ଛାଡ଼ିବାକୁ ଅନୁମତି ଦେଲେ!", ସେ ସ୍ମିତହାସ୍ୟ ସହିତ କହିଲେ, "ଲୋକମାନେ ମୋ ପାଖକୁ ଆସି ମୋତେ କହନ୍ତି, 'ମୁଁ

ଏହା କରିବାକୁ ଚାହେଁ'–ମୁଁ କହେ, 'ଠିକ୍ ଅଛି, ତାହାହିଁ କର।' କିନ୍ତୁ ସେମାନେ ଯଦି ମୋର ମତାମତ ଚାହିଁବେ ତେବେ ତାହା ଅନ୍ୟ କଥା।"

ଏ ସମ୍ବନ୍ଧରେ ମୋର ଅନ୍ୟ ଗୋଟିଏ କଥା ମନେପଡୁଛି। ସହରର ଏକ ବିଖ୍ୟାତ ସିନେମା ଚାଲିଥିଲା। ସଂକ୍ଷେପରେ କହିଲେ ହିନ୍ଦି ଫିଲ୍ମ 'ଆବରା" । ମୋର କେତେକ ବନ୍ଧୁ ଏହି ଫିଲମଟି ଦେଖି ମୋତେ କହିଲେ ଯେ ଏପରି ଗୋଟିଏ ଫିଲ୍ମ ନ ଦେଖିବା ମୋ ପକ୍ଷରେ ବୋକାମୀର ପରିଚାୟକ ହେବ। ତେଣୁ ମୁଁ ମା'ଙ୍କୁ ପଚାରିଲି ଓ ତାଙ୍କର ଅନୁମତି ଚାହିଁଲି। ମା' କହିଲେ ଯେ ମୁଁ ଯାଇପାରେ। କିନ୍ତୁ ତା'ପରେ ମୁଁ କହିଲି, "ମା', ଯଦି ଆପଣଙ୍କର ତିଳେମାତ୍ର ଆପତ୍ତି ଥାଏ, ତେବେ ମୁଁ ଯିବି ନାହିଁ।" ତା'ପରେ ମା' ମୋତେ ବୁଝାଇ ଦେଲେ କାହିଁକି ସେ ଆମ୍ଭମାନଙ୍କର ବାହାର ସିନେମା ହଲ୍‌କୁ ଯିବା ପସନ୍ଦ କରନ୍ତି ନାହିଁ ଏବଂ କିପରି ତଦ୍ଦ୍ୱାରା ଏପରି ଶକ୍ତି (force)ର ବିନିମୟ ହୁଏ ଯାହାକି ଆଶ୍ରମ ଜୀବନ ପକ୍ଷରେ କ୍ଷତିକାରକ। ସୁତରାଂ ମୁଁ ଗଲି ନାହିଁ ଏବଂ ତଦ୍ଦ୍ୱାରା ମୁଁ ସୁଖୀ ହୋଇଥିଲି।

ବାସ୍ତବରେ ମା'ଙ୍କ ସମ୍ବନ୍ଧରେ ଏହାହିଁ ଆମ୍ଭ ସମସ୍ତଙ୍କର ଅଭିଜ୍ଞତା। ସେ ନିଜ ଇଚ୍ଛା କେବେହେଲେ ଅନ୍ୟ ଉପରେ ଲଦି ଦିଅନ୍ତି ନାହିଁ, କାହାକୁ କୌଣସି କାର୍ଯ୍ୟ କରିବାକୁ କଦାପି ବାଧ କରନ୍ତି ନାହିଁ। ସେ ପଥ ଦେଖାଇ ଦିଅନ୍ତି। ବ୍ୟକ୍ତି ତାହାକୁ ଅନୁସରଣ କରିବ କି ନାହିଁ ତାହା ପୂର୍ଣ୍ଣରୂପେ ନିର୍ଭର କରେ ବ୍ୟକ୍ତି ଉପରେ।

ମୁଁ କିପରି ଅଧ୍ୟାପକ ହେଲି ବର୍ତ୍ତମାନ ସେ ସମ୍ବନ୍ଧରେ କହି ଶେଷ କରିବି।

୧୯୪୫ ମସିହା ମାର୍ଚ୍ଚ ୧୬ ତାରିଖ। ସକାଳେ ମା'ଙ୍କୁ ପ୍ରଣାମ କରିବାକୁ ମୁଁ ଯାଉଥିଲି। ହଠାତ୍ ଆଶ୍ରମ ପ୍ରାଙ୍ଗଣରେ ସମାଧି ଉପରେ ସର୍ଭିସ୍ ବୃକ୍ଷରୁ ଗୋଟିଏ ପୁଷ୍ପ ମୋ ସମ୍ମୁଖରେ ଝଡ଼ି ପଡିଲା। ମୁଁ ସତଃସ୍ଫୁର୍ତ୍ତ ଭାବେ ଫୁଲଟି ଉଠାଇ ଆଣିଲି ଏବଂ ସ୍ଥିର କଲି ଯେ ଏହାହିଁ ମା'ଙ୍କୁ ଆଜି ଅର୍ପଣ କରିବି। ମୁଁ ଅନ୍ୟ କୌଣସି ପୁଷ୍ପ ନେଲି ନାହିଁ। ମୁଁ ଯେତେବେଳେ ମା'ଙ୍କୁ 'ସର୍ଭିସ' ଫୁଲଟି ଅର୍ପଣ କଲି ସେ ମୋତେ ଚାହିଁ ତାତ୍ପର୍ଯ୍ୟପୂର୍ଣ୍ଣ ଭାବରେ ହସିଲେ। ପରେ ସନ୍ଧ୍ୟାବେଳେ ସେ ମୋତେ କହିଲେ, "ଆଜି ସକାଳେ ତୁ ମୋତେ 'ସର୍ଭିସ୍' ଫୁଲଟି ଅର୍ପଣ କରିଥିଲୁ, ତେବେ କିଛି ସେବା (ସର୍ଭିସ୍) କର–କିଛି ଦାୟିତ୍ୱ ନେ।" ମୁଁ ଖୁବ୍ ଆନନ୍ଦିତ ହୋଇଗଲି ଏବଂ କହିଲି ଯେ ଗଣିତ ଶିକ୍ଷକ ହେବା ପାଇଁ ମୁଁ ସବୁବେଳେ ଇଚ୍ଛା କରିଛି। ମା' କହିଲେ, "ଆଃ, ମୋର ଅନୁମାନ (Intuition) ତେବେ ଠିକ୍।" ସେ ତତ୍‌କ୍ଷଣାତ୍ ପବିତ୍ର (Director of Sri Aurobindo International Centre of Education)ଙ୍କୁ ଡାକି ମୋ ପାଇଁ ଗୋଟିଏ ଗଣିତ କ୍ଲାସ୍‌ର ବ୍ୟବସ୍ଥା କରିଦେବାକୁ କହିଲେ। ବିଚରା ପବିତ୍ର ଖୁବ୍ ହଇରାଣରେ ପଡ଼ିଲେ। କାରଣ ସେତେବେଳକୁ ଶିକ୍ଷା-ବର୍ଷ ଆରମ୍ଭ ହୋଇ ଯାଇଥିଲା, କ୍ଲାସ୍ ଓ ଶିକ୍ଷକ ନିର୍ଦ୍ଦିଷ୍ଟ ହୋଇସାରିଥିଲେ– ଏବଂ ସବୁଠାରୁ ମୁସ୍କିଲ ହେଲା ଯେ ମୁଁ ଥିଲି ସେତେବେଳେ ଜଣେ ପୁରାପୁରି ଛାତ୍ର। କେତେ ଘଣ୍ଟା ଉପଯୁକ୍ତ ଓ ଅଲଗା ସମୟ ଠିକ୍ କରିବାକୁ ପବିତ୍ରଙ୍କୁ ପ୍ରାୟ ସପ୍ତାହେ ସମୟ ଲାଗିଗଲା। ଠିକ୍ କରାହେଲା ଯେ ଚତୁର୍ଥ ଶ୍ରେଣୀର ପିଲାମାନଙ୍କ ପାଇଁ ମୁଁ ଅଧିକା ଗଣିତ କ୍ଲାସ ନେବି। ଏହି ତାରିଖଟି ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ, କାରଣ ଏହା ହେଉଛି ମୋ ମା'ଙ୍କର ଜନ୍ମଦିନ ଯେକି ପାଞ୍ଚମାସ ପୂର୍ବରୁ ଦେହତ୍ୟାଗ କରିଥିଲେ। ନିର୍ଦ୍ଧାରିତ କୌଣସି ପାଠ୍ୟପୁସ୍ତକକୁ ଅନୁସରଣ ନ କରି ପିଲାମାନଙ୍କୁ ବୁଦ୍ଧିପରୀକ୍ଷାମୂଳକ ଅଙ୍କ କରାଇବାକୁ ମା' ମୋତେ ଉପଦେଶ ଦେଲେ, ଯେଉଁ ପ୍ରକାରର ଅଙ୍କ ମା' ନିଜେ କିଛିବର୍ଷ ପୂର୍ବେ ମୋତେ ଶିଖାଇ ଥିଲେ।

କୌଣସି ନିର୍ଦ୍ଧାରିତ ପାଠ୍ୟ ପୁସ୍ତକକୁ ଅନୁସରଣ ନ କରିବାକୁ ମା' ଅନେକ ଥର ଶିକ୍ଷକମାନଙ୍କୁ କହିଛନ୍ତି। ଥରେ ଯେତେବେଳେ ମୁଁ ମା'ଙ୍କୁ ଆସନ୍ତା ବର୍ଷର କ୍ଲାସ ଏବଂ ମୋର କିଶୋର ଛାତ୍ରମାନଙ୍କର ତାଲିକା ଦେଖାଇଲି, ମା' କହିଲେ, "ଦେଖ, ମୁଁ ଚାହେଁ କିପରି ଭାବିବାକୁ ହୁଏ ତୁ ତାଙ୍କୁ ଶିକ୍ଷା ଦେବୁ। ଚିନ୍ତା କରିବାକୁ ସେମାନେ ଶିଖିବା ଉଚିତ।" ସେ ମଧ୍ୟ ମୋତେ କହିଲେ କିପରି ଶ୍ରୀଅରବିନ୍ଦ କୌଣସି ପାଠ୍ୟ ପୁସ୍ତକର ବିନା ସାହାଯ୍ୟରେ ପଢ଼ାଉ ଥିଲେ।

ଯଦି ମୋତେ ପଚରାଯାଏ ଶିକ୍ଷକ ହିସାବରେ ମୋର ଅଭିଜ୍ଞତା କ'ଣ, ତେବେ ମୁଁ କହିବି: "ନିଜକୁ ଭଲ ଭାବରେ ଜାଣିବା ପାଇଁ ଏହା ଏକ ସୁଯୋଗ।" କେବଳ ଯେ ମୋର ଜ୍ଞାନର ଅପରିପକ୍ୱତା ସ୍ପଷ୍ଟ ଭାବେ ଜଣାପଡ଼େ, ତାହା ନୁହେଁ, ମୋର ସ୍ୱଭାବର ସମସ୍ତ ଦୁର୍ବଳତା ଆପେ ଆପେ ଧରାପଡ଼ିଯାଏ। ଅନ୍ୟମାନଙ୍କୁ ଶୃଙ୍ଖଳିତ କରିବା ପୂର୍ବରୁ ଏକ ଆନ୍ତର ଶୃଙ୍ଖଳାର ଆବଶ୍ୟକତା ଉପଲବ୍ଧି କରାଯାଏ। ବିଶ୍ୱାସ କର, ଶିକ୍ଷାଦେବା କେବେହେଲେ ସହଜ ନୁହେଁ। ଥରେ ମା' ଆମ୍ଭମାନଙ୍କୁ କହିଥିଲେ:

"ଯେଉଁ ଶିକ୍ଷକମାନେ ଏକ ପୂର୍ଣ୍ଣ ଅଚଞ୍ଚଳତା, ଏକ ଅବ୍ୟର୍ଥ ସହନଶୀଳତା, ଗୋଟାଏ ଅଟଳ ସ୍ଥିରତାର ଅଧିକାରୀ ନୁହଁନ୍ତି, ଯେଉଁମାନେ ନିଜ ଅହଂକାରରେ ଭରପୁର ସେମାନଙ୍କ ପାଇଁ କେଉଁଠି ହେଲେ ସ୍ଥାନ ନାହିଁ।

"ଜଣେ ଉତ୍ତମ ଶିକ୍ଷକ ହେବାକୁ ହେଲେ ସାଧୁ ଓ ବୀର ହେବା ଆବଶ୍ୟକ।

"ଜଣେ ଉତ୍ତମ ଶିକ୍ଷକ ହେବାକୁ ହେଲେ ଯୋଗୀ ହେବା ଆବଶ୍ୟକ।

"ତୁମେ ଯଦି ଚାହଁ ଯେ ତୁମର ଛାତ୍ରମାନେ ଯଥାର୍ଥ ଭାବ ପୋଷଣ କରନ୍ତୁ, ତେବେ ତୁମ୍ଭଙ୍କୁ ଯଥାର୍ଥ ଭାବ ପୋଷଣ କରିବାକୁ ହେବ।

"ତୁମ୍ଭେ ନିଜେ ଯାହା କର ନାହିଁ ଅନ୍ୟକୁ ତାହା କରିବାକୁ କହିପାରିବ ନାହିଁ। ଏହାହିଁ ନିୟମ।

"ତୁମ୍ଭେ ବର୍ତ୍ତମାନ କ'ଣ ଅଛ ଏବଂ ତୁମ୍ଭଙ୍କୁ କ'ଣ ହେବାକୁ ହେବ– ଏହା ମଧ୍ୟରେ ଥିବା ପାର୍ଥକ୍ୟ ପ୍ରତି ତୁମ୍ଭଙ୍କୁ ନିଜ ଅନ୍ତରରେ ଦୃଷ୍ଟି ଦେବାକୁ ହେବ। ଏହି ପାର୍ଥକ୍ୟହିଁ କ୍ଲାସରେ ତୁମର ଅସଫଳତାର ମାପକାଠି।

"ଏତିକି ମାତ୍ର ମୁଁ ତୁମ୍ଭମାନଙ୍କୁ କହିପାରେ।"

"ପୁନଶ୍ଚ, ଯେତେବେଳେ ସୁଯୋଗ ମିଳିଛି, ଆଉ ଦି'ପଦ କହେ: ଏଠାରେ ମୁଁ ଅନେକ ଛାତ୍ରଙ୍କୁ, ଯେତେବେଳେ ସେମାନଙ୍କର ବୟସ ହୁଏ ଓ ସେମାନେ କିଛି ଜାଣନ୍ତି ନାହିଁ, ତାଙ୍କୁ ଶିକ୍ଷକତା କରିବାକୁ କହେ। କିନ୍ତୁ ଆଉ କେତେକ ଭାବନ୍ତି ଯେ କୌଣସି ନା କୌଣସି କାର୍ଯ୍ୟ କରିବା ଭଲ ଏବଂ ସର୍ବୋପରି ଶିକ୍ଷକମାନଙ୍କର ଆବଶ୍ୟକତା ଅଛି ଏବଂ ସେମାନଙ୍କୁ ପାଇଲେ ମୁଁ ଖୁସି ହେବି। କିନ୍ତୁ ମୁଁ କହି ରଖୁଛି–କାରଣ ଏହା ଏକ ବାସ୍ତବ ସତ୍ୟ–ଯେଉଁମାନେ ଏଠାରେ ଶିକ୍ଷାଦୀକ୍ଷା ପାଇଛନ୍ତି ସେମାନଙ୍କ ମଧ୍ୟରୁ କାହାକୁ ମୁଁ ଅଧ୍ୟାପନା କରିବାକୁ କରିବାକୁ କହେ ନାହିଁ, ଯଦି ମୁଁ ନ ଦେଖେ ଯେ ଏହାହିଁ ତା' ନିଜକୁ ଶୃଙ୍ଖଳାବଦ୍ଧ କରିବାର ସର୍ବୋତ୍କୃଷ୍ଟ ଉପାୟ, ଯଦି ମୋର ହୃଦ୍‌ବୋଧ ନ ହୁଏ ଯେ ଏହାଦ୍ୱାରାହିଁ ତାହାକୁ ଯାହା ଶିକ୍ଷା ଦେବାକୁ ହେବ ତାହା ସେ ଉତ୍ତମ ରୂପେ ଶିକ୍ଷା କରି ପାରିବ ଏବଂ ଏକ ଆନ୍ତର ପୂର୍ଣ୍ଣତା ପ୍ରାପ୍ତ କରିପାରିବ–ଯାହା କି ଶିକ୍ଷକ ନ ହୋଇଥିଲେ ଏବଂ ନିଜକୁ ଶୃଙ୍ଖଳାବଦ୍ଧ କରିବାର ସର୍ବୋତ୍କୃଷ୍ଟ ଉପାୟ, ଯଦି ମୋର ହୃଦ୍‌ବୋଧ ନ ହୁଏ ଯେ ଏହାଦ୍ୱାରାହିଁ ତାହାକୁ ଯାହା ଶିକ୍ଷା ଦେବାକୁ ହେବ ତାହା ସେ ଉତ୍ତମ ରୂପେ ଶିକ୍ଷା କରି ପାରିବ ଏବଂ ଏକ ଆନ୍ତର ପୂର୍ଣ୍ଣତା ପ୍ରାପ୍ତ କରିପାରିବ –ଯାହା କି ଶିକ୍ଷକ ନ ହୋଇଥିଲେ ଏବଂ ନିଜକୁ ନିୟମାନୁବର୍ତ୍ତୀ କରିବାର ଏହି ସୁଯୋଗ, ଯାହା ଅସାଭାବିକ କରିବାର ଏହି ସୁଯୋଗ, ଯାହା ଅସାଭାବିକ ଭାବରେ କଠିନ, ଉପସ୍ଥିତ ନ ହୋଇଥିଲେ ସେ କେବେହେଲେ ପ୍ରାପ୍ତ କରିପାରି ନ ଥା'ନ୍ତା।

ଯେତେବେଳେ ମୁଁ ମୋ ନିଜ ପ୍ରତି ଦୃଷ୍ଟି ଦିଏ ଓ ମା' ଆମ ସମ୍ମୁଖରେ ଯେଉଁ ମହାନ୍ ଆଦର୍ଶ ଉପସ୍ଥାପିତ କରିଛନ୍ତି ତାହାରି ଆଲୋକରେ ମୋର ସମସ୍ତ ତ୍ରୁଟି ବିଚ୍ୟୁତିର ବିଚାର କରେ ସେତେବେଳେ ଏକ ଗଭୀର ଦୁଃଖ ମୋର ସତ୍ତାକୁ ଆବୃତ କରିପକାଏ। କିନ୍ତୁ ତତ୍‌କ୍ଷଣାତ୍ ମୁଁ ମା'ଙ୍କ ବାଣୀ ସ୍ମରଣ କରେ:

"ବିଶ୍ୱ ଇତିହାସରେ ଶ୍ରୀଅରବିନ୍ଦ ଯାହା ଉପସ୍ଥାପିତ କରୁଅଛନ୍ତି ତାହା ଏକ ସାଧାରଣ ଶିକ୍ଷା ନୁହେଁ, ଏପରିକି ଏକ ଶ୍ରୁତ-ବାଣୀ ନୁହେଁ; ଏହା ସର୍ବୋତ୍ତମଙ୍କଠାରୁ ଏକ ପ୍ରତ୍ୟକ୍ଷ ନିର୍ଦ୍ଦିଷ୍ଟ କ୍ରିୟା।"

ତତ୍ପରେ ମୁଁ ନିଜକୁ କହେ: ଆମ୍ଭମାନଙ୍କର ମାନବିକ ଦୁର୍ବଳତା କେବେହେଲେ ଭଗବାନଙ୍କ ଅଭିବ୍ୟକ୍ତିର ପଥରେ ବାଧକ ହେବ ନାହିଁ। ସେତେବେଳେ ଏହି କୁହୁକ ମନ୍ତ୍ର ମୋ କର୍ଣ୍ଣ କୁହରରେ ପ୍ରତିଧ୍ୱନିତ ହୋଇଉଠେ।:

"A few shall see what none yet understands;
God shall grow up while the wise men talk and sleep;
For man shall not know the coming till its hour
And belief shall be not till the work is done."

# ଭଗବତ୍ ରାଜ୍ୟ ସ୍ଥାପନ

ଶ୍ରୀ ପ୍ରପତ୍ତି

ପୃଥିବୀ ପୃଷ୍ଠରେ ଭଗବତ୍ ରାଜ୍ୟସ୍ଥାପନ ନିମିତ୍ତ ସତ୍ୟ ଓ ପ୍ରେମର ପ୍ରତିଷ୍ଠାହିଁ ପ୍ରାଥମିକ କାର୍ଯ୍ୟ। କିନ୍ତୁ ଏହି ସତ୍ୟ ଓ ପ୍ରେମର ବିଜୟ ଓ ପ୍ରତିଷ୍ଠା କିଛି ସହଜ ବ୍ୟାପାର ନୁହେଁ। ଏହା ସୁସ୍ପଷ୍ଟ ଯେ ବର୍ତ୍ତମାନ ପରିସ୍ଥିତିରେ ସତ୍ୟ ଓ ପ୍ରେମ ପ୍ରତି ମନୁଷ୍ୟ ସମାଜର ଗଭୀର ଦୃଷ୍ଟି ଓ ଆନ୍ତରିକ ଶ୍ରଦ୍ଧା ନାହିଁ। ଅବଶ୍ୟ ନାନା ଦୁଃଖ ଓ ଯନ୍ତ୍ରଣାମୂଳକ ପରିସ୍ଥିତି ମଧ୍ୟଦେଇ ମନୁଷ୍ୟର ଚେତନା ଜାଗ୍ରତ ହୁଏ, ବାହ୍ୟିକ ଦୁଃଖ ଓ ବିପଦ ଯେପରି ଆନ୍ତର ଅଗ୍ନି ଓ ସାମର୍ଥ୍ୟକୁ ତୋଳି ଧରେ।

କେହି କେହି ମନେକରନ୍ତି ଯେ ଯଦି ସତ୍ୟ ଓ ପ୍ରେମ ଦ୍ୱାରାହିଁ ଦିବ୍ୟ ଭଗବତ୍ ରାଜ୍ୟ ପ୍ରତିଷ୍ଠିତ ହେବ ତେବେ ଭଗବାନ ସ୍ୱୟଂ ଏହି ସତ୍ୟ ଓ ପ୍ରେମକୁ ମନୁଷ୍ୟ-ସମାଜ ଉପରେ ଜବରଦସ୍ତି ଚାପି ଦେଉନାହାନ୍ତି କାହିଁକି ? ଏହାଦ୍ୱାରା ଭଗବତ୍ ରାଜ୍ୟ ଶୀଘ୍ର ଶୀଘ୍ର ପ୍ରତିଷ୍ଠିତ ହୋଇଯିବ। କିନ୍ତୁ ସତ୍ୟ ଓ ପ୍ରେମକୁ କାହାର ଉପରେ ଲଦିଦିଆଯାଏ ନାହିଁ, ତଦ୍ୱାରା ଏହା କୃତ୍ରିମତାରେ ପରିଣତ ହୁଏ। ସତ୍ୟ ବା ପ୍ରେମର ସ୍ୱରୂପ ସତଃସ୍ଫୁର୍ତ୍ତତା–ଏହି ସମ୍ବନ୍ଧରେ ମା'ଙ୍କ ବାଣୀ ପାଠ କଲେ ବିଷୟଟି ଖୁବ୍ ସ୍ପଷ୍ଟ ହୋଇଉଠିବ:

".... But it is evident that Truth and Love are not quite welcome just now upon the earth, because the human heart is not yet ready for them – and if they are enforced upon the human consciousness by an act of Power, they would no more be the Truth and the Love but something artificial.

That is why the collaboration of the human consciousness is indispensable and the way is long and ardous. ..."

ଅର୍ଥାତ୍ " ... କିନ୍ତୁ ଏହା ସ୍ପଷ୍ଟ ଯେ ଠିକ୍ ବର୍ତ୍ତମାନ ମୁହୂର୍ତ୍ତରେ ପୃଥିବୀପୃଷ୍ଠରେ କେହି ସତ୍ୟ ଓ ପ୍ରେମକୁ ଚାହୁଁ ନାହାନ୍ତି, କାରଣ ମନୁଷ୍ୟ ହୃଦୟ ଏପର୍ଯ୍ୟନ୍ତ ସେସବୁ ପାଇଁ ପ୍ରସ୍ତୁତ ହୋଇନାହିଁ। ଆଉ ଯଦି ସେସବୁକୁ ଗୋଟିଏ ଦିବ୍ୟ କ୍ଷମତା ବଳରେ ମନୁଷ୍ୟ-ଚେତନା ଉପରେ ଜବରଦସ୍ତି ଚାପିଦିଆଯାଏ, ତେବେ ତାହା ଆଉ ସତ୍ୟ ଓ ପ୍ରେମ ହୋଇ ରହିବ ନାହିଁ ବରଂ କୃତ୍ରିମ ବସ୍ତୁରେ ପରିଣତ ହେବ।

ସେଥିପାଇଁ ଏହି କାର୍ଯ୍ୟରେ ମନୁଷ୍ୟର ସହଯୋଗ ଏକାନ୍ତ ଆବଶ୍ୟକ ଏବଂ ମାର୍ଗ ଦୀର୍ଘ ଓ ଆୟାସସାଧ...।"

ସୁତରାଂ କେବଳ ଭଗବାନ ପୃଥିବୀରେ ଅବତାର ଗ୍ରହଣ କଲେ ତାଙ୍କ କାର୍ଯ୍ୟ ବିନା ବାଧା ଓ ପ୍ରତିରୋଧରେ ସମ୍ପୂର୍ଣ୍ଣ ହୁଏ, ଏହା କେବେବି ନୁହେଁ। ସତ୍ୟ-ଚେତନାର ପ୍ରତିଷ୍ଠା ଓ ଗ୍ରହଣ ନିମିତ୍ତ ମାନବିକ ସହଯୋଗ ଓ ପ୍ରସ୍ତୁତି ଏକାନ୍ତ ଆବଶ୍ୟକ। ଏହି ପ୍ରସ୍ତୁତି ଓ ସହଯୋଗର ଅର୍ଥ:– ପ୍ରଥମତଃ ମନୁଷ୍ୟର ସତ୍ୟ ଓ ପ୍ରେମକୁ ଗ୍ରହଣ ନିମିତ୍ତ ଦୃଢ଼ ସଙ୍କଳ୍ପ, ଦ୍ୱିତୀୟତଃ ଏହି ସତ୍ୟ ଓ ପ୍ରେମର ପ୍ରତିଷ୍ଠା ନିମିତ୍ତ ଅନ୍ୟାନ୍ୟ ସକଳ ନିମ୍ନ ଗତିବୃତ୍ତିର ପ୍ରତ୍ୟାଖ୍ୟାନ ଓ ସକଳ ପ୍ରକାର କାମନାବାସନାର ଦୁର୍ଦ୍ଦାନ୍ତ ଅଭିସନ୍ଧି ଓ ଅତ୍ୟଧିକ ଦାଉରୁ ନିଜକୁ ମୁକ୍ତ ରଖିବା। ଭଗବତ୍ ସଙ୍କଳ୍ପ, ଇଚ୍ଛା, ବୃତ୍ତିକୁ ଜୀବନରେ ପରିପୂର୍ଣ୍ଣ କରିତୋଳିବା ନିମିତ୍ତ, ମନୁଷ୍ୟ ଯଦି ସଚେତନ ଭାବରେ ଚାହେଁ, ତେବେ ତାହା ନିଶ୍ଚୟ ପୂର୍ଣ୍ଣ ହେବ।

ମନୁଷ୍ୟର ପ୍ରସ୍ତୁତି ଅଭାବରୁ, ସହଯୋଗ ଅଭାବରୁ, ସତ୍ୟ ଗ୍ରହଣର ମନୋଭାବ ଅଭାବରୁ ତାହା ସମ୍ମୁଖରେ ସତ୍ୟର ଆବିର୍ଭାବ ଘଟିଲେ ମଧ୍ୟ ସେ ତାହା ବୁଝିପାରେ ନାହିଁ। ବହୁଦିନ ପର୍ଯ୍ୟନ୍ତ ସତ୍ୟ, ଜ୍ଞାନ, ଆଲୋକ ଓ ପ୍ରେମକୁ ଅପେକ୍ଷା କରିବାକୁ ପଡ଼େ ଏବଂ ମନୁଷ୍ୟର ଚେତନା ଜାଗ୍ରତ ହେଲେ, ସେ ଏସବୁକୁ ବୁଝିପାରେ ଓ ନିଜ ହୃଦୟରେ ସ୍ଥାନ ଦିଏ।

ବର୍ତ୍ତମାନ ପୃଥିବୀ ଉପରେ ଏକ ମହାନ୍ ସତ୍ୟ, ପରମ ଦିବ୍ୟ ଅତିମାନସ ସତ୍ୟର ଆବିର୍ଭାବ ଘଟିଛି। ୧୯୬୬ ସାଲରେ ଶ୍ରୀମା'ଙ୍କର ନବ ବର୍ଷର ବାଣୀ ହେଲା "Let us serve the Truth". ଚାଲ, ଆମ୍ଭେମାନେ ସତ୍ୟର ସେବା କରିବା। ଏ ବିଷୟରେ ଶ୍ରୀମା'ଙ୍କୁ ଯେଉଁ କେତେକ ପ୍ରଶ୍ନ କରା ହୋଇଥିଲା ତହିଁରୁ ସ୍ପଷ୍ଟ ହେବ ଯେ ପୃଥିବୀ ପୃଷ୍ଠରେ ସତ୍ୟର ଆବିର୍ଭାବ ହୋଇଛି।

Q. Your wonderful message, "Let us serve the Truth." Has the Truth come upon the Earth? If so, where does it dwell- where is it at the moment?

The Mother: The Truth is present upon the earth

and dwells wherever there is a receptivity or a consciousness ready to manifest it.

Q: In what way should people serve the Truth? Is it to be served outwardly as well as inwardly?

The Mother: Whoever is sincere in his resolution to serve the Truth will know, or be rather made to know at each moment, what he or she must do to serve the Truth, for there are many ways of serving it.

ଅର୍ଥାତ୍

ପ୍ରଶ୍ନ: ଆପଣଙ୍କର ଅପରୂପ ବାଣୀ: "ଚାଲ, ଆମ୍ଭେମାନେ ସତ୍ୟର ସେବା କରିବା"। ସତ୍ୟ କ'ଣ ପୃଥିବୀ ଉପରେ ଆସିଛି ? ଯଦି ଆସିଛି, ବର୍ତ୍ତମାନ ଏହା କେଉଁଠି ବାସକରୁଛି ? ଅର୍ଥାତ୍ ଏହି ମୁହୂର୍ତ୍ତରେ ଏହା କେଉଁଠି ?

ଶ୍ରୀମା: ସତ୍ୟ ପୃଥିବୀ ଉପରେ ବିଦ୍ୟମାନ ଏବଂ ଯେଉଁଠାରେ ଗ୍ରହଣଶୀଳତା ଅଛି ବା ଯେଉଁ ଚେତନା ଏହାକୁ ପ୍ରକାଶ କରିବା ନିମିତ୍ତ ପ୍ରସ୍ତୁତ, ସେହିଠାରେ ଏହା ବାସ କରେ।

ପ୍ରଶ୍ନ: ମନୁଷ୍ୟ ସତ୍ୟର ସେବା କିପରି ଭାବରେ କରିବ ? କ'ଣ ଉଭୟ ବାହାରେ ଓ ଅନ୍ତରରେ ଏହାର ସେବା କରିବାକୁ ହେବ ?

ଶ୍ରୀମା : ଯଦି କୌଣସି ବ୍ୟକ୍ତି ସତ୍ୟର ସେବା କରିବା ନିମିତ୍ତ ଏକନିଷ୍ଠ ଓ ଆନ୍ତରିକ ଭାବେ ସଙ୍କଳ୍ପ କରେ ତେବେ ସତ୍ୟର ସେବା କରିବା ନିମିତ୍ତ ପ୍ରତି ମୁହୂର୍ତ୍ତରେ କ'ଣ କରିବାକୁ ହେବ, ସେ ଜାଣିପରିବ, ଅଥବା ତାକୁ ନିଶ୍ଚୟ ଜଣାଇ ଦିଆଯିବ, କାରଣ ସତ୍ୟର ସେବା କରିବାର ବହୁବିଧ ଉପାୟ ରହିଛି।

ଏହାଠାରୁ ଆଉ ସ୍ୱଷ୍ଟ ଘୋଷଣା କ'ଣ ହୋଇପାରେ ? ଯୁଗ ଯୁଗ ଧରି ମନୁଷ୍ୟ ଯେଉଁ ଦିବ୍ୟସତ୍ୟର ଅପେକ୍ଷାରେ ଥିଲା, ବର୍ତ୍ତମାନ ତାହା ପୃଥିବୀ ପୃଷ୍ଠରେ ଆବିର୍ଭୂତ ହୋଇଛି, ମନୁଷ୍ୟ ମଧ୍ୟରେ ଏହା ପ୍ରତିଷ୍ଠା ନିମିତ୍ତ ଉପାୟ ଖୋଜୁଛି। ଯେ କୌଣସି ବ୍ୟକ୍ତି ଯଦି ଆନ୍ତରିକତା ସହ ସତ୍ୟ-ଜୀବନ ଯାପନ କରିବାକୁ ଚାହେ, ନାନା ପ୍ରକାର ବାଧାବିଘ୍ନ ସତ୍ତ୍ୱେ ସେ ତାହା କରିପାରିବ। କିନ୍ତୁ ଏହି ସତ୍ୟସେବାର ଚାବିକାଠି ହେଲା ଐକାନ୍ତିକତା, ନିଷ୍ଠା ବା ଆନ୍ତରିକତା, ଏକ ଅକୃତ୍ରିମ ସରଳତା ଓ ଶିଶୁ-ମନୋଭାବ। ନିଜର ସକଳ ଦୋଷ, ଦୁର୍ବଳତା ଓ ତ୍ରୁଟି ସତ୍ତ୍ୱେ ଯେଉଁମାନେ ଯଥାର୍ଥରେ ନିଷ୍ଠାପର, ଅକୃତ୍ରିମ ଓ ଶିଶୁତୁଲ୍ୟ, ସେମାନେ ବରାବର ଭଗବାନଙ୍କ ସାହାଯ୍ୟ ଲାଭ କରି ସତ୍ୟ ଓ ଆଲୋକ ଦିଗରେ ଅଗ୍ରସର ହୁଅନ୍ତି ବା କେହି ଜଣେ ତାଙ୍କୁ ସେ ଆଲୋକ ଦିଗରେ ସହାୟତା କରି ଚଳେଇ ନିଏ। କିନ୍ତୁ ଏହି ନିଷ୍ଠା ବା ଐକାନ୍ତିକତା ହେବା ଉଚିତ୍ ଖୁବ୍ ପ୍ରଜ୍ୱଳ, ସର୍ବାଙ୍ଗୀନ ଓ ଯଥାର୍ଥ। ସକଳ ସାଧନାର ଚାବିକାଠିହିଁ ଏହି ଆନ୍ତରିକତା। ମା' ବାରମ୍ୱାର ଏ ବିଷୟ କହିଛନ୍ତି, "ଯଦି ତୋ' ଭିତରେ ଆନ୍ତର ନିଷ୍ଠା ନାହିଁ, ତେବେ ତୁ ଯୋଗ-ମାର୍ଗକୁ ସ୍ପର୍ଶ କର ନାହିଁ। ଭଗବତ୍ ରାଜ୍ୟ ପୃଥିବୀ ପୃଷ୍ଠରେ ଅବଶ୍ୟ ପ୍ରତିଷ୍ଠିତ ହେବ, ଏହା ଅବଶ୍ୟମ୍ଭାବୀ—ଏହାହିଁ ଭଗବତ୍ ଅଭିପ୍ରେତ ମହାବାଣୀ। ବିଳମ୍ବରେ ହେଉ ବା ଶୀଘ୍ର ହେଉ, ଏହା ନିର୍ଭର କରିବ ମନୁଷ୍ୟର ଆନ୍ତର ନିଷ୍ଠା ଓ ସାରଲ୍ୟ ଉପରେ।"

---

If at any time, a deep sorrow, poignant doubt or an intense affliction overwhelms you and drives you to despair, there is an infallible means to regain calm and peace.

**-The Mother**

# ସାହିତ୍ୟ ଓ ଅଧ୍ୟାତ୍ମ-ଜୀବନ

ଶ୍ରୀ ମନୋଜ ଦାସ

ସାହିତ୍ୟ ଓ ଆଧ୍ୟାତ୍ମିକତା ଭିତରେ ସମ୍ପର୍କ କ'ଣ ? ଏ ପ୍ରଶ୍ନ ହୁଏତ ସଚରାଚର ସାହିତ୍ୟର ପାଠକମାନଙ୍କୁ ବିବ୍ରତ ନକରିପାରେ, କିନ୍ତୁ କୌଣସି କୌଣସି ନିର୍ଦ୍ଦିଷ୍ଟ ଘଟଣା ଉପରେ ସାହିତ୍ୟିକ ତଥା ଚିନ୍ତାଶୀଳ ବ୍ୟକ୍ତିମାନେ ଆନ୍ତରିକ ଭାବରେ ଏ ପ୍ରଶ୍ନଟି ଉଠାଇ ଥାଆନ୍ତି। ଏକଥା କେହି ଅସ୍ୱୀକାର କରିବେ ନାହିଁ ଯେ ଏହି ବହୁରୂପୀ ଧରଣୀର ବିସ୍ତୃତି ମଧ୍ୟରେ ସାହିତ୍ୟିକମାନେ ବିଭିନ୍ନ କ୍ଷେତ୍ରରୁ ଅଭିଜ୍ଞତା ସଂଚୟ କରି ସାହିତ୍ୟକୁ ସେଥିରେ ରସାପ୍ଳୁତ, ପରିପୁଷ୍ଟ କରିବା ନିଶ୍ଚୟ ଉଚିତ। ଯେତେବେଳେ ଜଣେ ସାହିତ୍ୟିକ ଏକ ଦାୟିତ୍ୱଶୀଳ ଚାକିରୀ ଛାଡ଼ି ବ୍ୟବସାୟ କରିବାକୁ ଯାଏ, ଯେତେବେଳେ ଆଉ ଜଣେ ଶିକ୍ଷା ବିଭାଗରୁ ଯାଇ ଶାସନ ବିଭାଗରେ ଯୋଗଦିଏ, ସେତେବେଳେ ତା'ର ସମଧର୍ମୀ ଲେଖକମାନଙ୍କ ମନରେ କୌଣସି ଆଲୋଡ଼ନ ସୃଷ୍ଟି ହୁଏ ନାହିଁ। କିନ୍ତୁ ଜଣେ ସାହିତ୍ୟିକ ଯେତେବେଳେ ସାଧାରଣ ସାଂସାରିକ ପରିବେଶରୁ ଅଧ୍ୟାତ୍ମ-ଜୀବନ ଯାପନ କରିବାକୁ ଚାଲିଯାଏ, ସେତେବେଳେ ତା'ର ହିତାକାଂକ୍ଷୀ ଏବଂ ତା'ର ସାହିତ୍ୟ ସୃଷ୍ଟି ପାଇଁ ଶ୍ରଦ୍ଧାବାନ ବନ୍ଧୁ ଓ ପାଠକମାନଙ୍କ ମଧ୍ୟରେ ଆଶଙ୍କା ହୁଏ ଯେ ସାହିତ୍ୟର ତ' କ୍ଷତି ଘଟିଲା, ସଙ୍ଗେ ସଙ୍ଗେ ସମ୍ପୃକ୍ତ ସାହିତ୍ୟିକ ଜଣକ ହୁଏତ ତାଙ୍କର ପ୍ରକୃତ ଶ୍ରେୟ ବା କରଣୀୟ କାର୍ଯ୍ୟରୁ ଅପସରି ଗଲେ। ଯେଉଁ କାର୍ଯ୍ୟ ଭିତରେ ରହି ସେ ଜୀବନକୁ ସାର୍ଥକ କରିପାରିଥା'ନ୍ତେ, ସେ କାର୍ଯ୍ୟରୁ ସେ ଦୂରେଇ ଗଲେ।

କିନ୍ତୁ ଏଇ ଭାରତ ବର୍ଷରେ ଏଭଳି ଯୁଗ ଥିଲା, ଯେତେବେଳେ ସାହିତ୍ୟିକ କଥା ଛାଡ଼ି ଦିଅନ୍ତୁ, ରାଜନୀତିବିଦ୍ ମଧ୍ୟ ଅଧ୍ୟାତ୍ମ ଜୀବନ ଯାପନ କରିବାଟା ଏକ ସ୍ୱାଭାବିକ କଥା ଥିଲା। ଆଜିର ପରିପ୍ରେକ୍ଷୀରେ, ରାଜନୀତି ଓ ଆଧ୍ୟାତ୍ମିକତାର ସ୍ୱୟଂସାବ୍ୟସ୍ତ ହୃଦୟବିଦାରକ ବ୍ୟବଧାନ ଆଡ଼କୁ ଦୃଷ୍ଟି ଦେଇ ଏ କଥା ଅନୁଭବ କରିବା ସହଜ ନୁହେଁ।

ତେବେ ଆଜି ଏଭଳି ଆଶଙ୍କାର କାରଣ କ'ଣ ? କାରଣ, ଅଭିଜ୍ଞତା ନ ହେଲେ ବି ସାହିତ୍ୟିକମାନଙ୍କର ଅନ୍ତର୍ବୁଦ୍ଧି (intuition) ଏକଥା କହିଦିଏ ଯେ ଯଦି ଏ ଯୁଗରେ ଜଣେ ଅଧ୍ୟାତ୍ମ ଜଗତକୁ ଚାଲିଗଲା, ତେବେ ସେ ଆଉ ସାହିତ୍ୟ ସୃଷ୍ଟି ଦିଗରେ ମନଯୋଗ ଦେବ ନାହିଁ। ଏଭଳି ଧାରଣା ଅନେକ ସମୟରେ ଯଥାର୍ଥ ଏବଂ କାହିଁକି ଯଥାର୍ଥ, ସେ ସମ୍ବନ୍ଧରେ ଆଉ ଟିକିଏ ପରେ ଆଲୋଚନା କରାଯିବ।

ସଚରାଚର ଆମ୍ଭମାନଙ୍କର ଧାରଣାରେ ସାହିତ୍ୟ ଓ ଆଧ୍ୟାତ୍ମିକତା ଭିତରେ ଯେଉଁ ବିସ୍ତୃତ ବ୍ୟବଧାନଟି ଗଢ଼ିଉଠିଛି, ତାହାର ଦୁଇଟି କାରଣ ଅଛି। ପ୍ରଥମ କାରଣ ହେଲା ଆଧ୍ୟାତ୍ମିକତା ସମ୍ପର୍କରେ ଏକ ସୀମିତ, ବରଂ ଭୁଲ୍ ଧାରଣା ଏବଂ ଦ୍ୱିତୀୟରେ ନିଜର ସାହିତ୍ୟପ୍ରେରଣାର ବ୍ୟାପ୍ତି ସମ୍ପର୍କରେ ସାହିତ୍ୟିକର ଅତିରଞ୍ଜିତ ଧାରଣା। ପ୍ରଥମ କାରଣ ହେଲା ଆଲୋଚନା କରାଯାଉ। ଆଧ୍ୟାତ୍ମିକତା (spirituality) ବୋଇଲେ ଅନେକ ସମୟରେ ଆମେ ଧର୍ମ (religion) କୁ ବୁଝିନେଉ। ଧର୍ମ କଥା ମନରେ ଉଦୟ ହେବା ମାତ୍ରେ ସ୍ୱାଭାବିକ ଭାବରେ ଗୁଡାଏ ନୀତିବାଦ, କେତେକ ଆନୁଷ୍ଠାନିକ ଶୃଙ୍ଖଳା ଏବଂ ବିବେକରେ ବିଦ୍ରୋହ ଭାବ ଆଣିଲା ଭଳି କେତେକ ଗୋଷ୍ଠୀଗତ ଆଚାର-ବିଚାର ମନକୁ ଆସେ। ନଚେତ୍ ହୁଏତ ମନକୁ ଆସେ ସମଗ୍ର ଜୀବନ, ସମାଜ, କାର୍ଯ୍ୟକଳାପ ପ୍ରତି ବୀତସ୍ପୃହ ଏକ ବୈରାଗ୍ୟମୟ ଜୀବନ-ଯାପନର ଚିତ୍ର।

ଆଜି ନୁହେଁ, ସହସ୍ର ବର୍ଷ ଧରି ମାନବ-ସମାଜର ଇତିହାସରେ ଏଭଳି ଉଦାହରଣ ଅଭାବ ନାହିଁ ଯେ ଆତ୍ମାର ଅନ୍ତହୀନ ସାଧୀନ ବିକାଶ ଉଦ୍ଦେଶ୍ୟରେ ଭୂମିଷ୍ଠ ହୋଇଛି ଯେଉଁ ମହାନ୍ ସତ୍ୟ, କାଳକ୍ରମେ ସ୍ୱାର୍ଥପର, କ୍ଷୁଦ୍ରଦୃଷ୍ଟିଯୁକ୍ତ ମଣିଷ କବଳରେ ପଡ଼ି ସେ ସତ୍ୟ ସମାଧି ଲଭିଛି ଏବଂ ତାର ଆସନରେ ମୂର୍ତ୍ତିମାନ ବ୍ୟଭିଚାରକୁ ସ୍ଥାପିତ କରି ଆତ୍ମାର ପ୍ରଗତିର ନିର୍ମମ ଗତିରୋଧହିଁ କରାଯାଇଛି। ରକ୍ଷଣଶୀଳତା ଓ ସାମାଜିକ ଅହଂର ଅନ୍ଧ ଆବର୍ତ୍ତ ଭିତରେ ନିପତୀତ ସହସ୍ର ଅନୁସନ୍ଧିତ୍ସାର ଆର୍ତ୍ତନାଦ ଆଜି ଇତିହାସ ପୃଷ୍ଠାରେ ପ୍ରତିଧ୍ୱନିତ। କେଉଁଠି ହୁଏତ ସତ୍ୟସନ୍ଧ ଦାର୍ଶନିକ ହାତରେ ପ୍ରାଚୀନତମ ଗଣତାନ୍ତ୍ରିକ ଜନମତ ବିଷପାତ୍ର ଧରାଇ ଦେଇଛି, କେଉଁଠି ହୁଏତ ସମାଜର ଉଦ୍ୟତ ବଜ୍ରମୁଷ୍ଟି ବୈଜ୍ଞାନିକଦ୍ୱାରା ସ୍ୱୀକାର କରାଇ ନେଇଛି ଯେ ସ୍ଥିର ପୃଥିବୀର ଚତୁର୍ଦ୍ଦିଗରେ ସୂର୍ଯ୍ୟହିଁ ଘୂର୍ଣ୍ଣାୟମାନ, କେଉଁଠି ହୁଏତ ନିଷ୍କପଟ ସତ୍ୟପ୍ରକାଶର ଭାସର ଦୃଷ୍ଟାନ୍ତ ରଖି ଚତୁର୍ଦ୍ଦଶ ବର୍ଷିୟା ବାଳିକାକୁ ପକ୍ୱକେଶ ଧର୍ମଯାଜକର ତର୍ଜନୀ ଚାଳନାରେ ଅଗ୍ନିକୁଣ୍ଡ ଭିତରକୁ ପ୍ରବେଶ କରିବାକୁ ପଡ଼ିଛି। ଯୁଗେ ଯୁଗେ ଧର୍ମନାମରେ ଏଭଳି ନାନାଦି ବିକୃତି ଭିତରେ ସାହିତ୍ୟିକକୁ ଯେଭଳି ନିର୍ଯାତନା ଭୋଗ କରିବାକୁ ପଡ଼ିଛି, ତାର ଦୃଷ୍ଟାନ୍ତ ଅଜସ୍ର। ଯଦି ଏହାହିଁ ଆଧ୍ୟାତ୍ମିକତା ହୁଅନ୍ତା, ତେବେ ସାହିତ୍ୟ ସହିତ ତା'ର ସୁସମ୍ପର୍କ ରହନ୍ତା

ନାହିଁ। କହିବା ବାହୁଲ୍ୟ, ଆଧ୍ୟାତ୍ମିକତାର ଏସବୁ ଘୋରତର ବିରୋଧୀ। ଯାନ୍ତ୍ରୀକ, ବାଧ୍ୟତାମୂଳକ ନିୟମ ଶୃଙ୍ଖଳା ଭିତରକୁ ଟାଣିଆଣିବା ମାତ୍ରେ ଆଧ୍ୟାତ୍ମିକତାର ଆତ୍ମା ତୁଟିଯାଏ, ବିଜୟ ହୁଏ ମଣିଷର ଅହଂକାରର। ଭଗବାନ ସେହିପରି ଅପେକ୍ଷା କରି ବାହାରେ ରହିଥାଆନ୍ତି, ମଣିଷ ନିଜ ସିଂହାସନରେ ନିଜର ମୂଢ଼ତାକୁ ସଯତ୍ନରେ ଆରୋପିତ କରି ଯୁଗେ ଯୁଗେ ତାରି ଆଗରେ ନିଜର ଚୈତନ୍ୟକୁ ବଳିଦେଇ ଚାଲିଥାଏ। ("And God is only waiting to be known while man seeks for him everywhere and creats images of the Divine, but all the while truly finds, effectively erects and worships images only of his own mind-ego and life ego." - Sri Aurobindo: The Human Cycle)

ଆଉ ଯଦି ଆଧ୍ୟାତ୍ମିକତା ବୈରାଗ୍ୟର ନାମାନ୍ତର ହୁଏ, ତେବେ ବା ସାହିତ୍ୟ ସହିତ ତା'ର କ'ଣ ସମ୍ପର୍କ ଥାଇପାରେ। ଏଠାରେ ଏତିକି କୁହାଯାଇପାରେ ଯେ ବୈରାଗ୍ୟ ହୁଏତ ଆଧ୍ୟାତ୍ମିକତାର ଏକ ମାର୍ଗ ହୋଇ ଥାଇପାରେ ବା ଆଧ୍ୟାତ୍ମିକ ଜୀବନ ପଥରେ ଏକ ସାମୟିକ ଅନୁଭୂତି ହୋଇଥାଇପାରେ, କିନ୍ତୁ ଆଧ୍ୟାତ୍ମିକତା ବୈରାଗ୍ୟ ନୁହେଁ। ଅଧ୍ୟାତ୍ମ-ମାର୍ଗ ବିପୁଳ ପ୍ରଶସ୍ତ। ସେ ପଥର ଯାତ୍ରୀ ହେବା ସକାଶେ ଧନ ଜନ ଆଡ଼ମ୍ବରର ଯେପରି ପ୍ରୟୋଜନ ନାହିଁ ଗୋଟିଏ ଅପ୍ରଶସ୍ତ, ବାଧ୍ୟତାମୂଳକ ନିୟମକାନୁନ୍‌କୁ ଯନ୍ତ୍ରବତ୍ ମାନିନେବାର। ପ୍ରକୃତ ଆଧ୍ୟାତ୍ମିକ ଜୀବନ ଏକ ନିର୍ଦ୍ଦିଷ୍ଟ ପ୍ରକାର କାର୍ଯ୍ୟ ଭିତରେ, ଏକ ନିର୍ଦ୍ଦିଷ୍ଟ ବୟସରେ ବା ଦିବସର ଏକ ନିର୍ଦ୍ଦିଷ୍ଟ ସମୟ ଭିତରେ ଯାପନ କରାହୁଏ ନାହିଁ। ବୟସର ବା ସମୟର ପ୍ରଶ୍ନ ନାହିଁ; କାରଣ କେତେକାଳ ଧରି ଆତ୍ମା ତାର ବିବର୍ତ୍ତନର ଗତିପଥରେ ଚାଲିଛି, କେତେ ତାର ସର୍ବମୋଟ ବୟସ ହେଲାଣି, ତାର କିଛି ସୀମା ସରହଦ ନାହିଁ। ଏହି ବିବର୍ତ୍ତନ ସମ୍ପର୍କରେ ମନୁଷ୍ୟ ଯେକୌଣସି ସମୟରେ ସଚେତନ ହୋଇପାରେ, ସେଥିରେ ନିଜର ସମ୍ମତି ସହଯୋଗ ଦେଇପାରେ, ତାହାହେଲେହିଁ ଅଧ୍ୟାତ୍ମ ମାର୍ଗର ବା ଯୋଗ ମାର୍ଗର ପଥିକ ହୁଏ। ତା'ପରେ କାର୍ଯ୍ୟ କଥା। ଅଧ୍ୟାତ୍ମ ମାର୍ଗରେ ପ୍ରକୃତରେ କାର୍ଯ୍ୟ ଯେତେଟା ନୁହେଁ, କାର୍ଯ୍ୟ ପଛରେ ନିହିତ ମନୋଭାବହିଁ ଗୁରୁତ୍ୱପୂର୍ଣ୍ଣ କଥା। ଯିଏ ଯେଉଁ କାର୍ଯ୍ୟ କରୁଥାଉ ନା କାହିଁକି, ଯଦି ତାର ଲକ୍ଷ୍ୟ ଥାଏ ଦିବ୍ୟ ଜୀବନର ଉପଲବ୍ଧି, ତେବେ ସେ ସ୍ୱଚ୍ଛନ୍ଦରେ ତାର ସମସ୍ତ କାର୍ଯ୍ୟକୁ ଭଗବାନଙ୍କର କାର୍ଯ୍ୟ ବୋଲି ମନେକରି ପାରେ ଏବଂ ଫଳରେ ଯେଉଁ କାର୍ଯ୍ୟ ଏକଦା ଥିଲା ତାର ଗତାନୁଗତିକ ଜୀବନ ନିର୍ବାହର ଏକ ଶୁଷ୍କ ବୋଝ ସ୍ୱରୂପ, ସେହି କାର୍ଯ୍ୟହିଁ ହୋଇଉଠିବ ତାର ସାଧନାର ମାଧ୍ୟମ। ମୀରାବାଇଙ୍କର କୌଣସି ଏକ ଭଜନର ବକ୍ତବ୍ୟ—ବୃନ୍ଦାବନରେ କେତେ ଲୋକଙ୍କର ଭିଡ଼। ଯୋଗୀ ଯୋଗ କରିବା ସକାଶେ, ସନ୍ୟାସୀ ତପ କରିବା ସକାଶେ, ଆଉ କିଏ ଅନ୍ୟ କେଉଁ ମାର୍ଗରେ ଭଗବାନଙ୍କୁ ଅନୁଭବ କରିବା ସକାଶେ ଆସିଛି—ମୁଁ ଆସିଛି କେବଳ ସଙ୍ଗୀତ ବୋଲି ବୋଲି ନାଚିବା ପାଇଁ। ବାସ୍ତବିକ ଅଧ୍ୟାତ୍ମ ମାର୍ଗର ବ୍ୟାପକତା ସମ୍ପର୍କରେ ଏକ ସୁନ୍ଦର ସୂଚନା ଏହି ଉକ୍ତିଟିରେ ଦିଆଯାଇଛି। ଭିନ୍ନ ଭିନ୍ନ ବ୍ୟକ୍ତିର ନିଜସ୍ୱ ସ୍ୱାଭାବିକ ଆକର୍ଷଣହିଁ ତା ପାଇଁ ମାର୍ଗ ସ୍ଥିର କରିଦିଏ, ଯଦି ସେ ତାର ସର୍ବଶେଷ ଲକ୍ଷ୍ୟ ସମ୍ବନ୍ଧରେ ସଚେତନ ଥାଏ; ଯଦି ସେ ଏହି ସତ୍ୟ ହୃଦୟଙ୍ଗମ କରିଥାଏ ଯେ ମନୁଷ୍ୟ ତାର ସୃଷ୍ଟିକାଳରୁ ତାର ବହୁଧା ଗତିପ୍ରବାହ ଭିତର ଦେଇ ଏକମାତ୍ର ଲକ୍ଷ୍ୟ ସଚ୍ଚିଦାନନ୍ଦ ପ୍ରାପ୍ତି ଉଦ୍ଦେଶ୍ୟରେ ଚାଲିଛି।

ସୁତରାଂ ସାହିତ୍ୟ କ୍ଷେତ୍ରରେ ଏହି ନିୟମର ବ୍ୟତିକ୍ରମ ହେବାର ତ' କୌଣସି କାରଣ ନାହିଁ, ବରଂ ସାହିତ୍ୟିକର ଏପରି କେତେକ ଗୁଣ ଥାଏ, ଯାହାସବୁକି ଅଧ୍ୟାତ୍ମ ମାର୍ଗରେ ତାର ସହାୟକ ହୁଅନ୍ତି। ନିଜର ଲକ୍ଷ୍ୟ ସମ୍ପର୍କରେ ସଚେତନ ନ ହେଲେ ପୁଣି ସେହି ଗୁଣଗୁଡ଼ିକହିଁ ଅଧ୍ୟାତ୍ମ ମାର୍ଗର ଅନ୍ତରାୟ ବି ହୁଅନ୍ତି। ସାହିତ୍ୟିକର ଯୋଗାଯୋଗ ଥାଏ ସାଧାରଣ ଜନଚେତନାର ଊର୍ଦ୍ଧ୍ୱସ୍ଥ କେତେକ ଚେତନା ସହିତ। ସେହିସବୁ ଊର୍ଦ୍ଧ୍ୱଲୋକରୁ ଯେଉଁସବୁ ସୌନ୍ଦର୍ଯ୍ୟର ପୁଲକ, ଆନନ୍ଦର ଅନୁଭୂତି ତା' ଭିତରକୁ ଥରେ ଥରେ ଝରିଆସେ, ତାକୁ ନେଇ ସେ ସାହିତ୍ୟ ସୃଷ୍ଟି କରେ। ସେ ଯଦି ଚାହେଁ ଏବଂ ସେ ଦିଗରେ ସାଧନା କରେ, ତେବେ ସେ ଊର୍ଦ୍ଧ୍ୱରୁ ଊର୍ଦ୍ଧ୍ୱତର ଚେତନାର ରାଜ୍ୟକୁ ଯାଇପାରେ। ଦିବ୍ୟଲୋକର ସତ୍ୟ, ସୌନ୍ଦର୍ଯ୍ୟକୁ ଅଭିବ୍ୟକ୍ତ କରିବା ସକାଶେ ସେ ମାଧ୍ୟମ ହୋଇ ଉଠିପାରେ। ତାର ଉନ୍ନତ ଅନୁଭୂତିଦ୍ୱାରା ସାହିତ୍ୟ ଯେପରି ସମୃଦ୍ଧ ହୁଏ, ତାର ନିଜର ମଧ୍ୟ ସେହିପରି ବିକାଶ ଘଟେ। ଏ କ୍ଷେତ୍ରରେ ସାହିତ୍ୟ ହୁଏ ତାର ସାଧନାର ସହାୟକ। କିନ୍ତୁ ଏହା ଘଟିବା ବିଚିତ୍ର ନୁହେଁ ଯେ ସେ ଊର୍ଦ୍ଧ୍ୱତର ଚେତନାର ଅନୁଭୂତି ପାଇବା ପରେ ସେସବୁ ସାହିତ୍ୟରେ ବ୍ୟକ୍ତ କରିବାର ପ୍ରେରଣା ଆଉ ତାର ନ ରହିପାରେ। ଲେଖାଲେଖିକୁ ସେ ନିରର୍ଥକ ମନେ କରିପାରେ। ମନସ୍ତାତ୍ତ୍ୱିକ ଦିଗରୁ ଲେଖାଲେଖି ଦ୍ୱାରା ସାହିତ୍ୟିକ ତାର ସାମାଜିକ ବ୍ୟକ୍ତିତ୍ୱର ଯେଉଁ ପରିପୂରଣ କାର୍ଯ୍ୟ କରିଚାଲିଥାଏ, ନିଜର ଅନ୍ତର୍ନିହିତ ବ୍ୟକ୍ତିତ୍ୱର ସ୍ପର୍ଶ ପାଇବା ପରେ ତାର ଆଉ ସେଭଳି ଆବଶ୍ୟକତା ରହେ ନାହିଁ। ସେ ଯଦି ବିଶେଷ ଭାବରେ ବିଧି-ନିର୍ଦ୍ଦିଷ୍ଟ ନ ହୁଏ, ତେବେ ହୁଏତ ସାହିତ୍ୟ ସୃଷ୍ଟି ତା'ପାଇଁ ଅପରିହାର୍ଯ୍ୟ ନ ହୋଇପାରେ। ଜଣେ ସାହିତ୍ୟିକ ଅଧ୍ୟାତ୍ମ ମାର୍ଗକୁ ଯିବାରେ ତାର ବନ୍ଧୁମାନେ ହୁଏତ ଏହି ଅନ୍ତର୍ବୃଦ୍ଧି (intuition) ଯୋଗୁଁ ତାକୁ ସାହିତ୍ୟ କ୍ଷେତ୍ରରୁ ହରାଇଲେ ବୋଲି ମନେକରନ୍ତି।

ସାହିତ୍ୟ ଓ ଆଧ୍ୟାତ୍ମିକ ଜୀବନ ଭିତରେ ଯେଉଁ ବ୍ୟବଧାନର ଧାରଣା ଆମ ଭିତରେ ରହିଛି, ତାର ଦ୍ୱିତୀୟ କାରଣଟି ସମ୍ପର୍କରେ ଆଲୋଚନା କଲେ ଆମେ ଦେଖିବୁଁ, ସାହିତ୍ୟିକ, ବିଶେଷକରି କବି

ଏବଂ ଅନ୍ୟାନ୍ୟ ଶ୍ରେଣୀର କଳାକାର, ଯଥା ସଙ୍ଗୀତଜ୍ଞ ଓ ଶିଳ୍ପୀ ସେମାନଙ୍କର ଶିଳ୍ପସୃଷ୍ଟି ବେଳେ ସାଧାରଣ ଜନ-ଚେତନାଠୁଁ ଭିନ୍ନ ଏକ ଚେତନାରେ ବାସକରୁଥାଆନ୍ତି ବା ସେଭଳି ଚେତନାର ସମ୍ପର୍କରେ ଆସନ୍ତି। ସେ ଅନୁଭୂତି ସେମାନଙ୍କୁ ବିମୁଗ୍ଧ କରେ, ଆଉ କଳା ମାଧ୍ୟମରେ ତାର ଯଥାଯଥ ଅଭିବ୍ୟକ୍ତି ସେମାନଙ୍କୁ ସନ୍ତୁଷ୍ଟ କରେ। ଯେଉଁ ଉର୍ଦ୍ଧ୍ୱଚେତନାର ସ୍ୱାଦ ସେ ପାଏ, ଜଣେ ଆଧ୍ୟାତ୍ମିକ ସାଧକର ଚେତନା ତୁଳନାରେ ତାହା ବିଶେଷ କିଛି ନୁହେଁ। କିନ୍ତୁ ସେ ଯଦି ମନେ କରେ ଯେ ତାର ଅନୁଭୂତିହିଁ ଚୂଡ଼ାନ୍ତ ଅନୁଭୂତି, ତାର ଜ୍ଞାତ ସୌନ୍ଦର୍ଯ୍ୟହିଁ ସୌନ୍ଦର୍ଯ୍ୟର ସୀମା, ତେବେ ତାହା ହୁଏ ନିଜର ଅନୁଭୂତି ସମ୍ପର୍କରେ ଅତିରଞ୍ଜିତ ଧାରଣା। ସୌଭାଗ୍ୟ ବଳରେ ଯେଉଁ ଅନନ୍ତ ଉତ୍ସରୁ କେତେବିନ୍ଦୁ ମାତ୍ର ପାଇ ସେ ଉତ୍ତମ ସାହିତ୍ୟ ସୃଷ୍ଟିକରେ, ସେହି ଉତ୍ସର ସନ୍ଧାନରେ ଅଗ୍ରସର ହୁଏ ସାଧକ ଏବଂ କ୍ରମାଗତ ଭାବରେ ସେ ସ୍ତର ପରେ ସ୍ତର ଚେତନାକୁ ଅତିକ୍ରମ କରିଚାଲେ। ଭାରତୀୟ ସାହିତ୍ୟର ଗୌରବମୟ ଇତିହାସରେ ଯେଉଁମାନେ ଆଦି କାବ୍ୟର ଜନ୍ମଦାତା ହୋଇଛନ୍ତି, ସେମାନେ ସାଧକ ଏବଂ ମହତ୍ତର ଚେତନାକୁ ସାହିତ୍ୟରୂପ ଦେଇ ସମଗ୍ର ମଣିଷ ସମାଜର ଚେତନାକୁ ଉନ୍ନୀତ କରାଇ ନେଇଛନ୍ତି। ମହାନ୍ ସାଧକ ବିନା ଏହା ଆଉ କେହି କରିପାରି ନ ଥାନ୍ତା। ତେଣୁ ବହୁଯୁଗ ଧରି ସାହିତ୍ୟ ଓ ଅଧ୍ୟାତ୍ମ - ସାଧନା ଭିତରେ ବ୍ୟବଧାନ ନଥିଲା। ସାଧକ ତାର ସାମାଜିକ ଭୂମିକା ହିସାବରେ, ଭଗବତ୍ ପ୍ରେରଣାରେ ନିଜର ଦୂରଦୃଷ୍ଟି ଓ ଅନୁଭୂତିର କିଛି କିଛି ଅଂଶ ଅଭିବ୍ୟକ୍ତ କରୁଥିଲା। ସମୟର ଅନନ୍ତ ଘାତ ପ୍ରତିଘାତ ଭିତରେ, ସଭ୍ୟତାସମୂହର ବିଲୟ-ଅଭ୍ୟୁତ୍‌ଥାନ ଭିତରେ ଯେଉଁ ସାହିତ୍ୟ ସବୁ ଆଜି ବି ମାନବର ହୃଦୟ ତନ୍ତ୍ରୀରେ ଏକହିଁ ସ୍ପନ୍ଦନ ତୋଳି ଚାଲିଛି, ସେହି ବ୍ୟାସ, ବାଲ୍ମିକୀଙ୍କର ସୃଷ୍ଟି ଏହି ସ୍ତରର ସାହିତ୍ୟ। ଯେଉଁ ସାହିତ୍ୟର ଉତ୍ସ ଯେତେ ବେଶୀ ସତ୍ୟରେ ନିହିତ ଥିବ, ତାହାହିଁ ମହାକାଳର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ତିଷ୍ଠି ପାରିବ। ଚପଳ ଭାବପ୍ରବଣତା ସଂଜାତ କେତେ ସାହିତ୍ୟ ଯେ ବହମାନ ସମୟ ଧାରାରେ ବୁଦ୍‌ବୁଦ୍ ଭଳି ଫୁଟି ଉଠି ବିଲୀନ ହେଲାଣି, ତାର ବା ହିସାବ କିଏ ରଖିଛି ?

ଯୁଗର ଗତିରେ ସାହିତ୍ୟ ଶବ୍ଦର ବ୍ୟବହାରଗତ ଅର୍ଥ ବଦଳି ଯାଇଛି। ତଥାପି ମହତ୍ ସାହିତ୍ୟର ଆଲୋଚନା କଲେ, ଏବଂ ମହାନ୍ ସାହିତ୍ୟିକମାନଙ୍କର ଅନ୍ତର୍ଜୀବନ ଆଲୋଚନା କଲେ ଜଣାଯିବ ଯେ ସେମାନଙ୍କର ଚେତନା ଉର୍ଦ୍ଧ୍ୱଲୋକର ସତ୍ୟ ପ୍ରତି ଉନ୍ମୁକ୍ତ ଥାଏ, ଯାହାକି ସାଧକମାନଙ୍କରହିଁ ଲକ୍ଷଣ। ସବୁ ସାହିତ୍ୟିକ ବା ସବୁ କଳାକାରଙ୍କ ପ୍ରତି ଏହା ପ୍ରଯୁଜ୍ୟ ନୁହେଁ। ବିନା ପ୍ରେରଣାରେ, ବୁଦ୍ଧି-ପ୍ରବର୍ତ୍ତିତ ଅନୁକରଣଦ୍ୱାରା ଜଣେ ବହୁ ସାହିତ୍ୟ ଲେଖିପାରେ। ପୁଣି ଆମ ବ୍ୟକ୍ତିତ୍ୱର ଭିତରେ ତଥା ବାହାରେ ବହୁ ଅଦୃଶ୍ୟ ଶକ୍ତିର ସ୍ତରମାନ ରହିଛି। ସେହିସବୁ ବିଭିନ୍ନ ସ୍ତରରୁ ପ୍ରେରଣାକୁ ସର୍ବସ୍ୱ କରି ଜଣେ ସାହିତ୍ୟିକ ଜୀବନ ବିତାଇ ଦେବା ପ୍ରାୟଶଃ ସମ୍ଭବପର ହୁଏ। ସେହିପରି ଏକ ଉନ୍ନତ ବ୍ୟକ୍ତି-ମାନସ ଭିତରକୁ ଉର୍ଦ୍ଧ୍ୱଚେତନା ଶବ୍ଦରୂପ ନେଇ ଅବତରଣ କରିଆସି ପାରେ। ଏହି ପ୍ରବନ୍ଧର ଲେଖକ ଏପରି ଜଣେ ଯଶନିଷ୍କାମ କବିଙ୍କୁ ଜାଣନ୍ତି ଏବଂ ତାଙ୍କର କବିତାଖାତା ଦେଖିଛନ୍ତି, ଯିଏକି ନିଜ କବିତାରେ ଏଭଳି ଏକ ଏକ ଅପୂର୍ବ ଲାଇନ୍ ରଚନା କରୁଥିଲେ, ଯାହାର ଅର୍ଥ ଜାଣିବା ତ' ଦୂରର କଥା, ନିଜେ ସେ ଶବ୍ଦସବୁକୁ କେବେ ବି ସେ ସଂଲଗ୍ନ ରୂପ ଦେବାକୁ ଭାବି ନ ଥାନ୍ତି। ନିଜ କବିତା-ଖାତାରେ ସେହିସବୁ ଲାଇନ୍‌ର ଅର୍ଥ କ'ଣ ବୋଲି ପଚାରି ତାହା ଶ୍ରୀଅରବିନ୍ଦଙ୍କ ସମୀପକୁ ପଠାଉଥିଲେ। ଶ୍ରୀଅରବିନ୍ଦ ସ୍ୱୟଂ କବିଙ୍କୁ ତାହାର ଅର୍ଥ ବୁଝାଇ ଖାତା ଉପରେ ନୋଟ୍ ଦେଉଥିଲେ ଏବଂ କବିଙ୍କ ଭିତରକୁ କେଉଁ ସ୍ତରର ପ୍ରେରଣା ଝରିଆସି ଥିଲା, ତାହା ନିରୂପିତ କରି ଦେଉଥିଲେ।

ଜଣେ ସାହିତ୍ୟିକ ଯେତେବେଳେ ଅଧ୍ୟାତ୍ମ ମାର୍ଗକୁ ଯାଏ, ସେତେବେଳେ ସାହିତ୍ୟ ଜରିଆରେ ତାର ସମାଜ ସେବା, ମାନବଜାତି ପ୍ରତି ଦାନ ଇତ୍ୟାଦି ସମ୍ପର୍କରେ ପ୍ରଶ୍ନ ଉଠେ। ସମାଜ ସେବା ସାହିତ୍ୟିକର କର୍ତ୍ତବ୍ୟ କି ନୁହେଁ ତାହା ଏକ ଭିନ୍ନ ପ୍ରଶ୍ନ। କିନ୍ତୁ ଏସବୁ ସଂକ୍ରାନ୍ତରେ ଏକଥା ହୃଦୟଙ୍ଗମ ହେବା ଉଚିତ ଯେ ମାନବତାର ସମଗ୍ର ଇତିହାସହିଁ ମାନବିକ ଚେତନାର ଅଗ୍ରଗତିର ଏକ ଇତିହାସ। ଚେତନାର ଏହି ଅଗ୍ରଗତି ବିବର୍ତ୍ତନର ଉଦ୍ଦେଶ୍ୟ। ଏହି ଅଗ୍ରଗତିରେ କାହାର ଦାନ କେତେ, ତାହାହିଁ ମାନବତା ପ୍ରତି ଅବଦାନର ପ୍ରଶ୍ନ-ବିଚାରର ଶେଷ ମାନଦଣ୍ଡ। ଏହି ଅଗ୍ରଗତିରେ ଯେଉଁ ମହତ୍ ସାହିତ୍ୟର ଅବଦାନ ସ୍ୱୀକାର୍ଯ୍ୟ, ସେ ସାହିତ୍ୟର ସ୍ରଷ୍ଟା ଅଧ୍ୟାତ୍ମ-ସତ୍ୟ ପ୍ରତି ଉନ୍ମୁକ୍ତ, ଏକଥା ଆଗରୁ କୁହାଯାଇଛି। ଏକମାତ୍ର ଅଧ୍ୟାତ୍ମ-ଚେତନାର ଉତ୍ତରୋତ୍ତର ବିକାଶହିଁ ମାନବତାର ଅଗ୍ରଗତିର ସହାୟକ। କେବଳ ଲିଖିତ ପ୍ରମାଣ ଆକାରରେ ସାହିତ୍ୟ ସୃଷ୍ଟିକରି ଏହି ଅଗ୍ରଗତିରେ ନିଜର ସହଯୋଗ ଦିଆ ଯାଇପାରେ, ତାହା ନୁହେଁ। ଆଜି ଜଣେ ସାହିତ୍ୟିକ ଯଦି ଅଧ୍ୟାତ୍ମ-ମାର୍ଗକୁ ଯାଇ ପ୍ରକୃତରେ କିଛି ଅଧ୍ୟାତ୍ମ ଅନୁଭୂତିର ଅଧିକାରୀ ହୁଏ, ତେବେ ସେ ନିଜେ ନ ଲେଖିଲେ ମଧ୍ୟ ମାନବତାର ଚେତନା ରାଜ୍ୟରେ ତାର ଅଲିଖିତ ସଂଯୋଜକ ଦିନେ ନା ଦିନେ ସାହିତ୍ୟ ବା ଶିଳ୍ପର ରୂପ ଗ୍ରହଣ କରି ଅନାଗତ ସ୍ରଷ୍ଟାର ଲେଖନୀ ବା ତୁଳୀରେ ପରିସ୍ଫୁଟ ହୋଇ ଉଠିବ ଅଥବା ସଙ୍ଗୀତ ରୂପ ନେଇ ଦିନେ କାହା କଣ୍ଠରେ ଝଙ୍କୃତ ହୋଇ ଉଠିବ।

# ଛାତ୍ର-ଜୀବନର୍ ସ୍ୱପ୍ନ

ଶ୍ରୀ ପ୍ରପତ୍ତି

ମନେକର ତୁମ୍ଭମାନଙ୍କ ସମ୍ମୁଖରେ ମୁଁ ଉପସ୍ଥିତ ହୋଇ ତୁମକୁ ଏଇ ପ୍ରଶ୍ନଟି ପଚାରୁଛି:

ତୁମେ ଜୀବନରେ କ'ଣ ଚାହଁ ?

ତୁମ ଜୀବନର ଲକ୍ଷ୍ୟ କ'ଣ ?

ତୁମ ଜୀବନର ସ୍ୱପ୍ନ କ'ଣ ?

ପୁନର୍ବାର ତୁମ୍ଭମାନଙ୍କ ପାଇଁ ଏ ପ୍ରଶ୍ନର ମୁଁ ଉତ୍ତର ଦେଉଛି:

ଆମେ ଚାହୁଁ ସୁନ୍ଦର, ସୁସ୍ଥ ସବଳ, ଜ୍ଞାନଦୀପ୍ତ ଆନନ୍ଦମୟ ମହାନ୍ ଜୀବନ।

... ଆମେ ଚାହୁଁ ସୌନ୍ଦର୍ଯ୍ୟ ଓ ସ୍ୱାସ୍ଥ୍ୟ:-କୁରୂପ ଓ ରୋଗକୁ ଆମେ ଚାହୁଁ ନାହିଁ।

... ଆମେ ଚାହୁ ସାମର୍ଥ୍ୟ, ତେଜ, ଶକ୍ତି, ସାହସ ଓ ବୀର୍ଯ୍ୟ,–ଦୁର୍ବଳତା, ଶକ୍ତିହୀନତା, ଅସାମର୍ଥ୍ୟ, ଭୀରୁତା ଆମେ ଆଦୌ ପସନ୍ଦ କରୁନାହିଁ।

... ଆମେ ଚାହୁଁ ମନରେ ଜ୍ଞାନ, ଜ୍ୟୋତି, ଦୀପ୍ତି ଓ ବିଦ୍ୱତ୍ତା, ପ୍ରସାରତା, ବିଶାଳତା, ଐକ୍ୟ, –ଆମେ ଅଜ୍ଞାନ, ଅବିଦ୍ୟା, ମୂର୍ଖତା, ସଙ୍କୀର୍ଣ୍ଣତା, କ୍ଷୁଦ୍ରତା, ଦ୍ୱନ୍ଦ୍ୱ ଚାହୁଁ ନାହିଁ।

... ଆମେ ଚାହୁଁ ସେହି ମହାନ୍ ଜୀବନ, ଯାହାର ଅନ୍ତର ପ୍ରେମ, ଭକ୍ତି, ଶ୍ରଦ୍ଧାରେ ପୂର୍ଣ୍ଣ,–ଯେ ସର୍ବଜୀବନରେ କରୁଣା କରନ୍ତି, ସକଳ ବସ୍ତୁରେ ଭାଗବତ ସତ୍ତାର ଉପଲବ୍ଧି କରନ୍ତି।

... ଆମେ ଚାହୁଁ ସେହି ଜୀବନ ଯାହା ଶାନ୍ତି, ସମତା, ସରସତାରେ ଉଜ୍ଜ୍ୱଳ, ଚିର ହାସ୍ୟମୟ, ଆନନ୍ଦ ମୁଖର, –ଆମେ ଦୁଃଖ, ଦୁର୍ବିପାକ, ଯନ୍ତ୍ରଣା, ବିପଦ, ଅସ୍ୱସ୍ତି, ଅଶାନ୍ତିକୁ ଆଦୌ ଚାହୁଁ ନାହିଁ।

ଏହିପରି ଅନେକ ଗୁଡ଼ିଏ କଥା କହି ସାରିଲା ପରେ ତୁମ୍ଭମାନଙ୍କ ମଧ୍ୟରୁ ଯେଉଁମାନେ ଆଶାବାଦୀ, ସାହସୀ, ସରସମନା, ସେମାନେ ହଠାତ୍ କହିଉଠିବେ, "ହଁ, ଆମେ ଏସବୁ ନିଶ୍ଚୟ ଚାହୁଁ– ଖୁବ୍ ଚାହୁଁ।" ଯେଉଁମାନେ ନିରାଶା ଓ ହତାଶାର ଚକ୍ରରେ ପଡ଼ି ଧକ୍କା ଖାଇଛନ୍ତି ସେମାନେ ଦୀର୍ଘ ନିଶ୍ୱାସ ଛାଡ଼ି କହିବେ, "ହଁ, ଚାହୁଁ, ଖୁବ୍ ଚାହୁଁ, କିନ୍ତୁ ମିଳୁଛି କେଉଁଠି ? କିଏ ଜୀବନରେ ଆନନ୍ଦ, ସୁଖ, ଶାନ୍ତି, ସୌନ୍ଦର୍ଯ୍ୟ, ଅମରତ୍ୱ, ଐକ୍ୟ ଓ ସମତା ଚାହେଁ ନାହିଁ ? ସମସ୍ତେ ଆମ୍ଭେ ଚାହୁଁଛୁ ଏଇ ବସ୍ତୁ, କିନ୍ତୁ କେବେ ମିଳୁଛି, କେବେ ଅଳ୍ପ ମିଳୁଛି, କେବେ ଆଦୌ ମିଳୁ ନାହିଁ।"

ଫେରେ ମୁଁ ପଚାରିବି ? "କାହିଁକି ଏପରି ହେଉଛି, ଆମେ ଯାହା ଅଭୀପ୍ସା କରୁଛୁ, ଚାହୁଁଛୁ, ଯାହାପାଇଁ ଦେଶେ ଦେଶେ, ଯୁଗେ ଯୁଗେ ମାନବ-ସମାଜ ଆଶା ବାନ୍ଧିଛି, ଯାହାର ସନ୍ଧାନ କରିଛି, ଖୋଜୁଛି, ତାକୁ ପାଉ ନାହିଁ କାହିଁକି ?"

ସମ୍ଭବତଃ ତୁମେ ଏହାର ଦୁଇଟା ଜବାବ ଦେଇପାରିବ:

୧. ହୁଏତ ଏହିସବୁ ମନୁଷ୍ୟ ଜୀବନର କଳ୍ପନା-କବିର କବିତା, ମାୟାବିନୀର ଗାଲୁଗଳ୍ପ, ପୌରାଣିକ ଇତିକଥା... ମନୁଷ୍ୟ ଜୀବନରେ ଏହା ଘଟେ ନାହିଁ... ଇତ୍ୟାଦି ଇତ୍ୟାଦି।

୨. ହୁଏତ ମନୁଷ୍ୟ ଏସବୁର ଯୁଗେ ଯୁଗେ ସନ୍ଧାନ କରିଛି କିନ୍ତୁ ତାକୁ ପାଇବା ନିମିତ୍ତ ଏ ପର୍ଯ୍ୟନ୍ତ ରାସ୍ତା ଖୋଜି ପାଇ ନାହିଁ-ଲକ୍ଷ୍ୟ ସିଦ୍ଧି ନିମିତ୍ତ ଯଦି ଉପଯୁକ୍ତ ମାର୍ଗର ସନ୍ଧାନ ମିଳନ୍ତା ତେବେ ମନୁଷ୍ୟ ଏସବୁର ଅଧିକାରୀ ହୋଇପାରନ୍ତା। ତୁମ ଜବାବର ପ୍ରଥମ ଯୁକ୍ତିକୁ ପରୀକ୍ଷା କରିବା:

ଜୀବନରେ ସୁଖ, ଶାନ୍ତି, ସମତା, ସମନ୍ୱୟ, ଐକ୍ୟ, ଅମରତ୍ୱ, ଶକ୍ତି, ଜ୍ୟୋତି, ଆନନ୍ଦ, ଲାଭ କରିବା ନିମିତ୍ତ ଆକାଙ୍କ୍ଷିତ ହେବା କ'ଣ ପ୍ରକୃତରେ କଳ୍ପନା ? ପ୍ରକୃତରେ ଏସବୁ କ'ଣ ମିଥ୍ୟା ? ଏପରି ମିଥ୍ୟାର ରାଜତ୍ୱ ଆଦିମ କାଳରୁ କାହିଁକି ଚାଲିଆସିଛି, କାହିଁକି ଏପରି ମିଥ୍ୟା କଳ୍ପନା ଘେନି ମନୁଷ୍ୟ ବ୍ୟସ୍ତ ?

ଉଦାହରଣତଃ: ବୈଦିକ ଋଷିକଣ୍ଠରୁ ନିସୃତ ଗୋଟିଏ ମହାନ୍ ମନ୍ତ୍ରର ଅର୍ଥ ଦେଖ:

ଉଦ୍‌ବୟଂ ତମସସ୍ପରି ଜ୍ୟୋତିଷ୍ପଶ୍ୟନ୍ତ ଉତ୍ତରମ୍
ଦେବଂ ଦେବତ୍ରା ସୂର୍ଯ୍ୟମଗନ୍ମ ଜ୍ୟୋତିରୁତ୍ତମମ୍। (ଋଗ୍‌ବେଦ)

ଅର୍ଥାତ୍, "ଅନ୍ଧକାର ଊର୍ଦ୍ଧ୍ୱରେ ସେହି ମହତ୍ତର ଜ୍ୟୋତିକୁ ଦର୍ଶନ କରି ଆମ୍ଭେମାନେ ଭାଗବତ ତତ୍ତ୍ୱର ସେହି ଦିବ୍ୟସୂର୍ଯ୍ୟ, ସର୍ବୋତ୍ତମ ଜ୍ୟୋତି ନିକଟକୁ ଆସୁଅଛୁ।"

ଋଷି କଣ୍ଠ-ନିସୃତ ଅନ୍ୟ ଏକ ମହାନ୍ ଦିବ୍ୟ-ବାଣୀର କଥା ଶୁଣ:

"ଆଦିତ୍ ତେ ବିଶ୍ୱେ, କ୍ରତୁଂ ଜଷନ୍ତ
ଶୁଷ୍କାଦ୍ ଯଦ୍ ଦେବ, ଜୀବୋ, ଜନିଷ୍ଠାଃ।

ଭଜନ୍ତ ବିଶ୍ୱେ, ଦେବତ୍ୱଂ ନାମ
ଋତଂ ସପନ୍ତୋ ଅମୃତମେବୈଃ ।। (ଋଗ୍‌ବେଦ)

ଅର୍ଥାତ୍, "ତୁ (ମନୁଷ୍ୟ) ଶୁଷ୍କ ବୃକ୍ଷ (ଜଡ଼) ମଧ୍ୟରୁ ଜୀବନ୍ତ ଭଗବାନ ରୂପେ ଆବିର୍ଭୂତ ହୋଇଅଛୁ, ସମସ୍ତେ ତୋର ସଙ୍କଳ୍ପ ସ୍ୱୀକାର କରନ୍ତୁ, ତୋ ସଙ୍ଗେ ଗତି କରି ସତ୍ୟ-ଚେତନା ଓ ଅମୃତର ଅଧିକାରୀ ହୁଅନ୍ତୁ।"

"ମନୁଷ୍ୟ ଭଗବାନଙ୍କ ରୂପରେ ଆବିର୍ଭୁତ, ସେ ଦିବ୍ୟତ୍ୱ, ଅମୃତତ୍ୱ ଓ ସତ୍ୟ-ଚେତନା ପ୍ରାପ୍ତକରୁ" – ଏହାହିଁ ଋଷି ଉଦାତ୍ତ କଣ୍ଠରେ ଘୋଷଣା କରିଛନ୍ତି–କାରଣ "ଅମୃତସ୍ୟ ପୁତ୍ରାଃ ସର୍ବେ।"

ଉପନିଷଦରୁ ଆଉ ଗୋଟିଏ ଉଦାହରଣ ଦେଖ:
"ହିରଣ୍ମୟେ ପରେ କୋଷେ ବିରଜଂ ବ୍ରହ୍ମ ନିଷ୍କଳମ୍।
ତଚ୍ଛୁଭ୍ରଂ ଜ୍ୟୋତିଷାଂ ଜ୍ୟୋତିସ୍ତଦ୍ ଯଦାତ୍ମବିଦୋ ବିଦୁଃ।।" (ମୁଣ୍ଡକୋପନିଷଦ୍)

ଅର୍ଥାତ୍, "ହିରଣ୍ମୟ କୋଷ ମଧ୍ୟରେ ନିଷ୍କଳଙ୍କ ଓ ଅଖଣ୍ଡରୂପେ ବ୍ରହ୍ମ ବିଦ୍ୟମାନ୍। ସେ ଭାସ୍ୱର, ଜ୍ୟୋତିମାନଙ୍କ ମଧ୍ୟରେ ଜ୍ୟୋତି, ଆତ୍ମଜ୍ଞାନୀମାନେ ଏହାଙ୍କୁ ଜାଣନ୍ତି।"

ଏହିପରି ବେଦ, ଉପନିଷଦ, ଗୀତା, ତନ୍ତ୍ର, ଭାରତୀୟ ଷଡ଼ଦର୍ଶନ, ତା'ର ପରମ୍ପରା, ସଂସ୍କୃତି, ଐତିହ୍ୟ, କାବ୍ୟ, କଳା ପ୍ରଭୃତି କ୍ଷେତ୍ରରୁ ଅସଂଖ୍ୟ ଉଦାହରଣ ମିଳିବ ଯାହା ପ୍ରମାଣ କରିବ ଯେ ମନୁଷ୍ୟର ଜୀବନ ଦୁର୍ବଳ, ଦୁଃସ୍ଥ, କ୍ଷୁଦ୍ର, ଦୁଃଖଗ୍ରସ୍ତ, ସୀମିତ, ଅଜ୍ଞାନ, ଅନ୍ଧକାରମୟ ବା ଅଜ୍ଞାନାଚ୍ଛନ୍ନ ନୁହେଁ। ଏପରି ବ୍ୟକ୍ତି ଅଛନ୍ତି ଓ ଥିଲେ ଯେଉଁମାନେ ଆତ୍ମଜ୍ଞାନୀ, ମହାମାନବ, ମହାପୁରୁଷ, ଦିବ୍ୟ ଐଶ୍ୱର୍ଯ୍ୟଯୁକ୍ତ, ବିଭୂତି, ଅବତାର ଓ ସିଦ୍ଧ ପୁରୁଷ।

ପାଶ୍ଚାତ୍ୟ ଦର୍ଶନରେ ମହାମତି ପ୍ଲାଟୋ ଏହିପରି ଏକ ମହାନ୍ ସତ୍ୟର ଉପଲବ୍ଧି କରି ଏକ ସ୍ୱର୍ଗରାଜ୍ୟର କଳ୍ପନା କରିଥିଲେ। ତାଙ୍କର ମହାଗ୍ରନ୍ଥ 'Republic'ର ଗୋଟିଏ ସ୍ଥାନରେ ସତ୍ୟର ଦର୍ଶନ କରି ପ୍ଲାଟୋ ବିସ୍ମିତ ହୋଇ କହୁଛନ୍ତି, "What a wonder of beauty that must be which is the author of Science and Truth..." ଅର୍ଥାତ୍, "ସେହି ମହାନ୍ ସତ୍ୟ କିପରି ଅପରୂପ ସୌନ୍ଦର୍ଯ୍ୟ ହୋଇ ନ ଥିବ, ଯାହା ବିଜ୍ଞାନ ଓ ପାର୍ଥିବ ସତ୍ୟର ମୂଳ ଉତ୍ସ..."

ଖ୍ରୀଷ୍ଟଙ୍କ ମହାବାକ୍ୟର କଥା ଶୁଣ :

– "ଭଗବତ୍ ରାଜ୍ୟ, (ପୂର୍ଣ୍ଣ ଜ୍ଞାନ, ପୂର୍ଣ୍ଣ ଶକ୍ତି, ପୂର୍ଣ୍ଣ ଆନନ୍ଦର ରାଜ୍ୟ) ତୁମ୍ଭମାନଙ୍କ ଅନ୍ତରରେ ରହିଛି।"

ଯେ କୌଣସି ଦେଶରୁ, ଯେ କୌଣସି ସମୟରେ, ଯେ କୌଣସି କ୍ଷେତ୍ରରେ ତୁମେ ବରାବର ଦେଖିବାକୁ ପାଇବ ମନୁଷ୍ୟ ପୂର୍ଣ୍ଣତା, ଜ୍ଞାନ, ଶକ୍ତି, ଜ୍ୟୋତି ଓ ଆନନ୍ଦ ଆଡ଼କୁ ଯିବାକୁ ସତତ ଉଦ୍‌ବିଗ୍ନ। କେବଳ ତତ୍‌କାଳୀନ ଛାତ୍ର ନଚିକେତା ଯମଠାରୁ ମୃତ୍ୟୁର ରହସ୍ୟ ଜାଣିବାକୁ ଚାହିଁ ନ ଥିଲା, ଆମ୍ଭେମାନେ ମଧ୍ୟ ମୃତ୍ୟୁର ରହସ୍ୟ ଉଦ୍‌ଘାଟନ କରି ଅମରତ୍ୱ ପାଇଁ ଅଭୀପ୍ସା କରୁଛୁ।

ତେବେ, ଏସବୁ ମନୁଷ୍ୟ ଜୀବନର କଳ୍ପନା ହେବ କିପରି ? ଏହାର ପଛରେ ମନୁଷ୍ୟର ଉଦ୍ୟମ, ପ୍ରଚେଷ୍ଟା, ଆପ୍ରାଣ ଅଭୀପ୍ସା ଓ ନିରଳସ, ନିବିଷ୍ଟ ସଙ୍କଳ୍ପ, ପ୍ରତ୍ୟୟ ଓ ଆକାଙ୍‌କ୍ଷା ରହିଛି। ଏହା ମିଥ୍ୟା ହେବ କିପରି ? କେହି ଯଦି କହେ, "ତୁମେ ଗତ କାଲି ଗୋଟିଏ ସୁନାର ଘୋଡ଼ା ଉପରେ ବସି ଆକାଶମାର୍ଗରେ ଉଡୁଥିଲ, ଆଉ ତୁମ ଦେହର ଚତୁର୍ଦ୍ଦିଗସ୍ଥ ନୀଳ ମେଘମାଳାରୁ ରଜତଧବଳ ଶୁଭ୍ର ହୀରକଖଣ୍ଡ ବୃଷ୍ଟି ହୋଇ ଏ ପୃଥିବୀକୁ ଉଦ୍ଭାସିତ କରୁଥିଲା", ତେବେ ତୁମେ ହଠାତ୍ ଏପରି କଳ୍ପନାର ଚାତୁରୀ ଦେଖି ବଡ଼ ଜୋରରେ ହସି ଉଠିବ। କିନ୍ତୁ ମନୁଷ୍ୟ ଜୀବନରେ ନିରଳସ ଶାନ୍ତି, ସୁଖ, ତୃପ୍ତି, ଆନନ୍ଦ, ଐକ୍ୟ, ଜ୍ଞାନ ଓ ଶକ୍ତି ଲାଭ କରିବାପାଇଁ ପ୍ରଯତ୍ନ କରିବା ଏବଂ ତାହାକୁ ପ୍ରାପ୍ତ କରିବାର ସଙ୍କଳ୍ପକୁ ଆମେ କେବଳ ନିଛକ କଳ୍ପନା, ଆକାଶ-କୁସୁମ, ମରୀଚିକା ବୋଲି କହିବା କିପରି ?... ଏହିପରି ଅନେକ ଯୁକ୍ତିଦ୍ୱାରା ଦେଖାଇଦେଇ ହେବ ଯେ ସୁସ୍ଥ ଓ ନିର୍ମଳ ଜୀବନ, ସୁନ୍ଦର ଓ ସବଳ ଜୀବନ, ପ୍ରଜ୍ୱଳ ଓ ଆନନ୍ଦମୟ ଜୀବନ କଳ୍ପନା ନୁହେଁ। ବର୍ତ୍ତମାନ ତାହାର ବିପକ୍ଷରେ ସବୁ ଯୁକ୍ତିକୁ ବାଦଦେଇ ତାର ଅନୁସନ୍ଧାନ ଓ ସିଦ୍ଧିର ଉପାୟ ଖୋଜିବା।

ତେବେ କଥା ସ୍ୱୀକାର୍ଯ୍ୟ ଯେ ଆମେ ଯେଉଁ ସୁସ୍ଥ, ନିର୍ମଳ, ଆନନ୍ଦମୟ, ସାମର୍ଥ୍ୟଯୁକ୍ତ, ଅମର ଜୀବନ କାମନା କରୁଛୁ, ତାହା ଲାଭ କରିବାର ଉପାୟ ପାଇନାହୁଁ। ତୁମେ ପଚାରିବ "ଏପରି ଜୀବନ ଲାଭ କରିବାର ଉପାୟ ଅଛି କି ?"

ହଁ, ନିଶ୍ଚୟ ଅଛି।"

"କ'ଣ ବର୍ତ୍ତମାନ ଜୀବନରେ ତା ସମ୍ଭବ ?"

"ହଁ, ନିଶ୍ଚୟ ସମ୍ଭବ।"

"କ'ଣ ବର୍ତ୍ତମାନ ଜୀବନ ଯେପରି ଅଛି ସେହିପରି ରହିବ ଅଥଚ ଆମେ ସ୍ୱର୍ଗରାଜ୍ୟର ଅଧିକାରୀ ହେବା, ବିନା ଉଦ୍ୟମରେ, ବିନା ପରିଶ୍ରମରେ ?"

"ଏହା କେବେ ବି ସମ୍ଭବ ନୁହେଁ।"

ବର୍ତ୍ତମାନ ଜୀବନ ଯେପରି ଅଛି ତାହାର ଆବଶ୍ୟକ ଏକ ଆମୂଳ-ଚୂଳ ରୂପାନ୍ତର, ସମ୍ପୂର୍ଣ୍ଣ ପରିବର୍ତ୍ତନ। ଏ ଜୀବନ ଅଜ୍ଞାନତା ଓ ପଶୁତ୍ୱରେ ପରିପୂର୍ଣ୍ଣ। ବର୍ତ୍ତମାନ ମନୁଷ୍ୟ ଅର୍ଦ୍ଧପଶୁ ଓ ଅର୍ଦ୍ଧମାନବ। କିନ୍ତୁ ସେ ହେବାକୁ ଚାହେଁ ଦିବ୍ୟ, ସତ୍ ଓ ଶୁଦ୍ଧ। ତାକୁ ଛାଡ଼ିବାକୁ

ହେବ ତା'ର ପଶୁତ୍ୱ, ଛାଡ଼ିବାକୁ ହେବ ତାର ମାନବତ୍ୱ, ହେବାକୁ ହେବ ଅତି-ମାନବ, ଦିବ୍ୟ-ମାନବ–ଏହି 'ଅତି-ମାନବ'ହିଁ ପୂର୍ଣ୍ଣଜ୍ଞାନ, ପୂର୍ଣ୍ଣସାମର୍ଥ୍ୟ ଓ ପୂର୍ଣ୍ଣ ଆନନ୍ଦର ଅଧିକାରୀ। ଏହି 'ଅତି-ମାନବ'ଦିବ୍ୟପୁରୁଷ, ସେହିଁ ଆଗାମୀ ମାନବ-ସମାଜର ପଥଦ୍ରଷ୍ଟା, ଅଗ୍ରଗାମୀ ଦେବଦୂତ, ନୂତନ ଜଗତର ପରମତତ୍ତ୍ୱ। ଅତିମାନସ ଦିବ୍ୟ ଶକ୍ତି ବଳରେ ମନୁଷ୍ୟ ଜୀବନର ଆମୂଳ ରୂପାନ୍ତର ହେଲେ ଆମ୍ଭେମାନେ ଯେଉଁ ଲକ୍ଷ୍ୟର କଥା ଉଲ୍ଲେଖ କରିଛୁ, ତାହା ଲାଭ ହେବ।

ତେବେ, ତୁମ୍ଭେମାନେ କହିବ, "ଏସବୁ ତ' ବହୁତ ଦୂରର କଥା, ବହୁବର୍ଷବ୍ୟାପୀ ସାଧନାର କଥା। ଆମେ ପାରିବୁ କି ନାହିଁ କିଏ ଜାଣେ ? ବର୍ତ୍ତମାନ ଆମେ କ'ଣ କରିବୁ ଯଦ୍ୱାରା ଏହି ସିଦ୍ଧାନ୍ତରେ ଉପନୀତ ହୋଇପାରିବୁ–ଆଜି ଆମକୁ ସେହି କଥା କହନ୍ତୁ। ଏସବୁ ବିଷୟ ଶୁଣିବାକୁ ଯେମିତି ରୁଚିକର ବୋଧ ହେଉଛି ସେହିପରି ଅସମ୍ଭବ ମଧ ବୋଧ ହେଉଛି।"

ବେଶ୍, ତୁମ୍ଭମାନଙ୍କୁ ଯାହା କରିବାକୁ ହେବ ତା ସଂକ୍ଷେପରେ କହୁଛି। ପ୍ରଥମରୁ କିନ୍ତୁ ଗୋଟାଏ କଥା ମନେରଖ ଅସମ୍ଭବ ବୋଲି କୌଣସି କଥା ନାହିଁ। 'ଏସବୁ ଅସମ୍ଭବ', ଏ କଥା ମନରୁ ଏକବାରେ ପୋଛି ପକାଅ। ସବୁହିଁ ଏ ପୃଥିବୀରେ ସମ୍ଭବ, ନିଶ୍ଚୟ ସମ୍ଭବ। ଦ୍ୱିତୀୟତଃ ମୁଁ ଯାହା କହୁଛି ତାହା ପାଇଁ ବେଶୀ ବର୍ଷ ଲାଗିବ ନାହିଁ, ସିଦ୍ଧି କରିବାକୁ, ତପସ୍ୟା କରିବାକୁ ପଡ଼ିବ ନାହିଁ। କାରଣ, ତୁମର ଏହି ଉଚ୍ଚତର ଜୀବନ ପାଇଁ ପ୍ରେରଣା ଯେତିକି ତୀବ୍ର, ଅଗ୍ନିମୟ, ଅଖଣ୍ଡ ହୋଇଉଠିବ, ଏହାକୁ ସିଦ୍ଧି କରିବାର ସମୟ ସେତିକି ପାଖେଇ ଆସିବ, ତେତିକି ଊଣା ହୋଇଯିବ। ତେବେ ଶୁଣ: ତୁମେ ସଙ୍କଳ୍ପ କର, "ଆମେ ଚାହୁଁ ମହାନ୍ ଆନନ୍ଦମୟ ଦିବ୍ୟ-ଜୀବନ"– ଏହି ସଙ୍କଳ୍ପରେ ତୁମେ ଦୃଢ଼ ହୁଅ ଏକନିଷ୍ଠ ହୁଅ, ପ୍ରତ୍ୟହ ସନ୍ଧ୍ୟା ଓ ସକାଳରେ ବାରମ୍ବାର ନିଜ ସମ୍ମୁଖରେ ଏହି ଲକ୍ଷ୍ୟ, ଏହି ଆଦର୍ଶ ଏହି ସାଧନାକୁ ରଖ। "ମୁଁ ଅତୀତର ସାଧାରଣ ଜୀବନ ଚାହେଁ ନାହିଁ, ଚାହେଁ ଭବିଷ୍ୟତରେ ପୂର୍ଣ୍ଣ, ଜ୍ଞାନମୟ ଦିବ୍ୟ-ଜୀବନ, ସକଳ ଅନ୍ଧକାର ଓ ମୂଢ଼ତା ବିରୁଦ୍ଧରେ ମୁଁ ଯୁଦ୍ଧ କରି ବିଜୟୀ ହେବି, ଭଗବାନ ମୋତେ ଏହି ଶକ୍ତି ଦିଅ, ସାହସ ଦିଅ, ସଦ୍‌ବୁଦ୍ଧି ଓ ଜ୍ଞାନ ଦିଅ।"

ପ୍ରିୟ ବନ୍ଧୁଗଣ, ଆଜି ଯାହାଙ୍କ ଜନ୍ମୋତ୍ସବରେ ଏହି ଉଦ୍ଦୀପନାମୟ ସରସ ଅମର କଥାଗୁଡ଼ିକ ତୁମ୍ଭମାନଙ୍କୁ କହିଯାଉଛି ସେହି ହେଲେ ଶ୍ରୀମା ଭଗବତୀ ଜନନୀ; ଦିବ୍ୟ-ଶକ୍ତି, ଦିବ୍ୟ-ଜ୍ଞାନ, ଜ୍ୟୋତି ଓ କରୁଣାର ସାକ୍ଷାତ୍ ମୂର୍ତ୍ତି, ପୂର୍ଣ୍ଣାବତାର। ତୁମ୍ଭମାନଙ୍କ ପରି ବହୁ ଛୋଟ ଛୋଟ ଛାତ୍ର ଓ ଶିଶୁମାନଙ୍କୁ ଧରି ମା' ଆଜି ଏକ ନୂତନ-ଜୀବନ ଓ ନୂତନ ସମାଜ ପ୍ରତିଷ୍ଠା କରିବାକୁ ଯାଉଛନ୍ତି। ସେମାନଙ୍କୁ ସେ ଅକ୍ଳାନ୍ତ ପରିଶ୍ରମ, ଅସୀମ ପ୍ରେମ ଓ ଆଦରରେ ଗଢ଼ି ତୋଳୁଛନ୍ତି ନୂତନ-ମାନବ ଜାତିର Nucleus ବା କେନ୍ଦ୍ର-ବସ୍ତୁ ରୂପେ। ଦିନ ଆସିବ ଯେତେବେଳେ ସମଗ୍ର ମାନବ ସମାଜରେ ଏହି ଆଦର୍ଶ ବ୍ୟାପୀ ଯିବ, ଆଉ ସେତେବେଳେ ସମସ୍ତେ ଦେଖିପାରିବେ ଯେ ଏକ ମହାନ୍ ଉଚ୍ଚତର ଦିବ୍ୟ ଜୀବନ ଏ ପୃଥିବୀରେ ସ୍ଥାପିତ ହୋଇଛି।

ଆଉ କେତୋଟି କଥା କହି ଆଜିର ବକ୍ତବ୍ୟଟି ଶେଷ କରିବି। ଆଶାକରେ ତୁମ୍ଭମାନଙ୍କର ଧୈର୍ଯ୍ୟ-ଚ୍ୟୁତି ଘଟି ନାହିଁ। ଦେଖୁଛି ଯେ ତୁମ୍ଭେମାନେ ବାରମ୍ବାର ମତେ ପ୍ରଶ୍ନ କରିବାକୁ ଉଦ୍ୟତ, ତୁମେ ଚାହୁଁଛ କିଛି ବାସ୍ତବ (Concrete) ପ୍ରେରଣା, ଉପଦେଶ ବା ସୂଚନା, ଯଦ୍ୱାରା ତୁମେ ଛାତ୍ର-ଜୀବନରେ ଏହି ମହାନ୍ ଜୀବନ ନିମିତ୍ତ ଆଗେଇ ଯିବ। ଏବେ ତାହା ଶୁଣ: ତୁମର ଲକ୍ଷ୍ୟ କଥା ଆଗରୁ କହିଛି "ପୂର୍ଣ୍ଣ ଜ୍ଞାନମୟ ଆନନ୍ଦମୟ ମହାନ୍ ଜୀବନ"। ଏହାକୁ ଯଦି ଅନ୍ୟ ଭାଷାରେ ପ୍ରକାଶ କର,ତେବେ କୁହାଯିବ ଆମେ ଚାହୁଁ ବ୍ୟକ୍ତିତ୍ୱର ଚରମ ଉନ୍ନତି, ସର୍ବାଙ୍ଗୀନ ପୂର୍ତ୍ତି, ପୂର୍ଣ୍ଣାଙ୍ଗ ପୂର୍ଣ୍ଣତା। ଆମ ବ୍ୟକ୍ତିତ୍ୱର ଅର୍ଥ କ'ଣ ? ଆମ ବ୍ୟକ୍ତିତ୍ୱର ଚାରୋଟି ଅଙ୍ଗ ଅଛି: ପ୍ରଥମତଃ, – ଶରୀର, ଦ୍ୱିତୀୟତଃ ପ୍ରାଣ, ତୃତୀୟତଃ ମନ, ଚତୁର୍ଥତଃ ଅନ୍ତରାତ୍ମା ବା ଚୈତ୍ୟ-ପୁରୁଷ। ପୂର୍ଣ୍ଣାଙ୍ଗ ଜୀବନ ପ୍ରାପ୍ତି ନିମିତ୍ତ ପୂର୍ଣ୍ଣାଙ୍ଗ ଶିକ୍ଷା ଆବଶ୍ୟକ। ଏହି ଶିକ୍ଷାରେ ଶରୀର ହେବ ସୌନ୍ଦର୍ଯ୍ୟର ପ୍ରକାଶ ଭୂମି ଅର୍ଥାତ୍ ଶରୀରରେ ପୂର୍ଣ୍ଣ ସୌନ୍ଦର୍ଯ୍ୟ, ସୁଷମା ଓ ସାମଞ୍ଜସ୍ୟ ପ୍ରକାଶିତ ହେବ। ପ୍ରାଣ ହେବ ସାମର୍ଥ୍ୟ ଓ ଶକ୍ତିର କ୍ଷେତ୍ର। ମନ ହେବ ଦିବ୍ୟ ଜ୍ଞାନର କ୍ଷେତ୍ର। ଚୈତ୍ୟ-ପୁରୁଷ ହେବେ ପ୍ରେମ ଓ ଭକ୍ତିର କ୍ଷେତ୍ର। ଏଥିପାଇଁ ଛାତ୍ରକୁ ଉଦ୍ୟମ କରିବାକୁ ହେବ।

୧. **ଶାରୀରିକ ଶିକ୍ଷା:** ଶରୀର କ୍ଷେତ୍ରରେ ପ୍ରତ୍ୟହ ଗ୍ରହଣ କରିବାକୁ ହେବ ଏକ ସୁସଂଯତ ସୁଶିକ୍ଷିତ, ସୁଶୃଙ୍ଖଳ ବିଧିବଦ୍ଧ ବ୍ୟାୟାମ, କସରତ୍...। ସୁତରାଂ ଯଦି ତୁମ୍ଭେମାନେ ପୂର୍ଣ୍ଣାଙ୍ଗ ଜୀବନର ଅଧିକାରୀ ହେବାକୁ ଇଚ୍ଛା କର ଶରୀର ଚର୍ଚ୍ଚା ପ୍ରତି ବରାବର ମନୋଯୋଗ ଦିଅ। ପ୍ରତ୍ୟହ ସ୍କୁଲ ପଢ଼ା ସଙ୍ଗେ ସଙ୍ଗେ ଯଥାନିର୍ଦ୍ଦିଷ୍ଟ ଖେଳାଧୂଳା, ଫୁଟ୍‌ବଲ, ଟେନିସ, ଭଲିବଲ, ଦୌଡ଼ାଦୌଡ଼ି, ଭ୍ରମଣ, (athletics) ଇତ୍ୟାଦି କର।

୨. **ପ୍ରାଣିକ ଶିକ୍ଷା:** ପ୍ରାଣ କ୍ଷେତ୍ରରେ ଯେଉଁ ଶିକ୍ଷା ଦିଆଯାଏ ତାହା କଠିନ ହେଲେ ମଧ ଦୁଃସାଧ୍ୟ ନୁହେଁ। ତୁମକୁ ତୁମର ଇନ୍ଦ୍ରିୟଗଣକୁ ରୁଚିବୋଧ ଓ ସୌନ୍ଦର୍ଯ୍ୟବୋଧର ଶିକ୍ଷା ଦେବାକୁ ହେବ। ଇଂରେଜୀରେ ଯାହାକୁ କହନ୍ତି ମାର୍ଜିତ ରୁଚି (refined taste) ହେବାକୁ ହେବ।

ଯାହା କୁତ୍ସିତ, କଦାକାର, ବିଭତ୍ସ, ନୀଚ, ନିମ୍ନବୃତ୍ତିର ପ୍ରେରକ, ତାକୁ ବରାବର ବର୍ଜନ କର। ଖରାପ ଉପନ୍ୟାସ, କୁତ୍ସିତ ସିନେମା ଚିତ୍ର, ଜଘନ୍ୟ ନିମ୍ନ ଓ ଅପରିଣତ ବୃତ୍ତିର କୁଚିନ୍ତା ଓ ବିଭ୍ରାନ୍ତି ବରାବର କଷ୍ଟେମଷ୍ଟେ ବର୍ଜନ କର। କଳହ, ଦ୍ୱନ୍ଦ୍ୱ, ମିଥ୍ୟା-ଗର୍ବ, ଅଭିମାନ, ଯେତେଦୂର ପାର ଛାଡ଼ିଦିଅ। ଏହିସବୁ କ୍ଷୁଦ୍ର ଜିନିଷକୁ ପିଲାଦିନୁ ଛାଡ଼ିବା ସହଜ, ବଡ଼ ହେଲେ ଛାଡ଼ିବା କଠିନ। ତୁମ୍ଭେମାନେ ଅଳ୍ପ ବୟସ୍କ, ଇଚ୍ଛାକଲେ ଶୁଦ୍ଧ ସୁବର୍ଣ୍ଣତୁଲ୍ୟ ଜକ୍ ଜକ୍ ଓ ଉଜ୍ଜ୍ୱଳ ହୋଇଉଠିବ। ପ୍ରାଣର ଯଥାଯଥ ସଂଯମ ଓ ଶୃଙ୍ଖଳା ସାଧନାରେ ଚରିତ୍ର ଗଠିତ ହୁଏ। ଅନେକ ଛାତ୍ର ବଡ଼ ଉଦ୍ଧତ, ଦୁଷ୍ଟ କିନ୍ତୁ ଖୁବ୍ ଶକ୍ତିଶାଳୀ ଓ ବୁଦ୍ଧିମାନ୍। ଏମାନଙ୍କୁ ନିୟମ କରିବାକୁ ହେବ ଯେ ସେମାନେ ଯେପରି ତାଙ୍କର ବୁଦ୍ଧିକୁ ଭଲ କାମରେ ଲଗାନ୍ତି। ଜନକଲ୍ୟାଣ ସାଧନ କରିବା, ସେବାଦଳ ଗଠନ କରିବା, ବିପଦଗ୍ରସ୍ତ ପରିବାର ବା ବ୍ୟକ୍ତିକୁ ସାହାଯ୍ୟ କରିବା ଇତ୍ୟାଦି ଏହି ସବୁ ଛାତ୍ରଙ୍କର କାର୍ଯ୍ୟ ହେବା ଉଚିତ। ସତ୍-ଚରିତ୍ର ଓ ସତ୍-ପ୍ରକୃତି ପାଠପଢ଼ା ଉପରେ ନିର୍ଭର କରେ ନାହିଁ। ତୁମ ହୃଦୟ ଯେପରି ନିର୍ମଳ ଓ ପବିତ୍ର ରହେ ତାହା ଦେଖିବ ଓ ସେଥିପାଇଁ କଠିନ ଉଦ୍ୟମ କରିବ। ନିଜକୁ କେବେ ବି ଠକିବ ନାହିଁ।

୩. **ମନର ଶିକ୍ଷା:** ତାହା ତୁମ କ୍ଲାସମାନଙ୍କରେ ପ୍ରତ୍ୟହ ହୁଏ। ଗଣିତ, ଇଂରାଜୀ, ଭୂଗୋଳ, ଇତିହାସ ଇତ୍ୟାଦି ଯାହାକିଛି ଶିକ୍ଷା ଦିଆଯାଏ ତାହା ତୁମର ଜ୍ଞାନର ପରିସର ବୃଦ୍ଧି ନିମିତ୍ତ। ତାହା ମନୋଯୋଗ ସହ ପଢ଼ିବ–ଏ ଦିଗରେ ବୃଥା ସମୟ ନଷ୍ଟ ନ କରି ନିଜ ପାଠ ପଢ଼ିବାକୁ ଚେଷ୍ଟା କରିବ। ଦେଖିବ ଯେ ତୁମର ଏ ସବୁ ଶିକ୍ଷାରେ ମନ ଲାଗିଯାଉଛି। ଏ ବିଷୟରେ ବେଶୀକିଛି କହିବା ଆବଶ୍ୟକ ମନେ କରୁନାହିଁ।

୪. **ଶେଷରେ ହେଲା ଅନ୍ତରାତ୍ମିକ ଶିକ୍ଷା:** ଚୈତ୍ୟପୁରୁଷଙ୍କ ବିକାଶ ଓ ଉନ୍ମୀଳନ ନିମିତ୍ତ ସବୁଭାବରେ ଚେଷ୍ଟା କରିବାକୁ ହେବ। ମନେରଖ, ଆମ ଭିତରେ ଭଗବାନଙ୍କ ପ୍ରତିଭୂ ଅଛନ୍ତି। ଆମ୍ଭେମାନେ ପ୍ରତ୍ୟେକ ମୂଳ ସତ୍ତାରେ ଶାଶ୍ୱତ, ଦିବ୍ୟ ଓ ଅଖଣ୍ଡ; ଅନନ୍ତ କାଳରୁ ବହୁ ଜନ୍ମ ମଧ୍ୟଦେଇ ଆସିଛୁ ଆଉ ଭଗବତ୍ ଉଦ୍ଦେଶ୍ୟ ସିଦ୍ଧି ନିମିତ୍ତ ଆମକୁ ହୁଏତ ବହୁ ଜନ୍ମ ନେବାକୁ ହେବ। ଆମର ଅକ୍ଷୟ ଅମର ସତ୍ତାହିଁ ହେଲେ ଚୈତ୍ୟପୁରୁଷ। ସେ ଆମ ଅନ୍ତରରେ ଜ୍ୟୋତିରୂପେ, ଖାଣ୍ଟି ପ୍ରେମ ଓ ଆନନ୍ଦ ରୂପେ ରହିଛନ୍ତି। ମନ-ପ୍ରାଣ-ଶରୀର ଏହାଙ୍କର ବାହନ ମାତ୍ର। କିନ୍ତୁ ଏହି ସତ୍ତା ପରଦାର ଉହାଡ଼ରେ ଥିବାରୁ ବାହାରକୁ ଆସି ପାରନ୍ତି ନାହିଁ। ଏହି ସତ୍ତାଙ୍କର ମୁକ୍ତି ନିମିତ୍ତ ଏବଂ ତାଙ୍କୁ ଆମର କର୍ମର ଚାଳକ ଓ ନିର୍ଦ୍ଦେଶକ କରିବା ନିମିତ୍ତ ପ୍ରତ୍ୟହ ଦୁଇବେଳା କିଛି ସମୟ ପ୍ରାର୍ଥନା କରିବ। ସମ୍ଭବ ହେଲେ କିଛି ସମୟ ଧ୍ୟାନ କରିବ। ନୀରବରେ ହୃଦକେନ୍ଦ୍ରରେ ଧ୍ୟାନ କରିବ। ପ୍ରତ୍ୟହ ଶୋଇବା ବେଳେ ନିଦ୍ରା ଯେପରି ନିର୍ମଳ, ଅବିକୃତ ଓ ଗାଢ଼ ହୁଏ ସେଥିପାଇଁ ପ୍ରାର୍ଥନା କରି ଶୋଇବ। ଖାଦ୍ୟ ଗ୍ରହଣ ସମୟରେ ଖାଦ୍ୟ ଭଗବାନଙ୍କୁ ଅର୍ପଣ କରି ଭୋଜନ କରିବ। ସ୍ନାନ, ଭୋଜନ, ଶୟନ ପଠନ ଇତ୍ୟାଦି ପ୍ରତ୍ୟେକ କର୍ମରେ ଭଗବାନଙ୍କୁ ସ୍ମରଣ କରି ଏକ ଶୁଦ୍ଧ ଓ ଦୃଢ଼ ନିଷ୍ଠାସହ କରିବ। କର୍ମର ଶେଷରେ ଭଗବାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରି ତାହାଙ୍କୁ ସକଳ କର୍ମଫଳ ଅର୍ପଣ କରିବ। ପରୀକ୍ଷା ଆସିଗଲେ ଭୟରେ ଅଧୀର ଓ ବ୍ୟଗ୍ର ହେବ ନାହିଁ। ଯେବେ ପରୀକ୍ଷାରେ ଭଲ ନ ହୁଏ ସେଥିରେ ବି ଉଦ୍‌ବିଗ୍ନ ହେବ ନାହିଁ। ଛାତ୍ର-ଜୀବନର ଉତ୍ସାହ, ଉନ୍ମାଦନା, ଲକ୍ଷ୍ୟ ହାସଲ ନିମିତ୍ତ ନିଷ୍ଠା କେବେବି ହରାଇବ ନାହିଁ। ସର୍ବଦା ଧୀର, ସ୍ଥିର, ଶାନ୍ତ ରହି ଆଗେଇ ଚାଲିବାକୁ ଚେଷ୍ଟା କରିବ। କେଉଁଠି ଭୁଲ ବା ତ୍ରୁଟି ହେଲେ ତାକୁ ସଙ୍ଗେ ସଙ୍ଗେ ସହାସ୍ୟ ବଦନରେ ମାନିନେବ। ତୁମେ ଜଣେ ଯଥାର୍ଥରେ ବୀର, ଯୋଦ୍ଧା, ସାହସୀ ବୋଲି ଅନ୍ତରରେ ଦୃଢ଼ ଭାବରେ ବିଶ୍ୱାସ କରିବ। ଅନ୍ୟମାନଙ୍କ ପ୍ରତି ତୁମ ବ୍ୟବହାର ଯଥାର୍ଥ, ଭଦ୍ରୋଚିତ ଓ ବିନମ୍ରତାରେ ପୂର୍ଣ୍ଣ ହେବା ଚାହି। ଚେଷ୍ଟା କର, ଦେଖିବ, ଏହା ଅଳ୍ପ ଦିନରେ ସମ୍ଭବ ହେବ।

ଯେଉଁମାନେ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କୁ ଶ୍ରଦ୍ଧା ଓ ଭକ୍ତିସହ ପୂଜା କରି ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହେବେ ସେମାନେ ନିଶ୍ଚୟ ତାଙ୍କର ଜ୍ୟୋତି, ଶକ୍ତି ଓ ସାମର୍ଥ୍ୟ ପାଇବେ। ପୁନଶ୍ଚ, ଯେହେତୁ ଭଗବତ୍ ଶକ୍ତି ସର୍ବବ୍ୟାପୀ, ଅନ୍ୟମାନେ ମଧ୍ୟ ସେହି ଶକ୍ତିର ପ୍ରସାର ଫଳରେ ସୁଫଳ ଲାଭ କରିବେ। ସମଗ୍ର ଜଗତରେ ସେତେବେଳେ ଗୋଟାଏ ନୂତନ-ସମାଜର ସୂଚନା ମିଳିବ।

ଯାହାହେଉ, ଏହି ବକ୍ତବ୍ୟରେ, ବନ୍ଧୁଗଣ, ତୁମର କର୍ମ-ପଦ୍ଧତିର ଏକ ସଂକ୍ଷିପ୍ତ ସୂଚନା ଦେଇଛି। ତୁମ ଛାତ୍ର ଜୀବନର ଏହି ସ୍ୱପ୍ନ ନିଶ୍ଚୟହିଁ ସାର୍ଥକ ହେବ, ଏ ବିଶ୍ୱାସ ରଖ। ଆଜି ସ୍ୱପ୍ନର ସିଦ୍ଧି ନିର୍ଭର କରୁଛି ତୁମର ନିଷ୍ଠା, ସାହସ ଓ ଉଦ୍ଦୀପନା ଉପରେ-ଜୀବନ ତୁମର ଭଗବତ୍ ଉଦ୍ଦେଶ୍ୟରେ ଗୋଟାଏ ବିରାଟ 'adventure' ହେଉ। ଏହି ପବିତ୍ର ଶୁଭ ବାସରରେ ମା'ଙ୍କର ଅଯାଚିତ କରୁଣା ଲାଭକର।

# ଭବିଷ୍ୟତ କେଉଁଠି ?

ଶ୍ରୀ ଲଳିତ ମୋହନ ଘୋଷ

'In all the higher powers of his life man may be said to be seeking, blindly enough for God. To get at the Divine and eternal in himself & the world and to harmonise them, to put his being and his life in tune with the Infinite reveals itself in these parts of his nature as his concealed aim and his destiny. He sets out to arrive at his highest and largest and most perfect self, and the moment he at all touches upon it, this Self in him appears to be one with some great Soul and Self of Truth, and God and Beauty in the world to which we give the name of **God."**

- Sri Aurobindo: Human Cycle (Ch.XVI)

ଏହି ଜଗତରେ ମାନବ ଜୀବନର ଉଚ୍ଚତର ଶକ୍ତି ସମୂହ, ଅନ୍ଧଭାବରେ ହେଲେ ମଧ୍ୟ, ଈଶ୍ୱରଙ୍କ ସନ୍ଧାନ କରୁଅଛି। ମନୁଷ୍ୟ ନିଜର ଉଚ୍ଚତମ, ବୃହତ୍ତମ ଓ ପୂର୍ଣ୍ଣତମ ଆତ୍ମନ୍‌ର ସନ୍ଧାନ କରିବା ସମୟରେ ଦେଖିବାକୁ ପାଏ ଯେ ଏହି ଆତ୍ମନ୍ ସତ୍ୟ-ଶିବ-ସୁନ୍ଦର ଏକ ପରମ ଆତ୍ମନ୍ ସହିତ ଅଭିନ୍ନ। ଏହି ପରମ ଆତ୍ମନ୍‌କୁ ଆମ୍ଭେମାନେ "ଭଗବାନ" ନାମ ଦେଇଅଛୁ। ଏହି ପରମଙ୍କର ଆଧ୍ୟାତ୍ମିକ ଉପଲବ୍ଧି (Spiritual presence) ସବୁ ଧର୍ମର ଉଦ୍ଦେଶ୍ୟ। ତାଙ୍କରହିଁ ସତ୍ୟ-ଶିବ-ସୁନ୍ଦରର ପରମ ଅନୁଭୂତି ମାନବ ସମାଜର ନୀତିଶାସ୍ତ୍ର, ଦର୍ଶନଶାସ୍ତ୍ର, ଲଳିତକଳା, ବିଜ୍ଞାନାଦିର ଚରମ ଲକ୍ଷ୍ୟ।

କିନ୍ତୁ ଆମ୍ଭେମାନେ ଦୈନନ୍ଦିନ ସାଂସାରିକ ଜୀବନ ଧାରାରେ ଏହିସବୁ ଉଚ୍ଚ ଆଦର୍ଶର ଅନୁଧାବନ କରୁ ନା। ଆମ୍ଭେମାନେ ସର୍ବଦା ବ୍ୟସ୍ତ ରହୁ ଆମ୍ଭମାନଙ୍କର ଦେହ-ପ୍ରାଣ-ମନର ଅଭାବ-ଅଭିଯୋଗ, ତାଡ଼ନା-ପ୍ରେରଣା ଓ କାମନା-ବାସନାର ତର୍ପଣରେ। ଏହି ସବୁ ବ୍ୟାପାର ଆମ୍ଭମାନଙ୍କ ମନରେ ବାସ୍ତବ ବୋଲି ପ୍ରତିଭାତ ହୁଏ; ବାକି ସବୁ ବୋଧହୁଏ ଅପ୍ରାକୃତ ଓ ଅବାନ୍ତର। ବାସ୍ତବ ବିଷୟଗୁଡ଼ିକ ଆମ୍ଭମାନଙ୍କ ଦୃଷ୍ଟିରେ ଏକାନ୍ତ ଆବଶ୍ୟକୀୟ ମନେହୁଏ, ବାକି ସବୁ ବିଷୟ ଅବହେଳିତ ହେଲେ ଚଳେ।

ସମାଜ ସତ୍ୟ-ଶିବ-ସୁନ୍ଦରକୁ ଗୋଟିଏ ସ୍ଥାନ ଦିଏ, କିନ୍ତୁ ସେ ସ୍ଥାନ ନିତାନ୍ତ ଗୌଣ। ସମାଜ ସୁନୀତିକୁ ସ୍ୱୀକାର କରେ, କିନ୍ତୁ ତାର ଉଦ୍ଦେଶ୍ୟ ଥାଏ ଜୀବନର କୌଣସି ଉପକାରିତା ପାଇଁ। କାରଣ ନୈତିକ ବିଧାନ ନ ଥିଲେ ମନୁଷ୍ୟ ମନୁଷ୍ୟ ମଧ୍ୟରେ ବନ୍ଧନ ଦୃଢ଼ ହେବ ନାହିଁ। .... "It does not feel called upon to make its life entirely ethical." ସମାଜରେ ସୁନ୍ଦରର ସ୍ଥାନ ଅଧିକ ଗୌଣ। 'ସୁନ୍ଦର'କୁ ସେ ଆବଶ୍ୟକ ମନେକରେ ଅଳଙ୍କାର (embellishment) ହିସାବରେ, ଭୋଗର ଉପାଦାନ ହିସାବରେ –ଚକ୍ଷୁ, କର୍ଣ୍ଣ, ମନକୁ ତୁଷ୍ଟ କରେ ବୋଲି– ଚିତ୍ତ ବିନୋଦନ ନିମିତ୍ତ।–

"....Even if it admits things beautiful as embellishment and an amusement, a satisfaction and pastime of the eye and ear and mind, nothing moves it imperatively to make its life a thing of beauty."

ଧର୍ମ (religion)କୁ ସମାଜ ସ୍ଥାନ ଦିଏ, ମନ୍ଦିରରେ, ଗୀର୍ଜାରେ, ନିର୍ଦ୍ଦିଷ୍ଟ ପର୍ବ ଦିବସରେ ଅଥବା ମନୁଷ୍ୟର ବୃଦ୍ଧ ବୟସରେ। ସେଥିପାଇଁ ଯୁବକଯୁବତୀମାନେ କହିଥା'ନ୍ତି ଯେ ଈଶ୍ୱରଙ୍କ ବିଷୟରେ ଚିନ୍ତା କରିବା କିମ୍ବା ତାଙ୍କୁ ସ୍ମରଣ କରିବା ପାଇଁ ସେମାନଙ୍କ ବୟସ ହୋଇନାହିଁ। ସମଗ୍ର ଜୀବନକୁ ଧର୍ମଜୀବନ ରୂପେ ଈଶ୍ୱର-ସନ୍ଧାନର ଉପଯୁକ୍ତ କ୍ଷେତ୍ରରୂପେ ଗ୍ରହଣ କରିବା ଆଧୁନିକ ଭାରତୀୟ ସମାଜରେ ମଧ୍ୟ ଦେଖାଯାଏ ନାହିଁ, ଯେଉଁଠାରେ ଆଧ୍ୟାତ୍ମିକତାକୁ ଜୀବନର ଉଦ୍ଦେଶ୍ୟ ଓ ନୀତିରୂପେ ସ୍ୱୀକାର କରାହୋଇଛି।

"But to make the whole of life a religion a remembering of God and a seeking after him, is a thing that is not really done even in societies which like the Indian erect spirituality as their aim and principle."

ସାଧାରଣ ମନୁଷ୍ୟର ଦର୍ଶନଶାସ୍ତ୍ର କିମ୍ବା ମନସ୍ତତ୍ତ୍ୱ ସହିତ ସମ୍ବନ୍ଧ ଅତି ଅଳ୍ପ। ଆଧୁନିକ ଜଡ଼ବିଜ୍ଞାନ (Science)କୁ ସେ ଆଦର କରେ ଓ ମର୍ଯ୍ୟାଦା ଦିଏ କାରଣ ପଦାର୍ଥବିଦ୍ୟା, ରସାୟନ ବିଦ୍ୟା ପ୍ରଭୃତି ତାହାର ଭୋଗ-ବିଳାସର ଉପକରଣ ଯୋଗାଏ। କିନ୍ତୁ ପ୍ରକୃତ ବିଜ୍ଞାନ ଚର୍ଚ୍ଚାରେ ମଧ୍ୟ ଅତି ଅଳ୍ପସଂଖ୍ୟକ ବିଶେଷଜ୍ଞଙ୍କୁ ଛାଡ଼ିଦେଲେ ମୂଳତତ୍ତ୍ୱ ସମୂହ ସମ୍ବନ୍ଧରେ ଜନସାଧାରଣ ଉଦାସୀ।।

" A more complete effort in any one of these directions it (the society) leaves to the individual to the few, and to individuals of a special type, the saint, the ethical man, the artist, the thinker, the man of religion; it gives them a place, does some homage to them, assigns some room to the things they represent, but for itself it is content to follow mainly after its own inherent principle of vital satisfaction, vital necessity and utility, vital efficiency."

ସକଳ ବିଷୟର (ଭୌତିକ ବା ଆଧ୍ୟାତ୍ମିକ) ତତ୍ତ୍ୱାନୁସନ୍ଧାନ କେତେଜଣ ବିଶେଷଜ୍ଞଙ୍କ ହାତରେ ଛାଡ଼ି ଦେଇ ସାଧାରଣ ମନୁଷ୍ୟ, ଶିକ୍ଷିତ ବ୍ୟକ୍ତିଗଣ ମଧ୍ୟ ଦେହ-ପ୍ରାଣର ତୁଷ୍ଟି, ଦେହ-ପ୍ରାଣର ଅଭାବପୂରଣ, ବିଚୈଷଣାରେ ଅସ୍ତବ୍ୟସ୍ତ ହୋଇଥା'ନ୍ତି।

ଏହାର କାରଣ କ'ଣ? ଏହାର କାରଣ ଏହି ଯେ ଆମ୍ଭମାନଙ୍କର ସତ୍ତାର ଗୋଟିଏ ଅଧସ୍ତନ ଶକ୍ତି ସର୍ବଦା କାର୍ଯ୍ୟ କରୁଅଛି। ଏହା ଆମ୍ଭମାନଙ୍କର ଜବରଦସ୍ତ ପ୍ରାଣଶକ୍ତି (dynamism of life); ଏହାହିଁ ଆମ୍ଭମାନଙ୍କର ପାର୍ଥିବ ଜୀବନର ଭିତ୍ତି। ଏହି ପ୍ରାଣଶକ୍ତି ହେତୁ ମନୁଷ୍ୟ ଚାହେଁ ବଞ୍ଚି ରହିବାକୁ, ବଂଶବୃଦ୍ଧି କରିବାକୁ, ପୃଥିବୀରେ ନିଜର ପ୍ରଭାବ ବିସ୍ତାର କରିବାକୁ। ପ୍ରାଣଶକ୍ତିର ଯଥାର୍ଥ ଗତିବିଧି ଉପରେହିଁ ନିର୍ଭର କରୁଅଛି ମାନବ ସମାଜର ଗଠନ ଓ ଶକ୍ତି, ତାହାର ଜୀବନଧାରା, ତାହାର ପରିଣତି। ଏହି ପ୍ରାଣଶକ୍ତିର ଓଜସ୍ୱିତା ହ୍ରାସପ୍ରାପ୍ତ ହେଲେ, ସମାଜ କ୍ଷୟିଷ୍ଣୁ ହୁଏ।

ଆଧୁନିକ ୟୁରୋପୀୟ ସମାଜ ପରିକଳ୍ପନାର ମୂଳଭିତ୍ତି ହେଲା ନିତ୍ୟ-କ୍ରିୟାଶୀଳ ଏହି ପ୍ରାଣ ଶକ୍ତି। ଏହି ସମାଜର ଆଦର୍ଶ ହେଲା କର୍ମକୁଶଳ, ସଦା-ଚଞ୍ଚଳ ପ୍ରାଣଧର୍ମୀ ମନୁଷ୍ୟ। ସତ୍ୟ-ସନ୍ଧାନ, ସୁନୀତିଚର୍ଚ୍ଚା, ସୁନ୍ଦରର ଅନୁଧାବନ–ଏଗୁଡ଼ିକ ସାମାଜିକ ଜୀବନର ଓ ସଂସ୍କୃତିର ସୁନ୍ଦର ଆଭରଣ। ରାଜସିକ କର୍ମତତ୍ପରତା ଏହି ଜୀବନ-ବୃକ୍ଷର ମୂଳ, କାଣ୍ଡ ଓ ଶାଖାପ୍ରଶାଖା। ଆଧୁନିକ ୟୁରୋପୀୟ ସଭ୍ୟତାର ପ୍ରଧାନ ଲକ୍ଷ୍ୟ ରାଷ୍ଟ୍ରସଙ୍ଗଠନ, ଶିଳ୍ପବାଣିଜ୍ୟ, ଅର୍ଥସଞ୍ଚୟ। ବିଦ୍ୟାନୁଶୀଳନ, ବିଜ୍ଞାନ, ଦର୍ଶନ ଓ ନୀତିଚର୍ଚ୍ଚାର ଉଦ୍ଦେଶ୍ୟ ସମାଜର ସୁବ୍ୟବସ୍ଥା; ଏହିସବୁ ତାହାର ସୁଖସମୃଦ୍ଧି ବର୍ଦ୍ଧନର ଉପାୟ ମାତ୍ର।

ଏସିଆ ମହାଦେଶ ଧର୍ମ (ଆତ୍ମନ୍‌ର ସନ୍ଧାନ ଓ ଉପଲବ୍ଧି)କୁ ସର୍ବ ପ୍ରଧାନ ସ୍ଥାନ ଦେଇଥିଲା। ବୁଦ୍ଧି, ନୀତି ଓ ସୌନ୍ଦର୍ଯ୍ୟବୋଧକୁ ଧର୍ମସାଧନାର ଉପାୟ ସ୍ୱରୂପ ଗ୍ରହଣ କରିଥିଲା। ଏସିଆ ମହାଦେଶରେ (ବିଶେଷତଃ ଭାରତରେ) ଲଳିତ କଳା, ଦର୍ଶନ, ବିଜ୍ଞାନ କାବ୍ୟଚର୍ଚ୍ଚା ଅସାଧାରଣ ଉନ୍ନତି ଲାଭ କରିଥିଲା କିନ୍ତୁ ଧର୍ମ ଓ ସମାଜ ଜୀବନ ଥିଲା ମୁଖ୍ୟ ବସ୍ତୁ। ଏସିଆରେ ଶିଳ୍ପୀ, କବି ବା ଦାର୍ଶନିକ ଅପେକ୍ଷା ସାଧୁସନ୍ଥ ଓ ଈଶ୍ୱର ସନ୍ଧାନୀଙ୍କର ସମ୍ମାନ ଥିଲା ଅଧିକ। ଆଧୁନିକ ଯୁଗରେ ମନୁଷ୍ୟର କର୍ମ ଓ ଚିନ୍ତାଧାରା ଉପଯୋଗୀ ଓ ଅନୁପଯୋଗୀ –ଏହି ଦୁଇ ଭାଗରେ ବିଭକ୍ତ ହୋଇଅଛି। ସେ ଚାହେଁ ସେହି ବସ୍ତୁକୁ ଯାହା ତା'ର କାମରେ ଲାଗିବ, ଯାହାଦ୍ୱାରା ତା'ର ପ୍ରାଣମୟ ଜୀବନର ତୁଷ୍ଟିସାଧନ ହେବ। ତେଣୁ ତାହାର ପ୍ରୟୋଜନ ବ୍ୟକ୍ତିଗତ ସ୍ୱାସ୍ଥ୍ୟ, ଦୀର୍ଘଜୀବନ, ସୁଖ-ସ୍ୱାଚ୍ଛନ୍ଦ୍ୟ, ଆମୋଦ-ପ୍ରମୋଦ, ଭୋଗ-ବିଳାସ, ଧନସମ୍ପତ୍ତି-ତତ୍ପରେ ଜାତିଗତ ସମୃଦ୍ଧି, ଯୁଦ୍ଧ ବିଗ୍ରହ ଇତ୍ୟାଦି। ପ୍ରାଣ ବାସନାର ତୁଷ୍ଟି ନିମିତ୍ତ ଯୁକ୍ତି ବୁଦ୍ଧିର ପ୍ରୟୋଗ -ଏହାହିଁ ହେଲା ଆଧୁନିକ ଜଡ଼ବିଜ୍ଞାନର ଲକ୍ଷ୍ୟ।

"If the practical and vitalistic view of life and society is the right one, if society merely or principally exists for the maintainance, comfort, vital happiness and political and economic efficiency of the species, then our idea that life is a seeking for God and for the highest Self and that sociey too must one day make that its principle cannot stand."

ଯଦି ମାନବ ସମାଜ ପକ୍ଷରେ ପ୍ରାଣର ବୁଭୁକ୍ଷା ଓ ପ୍ରାଣ-ବାସନାର ପ୍ରବଳ ପଙ୍କିଳ ଆବେଗର ତର୍ପଣ ଦିଗରେ ଅଗ୍ରସର ହେବା ବାଞ୍ଛନୀୟ ହୁଏ ଏବଂ ଯଥାର୍ଥ ପଥ ହୁଏ, ତାହାହେଲେ ବ୍ୟଷ୍ଟି ଓ ସମଷ୍ଟି ଜୀବନରେ ଆଧ୍ୟାତ୍ମିକତାର ଉନ୍ମେଷ ଓ ଆଦର୍ଶର କୌଣସି ପ୍ରଶ୍ନ ଉଠେ ନାହିଁ।

ଅର୍ଥନୈତିକ, ସାମାଜିକ, ରାଷ୍ଟ୍ରିକ ବା ଅନ୍ୟ କୌଣସି ଯାନ୍ତ୍ରିକ ବ୍ୟବସ୍ଥା ଦ୍ୱାରା ଜଗତର ସକଳ ସମସ୍ୟାର ସମାଧାନ ହୋଇ ନାହିଁ ଏବଂ ଭବିଷ୍ୟତ୍‌ରେ ମଧ୍ୟ ହେବାର ଆଶା କରାଯାଏ ନାହିଁ, କାରଣ ବାହ୍ୟ ପରିବର୍ତ୍ତନ ଦ୍ୱାରା ପରିବେଶର କିଛି ଓଲଟପାଲଟ ହେଲେ ସୁଦ୍ଧା ମନୁଷ୍ୟଟି ଯାହା ଥିଲା ସେହିପରି ଥାଏ, ତାର ପ୍ରକୃତିର କୌଣସି ରୂପାନ୍ତର ହୁଏ ନାହିଁ। ଆଧୁନିକ ସଭ୍ୟ ଜଗତରେ ଏତେ ବାହ୍ୟ ପରିବର୍ତ୍ତନ ସତ୍ତ୍ୱେ ମନୁଷ୍ୟ ଅବିଦ୍ୟା (ignorance) ର ଦାସତ୍ୱରୁ ମୁକ୍ତି ପାଇ ନାହିଁ, ସେ ତାର ଜ୍ଞାନର ଅପବ୍ୟବହାର କରେ ଅଥବା ସାର୍ଥକ ବ୍ୟବହାର କରେନା, ସେ ଅହମିକା, ପ୍ରାଣର ବାସନା କାମନା ଏବଂ ଦେହର ନାନା ଲାଳସା ଦ୍ୱାରା ଶାସିତ ଓ ପରିଚାଳିତ ହୁଏ। ତାହାର ଦୃଷ୍ଟି ବହିର୍ମୁଖୀ ଓ ତହିଁରେ ଆଧ୍ୟାତ୍ମିକତାର ନିର୍ଦ୍ଦେଶ ବା ଆଲୋକ ନଥାଏ। ସେ ନିଜର ଆତ୍ମାକୁ ଯେପରି ଜାଣେ ନା, ସେହିପରି କେଉଁ ଶକ୍ତି ତାହାକୁ ଚାଳିତ କରୁଅଛି ତାହା ମଧ୍ୟ ଜାଣେନା। ବର୍ତ୍ତମାନ ମାନବ ଜୀବନର ଯେଉଁ ରୂପାଦର୍ଶ (pattern) ଗଢ଼ି ଉଠିଛି ତାହା ବ୍ୟଷ୍ଟି ଓ ସମଷ୍ଟିର ଦେହ ଓ ପ୍ରାଣର ସ୍ୱାଚ୍ଛନ୍ଦ୍ୟ ଓ କଲ୍ୟାଣ ବିଧାନରେ କେତେକ ପରିମାଣରେ ଅନୁକୂଳ ହେଲେ ମଧ୍ୟ ତାହା

ମନୁଷ୍ୟକୁ ତାହାର ବର୍ତ୍ତମାନ ସତ୍ତାର ଊର୍ଦ୍ଧ୍ୱକୁ ଉନ୍ନୀତ କରିପାରିବ ନାହିଁ ତଥା ବ୍ୟଷ୍ଟି ଓ ସମଷ୍ଟିକୁ ରୂପାନ୍ତରିତ କରି ପାରିବ ନାହିଁ। ଶ୍ରୀଅରବିନ୍ଦ କହିଛନ୍ତି: "କେବଳ ମାତ୍ର ଆଧ୍ୟାତ୍ମିକ ପରିବର୍ତ୍ତନ ଦ୍ୱାରା ବହିଷ୍ଠର ମନୋମୟ ଚେତନାକୁ ପରିଣତି ପଥରେ ଗଭୀରତର ଅଧ୍ୟାତ୍ମଚେତନା ଦିଗରେ ଚାଳିତ କରିପାରିଲେ, ଖାଣ୍ଟି ଓ ସାର୍ଥକ ପରିବର୍ତ୍ତନ ସାଧିତ ହେବ। ଆଧ୍ୟାତ୍ମିକ ପଥର ମନୁଷ୍ୟର ପ୍ରଧାନ କାର୍ଯ୍ୟ ନିଜର ଚିନ୍ମୟ (spiritual) ସତ୍ତାର ଆବିଷ୍କାର ଏବଂ ଅପର ବ୍ୟକ୍ତିଗଣଙ୍କୁ ସେହି ପରିଣତି ପଥରେ ଅଗ୍ରସର ହେବାକୁ ସହାୟତା କରିବା–ତାହା ପକ୍ଷରେ ସମାଜ ଓ ଜାତିର ପ୍ରକୃତ ସେବା। ଯେ ପର୍ଯ୍ୟନ୍ତ ଏହା କରିବା ସମ୍ଭବ ନ ହେଉଅଛି, ସେ ପର୍ଯ୍ୟନ୍ତ ବାହାରର ସହାୟତା ଦ୍ୱାରା ମନୁଷ୍ୟର ବର୍ତ୍ତମାନ ଶୋଚନୀୟ ଅବସ୍ଥାର ଉପଶମ ସାମୟିକ ଭାବରେ କରାଯାଇପାରେ କିନ୍ତୁ ତାହା ଅପେକ୍ଷା ଅଧିକ କିଛି କରିବା ସମ୍ଭବ ହେବ ନାହିଁ।" ବସ୍ତୁତଃ ଅବିଦ୍ୟା ଦ୍ୱାରା ସୃଷ୍ଟ ମାନବ ପ୍ରକୃତିକୁ ପୂର୍ଣ୍ଣରୂପେ ରୂପାନ୍ତରିତ କରିବାକୁ ହେଲେ 'ମନ' ଅପେକ୍ଷା ଉଚ୍ଚତର ଏକ ଶକ୍ତିକୁ ତାହାର ସାଧନ ଯନ୍ତ୍ର ରୂପେ ବ୍ୟବହାର କରିବାକୁ ହେବ।

ଏହା ତ ହେଲା ଖୁବ୍ ଉଚ୍ଚ ଆଦର୍ଶର କଥା; କିନ୍ତୁ ବାସ୍ତବ ଜୀବନ-କ୍ଷେତ୍ରରେ ଅର୍ଥାତ୍ ଶିକ୍ଷାନୀତି, ସମାଜ ନୀତି, ଅର୍ଥନୀତି, ରାଷ୍ଟ୍ରନୀତି, ଶିଳ୍ପ ଓ ବିଜ୍ଞାନ ଚର୍ଚ୍ଚା କ୍ଷେତ୍ରରେ ଏହା କିପରି କ୍ରିୟାଶୀଳ ହେବ? ବାସ୍ତବ ଜୀବନର ଗତି ପରିବର୍ତ୍ତିତ ହେବ ଯେତେବେଳେ ଆତ୍ମପ୍ରତିଷ୍ଠ ମାନବସମାଜର ଭିତ୍ତି ହେବ ତିନୋଟି ମୂଳତତ୍ତ୍ୱ-ଈଶ୍ୱର, ସ୍ୱାଧୀନତା ଓ ଅଭେଦ। ତିନୋଟି ତତ୍ତ୍ୱ ଏକ, କାରଣ ଈଶ୍ୱରୋପଲବ୍ଧି ନ ଆସିଲେ ଯଥାର୍ଥ ସ୍ୱାତନ୍ତ୍ର୍ୟ ବା ଅଭେଦ ବୋଧ ଆସିପାରେ ନା। ମନୁଷ୍ୟ ମଧ୍ୟରେ ଅହମିକାର ନାନା ମୂର୍ତ୍ତି ଅଛି; ଏହି ଅହମିକା ବର୍ଜନ ନ କଲେ ଯଥାର୍ଥ ଈଶ୍ୱରୋପଲବ୍ଧି ସମ୍ଭବପର ନୁହେଁ।

"God, Freedom, Unity–Three things which are one, for you cannot realise freedom and unity unless you realise God, you cannot possess God, possess at once your highest self and the self of all creatures. The freedom and unity which otherwise go by that name, are simply attempts of our subjection and our division to get away from themselves by shutting their eyes while they turn somersaults around their own centre. When man is able to see God and to possess him, then he will know real freedom and arrive at real unity, never otherwise."

ଆଧ୍ୟାତ୍ମିକ ସମାଜର ଲକ୍ଷ୍ୟ ହେବ ମନୁଷ୍ୟର ଅନ୍ତରସ୍ଥ ନିଗଢ଼ ଭଗବାନଙ୍କୁ ପ୍ରକଟ କରିବା ତାହାର ସକଳ କର୍ମରେ, ସକଳ ବିଦ୍ୟାନୁଶୀଳନରେ, ସକଳ ଶିଳ୍ପଚର୍ଚ୍ଚାରେ। ତାହାର ଅର୍ଥନୀତି, ରାଷ୍ଟ୍ରନୀତି, ସମାଜନୀତି, ଲଳିତକଳା ପ୍ରଭୃତି ବ୍ୟବସ୍ଥାରେ ମୂଳନୀତି ହେବ ଭାଗବତ ସତ୍ତାର ପ୍ରକାଶ- revealing and finding of the divine Self in man. ମନୁଷ୍ୟ ଜ୍ଞାନ ଆହରଣ କରିବା ସର୍ବତୋଭାବରେ କିନ୍ତୁ ତାହାର ଉଦ୍ଦେଶ୍ୟ ହେବ ନାହିଁ ପାର୍ଥିବ କର୍ମକୁଶଳତା; ଉଦ୍ଦେଶ୍ୟ ହେବ ନିଜର କ୍ରମବିକାଶ, ନିଜର ଯଥାର୍ଥ ସତ୍ତାର ସନ୍ଧାନ– Self-developing and self finding. ମନୁଷ୍ୟ ଐହିକ ଅର୍ଥସାଧନର ସୁବିଧା ନିମିତ୍ତ ଜଡ଼ବିଜ୍ଞାନ ପ୍ରକୃତିର ବିଧିବିଧାନ ଖୋଜି ବାହାର କରିବ ନାହିଁ ମାତ୍ର ଜଡ଼ପ୍ରକୃତିର ଅନ୍ତରାଳରେ ଯେଉଁ ଭାଗବତ ଶକ୍ତି କାର୍ଯ୍ୟ କରୁଅଛି ତାହାର ରହସ୍ୟ ହୃଦୟଙ୍ଗମ କରିବାପାଇଁ ଉଦ୍ୟମ କରିବ– to know through and in and under and over all things the Divine in the world. କାର୍ଯ୍ୟତଃ ନ୍ୟାୟ-ଅନ୍ୟାୟ ନିର୍ଦ୍ଧାରଣ ନୀତିଶିକ୍ଷାର ଉଦ୍ଦେଶ୍ୟ ହେବ ନାହିଁ ବରଂ ଉଦ୍ଦେଶ୍ୟ ହେବ ମନୁଷ୍ୟର ଅନ୍ତରସ୍ଥ ଭାଗବତ ପ୍ରକୃତିର ଉତ୍କର୍ଷସାଧନ– to develop the divine nature in the human being. ଲଳିତକଳାର ଉଦ୍ଦେଶ୍ୟ ହେବ ନାହିଁ କେବଳ ବାହାରର ରୂପ ପ୍ରତିଫଳିତ କରିବା; କିନ୍ତୁ ଉଦ୍ଦେଶ୍ୟ ହେବ ବାସ୍ତବର ପଶ୍ଚାତରେ ଯେଉଁ ସତ୍ୟ ଓ ସୁନ୍ଦର ଅଛି ତାହାକୁ ପ୍ରକଟ କରିବା – to reveal the Truth and Beauty of which things visible to us and invisible are the forms. ଅର୍ଥନୀତିର ଉଦ୍ଦେଶ୍ୟ ହେବ ନାହିଁ କେବଳ ଯନ୍ତ୍ର ସାହାଯ୍ୟରେ ଅଜସ୍ର ପଣ୍ୟଦ୍ରବ୍ୟ ତିଆରି କରିବା, ବରଂ ତାର ଲକ୍ଷ୍ୟ ହେବ ପ୍ରତ୍ୟେକ ମନୁଷ୍ୟକୁ ଯଥା ଶକ୍ତି କର୍ମ କରିବାକୁ ସୁବିଧା ଦେବା ଯାହା ଫଳରେ ସମସ୍ତଙ୍କର ଜୀବନ ଉନ୍ନତ ଓ ସମୃଦ୍ଧ ହୁଏ।

"the aim of its economics would be not to create a huge engine of production, whether of the competitive or the co-operative kind, but to give to men–not only to some but to all men each in his highest possible measure–the joy of work according to their own nature and free leisure to grow inwardly, as well as a simply rich and beautiful life for all."

ମନୁଷ୍ୟର ଜୀବନ ଆଲୋକ ଓ ଅନ୍ଧକାର, ଲାଭ ଓ କ୍ଷତି, ବାଧା ଏବଂ ବିପତ୍ତି, ଅବିଦ୍ୟାଜନିତ ସୁଖ ଏବଂ ଦୁଃଖ ଦ୍ୱାରା ଗଠିତ। ଅତୀତକାଳରେ ପୃଥିବୀରେ ଏହାହିଁ ମାନବଜୀବନର ରୂପାଦର୍ଶ (pattern) ଥିଲା, ବର୍ତ୍ତମାନ ମଧ୍ୟ କାୟେମ ଅଛି। କିନ୍ତୁ ଭବିଷ୍ୟତ କେଉଁଠି? "ସିଦ୍ଧି ଏବଂ ଅସିଦ୍ଧି, ପ୍ରାଣମୟ ସୁଖ ଏବଂ ଦୁଃଖ, ବାସନା ଏବଂ ବିପଦ, ହର୍ଷ ଏବଂ ଶୋକ, ନିୟତିର ବିପର୍ଯ୍ୟୟ ଓ ଅନିଶ୍ଚୟତା, ସାଧନା, ଦ୍ୱନ୍ଦ୍ୱ ଏବଂ ସଂଗ୍ରାମର ମାଦକତା ଯଦି ପ୍ରକୃତ ମାନବ

ଜୀବନକୁ ମତୁଆଲା ନ କରେ ତାହାହେଲେ ସତ୍ତାର ପରିପୂର୍ଣ୍ଣତା, ଚେତନାର ପରିପୂର୍ଣ୍ଣତା ଏବଂ ଜୀବନର ପରିପୂର୍ଣ୍ଣତା ହେବ ସେହି ଚରମ ଲକ୍ଷ୍ୟ ଯେଉଁ ଦିଗରେ ମନୁଷ୍ୟ ଅଗ୍ରସର ହେଉଅଛି। ଯେ ପ୍ରକୃତିର ବିଧାନ ନିର୍ଣ୍ଣୟ ଓ ନିୟନ୍ତ୍ରିତ କରନ୍ତି ମନୁଷ୍ୟର ସେହି ଅନ୍ତରସ୍ଥିତ ଚିତ୍‌ପୁରୁଷ ସକଳ ଦିଗରେ ଆମ୍ଭମାନଙ୍କର ଏ ଜୀବନର ରୂପାଦର୍ଶ, ପରିବେଶ ଏବଂ ପ୍ରକାଶର ସକଳ ଧାରା ପୁଙ୍ଖାନୁପୁଙ୍ଖରୂପେ ନିରୂପିତ ଏବଂ ନିୟନ୍ତ୍ରିତ କରିବେ। ମନୁଷ୍ୟ ମଧ୍ୟରେ ଶାଶ୍ୱତ ସତ୍ୟ ଓ ପରମାତ୍ମା ଯଦି ବିରାଜମାନ ହୋଇ ନ ଥାନ୍ତେ ତାହାହେଲେ ମନୁଷ୍ୟର କୌଣସି ଉଚ୍ଚତର ଜୀବନଲାଭର ବା ନିଜକୁ ଉତ୍ତୀର୍ଣ୍ଣ ହୋଇ ଯିବାର କୌଣସି କଥା ଉଠନ୍ତା ନାହିଁ। କସ୍ତୁରୀ ମୃଗ ପରି ପାଗଳ ହୋଇ ଅରଣ୍ୟରେ ଇତସ୍ତତଃ ବିଚରଣ କରିବା ମନୁଷ୍ୟ ପକ୍ଷରେ ପରମ ବିଧାନ ନୁହେଁ।

ଆଧୁନିକ ପରମାଣୁ ଯୁଗରେ ଆଧ୍ୟାତ୍ମିକତା ଓ ପରମାତ୍ମାଙ୍କ ଉପରେ ଏତେ ଅଧିକ ଗୁରୁତ୍ୱ ଦିଆଯାଉଅଛି କାହିଁକି ? ଏହା ଗୋଟାଏ ପ୍ରକାର ଆକାଶ କୁସୁମର ପ୍ରଚାର ବା propaganda ନୁହେଁ କି ? ଧନୀ ଲୋକର ଗୃହରେ ବହୁତ ମୂଲ୍ୟବାନ ପଦାର୍ଥ ଯତ୍ନର ସହିତ ରକ୍ଷିତ ହୋଇଥାଏ ଏବଂ ଅତିଥି ବିଶେଷର ଆଗମନ ସମୟରେ ମୂଲ୍ୟବାନ ପଦାର୍ଥଗୁଡ଼ିକ ସମସ୍ତଙ୍କ ସାମନାରେ ବାହାର କରାଯାଏ। ବର୍ତ୍ତମାନ ଜଗତରେ ଯେତେବେଳେ ନୂତନ ସାଧନା ଉଦ୍ଦେଶ୍ୟରେ ନୂତନ ସାଧକଦଳ ଆବିର୍ଭୂତ ହୋଇଅଛନ୍ତି ସେତେବେଳେ ସେହି ଦେବ-ମୁହୂର୍ତ୍ତ (Hour of God) ସମୟରେ ମହାନ୍ "ଭାଗବତ ଜୀବନ" (Divine Life) ଆଦର୍ଶକୁ ଶ୍ରୀମା ଶ୍ରୀଅରବିନ୍ଦ ସମସ୍ତଙ୍କ ସମ୍ମୁଖରେ ଉପସ୍ଥିତ କରିଅଛନ୍ତି।

ଆସ୍ତେ ଭଗ ଆସୀନସ୍ୟୋର୍ଦ୍ଧ୍ୱସ୍ତିଷ୍ଠତି ତିଷ୍ଠତି
ଶେତେ ନିପଦ୍ୟମାନସ୍ୟ ଚରାତି ଚରତୋ ଭଗଃ।।
- ଚରୈବେତି ଚରୈବେତି।

ଯେ ବସିଥାଏ ତାର ଭାଗ୍ୟ ମଧ୍ୟ ବସିଥାଏ; ଯେ ଉଠି ଛିଡ଼ାହୁଏ, ତାର ଭାଗ୍ୟ ମଧ୍ୟ ଉଠି ଛିଡ଼ାହୁଏ; ଯେ ଶୋଇପଡ଼େ ତାର ଭାଗ୍ୟ ମଧ୍ୟ ଶୋଇପଡ଼େ; ଯେ ଆଗକୁ ଚାଲେ ତାର ଭାଗ୍ୟ ମଧ୍ୟ ଅଗ୍ରଗାମୀ ହୁଏ। ଅତଏବ ଆଗକୁ ଚାଲ, ଆଗକୁ ଚାଲ।

---

ତୁମ ସତ୍ତାର ଗଭୀରରେ ଏକ ଆଲୋକ ଜାଜ୍ୱଲମାନ ଯାହାଙ୍କର ପବିତ୍ରତା ତାଙ୍କର ପ୍ରଜ୍ୱଳତା ସଙ୍ଗେ ସମାନ, ଏହି ଆଲୋକ ବିଶ୍ୱଦିବ୍ୟତାର ଏକ ଜୀବନ୍ତ ଓ ସଚେତନ ଅଂଶ ଯାହା ଜଡ଼କୁ ଜୀବନ, ଉଷ୍ଣତା ଓ ଉଜ୍ଜ୍ୱଳତା ପ୍ରଦାନ କରନ୍ତି, ଯେଉଁମାନେ ତାଙ୍କ ନିୟମ ଶୁଣିବାକୁ ଇଚ୍ଛା କରନ୍ତି ସେମାନଙ୍କ ନିମନ୍ତେ ସେ ଏକ ଶକ୍ତିଶାଳୀ ଓ ଅଭ୍ରାନ୍ତ ପରିଚାଳକ, ଯେଉଁମାନେ ତାଙ୍କୁ ଦର୍ଶନ କରିବାକୁ, ଶୁଣିବାକୁ ଓ ମାନିବାକୁ ଆସ୍ପୃହା କରନ୍ତି ସେମାନଙ୍କ ନିମନ୍ତେ ସେ ଏକ ସାହାଯ୍ୟକାରୀ ଯିଏ ସାନ୍ତ୍ୱନା ଓ ମଧୁମୟ ସ୍ନେହଭାବ ଦ୍ୱାରା ପରିପୂର୍ଣ୍ଣ। ତାଙ୍କ ନିକଟରେ କୌଣସି ଆନ୍ତରିକ ଏବଂ ସଦାଜାଗ୍ରତ ଆସ୍ପୃହା କେବେହେଲେ ବ୍ୟର୍ଥତାରେ ପରିଣତ ହୁଏ ନାହିଁ, ତାଙ୍କ ନିକଟରେ କରାଯାଇଥିବା କୌଣସି ଦୃଢ଼ ଏବଂ ସମ୍ମାନପୂର୍ଣ୍ଣ ଆସ୍ଥା କେବେହେଲେ ହତାଶାରେ ପରିଣତ ହୁଏ ନାହିଁ। କୌଣସି ଆଶା କେବେବି ନୈରାଶ୍ୟରେ ପରିଣତ ହୁଏ ନାହିଁ।

**-ଶ୍ରୀମା**

---

# ସୂର୍ଯ୍ୟମଗନ୍ମ ଜ୍ୟୋତିରୁତ୍ତମମ୍

ଶ୍ରୀ ନିମାଇଁ ଚରଣ ମହାପାତ୍ର

"A gold supernal Sun of
timeless Truth
Poured down the mystery of
the etenal Ray
Through a silence quivering with
the word of Light
On an endless ocean of discovery."

Savitri, Book 2, Canto-II

(ଆବିଷ୍କାର-ମହୋଦଧି ଅସୀମ ପ୍ରସାରେ
ବାଗାଲୋକବିକମ୍ପିତ ନୀରବତା ଦେଇ
ଶାଶ୍ୱତସୁବର୍ଣ୍ଣସତ୍ୟ ସ୍ୱର୍ଗୀୟ ସବିତା
ଢ଼ାଳିଲା ତା' ରହସ୍ୟର ସନାତନ-ରଶ୍ମି)
(ସାବିତ୍ରୀ, ଦ୍ୱିତୀୟ ପର୍ବ, ଏକାଦଶ ସର୍ଗ)

ସ୍ମରଣାତୀତ କାଳରୁ ମାନବଜାତିର ଆଧ୍ୟାତ୍ମିକ ସାଧନା ଆଦିତ୍ୟ-ଆସ୍ପୃହା ଦ୍ୱାରା ଉଦ୍‌ଭାସିତ ହୋଇ ଆସୁଛି। ସୂର୍ଯ୍ୟୋପସନାହିଁ ବିଶ୍ୱର ପ୍ରାଚୀନତମ ଉପାସନା। ଅନ୍ତହୀନ ଆକାଶ ବକ୍ଷରେ ମାଧ୍ୟନ୍ଦିନ ସୂର୍ଯ୍ୟର ପ୍ରଭାସ୍ୱର ମହିମା ଯୁଗେ ଯୁଗେ ମାନବ ମନରେ ଦିବ୍ୟ ଆବେଶ ସୃଷ୍ଟି କରିଛି। ସେହି ଆଦିତ୍ୟଆବେଶର ଉଦାତ୍ତ ଭାବନା ପ୍ରତ୍ୟେକ ଦେଶର ସନ୍ଥବାଣୀକୁ ମନ୍ତ୍ରୋତ୍ତୀର୍ଣ୍ଣ ଓ ମଧୁମୟ କରିଛି। ହିରଣ୍ମୟ ସୂର୍ଯ୍ୟର କଲ୍ୟାଣତମ ଦୀପ୍ତ ରୂପକୁ ଦେଖି ଜ୍ଞାନ-ପିପାସୁ ମାନବ ଆଦିତ୍ୟମଣ୍ଡଳର ପୁରୁଷ ସଙ୍ଗେ ମିଳନ କାମନା କରି ତା'ର ଅନ୍ତରର ମହାବାକ୍ୟ ଉଚ୍ଚାରଣ କରିଛି "ଯୋଽସାବସୌ ପୁରୁଷଃ ସୋଽହମସ୍ମି"।

ପୃଥୁଳ, ପୂର୍ବାସ୍ୟ, ରହସ୍ୟମୟ ସ୍ଫିଙ୍କ୍ସ୍ ଏବେ ମଧ୍ୟ ସୁପ୍ରାଚୀନ ମିଶରର ସାବିତ୍ରୀ ଆକୃତିର ମୂକସାକ୍ଷୀ, ବିଶ୍ୱ-ବିସ୍ମୟକର, ଶୈଳୋପମ ପିରାମିଡ୍ ଅବଲୁପ୍ତ ଆଟ୍‌ଲାଣ୍ଟିକ୍ ସଭ୍ୟତାର ସୂର୍ଯ୍ୟମୁଖୀ-ଚେତନାର ମୃତ୍ୟୁଞ୍ଜୟ ସଙ୍କେତ ବହନ କରି ଆସୁଛି ବୋଲି ଏବେ ମଧ୍ୟ କେହି କେହି ପୁରାତତ୍ତ୍ୱବିତ୍ ଓ ମରମୀୟା ବିଶ୍ୱାସ କରିଥା'ନ୍ତି।

ମିଶରୀୟ ବ୍ରାହ୍ମଣମାନଙ୍କର "ରା", "ଆତନ୍" ବା "ହୋରସ୍" ହୁଏତ ଆଜି କେବଳ କେତେଜଣ ମୁଷ୍ଟିମେୟ ପୁରାତତ୍ତ୍ୱ ଗବେଷକମାନଙ୍କର କୌତୁହଳ ଉତ୍ପାଦନ କରୁଛି। ହୁଏତ କେହି କେହି ଅନୁରାଗରେ ଏବେ ମଧ୍ୟ ମିଶରୀୟ ସମ୍ରାଟ ତରୁଣରଷି ଆଖ୍‌ନାତନ୍‌ଙ୍କର ସୂର୍ଯ୍ୟସ୍ତବ ପାଠ କରିଥା'ନ୍ତି; ମାତ୍ର କେବଳ ଭାରତରେ ସାଧକମାନେ ପ୍ରାଗୈତିହାସିକ ଯୁଗରୁ ଆରମ୍ଭ କରି ଏଯାବତ୍ ସାମୁହିକ ଭାବେ ସାବିତ୍ରୀ ପ୍ରୀତିକୁ ଅଖଣ୍ଡ ଓ ଅବ୍ୟାହତ ରଖିଛନ୍ତି। ଦ୍ୱିଜମନମନ୍ଦିରରେ ଏବେ ମଧ୍ୟ ଗାୟତ୍ରୀ ତ୍ରିକାଳସ୍ମରଣୀୟା ମହୀୟସୀ ମହାଦେବୀ।

ରାତି ପାହେ। ଉଦୟ ରାଗରେ ପୂର୍ବଦିଗ ଅମୃତମୟ ହୋଇଉଠେ। ଉଷାକୁ ଅନୁସରଣ କରି ତରୁଣ ସୂର୍ଯ୍ୟ ଅନୁରାଗରେ ଆକୃଷ୍ଟ ହୋଇ ପ୍ରଧାବିତ ହୋଇ ଆସନ୍ତି। ଏଇ ଉଦୟ ରାଗକୁ ଦେଖି ବିପ୍ରପ୍ରାଣ ଉଦ୍‌ବେଳିତ ହୋଇଉଠେ। ସେ ପ୍ରାର୍ଥନା କରେ "ହେ ଭାସ୍ୱର ଉଦୟ ଭାନୁ! ଆମର ଚକ୍ଷୁର ମହାନ୍ ଜ୍ୟୋତି ଭରି ଊର୍ଦ୍ଧ୍ୱଲୋକର ଆନନ୍ଦମୟ, ସାମର୍ଥ୍ୟମୟ ଲୋକକୁ ଆରୋହଣ କରି ଆସୁଥିବା ତୁମକୁ ଆମ୍ଭେମାନେ ଯେପରି ସର୍ବଦା ଦେଖୁ।" ଏଇ ପ୍ରାର୍ଥନାରେ ଛନ୍ଦ-ମଧୁର ଧ୍ୱନି ଋକ୍‌ବେଦରେ ଅନୁରଣିତ ହୋଇଉଠିଛି ଋଗ୍‌ବେଦର ଦଶମମଣ୍ଡଳର ଏକ ମହାନ୍ ମନ୍ତ୍ରରେ;

"ମହିଜ୍ୟୋତିର୍ବିଭ୍ରତଂ ତ୍ୱା ବିଚକ୍ଷଣ ଭାସ୍ୱନ୍ତଂ
ଚକ୍ଷୁଷେ ଚକ୍ଷୁଷେ ମୟଃ
ଆରୋହନ୍ତଂ ବୃହତଃ ପାଜସସ୍ପରି ବୟଂ
ଜୀବାଃ ପ୍ରତିପଶ୍ୟେମ ସୂର୍ଯ୍ୟ"।

ଋଗ୍‌ବେଦର ତୃତୀୟମଣ୍ଡଳର ଦିବ୍ୟ କବି ବିଶ୍ୱାମିତ୍ର ଭାରତକୁ ସାବିତ୍ରୀମନ୍ତ୍ରରେ ମହାନ୍ "ଭର୍ଗୋ"-ପାସନାରେ ଦୀକ୍ଷିତ କରିଯାଇଛନ୍ତି। ଭର୍ଗ ଅର୍ଥରେ ସବିତାଙ୍କର ଅଧିଷ୍ଠାତ୍ରୀ ଶକ୍ତି ସାବିତ୍ରୀ ସୂଚିତ ହୋଇ ଥା'ନ୍ତି। ଏହା ତାଙ୍କ ତପଃଶକ୍ତି। ମୈତ୍ରାୟଣୀୟ ଉପନିଷଦରେ ଏହି ରହସ୍ୟାର୍ଥକ 'ଭର୍ଗଃ' ଶବ୍ଦଟିର ଏହିପରି ନିରୁକ୍ତି ପ୍ରକଟିତ ହୋଇଉଠିଛି। " 'ଭ' ଅର୍ଥରେ ଏଇ ପ୍ରାଣୀମାନଙ୍କୁ ପ୍ରକାଶିତ

କରନ୍ତି, 'ର' ଅର୍ଥରେ ଏଇ ପ୍ରାଣୀମାନଙ୍କୁ ଆନନ୍ଦ ପ୍ରଦାନ କରନ୍ତି, 'ଗ' ଅର୍ଥରେ ଏଇ ପ୍ରଜାସକଳ ତାଙ୍କଠାରୁ ଆସନ୍ତି ଓ ତାଙ୍କଠାରେ ପ୍ରବିଷ୍ଟ ହୁଅନ୍ତି" (ଭ ଇତି ଭାସୟତି ଇମାନ୍ ଲୋକାନ୍, ର ଇତି ରଞ୍ଜୟତି ଇମାନି ଭୂତାନି, ଗ ଇତି ଗଚ୍ଛନ୍ତି ଅସ୍ମିନ୍ ଆଗଚ୍ଛନ୍ତି ଅସ୍ମାତ୍ ଇମାଃ ପ୍ରଜାଃ ତସ୍ମାତ୍ ଭ-ର-ଗ ତ୍ୱାତ୍ ଭର୍ଗଃ...)।

ଏଇ ଭର୍ଗଭାସ୍ୱର ସୂର୍ଯ୍ୟମଣ୍ଡଳ ସେଥିପାଇଁ ଯୁଗଯୁଗ ଧରି ବେଦବିତ୍ ଓ ଯୋଗୀମାନଙ୍କର ପରମ ଉପାସ୍ୟ। ଆଦିତ୍ୟହୃଦୟରେ ସେଥିପାଇଁ ଦେଖିବାକୁ ମିଳେ–

"ଯନ୍‌ମଣ୍ଡଳଂ ବେଦବିଦୋପଗୀତଂ ଯତ୍-
ଯୋଗିନାଂ ଯୋଗପଥାନୁଗମ୍ୟମ୍
ତତ୍ ସର୍ବବେଦଂ ପ୍ରଣମାମି ସୂର୍ଯ୍ୟଂ
ପୁତାନୁ ମାଂ ତତ୍ ସବିତୁର୍ବରେଣ୍ୟମ୍"।

ସୂର୍ଯ୍ୟହିଁ ଓଁ କାରର ଘନୀଭୂତ ରୂପ, ଶବ୍ଦବ୍ରହ୍ମର ସ୍ଥୂଳ ପ୍ରକାଶ। ସୂର୍ଯ୍ୟଦ୍ୱାର ଭେଦ ନ କଲେ ଶାଶ୍ୱତ ସ୍ଥିତି ସମ୍ଭବ ନୁହେଁ। ଶବ୍ଦବ୍ରହ୍ମକୁ ଅତିକ୍ରମ କରି ପରାବିଦ୍ୟା ଲାଭ କରିବା ପାଇଁ ସେଥିପାଇଁ ଓଁକାରକୁ ଶ୍ରେଷ୍ଠ ଅବଲମ୍ବନ ବୋଲି ଗ୍ରହଣ କରାଯାଇଥାଏ। କଠୋପନିଷଦ୍ ଭାଷାରେ ଓଁକାର ଏଥିପାଇଁ "ଏତଦାବଲମ୍ବନଂ ଶ୍ରେଷ୍ଠ, ଏତଦାବଲମ୍ବନଂ ପରଂ"। ଏହି ପରମାଶ୍ରୟ ଓଁକୁ ଅଗ୍ନିରେ, ଆଦିତ୍ୟମଣ୍ଡଳରେ ଓ ପ୍ରାଣରେ ଅପରିମିତ ତେଜରୂପେ ଉପାସନା କରିବାର ରହସ୍ୟ ମୈତ୍ରାୟଣୀୟ ଉପନିଷଦରେ ବର୍ଣ୍ଣିତ ହୋଇଛି। (ତସ୍ମାଥ ଓଁ ଇତି ଅନେନ ଏତତ୍ ଉପାସୀତ ଅପରିମିତମ୍ ତେଜସ୍। ତତ୍ ତ୍ରେଧାଭିହିତମ୍ ଅଗ୍ନୌ ଆଦିତ୍ୟେ ପ୍ରାଣେ)।

ତେବେ ଓଁକାରରୂପୀ ସୂର୍ଯ୍ୟ ଅବଲମ୍ବନ ମାତ୍ର। ଏହାଙ୍କୁ ଆଶ୍ରୟ କରି ସାଧକକୁ ସତ୍ୟଲୋକରେ, ବ୍ରହ୍ମଲୋକରେ ମହୀୟାନ୍ ହୋଇ ପ୍ରତିଷ୍ଠିତ ହେବାକୁ ହେବ, ଏତଦାଲମ୍ବନ ଜ୍ଞାତ୍ୱା ବ୍ରହ୍ମଲୋକ ମହୀୟତେ। ସୂର୍ଯ୍ୟ ସତ୍ୟର ପ୍ରତୀକ, ଓଁକାର ବା ପ୍ରଣବ ସତ୍ୟର ବାଚକ, ତସ୍ୟ ବାଚକ ପ୍ରଣବଃ। ପ୍ରତୀକାତ୍ମକ ସୂର୍ଯ୍ୟଙ୍କୁ ଅବଲମ୍ବନ କରି ସତ୍ୟ-ସୂର୍ଯ୍ୟର ଅତିମାନସ ଉତ୍ତମ ଜ୍ୟୋତିରେ ଭାସ୍ୱର ହେବା ସାଧକର ଚରମ ଲକ୍ଷ୍ୟ। ଏଣୁ ମୈତ୍ରାୟଣୀୟ ଉପନିଷଦର ଋଷିଙ୍କ ଭାଷାରେ ସତ୍ୟଧର୍ମହିଁ ଆଦିତ୍ୟଙ୍କର ଆଦିତ୍ୟତ୍ୱ, ସୂର୍ଯ୍ୟଙ୍କର ସୂର୍ଯ୍ୟତ୍ୱ। (ଏଷହ ବୈ ସତ୍ୟଧର୍ମୋ ଯଦ୍ ଆଦିତସ୍ୟ ଆଦିତ୍ୟତ୍ୱମ୍)

ଶ୍ରୀଅରବିନ୍ଦଙ୍କ ସାଧନାରେ ଶ୍ରେଷ୍ଠ ପ୍ରତୀକ ସୂର୍ଯ୍ୟ, ତାଙ୍କର ଶ୍ରେଷ୍ଠ ଶକ୍ତି ସାବିତ୍ରୀ ଶକ୍ତି। ଋଗ୍‌ବେଦରେ ବହୁ ଯାଗାରେ ଋଷି ଦେଖିଛନ୍ତି ସତ୍ୟମନ୍ତ୍ରଦ୍ୱାରା ଉଷାର କିପରି ଜନ୍ମ ସମ୍ଭବ ହୁଏ ଓ ଏହି ସତ୍ୟମନ୍ତ୍ରମୟୀ କବି ନନ୍ଦିନୀକୁ ଅନୁରାଗରେ ଅନୁସରଣ କରି କିପରି ଅବିଦ୍ୟାର ଅନ୍ଧକାର ଗର୍ଭରୁ ସୂର୍ଯ୍ୟ ଉତଳା ହୋଇ ପ୍ରଣୟ-ପ୍ରବେଗରେ ଛୁଟି ଆସନ୍ତି। ଶ୍ରୀମା ଓ ଶ୍ରୀଅରବିନ୍ଦ କିପରି କଶ୍ୟପ ଓ ଅଦିତିଙ୍କ ପରି ସାଧନା କରି ଏକ ମହାଦ୍ୟୁତି କଶ୍ୟପ ବା ସତ୍ୟଚିତ୍‌ଘନ ବିଜ୍ଞାନ-ଆଦିତ୍ୟକୁ ସୃଷ୍ଟି କରିଛନ୍ତି। ୧୯୧୬ ମସିହା ଡିସେମ୍ବର ୨୧ ତାରିଖର ଶୁଭ ସନ୍ଧ୍ୟାରେ ଶ୍ରୀମା ପ୍ରେମାବେଶରେ ସୂର୍ଯ୍ୟଙ୍କର ମିତ୍ରରୂପକୁ ଆବାହନ କରି ଲେଖିଥିଲେ, "ସେଥିପାଇଁ ଆଜି ସନ୍ଧ୍ୟାରେ ସତ୍ୟପ୍ରେମର ପୂର୍ଣ୍ଣ ପ୍ରତୀକ ପ୍ରଭୁ ମିତ୍ରଙ୍କୁ ମୁଁ ଆବାହନ କରିଥିଲି"। ଦେବତାମାନଙ୍କର ପ୍ରିୟତମ ଅମୃତମୟ ସତ୍ୟପ୍ରେମ ମିତ୍ରରୂପକୁ ପ୍ରକାଶ କରିବାପାଇଁ ପୂର୍ଣ୍ଣଯୋଗରେ ଯେ ସାଧନା ଚାଲିଛି ତା'ର ପ୍ରଧାନ ଅବଲମ୍ବନରୂପେ ସୂର୍ଯ୍ୟମୁଖୀ ଆସ୍ପୃହାକୁ ଶ୍ରୀଅରବିନ୍ଦ ଶ୍ରେଷ୍ଠ ସ୍ଥାନ ଦେଇଛନ୍ତି।

---

ଏହି ଦିବ୍ୟ ଉପସ୍ଥିତିହିଁ ଜୀବନକୁ ତା'ର ମୂଲ୍ୟ ପ୍ରଦାନ କରନ୍ତି। ଏହି ଉପସ୍ଥିତିହିଁ ସକଳ ଶାନ୍ତି, ସକଳ ଆନନ୍ଦ, ସକଳ ନିରାପତ୍ତାର ଉତ୍ସ। ତୁମ ମଧ୍ୟରେ ଏହି ଉପସ୍ଥିତି ଖୋଜି ବାହାରକର ଏବଂ ତୁମର ସମସ୍ତ ଅସୁବିଧା ଅନ୍ତର୍ହିତ ହେବ।

-ଶ୍ରୀମା

---

# ଦିବ୍ୟଜନନୀଙ୍କର୍ ବିଭିନ୍ନ ସତ୍ତା, ବିଭିନ୍ନ ରୂପ ଓ କରୁଣାର୍ ମାର୍ଗ

ଭାଷ୍ୟକାର:-ଡଃ ଆଲୋକ ପାଣ୍ଡେ

ମା' ପୁସ୍ତକରେ ଶ୍ରୀଅରବିନ୍ଦ ଲେଖିଛନ୍ତି ଯେ ଦିବ୍ୟ ଜନନୀଙ୍କର ପୃଥିବୀକୁ ପରିଚାଳନା କରିବାର ତିନି ପ୍ରକାରର ବିଧାନ ରହିଛି । ତାହା ହେଲା ବ୍ୟକ୍ତିଗତ, ବିଶ୍ୱଗତ ଓ ବିଶ୍ୱାତୀତ । ଏହାକୁ ଆମେ ତାଙ୍କର ରୂପ କହିବା ଠିକ୍ ହେବନାହିଁ । ସେ ଏହିପ୍ରକାର ବିଧାନ ଦ୍ୱାରା ଆମ ସହିତ ସମ୍ପର୍କ ସ୍ଥାପନ କରିଥାନ୍ତି । ସାବିତ୍ରୀକାବ୍ୟରେ ଅଶ୍ୱପତିଙ୍କ ଯୋଗରେ ମଧ ଆମେ ଏହି ତିନିପ୍ରକାରର ଧାରା ଦେଖିଥାଉ । ସେ ପରାତ୍ପର ଅଟନ୍ତି ଓ ସେ ଆମ ବ୍ୟକ୍ତିଗତ ଚେତନାରେ ବିଦ୍ୟମାନ ରହିଛନ୍ତି । ସେ ବେଳେବେଳେ ନିଜକୁ ଆମ ଅନୁରୂପ କରିଦେଇଥା'ନ୍ତି । ଭଗବାନ ଆମ ସ୍ତର ପର୍ଯ୍ୟନ୍ତ ଓହ୍ଲେଇ ଆସିଛନ୍ତି । ଆମ ସ୍ତର ହେଲା ଆମ ବିଶ୍ୱାସ ଯାହା ଦ୍ୱାରା ଆମ ମନ ଦୃଢ଼ ହୋଇଥାଏ । ମା' କହିଛନ୍ତି ଯେ ମୁଁ ତୁମ ମଧ୍ୟରେ ରହିଛି ଏହି କଥାଟି ପ୍ରକୃତ ସତ୍ୟ ଅଟେ । ସେ କୁହନ୍ତି ଯେ ମୁଁ ତୁମ ମଧ୍ୟରେ ଓ ତୁମେ ମୋ ମଧ୍ୟରେ ବାସ କରୁଛ । ଆମେ ଯେପରି ବିଶ୍ୱାସ କରିବା ଭଗବାନ ସେହିପରି ହୋଇଯାଆନ୍ତି, ଯେବେ ଆମେ ତାଙ୍କ ଠାରୁ କରୁଣା ଓ ପ୍ରେମ ଚାହିଁବା ସେ ସବୁ ସମୟ ପାଇଁ ଆମ ମଧ୍ୟରେ ତାହା ଭରିଦିଅନ୍ତି । ଯେବେ ଆମେ ତାଙ୍କୁ ପତିତପାବନ ବୋଲି କହି ପ୍ରାର୍ଥନା କରୁ ସେ ଆମକୁ ହଜାର ବାର ଦୁଃଖ କଷ୍ଟରୁ ଉଦ୍ଧାର କରିଥା'ନ୍ତି । ଯେବେ ଆମର ବିଶ୍ୱାସ କୁହେ ସେ ଦଣ୍ଡ ଦିଅନ୍ତି ବୋଲି ତେବେ ଆମର ଛୋଟ ଭୁଲ ପାଇଁ ମଧ ଦଣ୍ଡ ମିଳିଥାଏ । ଆମେ ତାଙ୍କୁ ସଂହାର କର୍ତ୍ତା ବୋଲି ଭାବିଲେ, ତାଙ୍କ ସଂହାରକାରୀ ଶକ୍ତି ଦ୍ୱାରା ଭୟଭୀତ ହୋଇଥାଉ ଓ ତାର ସାମନା କରିବାକୁ ପଡ଼ିଥାଏ । ମା' କୁହନ୍ତି ତୁମର ଯେବେ ବିଶ୍ୱାସ ହେଲା ଭଗବାନ ନିଷ୍ଠୁର ଓ ବହୁ ଦୂରରେ ରହିଛନ୍ତି ତେବେ ତାଙ୍କୁ ନିଷ୍ଠୁର ହେବାକୁ ପଡ଼େ ଓ ସେ ବହୁ ଦୂରକୁ ଚାଲି ଯାଆନ୍ତି । ତୁମେ ଜାଣନାହିଁ ବିଶ୍ୱାସ ମୂଳେ ଭଗବାନ ବୋଲି । ଯେବେ ଆମ ଚାହିଁବା ଅନୁସାରେ ଜୀବନରେ ସବୁକିଛି ଠିକ୍‌ଠାକ୍ ନ ଚାଲେ ଆମେ ଭାବିଥାଉ କୃପା ବୋଲି ଦୁନିଆରେ କିଛି ନାହିଁ । ଏପରି ଯେବେ ଆମର ଭାବନା ଆସେ ତେବେ ଜାଣିବା ଉଚିତ, କିଛି ଖରାପ ଶକ୍ତି ଏହା ମଧ୍ୟରେ ରହି ମନକୁ ବିଚଳିତ କରାଉଛି ଓ ଭଗବାନଙ୍କ ପାଖରୁ ଆମକୁ ଦୂରକୁ ନେଇଯାଉଛି । କୃପା ଆମ ବିଶ୍ୱାସର ଆଧାର ଉପରେ ଆସିଥାଏ । ଭଗବାନ ସର୍ବଦା ନିଜକୁ ଆମ ସୀମା ମଧ୍ୟରେ ବାନ୍ଧି ଦିଅନ୍ତି । ନିମ୍ନ ଚେତନାରେ ଥାଇ ମା'ଙ୍କର ଦର୍ଶନ ପାଇଲେ ବି ପ୍ରକୃତ ଲକ୍ଷ୍ୟକୁ ବୁଝି ପାରି ନଥାଉ । ଜଣେ ଚେତନାର ଉର୍ଦ୍ଧ୍ୱକୁ ଉଠିଗଲା ପରେ ହିଁ ଯଥାର୍ଥ ଦର୍ଶନ ପାଇପାରେ । ଯଦିଓ ସେ ଆମ ମଧ୍ୟରେ ସର୍ବଦା ବିଦ୍ୟମାନ ଅଛନ୍ତି ।

ସାବିତ୍ରୀରେ ଏହାର ବର୍ଣ୍ଣନା ହୋଇଛି ଯେ- ଯାହାଙ୍କ ପାଇଁ ସ୍ୱର୍ଗ ରାଜ୍ୟ ଅତୀବ ଛୋଟ ଥିଲା ସେ ପୃଥିବୀକୁ ନିଜଘର କରିନେଇଛନ୍ତି । ଆମ ହୃଦୟକୁ ସେ ତାଙ୍କର ଘର କରିଛନ୍ତି ।ସେ ମନୁଷ୍ୟର ହୃଦୟରେ ଲୁଚିଯାଇ ତା' ମଧ୍ୟରେ ରହିବାକୁ ଲାଗନ୍ତି । ମନୁଷ୍ୟ କିନ୍ତୁ ନିଜ ମନର ଧାରଣା ଅନୁସାରେ ତାଙ୍କ ଛବି ଗଢ଼ିଥାଏ ଯାହା ସତ୍ୟ ନୁହେଁ । ଭଗବାନ କୁହନ୍ତି ଠିକ୍ ଅଛି, ତେଣୁ ସେ ନିଜକୁ ସେହି ଅନୁରୂପ ପ୍ରକଟ କରିଥାନ୍ତି । ଏହା ସତ୍ୟ ଯେବେ ତାଙ୍କ ପରମ ବିଶାଳତାରେ ସେ ପ୍ରକଟ ହେବେ ଆମେ ସେହି ତେଜ, ଶକ୍ତିକୁ ସହିପାରିବୁ ନାହିଁ । କାରଣ ଆମର ସୀମା ରହିଛି । ସେ କାହାକୁ ପାପ ବା ପୂଣ୍ୟର ଫଳ ଦିଅନ୍ତି ନାହିଁ । ସେ ନିଜକୁ ସୀମିତ କରି ଆମ ଧାରଣାର ଅନୁରୂପ ହୋଇଯାଆନ୍ତି । ସେହି ଅନୁସାରେ ଆମର ପ୍ରଗତି ହୋଇଥାଏ ଓ ସେ ଅନୁସାରେ ସେ ଆମକୁ ବିଶାଳତା ଆଡ଼କୁ ନେଇଯାଇଥା'ନ୍ତି ।

ଆମର ସୀମିତ ପରିଧି ମଧ୍ୟରେ ରହିବା ଭଗବାନଙ୍କୁ କଷ୍ଟଦେବା ସହ ସମାନ । ଜଣେ ମା'ଙ୍କୁ କହିଲା ଆପଣ ଆମର ଗୁରୁ ଅଟନ୍ତି ତେଣୁ ଏହା ଆପଣଙ୍କ କାମ ଯେବେ ଲୋକମାନେ କଳି କରନ୍ତି ତାର ନ୍ୟାୟ ବିଚାର କରିବା । ଠିକ୍ ବ୍ୟକ୍ତିକୁ ପୁରସ୍କାର ଦେଇ, ଭୁଲ କରୁଥିବା ବ୍ୟକ୍ତିକୁ ଦଣ୍ଡଦେବା । କିନ୍ତୁ ମା'ଙ୍କ ଉତ୍ତର ଶୁଣିଲେ ଆଖିରୁ ଲୁହ ଆସିଯାଇଥାଏ । ସେ କୁହନ୍ତି ଯେ ଗୁରୁ କେବଳ ଆଲୋକ ଦେଇଥାନ୍ତି ଓ ଅନ୍ଧକାରର ସ୍ଥାନ ତାଙ୍କ ପାଖରେ ମିଳେ ନାହିଁ । ଯିଏ ମା' ସେ କରୁଣାବଶତଃ ତା' ସନ୍ତାନକୁ ଅନ୍ଧାରରୁ ଆଲୋକ ଆଡ଼କୁ ଫେରାଇ ଆଣନ୍ତି । ମା' କୁହନ୍ତି ମୁଁ ଓ ଶ୍ରୀଅରବିନ୍ଦ କୌଣସି ନ୍ୟାୟପାଳିକା କାମ ପାଇଁ ଆସିନାହୁଁ । କିମ୍ବା ଗୋଟିଏ ସାଧକର ପକ୍ଷନେଇ ଅନ୍ୟକୁ ଦଣ୍ଡ ଦେଇନଥାଉ । ମା' ପୁଣି କୁହନ୍ତି ଯେ ଯେବେ ମନୁଷ୍ୟ ପରସ୍ପର ମଧ୍ୟରେ କଳି କରିଥାଏ ତେବେ ଦୁହେଁ ଭୁଲ

କରିଥାନ୍ତି କାରଣ ଦୁହେଁ ଅହଂର ଅଧିନସ୍ଥ ଥିବାରୁ ନିଜ ମଧ୍ୟରେ କଳି କରିଥା'ନ୍ତି । ମା' କୁହନ୍ତି ଯେ ଆମେ ଚାହୁଁ ସମସ୍ତେ ଅହଂର ଉର୍ଦ୍ଧ୍ୱକୁ ଉଠିଯିବାକୁ ଯେବେ ଶତ୍ରୁକୁ ଆଘାତ ହୁଏ ଆମେ କହୁ ଦେଖ, ମା' ଶତ୍ରୁକୁ ଦଣ୍ଡ ଦେଲେ । କାହାକୁ ପୁରସ୍କାର ମିଳିଲେ ଆମେ କହୁ ମା' ମୋ ମିତ୍ରକୁ ପୁରସ୍କୃତ କଲେ, ଏହା ଦ୍ୱାରା ଆମେ ନିଜକୁ ସୀମିତ କରିଥାଉ । ମା' ସ୍କୁଲର ଛୋଟ ଛୋଟ ପିଲାଙ୍କୁ ଚକୋଲେଟ୍ ଦେଇଥା'ନ୍ତି । ଗଳ୍ପ ଶୁଣାଇଥା'ନ୍ତି । କିନ୍ତୁ ଜଣେ ସାଧନା ପାଇଁ ତାଙ୍କୁ ସାହାଯ୍ୟ ମାଗିଲେ ସେ ସାହାଯ୍ୟର ହାତ ବଢ଼ାଇ ଦେଇଥା'ନ୍ତି । ସବୁ ଲୋକ ନିଜକୁ ଭାବନ୍ତି କେବଳ ମୁଁ ମା'ଙ୍କୁ ଜାଣେ ଓ ସମସ୍ତଙ୍କ ଉର୍ଦ୍ଧ୍ୱରେ । ଏହି ସାରା ସୃଷ୍ଟି ଯାହାଙ୍କ ଗୋଟିଏ ବିନ୍ଦୁରେ ଝଲସି ଯାଇଥାଏ ସେ ପୁଣି ଆମ ସୀମା ମଧ୍ୟରେ ଆସିପାରନ୍ତି । ମା' କହିଛନ୍ତି ଯେ ତୁମ ମାନଙ୍କ ପାଇଁ ଆମେ କେତେ ତଳକୁ ଆସିଯାଇଛୁ ଓ ଆମେ ଚାହୁଁ ତୁମେମାନେ କିଛି ଉର୍ଦ୍ଧ୍ୱକୁ ଉଠି ଆସ ।

ବନ୍ୟାହେତୁ ଗୋଟିଏ ନଈର ଛୋଟ ମାଛଟିଏ ସମୁଦ୍ରରେ ପହଞ୍ଚି ଗୋଟିଏ ବଡ଼ ମାଛକୁ ପଚାରୁଛି ସମୁଦ୍ର କ'ଣ ବୋଲି । ବଡ଼ ମାଛ କୁହେ ତୋର ଆଗରେ ସମୁଦ୍ର, ପଛରେ ସମୁଦ୍ର, ତଳେ ଓ ଉର୍ଦ୍ଧ୍ୱରେ, ବାମ ଓ ଡାହାଣରେ ସମୁଦ୍ର ରହିଛି । ଏହା ଆମେ କହିଥାଉ ମା' ଏହିପରି ବା ସେହିପରି । ମା' ଏହା ପସନ୍ଦ ବା ତାହା ପସନ୍ଦ କରନ୍ତି ନାହିଁ ଇତ୍ୟାଦି । ମା' ପ୍ରକୃତରେ କ'ଣ କେହି କହିପାରିବେ ନାହିଁ। ପୁରା ସୃଷ୍ଟି ତାଙ୍କ ପାଇଁ ଏକ ବିନ୍ଦୁ ପରି ଅଟେ । ସେ ଆମକୁ ମୁକ୍ତ କରିବାକୁ ଆସିଥା'ନ୍ତି କିନ୍ତୁ ଆମେ ତାଙ୍କୁ ଆମ ଧାରା ଅନୁସାରେ ବାନ୍ଧି ଦେଇଥାଉ । ମା'ଙ୍କର ଅନେକ ଅନେକ ରୂପ ରହିଛି । କେହି ତାଙ୍କୁ ଭରଜିନ୍ ମେରୀ ରୂପରେ, ଦୁର୍ଗାଙ୍କ ରୂପରେ, କାଳୀ ରୂପରେ ଦେଖିଥା'ନ୍ତି । ଏହି ରୂପ ମନୁଷ୍ୟ ଗଢ଼ିଛି ତା' ନିଜ ବିଶ୍ୱାସର ଆଧାର ଅନୁସାରେ । ମନୁଷ୍ୟ ପାଇଁ ମା' ସେହି ରୂପ ଧରିଥାନ୍ତି ସତ କିନ୍ତୁ ସେ ସୀମିତି ନୁହନ୍ତି । ହଜାର ରୂପ ମା'ଙ୍କର ମନୁଷ୍ୟ କଳ୍ପନାରେ ଗଢ଼ିଛି । ମନୁଷ୍ୟ ଯେପରି ରୂପକୁ ପୂଜା କରିଥାଏ ମା' ସେହି ଭାବ ଓ ରୂପରେ ତା' ଆଗରେ ପ୍ରକଟ ହୋଇଥା'ନ୍ତି । କିନ୍ତୁ ସେ ସ୍ୱୟଂଭୁ, ସେ ଅନନ୍ତ ଅଟନ୍ତି । ତାଙ୍କୁ କିଏ, କେହିବି ଜାଣନ୍ତି ନାହିଁ ।

ସାବିତ୍ରୀ କାବ୍ୟରେ ଜଗତ ଜନନୀଙ୍କର ବର୍ଣ୍ଣନା କରାଯାଇଛି । ସେଠାରେ ମା' ପ୍ରତି ଚେତନାରେ ଅଧିଷ୍ଠାତ୍ରୀ ଦେବୀ ରୂପରେ ବିଦ୍ୟମାନ । ଏହାକୁ ଦଶମହାବିଦ୍ୟା ମଧ୍ୟ କୁହାଯାଇଥାଏ । ଧୂମାବତୀଙ୍କ ଠାରୁ ଆରମ୍ଭ କରି ତ୍ରିପୁରା ସୁନ୍ଦରୀଙ୍କ ପର୍ଯ୍ୟନ୍ତ । ସେ ପ୍ରତି ସ୍ତରରେ ରାଜ ରାଜେଶ୍ୱରୀ ରୂପରେ ବିଦ୍ୟମାନ ଅଛନ୍ତି । ସର୍ବଶେଷରେ ସେହିଁ ଆତ୍ମାକୁ ଉର୍ଦ୍ଧ୍ୱକୁ ନେଇଯାଇଥାନ୍ତି । ଯେବେ ଜଣେ ପ୍ରତି ସ୍ତର ଅତିକ୍ରମ କରି ଉର୍ଦ୍ଧ୍ୱକୁ ଯିବାକୁ ଚାହିଁଥାଏ ସେ ହିଁ ତାହାର ଦ୍ୱାର ଖୋଲି ଦିଅନ୍ତି । ଈଶ୍ୱର ଓ ଈଶ୍ୱରୀଙ୍କ ପଛରେ ସେ ରହିଛନ୍ତି । ସମୟ ଆସିଲେ ସେ ଆମକୁ ସମସ୍ତ ଅଜ୍ଞାନ ଓ ଅଚେତନରୁ ମୋକ୍ଷ ବା ମୁକ୍ତି କରି ଦିଅନ୍ତି । ଯେବେ ଆମେ ତପସ୍ୟା କରୁ ମା'ହିଁ ଆମକୁ ଦିଗ୍‌ଦର୍ଶନ ଦେଇଥା'ନ୍ତି । ସାଧକ ଭାବେ "ମୁଁ ତପସ୍ୟା କଲି ଓ ଏହାଦ୍ୱାରା ଏହି ଶକ୍ତି ସବୁ ପାଇଲି"। ସବୁ ଶକ୍ତି ମା' ଆମକୁ ଦାନ ଆକାରରେ ଦେଇଥା'ନ୍ତି । ସେ ଚାହିଁଲେ କ୍ଷଣକ ମଧ୍ୟରେ ସମସ୍ତ ଶକ୍ତିକୁ ଫେରାଇ ନେଇ ପାରନ୍ତି କିନ୍ତୁ ସେ ସେପରି କରନ୍ତି ନାହିଁ ଯେହେତୁ ଆମେ ତାଙ୍କ ସନ୍ତାନ । ସେ ଜଗତ ଜନନୀ ରୂପରେ ଉର୍ଦ୍ଧ୍ୱରେ ରହିଥା'ନ୍ତି । ଯିଏ ଉର୍ଦ୍ଧ୍ୱକୁ ଯିବାକୁ ଚାହାଁନ୍ତି ସେ ଦ୍ୱାର ଖୋଲି ଦିଅନ୍ତି। ତନ୍ତ୍ରର ଏହା ଏକ ଉଚ୍ଚ ଅବସ୍ଥା ଅଟେ । କେହି ଚାହିଁଲେ ସେହିବାଟ ଦେଇ ସଚ୍ଚିଦାନନ୍ଦଙ୍କ ଦର୍ଶନ କରିଥାଏ । ବ୍ୟକ୍ତିଗତ ଭାବେ ମା' ନିଜକୁ ସୀମିତ କରି ଦିଅନ୍ତି ଆମ ପାଇଁ। ପୁଣିବି ମା' ହିସାବରେ ସେ ସଂସାରକୁ ସଞ୍ଚାଳିତ କରିଥା'ନ୍ତି । ସାରା ପ୍ରକୃତି ତାଙ୍କଠାରୁ ହିଁ ବାହାରିଛି ଓ ତାଙ୍କରିହିଁ କେବଳ ଅସ୍ତିତ୍ୱ ଅଛି । ସେ କିନ୍ତୁ ସୃଷ୍ଟିରେ ଲୁଚି ରହିଥା'ନ୍ତି । ସାରା ସଂସାରର କର୍ମର ପଛରେ ଶକ୍ତି ମାନଙ୍କ ଖେଳ ପଛରେ ସେ ରହିଛନ୍ତି । ଜଗନ୍ମାତାଙ୍କ କାଳି ରୂପହିଁ ଶେଷରେ ମୁକ୍ତି ଦେଇଥାଏ । ଶ୍ରୀଅରବିନ୍ଦ ଯେବେ ବରୁଣ ଇତ୍ୟାଦି ଓ ଅନ୍ୟ ଦେବତାମାନଙ୍କୁ ଆବାହନ କରୁଥିଲେ ସର୍ବଶେଷରେ ସେ କହୁଥିଲେ ଯେ ମା' କାଳି ମୋତେ ଏମାନଙ୍କ ପ୍ରଭାବରୁ ମୁକ୍ତ କର । ସବୁ ଦେବତାମାନଙ୍କ ପ୍ରଭାବରୁ ମୁକ୍ତ କରିଦେବାକୁ ମା' କାଳୀଙ୍କୁ ଆବାହନ କରୁଥିଲେ । ସାଧକ ଯେବେ କିଛି ମାଗିଥାଏ ତେବେ ମା' ସବୁକିଛି ଦେଇପାରନ୍ତି ।

*ଅନୁସୃଜନ: ପ୍ରସନ୍ନ କୁମାର ଦାସ*

# ଶୁନଃଶେପ ଉପାଖ୍ୟାନ

କୃଷ୍ଣା ଦେବୀ

ଆମ୍ଭେମାନେ ଶୁନଃଶେପଙ୍କ କାହାଣୀ କିଛି କିଛି ଜାଣୁ। ଐତେରେୟ ବ୍ରାହ୍ମଣରେ ଏହାର ମୂଳକାହାଣୀ ରହିଛି। ରାମାୟଣରେ, ମହାଭାରତରେ ମଧ୍ୟ ଶୁନଃଶେପଙ୍କ ଗଳ୍ପ ରହିଛି। ରାଜା ହରିଶ୍ଚନ୍ଦ୍ରଙ୍କର ସନ୍ତାନ ସନ୍ତତି ନଥିଲେ। ସେ ବରୁଣଦେବତାଙ୍କୁ ଆରାଧନା କଲେ। ତାଙ୍କ ପ୍ରାର୍ଥନା ଗୃହୀତ ହେଲେ ତାଙ୍କର ପ୍ରଥମ ସନ୍ତାନଟିକୁ ତାଙ୍କୁ ଅର୍ପଣ କରିବେ ବୋଲି ସତ୍ୟ କଲେ। ତାଙ୍କର ପୁତ୍ର-ସନ୍ତାନ ହେଲା, ନାମ ରଖାଗଲା ରୋହିତ। କିନ୍ତୁ ରାଜା ସ୍ନେହବଶତଃ ରୋହିତଙ୍କୁ ବରୁଣଦେବତାଙ୍କୁ ଅର୍ପଣ କରିପାରିଲେ ନାହିଁ, ଏପରିକି ଏକଥା ତାଙ୍କୁ ଜାଣିବାକୁ ମଧ୍ୟ ଦେଲେ ନାହିଁ। କିନ୍ତୁ ରୋହିତ କାଳକ୍ରମେ ସମସ୍ତ ବିଷୟ ଜାଣିପାରି ପ୍ରାଣହାନି ଭୟରେ ଗଭୀର ଅରଣ୍ୟକୁ ପଳାଇଲେ। ସେଠାରେ ସେ ଅଜିଗର୍ତ୍ତ ନାମରେ ଏକ ଦରିଦ୍ର ତପସ୍ୱୀଙ୍କ ପାଖରୁ ଶୁନଃଶେପଙ୍କୁ କ୍ରୟ କରିଥିଲେ। ବାଳକ ପିତାଙ୍କର ମଧ୍ୟମ ପୁତ୍ର ଥିଲେ। ରୋହିତ ଏକଶତ ଗାଭୀ ଦେଇ ତାଙ୍କୁ ନିଜ ବଦଳରେ ବରୁଣଙ୍କ ନିକଟରେ ବଳିଦେବାକୁ ଆଣିଥିଲେ। ଭାଗ୍ୟକ୍ରମେ ବିଶ୍ୱାମିତ୍ର ବାଳକଟିର ଆତ୍ମୀୟ ଥିଲେ ଓ ଯଜ୍ଞରେ ପୌରହିତ୍ୟ କରୁଥିଲେ। ସେ ପାଶବଦ୍ଧ ଶୁନଃଶେପଙ୍କୁ ଦେଖିପାରି ପାଶରୁ ମୁକ୍ତ ହେବା ନିମନ୍ତେ ବରୁଣଙ୍କୁ ପ୍ରାର୍ଥନା କରିବାକୁ କହିଲେ। ସେ ତାଙ୍କୁ କିଛି ପ୍ରାର୍ଥନା ମନ୍ତ୍ର ବା ସ୍ତୁତି ଶିଖାଇଦେଲେ। ଶୁନଃଶେପ ସେହି ମନ୍ତ୍ର ଉଚ୍ଚାରଣ କରି ବରୁଣଙ୍କ କୃପାପ୍ରାର୍ଥୀ ହେଲେ।

ଏହି ଗଳ୍ପ ବହୁ ପ୍ରଚଳିତ। ତେବେ ଏ ସ୍ଥଳରେ ଦୁଇଟି ପ୍ରଶ୍ନ ମନକୁ ଆସେ–ଋକ୍‌ବେଦରେ କ'ଣ ନରବଳି ସ୍ୱୀକୃତ, ଦ୍ୱିତୀୟରେ ଏ ପାଶର ସ୍ୱରୂପ କ'ଣ ସ୍ଥୂଳ ନା ସୂକ୍ଷ୍ମ? ପାଶ୍ଚାତ୍ୟ ପଣ୍ଡିତମାନେ, ଏପରିକି ସାୟଣାଚାର୍ଯ୍ୟ ମଧ୍ୟ ନରବଳି ବେଦର କର୍ମକାଣ୍ଡର ଅଂଶବୋଲି କହିଛନ୍ତି; ଏହି ପାଶଗୁଡ଼ିକ ଶୁନଃଶେପଙ୍କ ଉପରି ଭାଗ, ମଧ୍ୟଭାଗ ଓ ନିମ୍ନଭାଗରେ ବନ୍ଧାଥିବା ଦଉଡ଼ି ବୋଲି ସେ ବ୍ୟାଖ୍ୟା କରିଛନ୍ତି। କିନ୍ତୁ ବେଦୋଦ୍ଧାର କର୍ତ୍ତା ଶ୍ରୀଅରବିନ୍ଦ ଏହି ବ୍ୟାଖ୍ୟାକୁ ଏକାନ୍ତ ଭ୍ରମପୂର୍ଣ୍ଣ ବୋଲି ମତ ଦେଇଛନ୍ତି।

ଅବଶ୍ୟ ସେ ସମୟରେ ପୃଥିବୀର ବିଭିନ୍ନ ଅଞ୍ଚଳରେ, ବିଶେଷକରି ସେ ସମୟର ଆଦିମ ଜାତିମାନଙ୍କ ମଧ୍ୟରେ ନରବଳି ସ୍ୱୀକୃତ ଥିଲା। ଆଥେନ୍‌ସରେ ଏକ ଜାତୀୟ ଉତ୍ସବରେ ଗୋଟିଏ ସ୍ତ୍ରୀ ଓ ଗୋଟିଏ ପୁରୁଷ ଦୁଇଜଣଙ୍କୁ ଏକ ସଙ୍ଗରେ ବାନ୍ଧି ବଳି ଦିଆଯାଉ ଥିଲା–ସମଗ୍ର ଜାତିର ପାପର କ୍ଷାଳନ ଉଦ୍ଦେଶ୍ୟରେ। ସାଇପ୍ରସ୍ ଦ୍ୱୀପର ଲୋକେ ସମୁଦ୍ରଗାମୀ ଭଗ୍ନବୋଇତର ବିପନ୍ନନାବିକ ଓ ଯାତ୍ରୀମାନଙ୍କୁ ଧରିନେଇ ସମୁଦ୍ର ଦେବତା ପସାୟଡ଼ନ୍‌ଙ୍କ ଉଦ୍ଦେଶ୍ୟରେ ସମୁଦ୍ରରେ ବୁଡାଇ ମାରିଦେଉଥିଲେ। ଫେନୋସିଆରେ ପୁରାକାଳରେ ମଣିଷଙ୍କୁ ଝୁଡ଼ିରେ ପୁରାଇ ଦେବତାଙ୍କ ପାଖରେ ପୋଡ଼ିଦିଆ ଯାଉଥିଲା। ଭାରତରେ ଗଙ୍ଗା ସାଗରରେ ପ୍ରଥମ ସନ୍ତାନ ନିକ୍ଷେପ, ତୁଷାନଳ, ମହାପ୍ରସ୍ଥାନ, ସତୀଦାହ ଇତ୍ୟାଦି ପ୍ରଥା ବି ମଧ୍ୟଯୁଗ ପର୍ଯ୍ୟନ୍ତ ଚଳିଆସୁଥିଲା। ତେଣୁ ଶୁନଃଶେପଙ୍କୁ ବଳିଦେବା ଉଦ୍ଦେଶ୍ୟରେ ଅଣାଯାଇଥିଲା, ଏକଥା ପାଶ୍ଚାତ୍ୟ ପଣ୍ଡିତଗଣ ବିଶ୍ୱାସ ନକରିବେ ବା କାହିଁକି? ବେଦରେ ଏହାର ଅନୁମୋଦନ ଥିବ, ଏପରି ଅଭିମତ ବା ନଦେବେ କାହିଁକି? ବର୍ତ୍ତମାନ ମନ୍ତ୍ରଗୁଡ଼ିକର ମର୍ମାର୍ଥ ଶ୍ରୀଅରବିନ୍ଦଙ୍କ ମତାନୁଯାୟୀ ଅନୁଧ୍ୟାନ କରିବା।

ପ୍ରତ୍ୟେକ ବେଦ ଚାରିଭାଗରେ ବିଭକ୍ତ-ମନ୍ତ୍ରଭାଗ, ବ୍ରାହ୍ମଣଭାଗ, ଆରଣ୍ୟକ ଭାଗ ଓ ଉପନିଷଦ ବା ବେଦାନ୍ତ ଭାଗ। ତେଣୁ ଶୁନଃଶେପଙ୍କ କାହାଣୀ ବ୍ରହ୍ମଣରେ ରହିଛି ଓ ବେଦ-ରଚନାର କାଳ ପରେ ନରବଳି ପ୍ରଚଳିତ ହୋଇଥିବ, ଏପରି ମତ କେହି କେହି ଦେଇଥା'ନ୍ତି। କିନ୍ତୁ ବ୍ରାହ୍ମଣ ଭାଗ ବେଦର ଅନ୍ତର୍ଗତ ଓ ଏହା ସଂହିତାଗୁଡ଼ିକର ଏକ ପ୍ରକାର ବିସ୍ତୃତି ବା ବ୍ୟାଖ୍ୟା କହିଲେ ଚଳେ। ସଂହିତା ଅର୍ଥ ମନ୍ତ୍ର ବା ଋକ୍‌ର ସମାହାର। ଏହାରି ମଧ୍ୟରୁ ବହୁ ଆଖ୍ୟାନ ବା ଆଖ୍ୟାୟିକା ପରେ ପୁରାଣର କଥାବସ୍ତୁ ହୋଇଛି। ଶୁନଃଶେପଙ୍କର ପ୍ରାର୍ଥନା ଋକ୍‌ବେଦର ପ୍ରଥମ ମଣ୍ଡଳରେ ୭ଟିସୂକ୍ତରେ ରହିଛି। ଏହି ସୂକ୍ତରେ ବିଭିନ୍ନ ଛନ୍ଦର ପନ୍ଦରଟି ଋକ୍ ରହିଛି। ପ୍ରଥମଟି 'କା' ବା ପ୍ରଜାପତିଙ୍କ ଉଦ୍ଦେଶ୍ୟରେ, ଦ୍ୱିତୀୟଟି ଅଗ୍ନି, ପରବର୍ତ୍ତୀ ତିନୋଟି ସବିତୃ ବା ସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ ଏବଂ ଅନ୍ୟ ଋକ୍‌ଗୁଡ଼ିକ ବରୁଣ ଦେବତାଙ୍କ ଉଦ୍ଦେଶ୍ୟରେ ଉଚ୍ଚାରିତ ହୋଇଛି।

ବେଦ ବା ଉପନିଷଦର ଋଷିଗଣ ଏକ ବିଶେଷ ଉପଲବ୍ଧିରେ ସିଦ୍ଧିଲାଭ କରିଥିଲେ, ସେମାନଙ୍କ ନାମକରଣ ମଧ୍ୟ ସେହି

ଉପଲବ୍ଧି ବା ସିଦ୍ଧି ଅନୁଯାୟୀ ହୋଇଥିଲା। 'ଶୁନଃ' ଅର୍ଥ କରୁଣା ବା ପ୍ରସାଦ, 'ଶେପ' ଅର୍ଥ କିରଣ ବା ରଶ୍ମି, ଅର୍ଥାତ୍ 'ଶୁନଃଶେପ' ର ଅର୍ଥ 'କରୁଣାର ରଶ୍ମି'। ବର୍ତ୍ତମାନ ଋକ୍‌ଗୁଡ଼ିକ ପ୍ରତି ଦୃଷ୍ଟି ଦେବା:

"କସ୍ୟ ନୂନଂ କତମସ୍ୟାମୃତାନାଂ ମନାମହେ
ଗୁରୁଦେବସ୍ୟ ନାମ।
କୋନୋ ମହ୍ୟା ଆଦିତୟେ ପୁନର୍ଦାତ୍ ପିତରଂ
ଚ ଦୃଶେୟଂ ମାତରଂ ଚ" ।। ଋକ୍‌ବେଦ ୧।୨୪।୧

"କେଉଁ ଅମରଦେବତାଙ୍କ ନାମ ଉଚ୍ଚାରଣ କରି ତାଙ୍କୁ ଆବାହନ କରିବା ? କିଏ ସେହି ଦେବତା ଯେ ଆମ୍ଭମାନଙ୍କୁ ରକ୍ଷାକରି ମହୀୟସୀ ଅଦିତିଙ୍କଠାରେ ଅର୍ପଣ କରିବେ ଯାହା ଫଳରେ ମୁଁ ମାତା ଓ ପିତାଙ୍କୁ ଦର୍ଶନ କରିବି।" ଋଷି ବାଳକ ଶୁନଃଶେପ ବନ୍ଧାହୋଇ ରହିଛନ୍ତି; ମୁକ୍ତହେବା ପାଇଁ ଅଦିତିଙ୍କ ଆଶ୍ରୟ ଲାଭ କରିବାପାଇଁ ଆସ୍ପୃହା କରୁଛନ୍ତି। ସାୟଣାଚାର୍ଯ୍ୟ ଅଦିତିଙ୍କୁ ପୃଥିବୀ ରୂପରେ, ମ୍ୟାକ୍ସମୁଲାର ବ୍ୟକ୍ତବିଶ୍ୱର ଅଧିଷ୍ଠାତ୍ରୀ ଦେବୀ ଭାବରେ ବର୍ଣ୍ଣନା କରିଛନ୍ତି। ପ୍ରକୃତରେ ଅଦିତି ଦେବ-ଜନନୀ, ବିଶ୍ୱସୃଷ୍ଟିକାରିଣୀ ଓ ଭୂମାଚେତନା, ଏଠାରେ 'ପୁନଃ' ଶବ୍ଦଦ୍ୱାରା ସୂଚିତ ହେଉଛି ଯେ ଋଷି ଭୂମାରୂପିଣି ଅଦିତିଙ୍କର ସନ୍ତାନ ଥିଲେ ଓ ତାଙ୍କ ପାଖକୁ ଫେରିଯିବାକୁ ଆକୁଳ ପ୍ରାର୍ଥନା କରୁଛନ୍ତି, ପାର୍ଥିବ ଜୀବନର ବିଭିନ୍ନ ପାଶରୁ ମୁକ୍ତ ହୋଇ ସେ ପିତାମାତାଙ୍କ ମୁଖାବଲୋକନ କରିବାକୁ ଚାହାନ୍ତି, ସର୍ଗ ଅର୍ଥାତ୍ ଶୁଦ୍ଧମନର ଚେତନା ପିତା-ସଦୃଶ ଓ ମା' ପାର୍ଥିବ ଭୂମିର ବ୍ୟାପ୍ତିଚେତନା। ସାଧାରଣ ମନୁଷ୍ୟ ପାର୍ଥିବ ଚେତନା ଚାହେଁ, ସାଧକ ଊର୍ଦ୍ଧ୍ୱମନର ସର୍ଗୀୟ ଦ୍ୟୁତି ଓ ଐଶ୍ୱର୍ଯ୍ୟ ଚାହେ। ଏଥି ମଧ୍ୟରୁ ଗୋଟିକୁ ଗ୍ରହଣ କରି ଅନ୍ୟଟିକୁ ବାଦଦେବା ଋଷିମାନଙ୍କ ସାଧନାର ଲକ୍ଷ୍ୟ ନଥିଲା। ସେମାନେ ଊର୍ଦ୍ଧ୍ୱ ଓ ଅଧଃ ଉଭୟର ଚେତନାର ଲାଭକରି ଦୁଇଟି ଯାକ ମଧ୍ୟରେ ସାମଞ୍ଜସ୍ୟ ସ୍ଥାପନ କରୁଥିଲେ। ସର୍ଗୀୟ ଚେତନା ଦେଇ ପୃଥିବୀକୁ ପୁଷ୍ଟ କରିବା ଓ ପାର୍ଥିବ ଚେତନାକୁ ଦୀପ୍ତ, ଭାସ୍ୱର କରିବା ନିମନ୍ତେ ଊର୍ଦ୍ଧ୍ୱକୁ ଉନ୍ନୀତ କରିବା ସେମାନଙ୍କର ମୁଖ୍ୟ ସାଧନା ଥିଲା ଏବଂ ଗୋଟିଏ ବିନା ଅନ୍ୟଟି ଯେ ଅସମ୍ପୂର୍ଣ୍ଣ ଏକଥା ସେମାନେ ବୁଝିଥିଲେ। କିନ୍ତୁ ସାଧାରଣ ସଙ୍କୀର୍ଣ୍ଣ ପାର୍ଥିବ ଚେତନା ଓ ବ୍ୟଷ୍ଟିଚେତନାର ତଥା ନାନାବିଧ ଦାସତ୍ୱରୁ ମୁକ୍ତ ନହେଲେ ସାଧକ ପାର୍ଥିବ ଭୂମାଚେତନାରେ ମଧ୍ୟ ଅଧିଷ୍ଠିତ ହୋଇପାରିବ ନାହିଁ। ଏହାର ପ୍ରମାଣ ଆମେ ବହୁ ମହାପୁରୁଷଙ୍କ ବାଣୀ ଓ ଉପଦେଶରୁ ପାଇଛୁ, ପ୍ରଥମେ ପାଶରୁ ମୁକ୍ତ ହେବାକୁ ହେବ, ତା'ପରେ ଯାଇ ଯାହାକିଛି ଅଗ୍ରଗତି। ସାବିତ୍ରୀ ଓ ଅଶ୍ୱପତିଙ୍କର ଅନିର୍ବଚନୀୟ ଚରିତ୍ର ଚିତ୍ରଣ କରିବାକୁ ଯାଇ ଶ୍ରୀଅରବିନ୍ଦ ମଧ୍ୟ ଆତ୍ମାର ମୁକ୍ତି ବା ଉପଲବ୍ଧିର କଥା ଉଭୟ ଚରିତ୍ରର ପ୍ରାରମ୍ଭରେ ଅନୁପମ ଭାଷାରେ କହିଛନ୍ତି ଏବଂ ଏଥିପାଇଁ ନିଜସ୍ୱ ପ୍ରୟାସ ନୁହେଁ, ଏହା ସମ୍ପନ୍ନ କରିବାକୁ କୃପାହିଁ ଏକମାତ୍ର ସମର୍ଥ। ଏହାର ପ୍ରମାଣ ଆମେ ବହୁ ମହାପୁରୁଷଙ୍କ ବାଣୀ ଓ ଉପଦେଶରୁ ପାଇଛୁ, ପ୍ରଥମେ ପାଶରୁ ମୁକ୍ତହେବାକୁ ହେବ, ତା'ପରେ ଯାଇଁ ଯାହାକିଛି ଅଗ୍ରଗତି। ବରୁଣ ବ୍ୟାପ୍ତି ବା ବିଶାଳତାର ପ୍ରତୀକ। ସଙ୍କୀର୍ଣ୍ଣତାକୁ ଅତିକ୍ରମ କରିବାକୁ ହେଲେ ନିଜକୁ ବ୍ୟାପ୍ତିଦିଗରେ ଉନ୍ମୁକ୍ତ କରିବା ଏକାନ୍ତ ଆବଶ୍ୟକ। ଶ୍ରୀଅରବିନ୍ଦଙ୍କ ଭାଷାରେ The Island ego joined its continent। ଏଣୁ ବାଳକଋଷି ବ୍ୟାକୁଳ ଭାବରେ ବ୍ୟାପ୍ତି ଓ ବିଶାଳତାର ଈଶ୍ୱର ବରୁଣଙ୍କୁ ଆହ୍ୱାନ କରୁଛନ୍ତି।

ତା'ର ପରବର୍ତ୍ତୀ ଋକ୍‌ଟି–

ଅଗ୍ନେର୍ବୟଂ ପ୍ରଥମସ୍ୟାମୃତାନାଂ ମନାମହେ ଚାରୁ ଦେବସ୍ୟ ନାମ।
ସନୋ ମହ୍ୟା ଅଦିତୟେ ପୁନର୍ଦାତ ପିତରଂ ଚ ଦୃଶେୟଂ ମାତରଂ ଚ।।" ଋକ୍ ବେଦ ୧।୨୪।୨

"ଆସ ଆମ୍ଭେମାନେ ଅଗ୍ନିଙ୍କୁ ଆବାହନ କରିବା, ସେ ଅମରଙ୍କ ମଧ୍ୟରେ ପ୍ରଥମ। ସେ ଆମ୍ଭମାନଙ୍କୁ ଅଦିତିଙ୍କ ସମୀପରେ ପୁଣି ପହଞ୍ଚାଇ ଦିଅନ୍ତୁ ଯଦ୍ଦ୍ୱାରା ମୁଁ ମାତା ଓ ପିତାଙ୍କୁ ଦେଖି ପାରିବି।"

ଏଠାରେ ଋଷି ଅଗ୍ନିଙ୍କୁ ଅମୃତସନ୍ତାନମାନଙ୍କ ମଧ୍ୟରେ ପ୍ରଥମ ବୋଲି କାହିଁକି ଉଲ୍ଲେଖ କରିଛନ୍ତି ? ପ୍ରତ୍ୟେକ ସାଧକ ନିଜ ଅନ୍ତରରେ ଅଗ୍ନିଙ୍କୁ ସର୍ବପ୍ରଥମେ ଅନୁଭବ କରିଥା'ନ୍ତି ଆସ୍ପୃହା ରୂପରେ। ଆସ୍ପୃହା ଊର୍ଦ୍ଧ୍ୱମୁଖୀ ଅଗ୍ନିଶିଖା ପରି ସତତ ଦୀପ୍ତିମନ୍ତ। ଏହି କାରଣରୁ ଋକ୍‌ବେଦର ଅନେକ ସ୍ଥାନରେ ତାଙ୍କର ସ୍ତୁତି ଓ ଆବାହନ ଆମେ ଋଷିଙ୍କ ମୁଖରୁ ଶୁଣୁ। ମନୁଷ୍ୟର ଆସ୍ପୃହାର ଉତ୍ସ କେଉଁଠି ? ଅନ୍ତରର ଗଭୀରରେ ସେ (ଅଗ୍ନି) ଅଧିଷ୍ଠିତ। ସେ ଜାଗ୍ରତ ହେଲେ କିଛି ବାଧା ରହେ ନାହିଁ। ସେ ଅନ୍ତରଗୁହାରୁ ଉତ୍‌ଥିତ ହୋଇ ସ୍ତର ପରେ ସ୍ତର ଅତିକ୍ରମ କରି ସମସ୍ତ ବାଧା ବିନାଶ କରନ୍ତି, ସମସ୍ତ ଦ୍ୱାର ମୁକ୍ତ କରନ୍ତି, ସତ୍ତାର ବିଭିନ୍ନ ଅଙ୍ଗକୁ ଶୁଦ୍ଧ କରନ୍ତି। ତାଙ୍କର କାର୍ଯ୍ୟ ତ୍ରିବିଧ– ସେ ଆନ୍ତର ଯଜ୍ଞନର ମୁଖ୍ୟ ନିର୍ବାହକର୍ତ୍ତା, ସେ ହୋତା ଓ ପାବକ ଓ ସ୍ୱୟଂ ଯଜମାନ। ନିର୍ବାହକର୍ତ୍ତା, ଅର୍ଥାତ୍ ସେ ପ୍ରସାଦରୂପି ଅଭିଜ୍ଞତା ଓ ଅନୁଭୂତି ଆଣିବା ନିମନ୍ତେ କ୍ଷେତ୍ର ପ୍ରସ୍ତୁତ କରନ୍ତି, ପାବକ ହୋଇ ବିଭାବଗୁଡ଼ିକୁ ଶୁଦ୍ଧରୂପ ଦିଅନ୍ତି, ହୋତା ରୂପରେ ଦେବତାମାନଙ୍କୁ ଆନୟନ କରନ୍ତି, ପୁଣି ସର୍ବଶେଷରେ ଯଜମାନରୂପରେ ଆତ୍ମାହୁତି ଦିଅନ୍ତି, ଆତ୍ମସତ୍ତାକୁ ସମର୍ପଣ କରନ୍ତି। ସମର୍ପଣ ବିନା, ଆତ୍ମାହୁତି

ବିନା କୌଣସି କାର୍ଯ୍ୟ ବି ସଫଳ ହୁଏ ? ସେ ସାଧକର ପୁରୋହିତ ହୋଇ ତା'ର ଆକୁଳତା ବହନ କରନ୍ତି, ତେଣୁ ବହ୍ନି; ସବୁଦେବତାଙ୍କ ଅଗ୍ରଣୀ ହୋଇ ପ୍ରସାଦ ଆନୟନ କରନ୍ତି, ତେଣୁ ପ୍ରଥମ ଦେବତା।

ଶୁନଃଶେପ ପରବର୍ତ୍ତୀ ଋକ୍‌ରେ ସବିତାଙ୍କୁ ପ୍ରାର୍ଥନା ଜଣାଇଛନ୍ତି ଐଶ୍ୱର୍ଯ୍ୟଶାଳୀ ହେବାକୁ। ସୂର୍ଯ୍ୟ ସୃଷ୍ଟିର ଆଦିକାରଣ ଓ ସକଳ ଐଶ୍ୱର୍ଯ୍ୟର ଭଣ୍ଡାର। ବାଳକ ଋଷି ଏଠାରେ ଐଶ୍ୱର୍ଯ୍ୟ ପାଇଁ ପ୍ରାର୍ଥନା କରିଛନ୍ତି। କିନ୍ତୁ, ଆଶ୍ଚର୍ଯ୍ୟର ବିଷୟ ଏହି ଯେ ଯେଉଁ ବ୍ୟକ୍ତି ଅଳ୍ପକ୍ଷଣପରେ ଯୂପକାଠରେ ମରିବାକୁ ଯାଉଛି ବା ଯାହାର ଜୀବନ ଅନିଶ୍ଚିତ, ସେ କାହିଁକି ଐଶ୍ୱର୍ଯ୍ୟ ଯାଚନା କରୁଛି। ସେ ଐଶ୍ୱର୍ଯ୍ୟ କ'ଣ ସ୍ଥୂଳ ? ଅନୁମିତ ହୁଏ ସେ ସମ୍ପଦ ସ୍ଥୂଳ ନୁହେଁ, ସୂକ୍ଷ୍ମ ଆନ୍ତର ସମ୍ପଦ। ଋଷିମାନଙ୍କ ଧର୍ମ ମୁନିମାନଙ୍କ ଧର୍ମପରି ରିକ୍ତ, ରୁକ୍ଷ ନ ଥିଲା। ସେମାନେ ଭଗବାନଙ୍କ ଭିତରେ ସର୍ବସୃଷ୍ଟିକୁ ଓ ସୃଷ୍ଟିର ପ୍ରତି ଅଣୁରେଣୁରେ ଭଗବାନଙ୍କୁ ଆଲିଙ୍ଗନ କରୁଥିଲେ। ସେମାନେ ଅନ୍ତରରେ ମହା ଐଶ୍ୱର୍ଯ୍ୟଶାଳୀ ଥିଲେ।

ପରବର୍ତ୍ତୀ ଋକ୍‌ଗୁଡ଼ିକ ବରୁଣ ଉଦ୍ଦେଶ୍ୟରେ ରଚିତ—

ନହିତେକ୍ଷତ୍ରଂ ନ ସହୋ ନ ମନ୍ୟୁ ବୟଶ୍ଚନାମୀ ପତୟନ୍ତ ଆପୁଃ।
ନେମା ଆପୋ ଅନିମିଷଂ ଚରନ୍ତୀର୍ନ ଯେ ବାତସ୍ୟ ପ୍ରମିନନ୍ତ୍ୟଭ୍ୱମ୍।।
ଅବୁଧ୍ନେ ରାଜା ବରୁଣୋ ବନସ୍ୟୋର୍ଦ୍ଧ୍ୱଂ ସ୍ତୁପଂ ଦଦତେ ପୂତଦକ୍ଷଃ।
ନୀଚୀନାଃ ସ୍ଥୁରୁପରି ବୁଧ୍ନ ଏଷାମସ୍ମେ ଅନ୍ତର୍ନିହିତାଃକେତବଃ ସ୍ୟୁଃ।।
ଉରୁ ହି ରାଜା ବରୁଣଶ୍ଚକାର ସୂର୍ଯ୍ୟାୟ ପନ୍ଥାମନ୍ୱେତ ବା ଉ
ଅପଦେ ପାଦା ପ୍ରତିଘାତବେଦ୍ଧକ ରୃତାପବକ୍ତା ହୃଦୟାବିଧଶ୍ଚିତତ୍।।
ଋ.ବେଦ, ୧।୨୧।୬।୮

ହେ ବରୁଣ ! ବଳଶାଳୀ ପକ୍ଷୀମାନେ ତୁମର ବୀର୍ଯ୍ୟ ନିକଟରେ ପରାଭୂତ ହେବେ। ସେମାନେ ତୁମର ସହନଶୀଳତା ବା ଦ୍ରୁତବେଗର ସମକକ୍ଷ ହେବେ ନାହିଁ। ଜଳଧାରାର ସ୍ରୋତ ବା ପବନର ଗତି କେହି ବି ତୁମର ସାମର୍ଥ୍ୟକୁ ସାମାନ୍ୟ ଭାବରେ ମଧ୍ୟ ଆଘାତ କରିପାରିବେ ନାହିଁ। ସମ୍ୟକ୍ ବିଚାର, କର୍ମ-ଦକ୍ଷତା ଓ ଶକ୍ତିର ଭଣ୍ଡାର ତୁମେ, ତୁମେ ଦୀପ୍ତିମନ୍ତ, ତୁମଠାରୁ ଆନନ୍ଦଦାୟକ ଓ ଜୀବନଦାୟିନୀ ରଶ୍ମି ନିର୍ଗତ ହୁଏ। ତୁମେ ଊର୍ଦ୍ଧ୍ୱଲୋକର ଆଲୋକ ପ୍ରବାହ ଆନୟନ କର। ଏହି ରଶ୍ମି ସକଳ ଆମ ଅନ୍ତରରେ ପ୍ରତିଷ୍ଠିତ ହେଉ। ହେ ବରୁଣ ! ତୁମେ ସୂର୍ଯ୍ୟଙ୍କର ଆଗମନ ପାଇଁ ପଥ ପ୍ରସ୍ତୁତ କର। ଯେଉଁ ଭୂମିରେ, ଯେଉଁ ପଥରେ ସୂର୍ଯ୍ୟଙ୍କର ପାଦ ପଡ଼ି ନାହିଁ ତାହାକୁ ତୁମେ ସଜାଡ଼ି ଦିଅ— ସୂର୍ଯ୍ୟଙ୍କର ପାଦ ସେ ଭୂମିରେ ପଡୁ, ଏହି ଉଦ୍ଦେଶ୍ୟରେ। କେବଳ ସେତିକି ନୁହେଁ, ହୃଦୟ ଉନ୍ମୋଚନରେ ଯାହାକିଛି ବାଧା ଦିଏ, ବିରୋଧ କରେ, ସେସବୁ ତୁମ ପ୍ରଭାବରେ ଦୂରୀଭୂତ ହୁଏ।

ବରୁଣ ଦେବତାଙ୍କ ସ୍ଥାନ ଊର୍ଦ୍ଧ୍ୱରେ, ସେ ସୂର୍ଯ୍ୟଙ୍କ ପରି ସତ୍ୟଲୋକର ଧାରଣକର୍ତ୍ତା, ତାଙ୍କରି କରୁଣାରେ ନୂତନ ଜୀବନର ଅମୃତମୟୀ କିରଣ ଊର୍ଦ୍ଧ୍ୱଲୋକରୁ ଝରିଆସେ। ସେ ଆଲୋକ ଚିନ୍ମୟ ଓ ସୁବର୍ଣ୍ଣବର୍ଣ୍ଣରେ ରଞ୍ଜିତ; ଏହି ପୃଥିବୀ ପୃଷ୍ଠର ଅଧିବାସୀମାନଙ୍କ ପାଇଁ ସତେ ଅବା ତାହା ତାଙ୍କ କରୁଣାର ବାରିଧାରା। ଆମେ ଯେପରି ସେହି ଧାରାକୁ ନିଜ ଭିତରେ ପ୍ରବେଶ କରାଇବା ପାଇଁ ନିଜକୁ ଉନ୍ମୁକ୍ତ କରୁ ଓ ସେ ଧାରା ଆମର ପ୍ରତି ସତ୍ତାରେ ସଞ୍ଚାରିତ ହେଉ ବୋଲି ଅଭୀପ୍ସା କରୁ। ବରୁଣଙ୍କର ଅନ୍ୟ ନାମ 'ପୂତଦକ୍ଷ', ସେ ସତ୍ତାର ଶତ୍ରୁମାନଙ୍କୁ ପରାଭୂତ କରନ୍ତି, ସେହି ଶତ୍ରୁମାନେ ଅନ୍ଧକାରର ଶକ୍ତି, ଆଲୋକକୁ ସର୍ବଥା ବାଧା ଦେଇଥା'ନ୍ତି। ସତ୍ୟସୂର୍ଯ୍ୟ ଆସିଲେ ସମସ୍ତ ଅଜ୍ଞାନ ଅନ୍ଧକାର ଦୂର ହେବ ବୋଲି ସେ ତାଙ୍କ ପାଇଁ କ୍ଷେତ୍ର ତଥା ପଥ ପ୍ରସ୍ତୁତ କରନ୍ତି।

ଏତିକିରେ ସ୍ତବ ଶେଷ ହୋଇ ନାହିଁ। ଆହୁରି ଦୁଇଟି ଋକ୍‌ରେ ଋଷିପୁତ୍ର ତାଙ୍କର ସ୍ତୁତି କରିଛନ୍ତି, "ହେ ବରୁଣ ! ତୁମର କରୁଣା ଶତଧାରରେ ସହସ୍ରଧାରାରେ ବହିଆସୁ, ଜ୍ୟୋତିର୍ମୟ ଚିନ୍ତାସକଳ ଆମଆଡ଼କୁ ପ୍ରବାହିତ କରାଅ। ଆମକୁ ନିର୍ଋତି (ଋତର ବିପରୀତ)ଠାରୁ ଦୂରରେ ରଖ। ଯେଉଁସବୁ ପାପ ବା ଅପକର୍ମ କରିଥିଲୁ ସେସବୁର ଫଳରୁ ଆମକୁ ମୁକ୍ତ କର। ଅସତ୍ୟ, ଅଜ୍ଞାନ ଓ ମୃତ୍ୟୁର ଅଧୀଶ୍ୱର ନିର୍ଋତି, ବରୁଣ ଦେବତା ଆମକୁ ତା' କବଳରୁ ରକ୍ଷା କରିବେ। ପୂର୍ବକୃତ ଆମର ଦୋଷତ୍ରୁଟିର ପରିଣାମରୁ ଆମକୁ ମୁକ୍ତ କରିବେ। ବରୁଣ ମଧ୍ୟ ସତ୍ୟର ଛନ୍ଦକୁ ନିୟନ୍ତ୍ରିତ କରନ୍ତି, ସତ୍ୟର ଅଭିବ୍ୟକ୍ତିକୁ ପରିମିତ ଛନ୍ଦ ପ୍ରଦାନ କରନ୍ତି, ଅର୍ଥାତ୍ ସେ ଋତର ରକ୍ଷା ଓ ପୋଷଣକର୍ତ୍ତା। ତାଙ୍କର ତତ୍ତ୍ୱାବଧାନରେ ଦିନବେଳେ ତାରା ଓ ଚନ୍ଦ୍ର ଲୁଚିରହନ୍ତି, ସୂର୍ଯ୍ୟ ରାଜତ୍ୱ କରନ୍ତି, ରାତିରେ ଚନ୍ଦ୍ର ଓ ତାରା ପୃଥିବୀକୁ ଆଲୋକ ଦିଅନ୍ତି। ବିଶ୍ୱସର୍ଜନା ଓ ଭଗବାନଙ୍କ ସତ୍ୟଲୀଳରେ ଯେତେ ଛନ୍ଦ ରହିଛି, ବରୁଣ ତା'ର ଧାରା ଓ ପ୍ରଣାଳୀରେ ସାମ୍ୟ, ପରିମିତି ଓ ସମନ୍ୱୟ ରକ୍ଷା କରନ୍ତି। ପୁଣି ଶୁନଃଶେପ ତାଙ୍କୁ ସ୍ତୁତି କରି କହୁଛନ୍ତି "ଆମ ଜୀବନରେ ଯାହାକିଛି ସୁନ୍ଦର ଓ ଦିବ୍ୟ, ହେ ବରୁଣ ! ତୁମେ ତାକୁ ରକ୍ଷା କର, ତାହା ଯେପରି ଦୁର୍ବୃତ୍ତମାନଙ୍କ ଦ୍ୱାରା ଅପହୃତ ନ ହୁଏ।" ଏହିପରି ଭାବରେ ପ୍ରବୀଣ ଋଷିମାନଙ୍କ ଦ୍ୱାରା ଦୀକ୍ଷିତ ଓ ଶିକ୍ଷାପ୍ରାପ୍ତ ହୋଇ ସେ ପ୍ରାର୍ଥନା ଜଣାଇଛନ୍ତି ନିଜକୁ ମୁକ୍ତ କରିବାକୁ ଓ ଦିବ୍ୟତ୍ୱ ଲାଭ କରିବାକୁ। ଏତିକିରେ କିନ୍ତୁ ସେ ସନ୍ତୁଷ୍ଟ ହୋଇ ପାରି ନାହାନ୍ତି, ତାଙ୍କ ହୃଦୟରୁ ସ୍ୱତଃସ୍ଫୂର୍ତ୍ତ ଭାବରେ ଏକାନ୍ତ ସ୍ୱକୀୟ ଆକୂତି ନିର୍ଗତ ହୋଇଛି—

ଶୁନଃଶେପୋ ହ୍ୟହ୍ୱଦ୍ ଗୃଭୀତସ୍ତ୍ରିଷ୍ୱାଦିତ୍ୟଂ ଦ୍ରୁପଦେଷୁ ବଦ୍ଧଃ।
ଅବୈନଂ ରାଜା ବରୁଣଃ ସସୃଜ୍ୟାଦ୍ୱିଦ୍ୱାଂ ଅଦ୍‌ବ୍ଧୋ ବିମୁମୋକ୍ତୁ ପାଶାନ୍।।
ଅବତେହେଳୋ ବରୁଣ ନମୋଭିରବ ଯଜ୍ଞେଭିରୀମହେ ହବିର୍ଭିଃ।
କ୍ଷୟନ୍ନସ୍ମଭ୍ୟମସୁର ପ୍ରଚେତା ରାଜନ୍ନେନାଂସି ଶିଶ୍ରଥଃ କୃତାନି।।
ଉଦୁତ୍ତମଂ ବରୁଣ ପାଶମସ୍ମଦବାଧମଂ ବି ମଧ୍ୟମଂ ଶ୍ରଥାୟ।
ଅଥା ବୟମାଦିତ୍ୟ ବ୍ରତେ ତବାନାଗସୋ ଅଦିତୟେ ସ୍ୟାମ।।

ପୂର୍ବୋକ୍ତ ପ୍ରାର୍ଥନାଗୁଡ଼ିକ ସହିତ ଏହାର ସାମଞ୍ଜସ୍ୟ ରହିଛି। ତେବେ ମଧ୍ୟ ଏଗୁଡ଼ିକୁ ଏହି ଦୃଷ୍ଟିରୁ ମହତ୍ତ୍ୱ ଦିଆଯାଇଛି ଯେ ଏହା ତାଙ୍କର ହୃଦୟଗହ୍ୱରର ବ୍ୟାକୁଳତା, ଏଥିରେ ସେ ନିଜର ଜ୍ଞାନଚକ୍ଷୁରେ ବରୁଣଙ୍କ ସ୍ୱରୂପ ଦେଖିପାରିଛନ୍ତି। ସମୁଦାୟ ମଣିଷଜାତିର ପ୍ରତୀକ ଅସହାୟ ବାଳକଋଷି ଗଛଦେହରେ ତିନୋଟି ପାଶରେ ବନ୍ଧାହୋଇ ଅଦିତିଙ୍କ ପୁତ୍ର ବରୁଣଙ୍କୁ ଆବାହନ କରୁଛନ୍ତି ବନ୍ଧନରୁ ମୁକ୍ତ ହେବାକୁ, ଏହାର ଶେଷ ଋକ୍‌ଟିରେ ରହିଛି, "ମୁକ୍ତକର ବରୁଣ ଆମକୁ ଆମର ଊର୍ଦ୍ଧ୍ୱର ପାଶରୁ, ମଧ୍ୟମ ପାଶରୁ ଓ ନିମ୍ନର ପାଶରୁ, ଯାହା ଫଳରେ ଆମେ ଶୁଦ୍ଧ ନିଷ୍ପାପ ହୋଇ ଆଦିତ୍ୟବ୍ରତ ଆଚରଣ କରି ଅଦିତି ଦେବ-ଜନନୀଙ୍କ ସେବାରେ ଆତ୍ମନିୟୋଗ କରିବୁ।

ଏହି ସନ୍ଦେହ ବାରମ୍ବାର ଦେଖାଦିଏ ଯେ ସାଧାରଣ ପାଶରୁ ମୁକ୍ତ ହୋଇ କିପରି ଜଣେ ବ୍ୟକ୍ତି ଆଦିତ୍ୟବ୍ରତ ଆଚରଣ କରିବ। ଶୁନଃଶେପ ଗଛରେ ବନ୍ଧା। ଗଛ (ଭୂ-ରୁଦ୍) ଭୌତିକ ଜଡ଼ ଭୂମିର ପ୍ରତୀକ। ଏହି ଜଡ଼ହିଁ ମନୁଷ୍ୟର ପ୍ରଥମ ଭିତ୍ତି। ଏହି ଜଡ଼ରୁହିଁ ସୃଷ୍ଟି ଆରମ୍ଭ ହୋଇ ପ୍ରାଣ, ମନ ମଧ୍ୟଦେଇ ଗତିକିର ଅଧିମାନସ ଆଡକୁ ଗତିକରିଛି। ଋଷିମାନେ ଅତିମାନସର ସିଦ୍ଧି ପ୍ରତି ଆସ୍ପୃହାଶୀଳ ଥିଲେ। ଅଧିମାନସ ମଧ୍ୟ ସତ୍ୟ ସୂର୍ଯ୍ୟଙ୍କର ବିଭୂତି, ତେଣୁ ସେମାନଙ୍କର ଲକ୍ଷ୍ୟ ସୂର୍ଯ୍ୟ, ସବିତାଙ୍କ ପ୍ରତି ଓ ସହାୟକଭାବରେ ସେମାନେ ବରୁଣ ଓ ଅଗ୍ନିଙ୍କୁ ଆବାହନ କରୁଥିଲେ। ସବୁ ସାଧନାର ମୂଳରେ ଚୈତ୍ୟଜାଗରଣ, ଚୈତ୍ୟଭାବ, ଚୈତ୍ୟସିଦ୍ଧି ପ୍ରୟୋଜନ। ଚୈତ୍ୟଭାବରେ ପ୍ରଥମଗୁଣ ଆସ୍ପୃହା, ତେଣୁ ସର୍ବପ୍ରଥମେ ଅଗ୍ନିଙ୍କର ଉପାସନା କରାଯାଇଛି। ବ୍ୟାପ୍ତିଚେତନା, ଓ ବିଶ୍ୱାତ୍ମବୋଧ ଅନୁଭବ କରିବା। ସୃଷ୍ଟିଲୀଳାରେ ବିଶ୍ୱଦେବତାମାନଙ୍କର ସଙ୍ଗଠନ ଓ ନିୟନ୍ତ୍ରଣର କାର୍ଯ୍ୟକୁ ଅବଧାରଣା କରିବା ସାଧକର ପରବର୍ତ୍ତୀ ଉପଲବ୍ଧି। ଏହି ସ୍ଥାନରେ ବରୁଣ ଓ ମିତ୍ରଙ୍କୁ, ବସୁମାନଙ୍କୁ, ପୁଷନ୍‌ମାନଙ୍କୁ ସାଧକ ଆମନ୍ତ୍ରଣ ଜଣାଇଥାଏ। କିନ୍ତୁ ଲକ୍ଷ୍ୟ ତା'ର ସୂର୍ଯ୍ୟଚେତନା ଓ ମାତା ଅଦିତିଙ୍କ ସାହଚର୍ଯ୍ୟ। କାରଣ ମନୁଷ୍ୟ ତାଙ୍କରି ରଶ୍ମିକଣା। ଏହି ରଶ୍ମିରୂପୀ ଜୀବ ତିନୋଟି ଗ୍ରନ୍ଥିରେ ବନ୍ଧା; ଏହି ଗ୍ରନ୍ଥିର କଥା ତନ୍ତ୍ରରେ ମଧ୍ୟ ରହିଛି: ବ୍ରହ୍ମଗ୍ରନ୍ଥି, ବିଷ୍ଣୁଗ୍ରନ୍ଥି ଓ ରୁଦ୍ରଗ୍ରନ୍ଥି। ଗ୍ରନ୍ଥି-ମୋଚନର କଥା ଉପନିଷଦରେ ମଧ୍ୟ ରହିଛି। ଏହି ମୁକ୍ତର ଅର୍ଥ ଅଜ୍ଞାନ ଓ ସଙ୍କୀର୍ଣ୍ଣତାର କବଳରୁ ମୁକ୍ତି ହୋଇପାରେ।

ପୁରୁଷମେଧର କଥା ବେଦରେ ରହିଛି। ଏ ପୁରୁଷ କିଏ ଓ କି ପ୍ରକାର ଆହୁତି (ମେଧ)କୁ ଏହା ନିର୍ଦ୍ଦେଶ ଦେଉଛି ? ଯଜ୍ଞ ଯେପରି ବହୁବିଧ ଥିଲା, ଆହୁତି ମଧ୍ୟ ସେହିପରି ବହୁବିଧ ଥିଲା। ଚନ୍ଦ୍ରଙ୍କୁ ଆବାହନ କରି ଋଷିମାନେ ମନକୁ ଆହୁତି ଦେଉଥିଲେ। ସେହିପରି ବାୟୁଙ୍କୁ ଆବାହନ କରି ପ୍ରାଣବାୟୁ (ପ୍ରାଣ, ଅପାନ, ବ୍ୟାନ, ଉଦାନ ଓ ସମାନ)କୁ ଆହୁତି ଦେଉଥିଲେ। ସେମାନେ ସୃଷ୍ଟିନିୟନ୍ତ୍ରଣକାରୀ ଦେବତାଙ୍କ ସହିତ ଘନିଷ୍ଠ ସମ୍ପର୍କ ରଖୁଥିଲେ, ବିଶ୍ୱକୁ ପରମପୁରୁଷଙ୍କର ଦେହ; ମାନବ-ଆଧାର ମଧ୍ୟରେ ସେ ବିଦ୍ୟମାନ। ଯଜ୍ଞ ସମୟରେ ସେମାନେ ଏକ ମହନୀୟ ପୁରୁଷଙ୍କୁ ନିର୍ବାଚନ କରୁଥିଲେ, ଏହି ବ୍ୟକ୍ତିଙ୍କୁ ମାନବଜାତିର ପ୍ରତିନିଧି ଭାବରେ ଗ୍ରହଣ କରାଯାଉଥିଲା। ବିରାଟ ପୁରୁଷଙ୍କୁ 'ଅବୟବୀ' ଓ ମାନବଜାତିକୁ ଅବୟବ କୁହାଯାଉଥିଲା। ଯେଉଁ ମହନୀୟ ବ୍ୟକ୍ତି ଚିନ୍ତାରେ, ଗୁଣ ଓ କ୍ରିୟାରେ ବିରାଟ ପୁରୁଷଙ୍କ ସହ ଏକାତ୍ମ ହୋଇ ତାଙ୍କୁ ଅନୁକରଣ କରୁଥିଲେ, ଯଜ୍ଞରେ ତାଙ୍କୁହିଁ ନିମନ୍ତ୍ରଣ କରି ତାଙ୍କର ଏହି ଆନ୍ତର ଚେତନାକୁହିଁ ଆହୁତି ରୂପରେ ଅର୍ପଣ କରାଯାଉଥିଲା, ଯାହା ଫଳରେ ବିଶ୍ୱଦେବମାନଙ୍କ ଲୀଳା ସହିତ ମାନବିକ ଚେତନାର ଆଦାନ-ପ୍ରଦାନ ସମ୍ଭବ ହେବ। ଏଠାରେ ବଳି ଅର୍ଥରେ 'ମେଧ' ଶବ୍ଦ ନିଆଯାଇ ନାହିଁ। ଏହାକୁ ସମର୍ପଣ, ନିବେଦନ ଅର୍ଥରେ ଉପଯୋଗ କରାଯାଇଛି। ବୋଧହୁଏ ଋଷିମାନଙ୍କ ଯୁଗ ପରେ ସାଧାରଣ ଚେତନାର ଲୋକେ ଯଜ୍ଞ ଓ ମେଧର ମର୍ମାର୍ଥ ଭୁଲିଯାଇ ସ୍ଥୂଳଦ୍ରବ୍ୟଯଜ୍ଞକୁ ଓ ନରବଳିକୁ ପ୍ରାଧାନ୍ୟ ଦେଇଥିବେ।

ଶ୍ରୀଅରବିନ୍ଦ, କାଳିଦାସ ଓ ସେକ୍‌ସପିଅର୍‌ଙ୍କ ଐତିହାସିକ ସମାଲୋଚନା ଉପରେ ସମାଲୋଚନା କରିବାକୁ ଯାଇ କହିଛନ୍ତି – କବିଙ୍କ ପ୍ରକୃତ ପରିଚୟ ତାଙ୍କର କାବ୍ୟହିଁ ପ୍ରଦାନ କରିପାରେ, ସମକାଳୀନ କୌଣସି ଘଟଣା, କୌଣସି ଐତିହାସିକ ତଥ୍ୟ ତାହା ଦେବାକୁ ଅକ୍ଷମ, ଅର୍ଥାତ୍ ଐତିହାସିକ ତଥ୍ୟ ଉପରେ ନିର୍ଭର କଲେ କାବ୍ୟ ଓ କବିଙ୍କୁ ଆମେ ତାଙ୍କର ପ୍ରକୃତ ସ୍ଥାନରୁ ନିମ୍ନସ୍ତରକୁ ଟାଣିଆଣୁ। ତେଣୁ ଶୁନଃଶେପଙ୍କର ଗଳ୍ପ ଓ କାହାଣୀ ଯାହା ହେଉନା କାହିଁକି, ତାଙ୍କ ରଚିତ ପ୍ରାର୍ଥନାରେ ଅସହାୟ ଅଥଚ ଊର୍ଦ୍ଧ୍ୱମୁଖୀ ମାନବ ଆତ୍ମାର ଆକୂତି, ଆସ୍ପୃହା ଓ ଶରଣାଗତି ପ୍ରକାଶ ପାଇଛି।

# NEW DYNAMICS OF ACTION

**Dr. Shyama Kanungo**

Two definite truths concerning Sri Aurobindo and the Mother's Work in Orissa propounded by Babaji Maharaj and Prapatti and which are never to be forgotten are:-

1. It is the Mother Herself who is executing the Work in Orissa

2. This is a Spiritual Movement and whatever be the appearances of forces trying to deflect its working it can never be reduced to a social or a religious movement.

The beginning of The Mother's work in Orissa started symbolically when Babaji Maharaj joined Sri Aurobindo Ashram in 1945. This was followed by the organisation of the first Sri Aurobindo Study Circle at Rairangpur in 1949 and thence onwards the second in 1950 at the residence of Sri Lalit Mohan Ghosh, of Bhashakosh Lane, Cuttack. Then came certain landmarks with the organisation of the New Light Society – the first Sri Aurobindo Chhatra Samaj in 1961 followed by the first Sri Aurobindo Mahila pathachakra in Kaligali , Cuttack in 1962 Pathachakras, Mahila Pathachakras, Sri Aurobindo Students' Associations began to grow by leaps and bounds.

The next phase was the setting up of Sri Aurobindo Integral Education Centres ; the first one was at the Sardar Patel hall at Bhubaneswar in the year 1970.

Next a new dimension of the Work was installation of the Sacred Relics at different places the first sets being at Jagatsinghpur and Jeypore in the year 1970

Subsequently larger areas of land was acquired for experiments in collective living the first one being Sri Aurobindo Srikshetra in 1974 followed by Sri Aurobindo Swarna Setu, Chadheigudi, Sonepur and Udiyaman Matrukshetra in Dedar Nuapalli, Sambalpur. Subsequently other such centres are coming up-many of the older ones are at the brink of observing their Golden Jubilees-

Babaji Maharaj's clear directives to all centres and individuals and Prapatti's cogent execution went on till June 28th 1989 when Prapatti left his body. Maharajji's direct supervision went on till he left his body on November 8th 1998. The liasoning role of Navajyoti Karyalaya continues and the co-ordinating role of Matrubhaban as the epicenter of organisational activities continues although each centre is legally and practically independent to decide for itself. One emotional unseen binding for all the Mother's children are that we are all members of the All Orissa Sri Aurobindo Study Circle Committee. There are State level, Zonal Level, District Level and Block level convenors of different Karmadharas for the sake of smooth and orderly functioning only but no person is under any body's subordination. Adversary taking the advantage of human egoistic assertions tries to create disharmony and apparent disturbances in those who are not clear about the spontaneous spiritually free groupings at block, district, zonal as well as state level. True, that this fact is obvious and it has been assumed that everybody is aware of this arrangement. However, it has not been put in so many words as a preamble ( which should be updated from time to time) made available to all the members of the All Orissa Sri Aurobindo Study Circle Committee to serve as a guideline for the unfolding and evolution of each centre that carries the name of Sri Aurobindo and the Mother. From the historical point of view these

have to be documented and a Task Force has to be constituted to do this work. The DASAKARMADHARAS viz : - 1.Sri Aurobindo Study Circles( General pathachakras, Mahila Pathachakras, Chhatra Samaj, Sishu Pathachakras), 2. Sri Aurobindo Unit of Educational Research(SAUER), 3. Sri Aurobindo Medical Association(SAMA), 4. Sri Aurobindo Engineering and Technical Group(SAETG), 5. CUSAG Orissa, 6. Sri Aurobindo Sahitya Parishad, 7.Sri Aurobindo Kala Parishad, 8.Sri Aurobindo Agriculture Unit, 9.Sri Aurobindo Legal Unit, 10. Army Of Light, should also be in the preamble and general guidelines as to how to unfold these Karmadharas as so many doors to enter into society with the New Consciousness of the Divine Masters.

The 'Karmadharas' as their name suggests are to not just to be confined to annual meetings year after year ; they have to be Actions and in that there can be convergence of many different Karmadharas the main objective being to strengthen the hundreds of Sri Aurobindo Centres and Educational Institutions in all these ten doors to enter into the general humanity giving it a chance to open out into the fourth dimension.

Each Karmadhara can converge one or more of the other nine for example the Sri Aurobindo Study Circle members can participate with Sri Aurobindo Unit of Educational Research along with Sri Aurobindo Medical Association to work out the 'Integrated School Health programme' and sensitise all the Guardians to participate in the Integral Education as well as Integral Health of their children who are to grow into the 'New Beings of the New World'.

Again CUSAG can converge with SAETG or Sri Aurobindo Agriculture Unit for economic upliftment of the Centres and SAIECs initially and finally the State. The poverty of the state of Orissa was painful to our Sweet Mother who had sent Udar to find out why and for which She had commissioned CUSAG (Commerce Under Sri Aurobindo's Guidance). The Force definitely is waiting for manifestation and it is up to the Entrepreneur devotees and children of the Mother who should come together with their managerial and manufacturing/marketing skills expertise take up this momentous work. Wealth HAS to be brought back into the Hands of the Divine with honest business. This IS sadhana for our Entrepreneur brothers. Should they not rise up to this urgent and crying need of the Mother and Sri Aurobindo's Work in Orissa? It is only then we may be able not to 'sell education' and health and ensure a dignified living for our sadhak teachers and inmates of our Centres, thousands of Mother's children may find employment in the business set up by CUSAG.

Further a convergence of Sri Aurobindo Mahila Pathachakra and SAMA could converge to reach out to newly wed couples as well as antenatal women for conducting sensititsation of a new Grihasthashram for ushering in souls waiting to participate in the New World and regarding which the Divine Mother has given guidelines in the second chapter of Her treatise 'On Education' as well as elsewhere.

The Sri Aurobindo Sahitya Parishad could converge with SAUER to conduct Poetry and prose presentations and workshops on creative writings for the students and Adults based on the New Consciousness-

The Sri Aurobindo Kala Parishad could converge with SAUER and conduct workshops on creative arts both visual and performing in innovative settings… there is no end to the possibilities of the Spirit…

Finally each of the Mother's child in Orissa has to aspire, pray, will , dream of giving shape to the Sri Aurobindo University which the Lord and Mother had wanted and Babaji too had wanted it ardently to be established in the premises of the Sri Aurobindo Srikshetra, Dalijoda. All the ten Karmadharas could be assimilated as the ten schools of the University.

Again to repeat let every child of the Divine Mother feel that he/she is a member of the All Orissa Sri Aurobindo Study Circle Committee and his/her Only Masters are the Mother and Sri Aurobindo; others are his/her's elder brothers/ sisters and children of the same Mother and Sri Aurobindo. We must never forget that we are one spiritual family in the true sense of the term. Again let us NEVER FORGET that EACH CENTRE of The Mother and Sri Aurobindo are THE MOTHER AND SRI AUROBINDO THEMSELVES PHYSICALLY, MATERIALLY. The tendency to desert one Centre and start a new one just with the sentiment of not being 'under' somebody is a poor mind set. It reflects a lack of insight that it is The Mother Herself who had harboured him/her in the centre that one chooses to abandon. The challenge one avoids at the current centre is bound to multiply in the new one; on the contrary the overcoming by an inner effort of the challenge posed by the Divine would usher in a new progress for oneself as well as the Centre in question.

Being a 'Silent revolution' with our motto as 'Harmony at any Cost' both propounded by our loving Pranab da (Dada) we must let these be our watch word while we participate in whatever capacity in the unique Work of our Divine Masters in Orissa for the World.

We must NEVER FORGET that we have to become as per our Sweet Mother's call 'New Beings in the formation of a New World' and in PEACE, CALM, QUIET AND and SILENCE pray every moment TO TURN TO OUR DIVINE MOTHER SRI AUROBINDO, TO UNITE WITH OUR DIVINE MOTHER SRI AUROBINDO, TO LIVE IN OUR DIVINE MOTHER SRI AUROBINDO, TO LIVE FOR OUR DIVINE MOTHER SRI AUROBINDO.

---

ଯଦି ତୁମକୁ କୌଣସି ସମୟରେ ଗଭୀର ଦୁଃଖ, ତିକ୍ତ ସଂଶୟ କିମ୍ବା ତୀବ୍ର ଯନ୍ତ୍ରଣା ତୁମକୁ ବିବ୍ରତ କରିପକାଏ ଏବଂ ବିଷାଦ ଦିଗକୁ ପରିଚାଳିତ କରେ, ତେବେ ପୁନର୍ବାର ସ୍ଥିରତା ଓ ଶାନ୍ତିର ପୁନର୍ସ୍ଥାପନା ନିମନ୍ତେ ଏକ ଅମୋଘ ଉପାୟ ରହିଅଛି ।

– ଶ୍ରୀମା

# ପାଦୁକା ସ୍ଥାପନ -ଏକ ଅନନ୍ୟ ମୁହୂର୍ତ୍ତ

**ଗୀତାଞ୍ଜଳି ଦାସ**

ଏ ଜଗତ ପ୍ରାଣମୟ, ତଥା ଜୀବନ୍ତ। ଜଡ଼ ଭିତରେ ମଧ ପ୍ରାଣଶକ୍ତି ରହିଛି। କିଏ ସୁପ୍ତ ତ କିଏ ଜାଗ୍ରତ। ସର୍ବତ୍ର ମା'ଙ୍କ କାର୍ଯ୍ୟଧାରା ନିରନ୍ତର ଚାଲିଛି। ଏହାରି ମଧରେ ଗଜପତି ଜିଲ୍ଲା। ଏଠି ମଧ ମା'ଙ୍କର କାର୍ଯ୍ୟ ଚାଲିଛି। ଏହାର ଗତି ଧୀର କି ମନ୍ଥର କହିବା ସହଜ ନୁହେଁ। ବ୍ୟକ୍ତିର ଚେତନା ସ୍ତରକୁ ଦେଖି ପାରିଲେ ହୁଏତ କିଛି ଜାଣିହେବ। ଏହାର ପୁଣି କୌଣସି ମାପକାଠି ନାହିଁ। କିନ୍ତୁ ମାତୃକୃପା ଯେ ନିରନ୍ତର ଆମ ସହିତ ରହିଛି ଏହାକୁ ପ୍ରତ୍ୟକ୍ଷ ଭାବରେ ଅନୁଭବ କରିହେଲା ଗତ ୨୦୧୮ର ୩୯ତମ ରାଜ୍ୟସ୍ତରୀୟ ମହିଳା ପାଠଚକ୍ର ସମ୍ମିଳନୀରେ। ଗଜପତି ଜିଲ୍ଲାରେ ରାଜ୍ୟ ସ୍ତରୀୟ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇପାରିବ ତାହା ଆମ କଳ୍ପନାର ବାହାରେ ଥିଲା। ମୋର ମାନସିକ ସ୍ତରରେ ଏକ ସାହସ ମଧ ନଥିଲା। ସମ୍ମିଳନୀଟିଏ ଏଠାରେ କରିବାର ନିଷ୍ପତ୍ତି ହେବାପରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ପାଠଚକ୍ରମାନ ଅନୁଷ୍ଠିତ ହେଲା। ନୂଆ ନୂଆ ସ୍ଥାନକୁ ଯାଇ ଗାଁର ଲୋକଙ୍କୁ ଡାକିଆଣି ପାଠଚକ୍ର କରିବାର ଏକ ସ୍ୱତନ୍ତ୍ର ଅନୁଭୂତି, ଅପୂର୍ବ ଆନନ୍ଦ ଏବେ ଯାଏ ହୃଦୟରେ ଜୀଇଁ ରହିଛି। ବିଭିନ୍ନ ସମୟରେ ଆତ୍ମମାନଙ୍କର ପ୍ରାର୍ଥନାର ହିଁ ଏହି ସମ୍ମିଳନୀ ଏକ ପରିପ୍ରକାଶର ରୂପ। ଏହି ଅବସରରେ ସବୁଠାରୁ ମୂଲ୍ୟବାନ ଓ ମହତ୍ତ୍ୱପୂର୍ଣ୍ଣ ଘଟଣାଟି ହେଲା ମା'ଙ୍କ ପବିତ୍ର ପାଦୁକା ସ୍ଥାପନ।

ଗଜପତି ଜିଲ୍ଲାରେ ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ହୋଇପାରି ନାହିଁ। ଏଠାରେ ପାଦୁକା ସ୍ଥାପନ ହେବା ଜିଲ୍ଲାବାସୀଙ୍କ ପାଇଁ ମାତୃକୃପାର ବର୍ଷଣ ତୁଲ୍ୟ। କିଛି ଆସ୍ପୃହାଶୀଳ ଆତ୍ମାଙ୍କର ଆକୁଳ ପ୍ରାର୍ଥନାର ନିଦର୍ଶନ ସ୍ୱରୂପ ଗତ ୨୦୧୭ ମସିହା ଜୁଲାଇ ମାସର ଜିଲ୍ଲା ସ୍ତରୀୟ ପାଠଚକ୍ର ସମ୍ମିଳନୀରେ ଏଠାରେ ମା'ଙ୍କ ପାଦୁକାପାଇଁ କିଛି ପରିକଳ୍ପନା କରାଗଲା। ଆମ୍ଭେମାନେ ମହିଳା ସମ୍ମିଳନୀର କାର୍ଯ୍ୟରେ ପୁରା ଲାଗି ରହିଥିଲୁ। ଜାନୁୟାରୀ ମାସର ପ୍ରଥମ ସପ୍ତାହରେ ଏକ ସୂଚନା ମିଳିଲା ଯେ ମା'ଙ୍କ ପାଦୁକା ସମ୍ମିଳନୀ ସମୟରେ ଆସିଯାଇପାରନ୍ତି। କିନ୍ତୁ ସେଥିରେ କିଛି ସ୍ଥିର ନିଶ୍ଚିତ ନଥିଲା। ଭିତରେ ଭିତରେ ଆନନ୍ଦ ଅନୁଭବ ହେଉଥିଲେ ମଧ କୌଣସି ଉତ୍କଣ୍ଠା ଆମ ଭିତରେ ନଥିଲା। ଆମେମାନେ କେବଳ ଅର୍ଥ ସଂଗ୍ରହ ଏବଂ ସମ୍ମିଳନୀର ବିଭିନ୍ନ କାମର ଆୟୋଜନରେ ଲାଗିପଡିଥିଲୁ।

ହଠାତ୍ ସମ୍ମିଳନୀ ହେବା ସପ୍ତାହ ପୂର୍ବରୁ ଖବର ମିଳିଲା ଯେ ପାଦୁକା ଆସିଯିବେ। ସେଦିନ ମା'ଙ୍କର ଅପାର କରୁଣାର ସ୍ପର୍ଶ ଅନୁଭୂତ ହୋଇଥିଲା। ଭିତରେ ଏକ ପ୍ରକାର ନୀରବତା ଅନୁଭବ ହେଲା। କେବଳ ସ୍ଥିର। ସ୍ଥିର ଆହୁରି ସ୍ଥିର ଭାବଟିଏ ସୃଷ୍ଟି ହେଲା।

ପଣ୍ଡିଚେରୀରେ ମା'ଙ୍କ ରୁମ୍‌ରେ ଜାନୁୟାରୀ ୨୪ ତାରିଖ ଦିନ ମା'ଙ୍କ ପାଦୁକା ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ ତରଫରୁ ଦିଆଗଲା ଏବଂ ୨୫ ଜାନୁୟାରୀ ଦିନ ପଲାସା ଷ୍ଟେସନରେ ଏହାକୁ ଶ୍ରଦ୍ଧା, ଭକ୍ତି ଓ ସମର୍ପଣ ଭାବ ଭରପୂର ଥିବା ପରିବେଶରେ ଗ୍ରହଣ କରିଥିଲେ। ପଲାସାରୁ ଏକ ସ୍ୱତନ୍ତ୍ର ଗାଡ଼ିରେ ପାଦୁକା ଆସିଲେ। ଏକ ଭବ୍ୟ ସମାରୋହରେ ସେଦିନ ମାତୃପୀଠ ପରିସର ମଧରେ ପାଦୁକା ଅବସ୍ଥାନ କଲେ। ପରଦିନ ଅର୍ଥାତ ୨୬.୧.୨୦୧୮ ଅପରାହ୍ନ ୪.୪୪.ମିନିଟରେ ଧାନଗୃହରେ ପାଦୁକା ସ୍ଥାପନ ହେଲେ।

ପାଦୁକା ଆସିବା ଦିନ ମୁଁ ସ୍ପର୍ଶ ଟିକିଏ କରିବି ବୋଲି ଧାନଗୃହରେ କାନନ ଭାଇଙ୍କ ପାଖରେ ଉପସ୍ଥିତ ଥିଲି। କାନନ ଭାଇ ମା'ଙ୍କ ଫଟୋ ସଜ୍ଜା କାମ କରି ଏକ ସ୍ୱତନ୍ତ୍ର ସ୍ଥାନରେ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ପାଦୁକା ସ୍ଥାପନର ବ୍ୟବସ୍ଥା କରୁଥିଲେ। ଏଠାକାର ସମ୍ପାଦକ ବିଜୟ କୁମାର ମୁନି ପାଦୁକାଙ୍କୁ ହାତରେ ଧରି ଚାଲି ଚାଲି ଷ୍ଟେଜ୍ ଉପରକୁ ଆଣୁଥାନ୍ତି। ସମସ୍ତଙ୍କ ମୁଖରେ "ଓଁ ଆନନ୍ଦମୟି ଚୈତନ୍ୟମୟି ସତ୍ୟମୟି ପରମେ" ମନ୍ତ୍ରର ଉଚ୍ଚାରଣ ହେଉଥାଏ। ମୁଁ ଧାନଗୃହରେ ଥାଇ ବାରମ୍ବାର ବାହାରକୁ ଚାହୁଁଥାଏ ପାଦୁକା କେଉଁ ସ୍ଥାନରେ ଅଛନ୍ତି ବୋଲି। ହୃଦୟଟି ମୋର ଟିକିଏ ସ୍ପର୍ଶ ପାଇବାପାଇଁ ବ୍ୟାକୁଳ ହେଉଥାଏ। ଗହଳି ମଧରେ ସ୍ପର୍ଶ କରିପାରିବିନି ବୋଲି ଧାନଗୃହରେ ଅପେକ୍ଷା କରିଥିଲି। କିନ୍ତୁ ପ୍ରଥମେ ପାଦୁକା ଷ୍ଟେଜ୍ ଉପରକୁ ଗଲେ। ମାଇଁ ଓ ଟିକିଅପା ସେଇଠାରେ ବିଜୟ ଭାଇଙ୍କ ହାତରୁ ଗ୍ରହଣ କଲେ। ହଠାତ୍ ବାବୁଲି ଭାଇ, "ଗୀତା ଅପା ଷ୍ଟେଜ୍ ପାଖକୁ ଆସନ୍ତୁ" ବୋଲି କହିଲେ। ଯେମିତି ମା' ମୋତେ ଶୀଘ୍ର ଆସିଯିବା ପାଇଁ ଡାକୁଛନ୍ତି। ମୁଁ ଦୌଡ଼ି ଦୌଡ଼ି ଗଲି। ମୋ ପାଦ ତଳେ ପଡୁନଥାଏ। ଶୂନ୍ୟରେ ଯେପରି କ୍ଷେପଣ ହୋଇ ଚାଲୁଥିଲା। ଏଠାରେ ବର୍ଣ୍ଣନା ପାଇଁ ଯେତେ ଶବ୍ଦ ଦେଲେ ମଧ ଅଭାବ ରହିବ। ମୁଁ ସେଠାରେ ପାଦୁକାଙ୍କୁ ସ୍ପର୍ଶ କରି କୋଳେଇ ନେଲି। ଏକ ଅପୂର୍ବ ଆନନ୍ଦରେ ହୃଦୟ ପୁରି ଉଠିଲା। ମା' ଅନ୍ତରର କଥାକୁ କେତେ ବୁଝି ପାରନ୍ତି ଓ ପ୍ରାର୍ଥନାକୁ ଗ୍ରହଣ କରନ୍ତି ପ୍ରତ୍ୟକ୍ଷ ଭାବରେ ଅନୁଭବ କଲି। ଯାହା ଯଥାର୍ଥ ତାହା ମା' କରାଇ ନିଅନ୍ତି।। ସେଠାରୁ ବନ୍ଦେମାତରମ୍, ସଲାମି ଦେବାପରେ ଧାନଗୃହ ପର୍ଯ୍ୟନ୍ତୁ ମୁଁ ପାଦୁକାଙ୍କୁ ଧରିନେଇ ଉଦ୍ଦିଷ୍ଟ ଥିବା ତଥା ସଜ୍ଜିତ ପୀଠ ଉପରେ ରଖିଲି। ଏହା ମୋ ଜୀବନର ଅନନ୍ୟ ମୁହୂର୍ତ୍ତ ଅଟେ।

ପରଦିନ ଅପରାହ୍ନ ୪.୪୪ମିନିଟରେ ପାଦୁକା ସ୍ଥାପନ ହେଲେ। ବର୍ତ୍ତମାନ ଧାନଗୃହରେ ପାଦୁକାଙ୍କ ଉପସ୍ଥିତି ମା'ଙ୍କ ସାନ୍ନିଧ ଦେଇ ଆମକୁ ରୂପାନ୍ତର ପଥରେ ଅଗ୍ରସର କରାଇ ନେବାରେ ସହାୟକ ହେଉଛନ୍ତି।

# ସେହିଁ ମାତୃମନ୍ତ୍ରର ପୁରୋଧା

**ବିମଳ ପ୍ରସନ୍ନ ଦାସ**

୧୯୦୮ ମେ ୧୮ ତାରିଖ ଦିନ "ଆଲିପୁର ବୋମା ମାମଲା ଭାରତରେ ଅତୀବ ଗୁରୁତ୍ୱପୂର୍ଣ୍ଣ ରାଷ୍ଟ୍ରୀୟ ବିଚାର। ବିଚାରପତି ଥିଲେ ମିଷ୍ଟର ବ୍ରିକ୍‌କ୍ରାଫଟ। ସେ କ୍ୟାମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ଥିଲେ ଶ୍ରୀଅରବିନ୍ଦଙ୍କ ସହପାଠୀ। ଶ୍ରୀଅରବିନ୍ଦଙ୍କୁ ମିଥ୍ୟା ଅଭିଯୋଗରେ ଗିରଫ କରାଯାଇଥିଲା। ଏ ସମ୍ପର୍କରେ ଲଣ୍ଡନର "ଟାଇମ୍‌ସ" ପତ୍ରିକା ଲେଖିଥିଲା ଯେ ଅବଶ୍ୟ ଭାରତୀୟ ସମ୍ବାଦପତ୍ରମାନେ ଦୁଇ ନିହତ ଇଂରେଜ ନାରୀଙ୍କ ପରିବାର ପ୍ରତି ସହାନୁଭୂତି ଜଣାଇଛନ୍ତି, କିନ୍ତୁ ଅରବିନ୍ଦ ଘୋଷଙ୍କ ଗ୍ରେପ୍ତାର ଏବଂ ତାଙ୍କୁ ଜାମିନ ନମିଳିବା ବିରୋଧରେ କ୍ରୁଦ୍ଧ ପ୍ରତିବାଦ ଜଣାଇଛନ୍ତି। ଶ୍ରୀଅରବିନ୍ଦଙ୍କର ମହାରାଷ୍ଟ୍ରବାସୀ ଅନୁରକ୍ତମାନେ ତାଙ୍କ ପକ୍ଷ ସମର୍ଥନ ସକାଶେ ପାଣ୍ଠି ଖୋଲିଲେ। ପରେ ପରେ ଶ୍ରୀଅରବିନ୍ଦଙ୍କ ସାନଭଉଣୀ ସରୋଜିନୀ ଦେବୀଙ୍କର ନିବେଦନ ବଙ୍ଗଦେଶରେ କେତେକ ସମ୍ବାଦପତ୍ରରେ ପ୍ରକାଶିତ ହେଲା। ମୋ ଭାଇ ଅରବିନ୍ଦ ଘୋଷ .. ଅପରାଧ କରିଥିବା ଅଭିଯୋଗରେ ଅଭିଯୁକ୍ତ ବୋଲି ଦେଶବାସୀମାନେ ଅବହିତ। କିନ୍ତୁ ମୋର ବିଶ୍ୱାସ ମୋର ଧାରଣା ଏମିତି ଯୁକ୍ତି ଉପରେ ପ୍ରତିଷ୍ଠିତ ଯେ ମୋ ଦେଶର ବିପୁଳ ସଂଖ୍ୟକ ଲୋକଙ୍କ ବିଶ୍ୱାସ, ସେ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ। ମୁଁ ଜାଣେ ଯେ ସଭିଏଁ ତାଙ୍କ ରାଜନୈତିକ ଆଦର୍ଶ ସହ ଏକମତ ନହୋଇ ପାରନ୍ତି। କିନ୍ତୁ ସମ୍ଭ୍ରମରେ ଏତିକି କହିବି ଯେ କ୍ୱଚିତ୍ କେହି ଭାରତବାସୀ ତାଙ୍କ କୃତିତ୍ୱ, ଆତ୍ମତ୍ୟାଗ, ଏକାଗ୍ର ଦେଶ ଭକ୍ତି ତଥା ତାଙ୍କ ମହତ ଆଧାତ୍ମିକ ଚରିତ୍ର ପ୍ରତି ଶ୍ରଦ୍ଧାଶୀଳ ନ ହେବେ। ତାହାହିଁ ଏ ନାରୀଜଣଙ୍କୁ ସାହସ ଦେଇଛି ଭାରତବାସୀ ପ୍ରତ୍ୟେକ ପୁତ୍ରକନ୍ୟାଙ୍କୁ ନିବେଦନ କରିବାକୁ-ମୋ ଭାଇ ଯିଏକି ସେମାନଙ୍କର ମଧ୍ୟ ଭାଇ ତାଙ୍କ ସୁରକ୍ଷା ଦିଗରେ ସହାୟତା କରିବା ନିମନ୍ତେ।

ବହୁ ପତ୍ରପତ୍ରିକାରେ ସରୋଜିନୀ ଦେବୀଙ୍କ ନିବେଦନ ଉପରେ ଶ୍ରଦ୍ଧାଶୀଳ ମନ୍ତବ୍ୟମାନ ପ୍ରକାଶ ପାଇଲା। ସେ ଯାଏ ଦେଶର କୌଣସି ନେତା ଦେଶର ଆଧାତ୍ମିକ ଗୁରୁ ଭାବରେ ଅଭିହିତ ହୋଇ ନଥିଲେ କିମ୍ବା ସେଭଳି ସ୍ୱତଃସ୍ଫୁର୍ତ୍ତ ସମ୍ମାନ ଅର୍ଜନ କରି ପାରିଥିବାର ଦୃଷ୍ଟାନ୍ତ ନାହିଁ।

ବଙ୍ଗଳାରେ ସେତେବେଳେ "ବସୁମତୀ" ଥିଲା ସର୍ବାଧିକ ଜନପ୍ରିୟ ସମ୍ବାଦପତ୍ର। ତାର ଦୀର୍ଘ ସମ୍ପାଦକୀୟର କିୟଦଂଶ ଉପରେ ଦୃଷ୍ଟିପାତ କରାଯାଉ। (ମୂଳ ବଙ୍ଗଳା ସଂଖ୍ୟା ବିଲୁପ୍ତ, ସି.ଆଇ.ଡ଼ି. ଦପ୍ତରରେ ଥିବା ଅପରିଣତ ଇଂରାଜୀ ଅନୁବାଦର ଏହା ଭାଷାନ୍ତର)

"ଦେଶ ମାତୃକାଙ୍କର ଅତୀବ ପ୍ରିୟପୁତ୍ର, ମାତୃଶକ୍ତିର ଅବିଚଳ ଭକ୍ତ ଶ୍ରୀଯୁକ୍ତ ଅରବିନ୍ଦ ଘୋଷ ଆଜି ବିପଦର ସମ୍ମୁଖୀନ - ରାଜକୀୟ ବିଚାରାଳୟରେ ଗୁରୁତର ଅପରାଧରେ ଅଭିଯୁକ୍ତ। ହେ ଦେଶବାସୀ ବୃନ୍ଦ ! ତୁମେମାନେ ନିସ୍ପୃହ ରହିବ କି ? ଅରବିନ୍ଦଙ୍କର ଏ ସଙ୍କଟ ବେଳେ ତୁମମାନଙ୍କର କର୍ତ୍ତବ୍ୟ ନାହିଁକି ? ଅରବିନ୍ଦଙ୍କର ଭଉଣୀ କୁମାରୀ ସରୋଜିନୀ ଆଜି ଦେଶବାସୀଙ୍କ ଦ୍ୱାରଦେଶରେ ଭିକ୍ଷାପ୍ରାର୍ଥିନୀ। ତାଙ୍କୁ ନିଜ ପାଇଁ ନୁହେଁ ସବୁ ବଙ୍ଗବାସୀ, ସବୁ ଭାରତବାସୀଙ୍କ ଭ୍ରାତା, ମାତୃଭୂମିର ସନ୍ୟାସୀ-ସେବକ ଅରବିନ୍ଦଙ୍କ ପାଇଁ।

ଏକ ନୂତନ ଆଦର୍ଶର ବଜ୍ରଧ୍ୱନିରେ ଅରବିନ୍ଦ ଆମର ଏ ପବିତ୍ର ଦେଶକୁ ସ୍ପନ୍ଦିତ କରିଛନ୍ତି। ତୁମମାନଙ୍କ ମଙ୍ଗଳପାଇଁ ଅରବିନ୍ଦ ନିଜର ଯାବତୀୟ ପାର୍ଥିବ ବିଳାସ ଓ ସମୃଦ୍ଧି ବିସର୍ଜନ ଦେଇ ନିଷ୍କାମ ଧର୍ମରେ ପ୍ରବୃତ; ସେ ମାତୃମନ୍ତ୍ରର ପୁରୋଧା। ସେ ଆଜି ବିପଦଗ୍ରସ୍ତ। ତୁମେମାନେ କ'ଣ ହୃଦୟହୀନ ହୋଇ ରହିବ? ତଦ୍ୱାରା ପୃଥିବୀ ଜାଣିବ ଯେ ପଶୁ ପ୍ରବୃତ୍ତିର ଊର୍ଦ୍ଧ୍ୱକୁ ଉଠି ନାହଁ?

ନୂତନ ଆଦର୍ଶର ଉଦ୍‌ଗାତା ଶ୍ରୀଅରବିନ୍ଦ ଏ ସମସ୍ୟାକ୍ଳିଷ୍ଟ ଆତ୍ମବିସ୍ମୃତ ଦେଶକୁ ମାତୃମନ୍ତ୍ରର ଉଦାତ୍ତ ଆହ୍ୱାନ ଦେଇଛନ୍ତି। ତାଙ୍କରି ଯାଦୁକରୀ ପ୍ରଭାବରେ ଏକଦା ଅଳସ ସ୍ୱପ୍ନ ଭଳି ରହିଥିବା ଦେଶାତ୍ମବୋଧ ରୂପାନ୍ତରିତ ହୋଇଛି ଏକ ବିରାଟ ବାସ୍ତବତାରେ। ପ୍ରତ୍ୟେକ ଭାରତୀୟ ହୃଦୟରେ ଶ୍ରୀଅରବିନ୍ଦ ମାତୃମନ୍ତ୍ର ଖୋଦିତ କରି ପାରିଛନ୍ତି। ସେହିଁ ମନ୍ତ୍ରଦାତା। ତୁମ ଆଧାତ୍ମିକ ଗୁରୁଙ୍କର ଏ ସଙ୍କଟ ବେଳେ ତୁମେ ନିଶ୍ଚେଷ୍ଟ ରହିବ କି- ହେ ମାତୃମନ୍ତ୍ରର ଉପାସକ ବର୍ଗ ? ଅରବିନ୍ଦ ଶିଖାଇଛନ୍ତି ଯେ ଇଚ୍ଛାଶକ୍ତି ଦ୍ୱାରା ବିଶ୍ୱ ବିଜୟ ସମ୍ଭବ। ଦେଶର ଓଜଃ ବିଲୀନ ହୋଇନାହିଁ। ଏହା ଥିଲା ସୁପ୍ତ; ବର୍ତ୍ତମାନ ଜାଗୃତି ପଥରେ। ଶ୍ରୀଅରବିନ୍ଦ ଚେତାଇ ଦେଇଛନ୍ତି ଯେ ଆମେ ପଥଭ୍ରଷ୍ଟ ହୋଇଛୁ। ସ୍ୱଦେଶର ରତ୍ନରାଶି ବର୍ଜନ କରି ବିଦେଶୀ କାଚଖେଳନା ଆଦରି ନେଇଛୁ। ଶ୍ମଶାନ ପ୍ରାୟ ଅବସ୍ଥାକୁ ଅବନମିତ

ଭାରତବର୍ଷରେ ଅରବିନ୍ଦ ଘୋଷଣା କଲେ ଯେ ଦେଶର ଆତ୍ମା ଜାଗ୍ରତ, ମୃତ୍ୟୁହୀନ, ଧର୍ମକର୍ମ ସବୁ ଉଜ୍ଜୀବିତ ହେବା ସମ୍ଭବ।

ମାତୃକୃପାରୁ ଶ୍ରୀଅରବିନ୍ଦ ତାଙ୍କ ହୃଦୟକନ୍ଦରରେ ଉପଲବ୍ଧି କଲେ ଯେ ମୁକ୍ତିର ମାର୍ଗ ଚିରକାର ଅବରୁଦ୍ଧ ରହି ପାରେନା। ଆଜିର ସଙ୍କୀର୍ଣ୍ଣ ଓ କଣ୍ଟକିତ ପଥକୁ ଆଗାମୀ କାଲି ପ୍ରଶସ୍ତ ଓ ପୂତ ମୁକ୍ତି ପଥରେ ପରିଣତ କରାଯାଇ ପାରେ। ସେ ଉପଲବ୍ଧି କଲେ ଯେ ପାଶ୍ଚାତ୍ୟ ରାଜନୀତି ଆଧ୍ୟାତ୍ମିକ ଭାରତବର୍ଷ ସକାଶେ ଅନୁକୂଳ ନୁହେଁ। ଧର୍ମଚ୍ୟୁତି ଯୋଗୁହିଁ ଭାରତୀୟ ମାନେ ବିନାଶଗାମୀ। ସେ ବୁଝାଇଛନ୍ତି ଆତ୍ମାର ବନ୍ଧନ ମୁକ୍ତି ହିଁ ଜୀବମୁକ୍ତ। ଭାରତରେ ଧର୍ମ ଅବିନଶ୍ୱର। ସେ ଆହ୍ୱାନ ଦେଲେ, "ଜାଗ୍ରତ ହୁଅ ଭାରତବାସୀ, ଧର୍ମଯୁକ୍ତ ରୁହ। ହୃଦୟ ସିଂହାସନରେ ଜନନୀଙ୍କୁ ଅଭିଷିକ୍ତ କର। ମୁକ୍ତିର ପରମ ମାର୍ଗରେ ଧାବମାନ ହୁଅ। ଶ୍ରୀଅରବିନ୍ଦ କହିଛନ୍ତି, "ତୁମ ଧର୍ମାନୁରକ୍ତି ରୂପକ ଗଙ୍ଗୋତ୍ରୀରୁ ବିଗଳିତ କରୁଣା ରୂପକ ଗଙ୍ଗା ପ୍ରବାହିତ ହୋଇ ତେତ୍ରିଶ କୋଟି ନରନାରୀଙ୍କୁ ମୁକ୍ତି ପ୍ରଦାନ କରୁ।"

"ଶ୍ରୀଅରବିନ୍ଦ ଆମକୁ ଏହି ଶିକ୍ଷା ଦେଇଛନ୍ତି ଯେ ଆଳସ୍ୟ ପରେ କର୍ମପ୍ରେରଣ, ନିଦ୍ରା ପରେ ଜାଗରଣ, ପତନ ପରେ ଅଭ୍ୟୁଥାନ ଗୋଟିଏ ଜାତିର ଜୀବନରେ ସ୍ୱାଭାବିକ। ଭକ୍ତ ଶ୍ରୀଅରବିନ୍ଦଙ୍କର ଶଙ୍ଖନାଦ ଯୋଗୁଁ ଦେଶରେ ସ୍ଫୁରିତ ହେଲା ନୂତନ ଆଶା ଏବଂ ତାହା ସୀମା ଅତିକ୍ରମ କରି ଉର୍ଦ୍ଧ୍ୱାୟିତ ହେଲା ହିମାଳୟଠୁ କନ୍ୟାକୁମାରୀ ପର୍ଯ୍ୟନ୍ତ।"

କିନ୍ତୁ ଏହି ଜାଗୃତିକୁ ଶାସକବର୍ଗ ଭ୍ରାନ୍ତିବଶତଃ ବିଦ୍ରୋହ ବୋଲି ମନେ କରୁଛନ୍ତି ଏବଂ ସେଥିପାଇଁ ଶ୍ରୀଅରବିନ୍ଦ ଆଜି କାରାରୁଦ୍ଧ। ହେ ଭାରତବାସୀ, ହେ ବଙ୍ଗବାସୀ! ଏହା କ'ଣ ତୁମର ସମସ୍ୟ ନୁହେଁ? ଦେଶାତ୍ମବୋଧର ଉତ୍ସ ଯେଉଁ ଅରବିନ୍ଦଙ୍କ ହୃଦୟ, ତୁମେ ତାଙ୍କୁ ଶାସକର କ୍ରୋଧାଗ୍ନିରେ ବିସର୍ଜନ କରିବ? ଯାହାଙ୍କ ଆହ୍ୱାନରେ ତୁମେମାନେ ଯୁଗଯୁଗ ପରେ ମାତୃମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରି ପାରିଛ, ସ୍ୱଦେଶୀ ଜାଣିଛ, ଦେଶପ୍ରେମ ଜାଣିଛ, ସ୍ୱଧର୍ମ ଜାଣିଛ, ସ୍ୱରାଜ ପାଇଁ ତୁମ ହୃଦୟରେ ଆସ୍ପୃହାର ଶିଖା ପ୍ରଜ୍ୱଳିତ ହୋଇଛି, ସେହ ଅରବିନ୍ଦ ଆଜି ତୁମରି ପାଇଁ ବିପନ୍ନ। ହେ ଭାରତବାସୀ, ହେ ବଙ୍ଗବାସୀ! ତୁମ କର୍ତ୍ତବ୍ୟ କ'ଣ ତୁମେ ପାଳନ କରିବ ନାହିଁ। ଶ୍ରୀଅରବିନ୍ଦଙ୍କ ପାଇଁ ଜନନୀ, ଜନ୍ମଭୂମି ସ୍ୱର୍ଗାଦପି ଗରିୟସୀ! ବନ୍ଦେମାତରମ୍ ତାଙ୍କ ଜୀବନ-ସର୍ବସ୍ୱ, ଅମୃତ ସେତୁ ମୁକ୍ତି ମନ୍ତ୍ର। ଭାରତରେ ତାଙ୍କ ତୁଲ୍ୟ ମାତୃଭକ୍ତ, ସନ୍ତାନ, ନିରାସକ୍ତ କର୍ମଯୋଗୀ ଦ୍ୱିତୀୟ ନାହାନ୍ତି। ତୁମେ ତାଙ୍କୁ କାରାଗାରରୁ ମୁକ୍ତ କରିବ ନାହିଁ?

ଶ୍ରୀଅରବିନ୍ଦଙ୍କ ତରଫରୁ ବାରିଷ୍ଟର ଦେଶବନ୍ଧୁ ଚିତ୍ତରଞ୍ଜନ ଦାସ କହିଥିଲେ, "He stands not only before the bar in this Court but stands before the bar of the High Court of History... Long after this turmoil this agitation ceases, long after he is dead and gone, he will be looked upon as the poet of patriotism, as the prophet of nationalism and the lover of humanity. Long after he is dead and gone, his words will be echoed and re-echoed not only in India but across distant seas and lands."

କେବଳ ଏହି ବିଚାରାଳୟ ସମ୍ମୁଖରେ ନୁହେଁ ଇତିହାସର ବିଚାରାଳୟ ସମ୍ମୁଖରେ ସେ ଆଜି ଦଣ୍ଡାୟମାନ। ଆଜିର ଏହି ବାଦପ୍ରତିବାଦ ନୀରବ ହୋଇ ଯିବାର ଅନେକ ଦିନ ପରେ, ଏହି ବିକ୍ଷୋଭ ଓ ଉତ୍ତେଜନା ଶାନ୍ତ ହୋଇଯିବାର ଅନେକ ଦିନ ପରେ, ସ୍ୱୟଂ ସେ ପୃଥିବୀପୃଷ୍ଠରୁ ବିଦାୟ ନେବାର ଅନେକ ଦିନ ପରେ ତାଙ୍କର ପୂଜା ହେବ ଦେଶପ୍ରେମର କବି ଜାତୀୟତାର ବାର୍ତ୍ତାବହ ଓ ମାନବିକତାର ପ୍ରେମିକ ହିସାବରେ। ପୃଥିବୀପୃଷ୍ଠରୁ ବିଦାୟ ନେବାର ଅନେକ ଦିନ ପରେ ତାଙ୍କର ବାଣୀ କେବଳ ଭାରତରେ ନୁହେଁ, ସାଗର ମହାସାଗର ଅତିକ୍ରମ କରି ଦେଶବିଦେଶରେ ଧ୍ୱନିତ ଓ ପ୍ରତିଧ୍ୱନିତ ହେବାକୁ ଲାଗିବ।

ସକଳ ଷଡ଼ଯନ୍ତ୍ର ସତ୍ତ୍ୱେ ଶ୍ରୀଅରବିନ୍ଦ ନିର୍ଦ୍ଦୋଷରେ ମୁକ୍ତ ହେଲେ। ତାଙ୍କର ବାଣୀ ଆଜି ଦେଶ ବିଦେଶରେ ଝଙ୍କୃତ ହେଉଛି ସେ ତାଙ୍କୁ ଭକ୍ତି ନିବେଦନ କରି ବିଶ୍ୱକବି ରବୀନ୍ଦ୍ରନାଥ କହିଲେ, "ଅରବିନ୍ଦ ରବୀନ୍ଦ୍ରର ନିଅ ନମସ୍କାର। ହେ ବନ୍ଧୁ, ହେ ଦେଶବନ୍ଧୁ, ଭାରତ ଆତ୍ମାର ବାଣୀମୂର୍ତ୍ତୀ ତୁମେ।"

୧୯୧୦ ଏପ୍ରିଲ ୪ତାରିଖରେ ଶ୍ରୀଅରବିନ୍ଦ ପଣ୍ଡିଚେରୀରେ ପଦାର୍ପଣ କଲେ। ଆରମ୍ଭ ହେଲା ତାଙ୍କ ସାଧନାର ଅତିନ୍ଦ୍ରୀୟ ଅଧ୍ୟାୟ। ତପୋଭୂମି ପଣ୍ଡିଚେରୀ ଥିଲା ଋଷି ଅଗସ୍ତ୍ୟଙ୍କ ଆଶ୍ରମ। ଏହା ବାଲ୍ମିକୀ ରାମାୟଣରେ ମଧ୍ୟ ସ୍ୱୀକୃତ। ବସବାସ ସମୟରେ ଏହି ବନଭୂମିକୁ ସ୍ପର୍ଶ କରନ୍ତେ ଦେହ, ମନ, ପ୍ରାଣରେ ଆନନ୍ଦର ସ୍ପନ୍ଦନ ଅନୁଭବ କରି ଅନୁଜ ଲକ୍ଷ୍ମଣ ପ୍ରଭୁ ଶ୍ରୀରାମଙ୍କୁ କାରଣ ପଚାରନ୍ତେ ପ୍ରଭୁ ଉପରୋକ୍ତ ତଥ୍ୟ ବ୍ୟକ୍ତ କରିଛନ୍ତି।

ସେହି ଏପ୍ରିଲ ୪ତାରିଖରେ "ମାତୃଭବନର" ୪୯ତିମ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀରେ ଏହି ପବିତ୍ର ସ୍ପନ୍ଦନ ସଞ୍ଚାରି ଯାଉ-ଏତିକି, ପ୍ରାର୍ଥନା।

# ଏକ ଭ୍ରମଣ ଯାତ୍ରାର୍ ଅନୁଭୂତି

ସନାତନ ବାରିକ

ବେଳେବେଳେ ଦୂରସ୍ଥାନ ଭ୍ରମଣ କରିବା ନିମିତ୍ତ ସୁଯୋଗ ଆସେ। ସଫଳ ବି ହୁଏ। ମା'ଙ୍କ କୃପାରୁ ପରମପ୍ରଭୁ ଶ୍ରୀଅରବିନ୍ଦଙ୍କ ଜନ୍ମସ୍ଥାନ, ଶ୍ରୀରାମକୃଷ୍ଣ ପରମହଂସଦେବଙ୍କ ସାଧନା କ୍ଷେତ୍ର, ମା'ଦକ୍ଷିଣେଶ୍ୱରୀ କାଳି ମନ୍ଦିର, ସ୍ୱାମୀ ବିବେକାନନ୍ଦଙ୍କ ସାଧନାସ୍ଥଳ ବେଲୁରୀମଠ, ଶ୍ରୀଚୈତନ୍ୟଦେବଙ୍କ ଜନ୍ମସ୍ଥଳୀ ଓ ପବିତ୍ର ଗଙ୍ଗାନଦୀ ଦର୍ଶନ କରିବାର ସୌଭାଗ୍ୟ ଗତବର୍ଷ ମିଳିଥିଲା।

ଗତ ନଭେମ୍ବର ୨୭, ୨୮, ୨୯ ତାରିଖ ୩ଦିନ ଥିଲା ଏକ ଦିବ୍ୟ ମୁହୂର୍ତ୍ତ। ପୂର୍ବ କଳ୍ପିତ ଯୋଜନାଟିକୁ ଫଳବତୀ କରାଇଥିଲେ ପୂଜ୍ୟ ବାବୁଲି ଭାଇ। ତାଙ୍କ ଯୋଗାଯୋଗ କ୍ରମେ କପିଳ ଭାଇ, ବ୍ରଜଭାଇ ଓ ବାନାମ୍ବର ଭାଇଙ୍କ ନେତୃତ୍ୱରେ ଅପାଭାଇମାନେ ଭ୍ରମଣପାଇଁ ଆଗଭର ହୋଇଥିଲେ। ୨୭ ତାରିଖ ଭୋର ୫ଟା ମଧ୍ୟରେ ହାଓଡ଼ା ଷ୍ଟେସନରେ ପହଞ୍ଚି କାର ଯୋଗେ ମହାରାଷ୍ଟ୍ର ନିବାସକୁ ଗଲୁ। ତୁରନ୍ତ ନିର୍ଦ୍ଧାରିତ ଭ୍ରାମ୍ୟମାଣ ଗାଡ଼ିରେ ବସି ଦର୍ଶନୀୟ ସ୍ଥାନ ବୁଲି ଦେଖିବାପାଇଁ ବାହାରି ପଡିଲୁ।

ଚାହୁଁ ଚାହୁଁ ଗଙ୍ଗାନଦୀ କୂଳରେ ପ୍ରତିଷ୍ଠିତ ବେଲୁରୀମଠରେ ପହଞ୍ଚି ଯାଇଥିଲୁ। ସ୍ୱାମୀ ବିବେକାନନ୍ଦ, ଗୁରୁଦେବଙ୍କ ସମ୍ମାନାର୍ଥେ ନିର୍ମିତ ଶ୍ରୀରାମକୃଷ୍ଣଦେବ ଓ ମାତା ଶାରଦାଦେବୀଙ୍କ ମନ୍ଦିର ଦର୍ଶନ କରିଥିଲୁ। ପରିସର ମଧ୍ୟରେ ବିଚ୍ଛୁରିତ ଧୂସର ରଙ୍ଗର ମନ୍ଦିର ସହିତ ସ୍ୱାମୀ ବିବେକାନନ୍ଦଙ୍କ ସାଧନାଗୃହ, ଶୟନ କୋଠରୀର ସଂଗ୍ରହାଳୟ ଓ ତାଙ୍କର ସମାଧିସ୍ଥଳ ଦର୍ଶନ କଲୁ। ଅପରାହ୍ନରେ ଦିବ୍ୟ ସ୍ୱାଦିଷ୍ଟ ଭୋଜନ ସାରି ମା'ଦକ୍ଷିଣେଶ୍ୱରୀ କାଳୀମନ୍ଦିର ଗଲୁ। ଗୋଟିଏ ଧାଡ଼ିରେ ପାର୍ଶ୍ୱଦେବାଦେବୀ ମନ୍ଦିର ପାଖକୁ ଲାଗିଛି ଶ୍ରୀରାମକୃଷ୍ଣ ଦେବଙ୍କ କୋଠରୀ ଯେଉଁଠାରେ ସେ ମନ୍ଦିର ପୂଜକଭାବେ ରହି ମା'ଙ୍କୁ ପୂଜା ଆରାଧନା କରୁଥିଲେ। ତାଙ୍କରି ଆଶୀର୍ବାଦରୁ ନରେନ୍ଦ୍ର ମଧ୍ୟ ମା'ଙ୍କୁ ଦର୍ଶନ କରି ପରବର୍ତ୍ତୀ ଜୀବନରେ ସ୍ୱାମୀ ବିବେକାନନ୍ଦ ହୋଇ ପାରିଥିଲେ। କାରାଗାରରେ ଥିବା ସମୟରେ ଶ୍ରୀଅରବିନ୍ଦ ନିର୍ଜନ କକ୍ଷରେ ସ୍ୱାମୀ ବିବେକାନନ୍ଦଙ୍କ ବାଣୀ ଶୁଣିଛନ୍ତି ଏବଂ ତାଙ୍କ ଉପସ୍ଥିତି ମଧ୍ୟ ଅନୁଭବ କରିଛନ୍ତି ଦୁଇ ସପ୍ତାହ କାଳ। "ବିବେକାନନ୍ଦଙ୍କ ଆତ୍ମାହିଁ ସର୍ବପ୍ରଥମେ ମୋତେ 'ଅତିମାନସ' ଦିଗରେ ଏକ ସୂତ୍ର ଦେଇଥିଲେ।"

ଏହାପରେ ଅଧ୍ୟାପକ ଶ୍ରୀ ବିଶ୍ୱନାଥ ରାୟଙ୍କୁ ସାକ୍ଷାତ କରିବାକୁ କଲେଜଷ୍ଟ୍ରିଟ ବାହାରିଲୁ। ୩ଟା ବାଜିଥାଏ। ଗାଡ଼ିଟି ଆମ କଲେଜ ଷ୍ଟ୍ରିଟ୍‌ଠାରୁ ଅଳ୍ପ ପଛକୁ ଏକ ଜୀର୍ଣ୍ଣଶୀର୍ଣ୍ଣ କୋଠାଘର ନିକଟ ଥିବାର ଦେଖିଲୁ। ସେଇ ବାଲକୋନୀରେ ପ୍ରଭୁ ବୁଲାବୁଲି କରୁଥିଲେ। ରାସ୍ତାଉପରେ ଥାଇ ପ୍ରଣାମ କରି ଦାଦାଙ୍କ ନିକଟକୁ ଗଲୁ। ଏଠାରୁ ଅଳ୍ପ ଦୂରତାରେ ଥିବା ଶ୍ରୀଅରବିନ୍ଦ 'ପାଠମନ୍ଦିର' ଗଲୁ। ବିଶ୍ୱନାଥ ଦା' ଆମର ପ୍ରତୀକ୍ଷାରେ ଥିଲେ। ଶ୍ୟାମପୁକୁର ଷ୍ଟ୍ରିଟ୍‌ଠାରେ ଥିବା 'କର୍ମଯୋଗିନ୍' ଅଫିସକୁ ପ୍ରଭୁ ଯିବାବାଟରେ କଲେଜ ଷ୍ଟ୍ରିଟର ମଧ୍ୟ ସ୍ଥଳରେ ଥିବା ଉକ୍ତ ପାଠମନ୍ଦିର ଏକ ସ୍ମରଣୀୟ ସ୍ଥାନ। ଶ୍ରୀଅରବିନ୍ଦ କଲିକତା ଛାଡ଼ିବା ପୂର୍ବରୁ ମେ ୧୯୦୯ଠାରୁ ଫେବୃୟାରୀ ୧୯୧୦ ପର୍ଯ୍ୟନ୍ତ ଏହି ଘରେ ରହିଥିଲେ। ପଣ୍ଡିଚେରୀ ଯିବା ଜାହାଜ ଛାଡ଼ିବାର କିଛି ଘଣ୍ଟା ପୂର୍ବରୁ ସେ ବନ୍ଦର ଯିବା ବାଟରେ ଏହି ଘରେ ରହିଥିଲେ। ପାଠମନ୍ଦିର ୧୫ଅଗଷ୍ଟ ୧୯୪୧ ମସିହାରେ ଏହି ଘରେ ଉଦ୍‌ଘାଟନ ହୋଇଥିଲା। ସେଇଦିନଠାରୁ ଶ୍ରୀଅରବିନ୍ଦ ଓ ମା'ଙ୍କ କାର୍ଯ୍ୟ କରିବା ସକାଶେ ୭୭ବର୍ଷ ଧରି ଶ୍ରୀଅରବିନ୍ଦ ପାଠମନ୍ଦିର ଆଗେଇ ଚାଲିଛି। ଏହି ପ୍ରଶସ୍ତ ଖୋଲା ହଲ୍‌ଟି ସହ ପାଠାଗାରର ସହାୟତା ନିରବଚ୍ଛିନ୍ନ ଭାବରେ ସୁନ୍ଦର ବାତାବରଣ ସୃଷ୍ଟି କରିଥାଏ। ଗୃହରେ ନୀରବରେ ବସି ଅଧ୍ୟୟନ ନିମିତ୍ତ ପୁସ୍ତକ ପ୍ରଦାନ କରାଯାଇଥାଏ। ଏଠାରେ ମଧ୍ୟ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଅଛି। ଏଠାରେ ପୁସ୍ତକ ପ୍ରଦର୍ଶନ, ପ୍ରତ୍ୟେକ କେନ୍ଦ୍ରର ପ୍ରସ୍ତୁତ ସାମଗ୍ରୀ ବିକ୍ରୟ କରାଯାଏ। ଏତଦ୍‌ଭିନ୍ନ ଉକ୍ତ ଶାନ୍ତି ପୂର୍ଣ୍ଣ ଭରା ମଧ୍ୟବର୍ତ୍ତୀ ସ୍ଥଳଟି ସହରର କୋଳାହଳ, ଉତ୍ତେଜନାକୁ ଶାନ୍ତ କରିବାପାଇଁ ସାଧକମାନଙ୍କୁ ସୁଯୋଗ ଦିଆଯାଇଛି। ଶ୍ରଦ୍ଧାଞ୍ଜଳି ସ୍ୱରୂପ ମା'ଙ୍କ ପବିତ୍ର ପାଦୁକା ଓ ଶ୍ରୀଅରବିନ୍ଦଙ୍କ ପାଦ ଖଟୁଲିକୁ ପ୍ରଣାମ କରିଥାନ୍ତି। ପବିତ୍ର ଦେହାଂଶ ଉକ୍ତ ଅଧ୍ୟୁଷିତ ଅଞ୍ଚଳକୁ ଶାନ୍ତି ସ୍ୱର୍ଗରେ ପରିଣତ କରିପାରିଛି। ଶ୍ରୀଅରବିନ୍ଦଙ୍କ ରାଜନୀତି ଜୀବନର ସଂଗ୍ରାମୀ ସାଥିମାନେ କିପରି ପାଠାଗାରକୁ ଆସି ଅଧ୍ୟୟନରତ ଅବସ୍ଥାରେ ସଂଗ୍ରାମ ଭୂମିକା ନିଭାଉଥିଲେ ଦାଦା ଆମକୁ ବୁଝାଇଥିଲେ। ତାଙ୍କରି ଉଦ୍ୟମରେ ଦେହାଂଶ ସ୍ଥାପନା ହୋଇପାରିଛି। ଶୁଣାଯାଏ ଏଇ ୬ନମ୍ବର କଲେଜ ସ୍କୋୟାରରେ ସମ୍ମିଳିତ ଯୁବ

ସାଧୀନତା ସଂଗ୍ରାମୀ ଗୋଷ୍ଠୀ ଶ୍ରୀଅରବିନ୍ଦଙ୍କ ୩୯ ବର୍ଷ ପଦାର୍ପଣରେ ତାଙ୍କୁ ବସ୍ତ୍ର, ମିଠେଇ ଏବଂ ଫଳ ପ୍ରଦାନ ସ୍ୱରୂପ ଅଭିନନ୍ଦନ ଜଣାଇଥିଲେ ଓ ଭାବବିହ୍ୱଳ ହୋଇ 'ବନ୍ଦେମାତରମ୍ ଓ Long live Aurobindo Ghose ଧ୍ୱନୀମାନ ଦେଇଥିଲେ।

ଏହାପରେ ଆଲିପୁର ସେସନସ କୋର୍ଟ ପରିଦର୍ଶନ କରିବା ନିମିତ୍ତ ବିଶ୍ୱନାଥ ଦା ଆମ୍ଭମାନଙ୍କୁ ଅପରାହ୍ନ ୪.୩୦ମିନିଟ ସମୟରେ ନେଇ ଯାଇଥିଲେ। ଯେଉଁଠାରେ ଶ୍ରୀଅରବିନ୍ଦଙ୍କ ଆଲିପୁର ବୋମା ମକଦ୍ଦମା ବିଚାର ହୋଇଥିଲା। କୋର୍ଟ ପରିସର ମଧ୍ୟରେ ତତ୍କାଳୀନ ଟେବୁଲ, ଚେୟାର, ବେଞ୍ଚ, ଟାଇପ ରାଇଟର, କାଠଗଡ଼ା ଯେଉଁଠି ପ୍ରଭୁ ଠିଆହୋଇ ଜମାନବନ୍ଦୀ ଦେଇଥିଲେ ଦେଖିଲୁ ଓ ନତମସ୍ତକ ହୋଇ ପ୍ରଣାମ କଲୁ। ଏହାଛଡ଼ା ମୋକଦ୍ଦମା ସମ୍ପର୍କୀତ ନଥିପତ୍ର କାଗଜାତ୍‌ମାନ ସଂଗ୍ରହାଳୟରେ ଜୀବନ୍ତରୂପେ ସାଇତା ହୋଇରହିଛି। ଆଶ୍ଚର୍ଯ୍ୟର କଥା ଅଭିଯୁକ୍ତ ଆସାମୀମାନଙ୍କ ଛବିଗୁଡ଼ିକ ସାମନାରେ ସଜା ହୋଇ ରହିଛି। ୨୬ଜଣ ଅଭିଯୁକ୍ତଙ୍କ ମଧ୍ୟରେ ଶ୍ରୀଅରବିନ୍ଦ, ବାରିନ୍ଦ୍ର କୁମାର ଘୋଷ, ନଳୀନିକାନ୍ତ ଗୁପ୍ତ ଓ ଅନ୍ୟମାନଙ୍କ ଛବି ଅଛି। ସମ୍ପୂର୍ଣ୍ଣ ନିରବତା ମଧ୍ୟରେ ପରିବେଶଟି ଉପଲବ୍ଧି କରି ଫେରିଲାବେଳକୁ ସନ୍ଧ୍ୟା ହୋଇଯାଇଥାଏ।

ଆମର ଭ୍ରାମ୍ୟମାଣ ଗାଡ଼ିଟି ଆଗେଇ ଯାଇଥିଲା ଟାଲିଗଞ୍ଜ ଅଭିମୁଖେ। ସେଠାରେ ୧୯୭୨ ମସିହାରେ ସ୍ଥାପିତ (ଲକ୍ଷ୍ମୀ ନିବାସ) ସହିତ ଦେହାଂଶ ସମାଧି ଓ ପାଦୁକା ଦର୍ଶନ କଲୁ। ଶ୍ରଦ୍ଧେୟ ଅପାଭାଇଙ୍କ ତରଫରୁ ଆମକୁ ଆତିଥ୍ୟତାର ସତ୍କାର କରାଯାଇଥିଲା। କୋଲକତାରେ ବାସ କରୁଥିବା ଅଧିର ଭାଇ ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କୁ ଆମ୍ଭମାନଙ୍କର ପରିଚୟ ଦେଇଥିଲେ ଓ ଓଡ଼ିଶାରେ ଶ୍ରୀଅରବିନ୍ଦ ପାଠଚକ୍ରର ଅଗ୍ରଗତି କଥା କହିଥିଲେ। ଏପ୍ରିଲ କନଫରେନ୍ସକୁ କଟକ ମାତୃଭବନ ଆସିବାପାଇଁ ଭାଇ ସେମାନଙ୍କୁ ଆମନ୍ତ୍ରଣ କରିଥିଲେ। ଅନୁଷ୍ଠାନଟିରେ ସମସ୍ତ ପ୍ରକାର ଛବି ଶ୍ରୀମା ଶ୍ରୀଅରବିନ୍ଦଙ୍କର ଭରପୁର ଯାହା ଆମକୁ ବିଶେଷ ଭାବେ ଅଭିଭୂତ କରିଥିଲା। ଅପାଭାଇମାନେ ଆମକୁ ସାଦରେ ବିଦାୟ ଦେଇଥିଲେ। ରାତ୍ରୀଯାପନ ପାଇଁ ନିବାସକୁ ବାହୁଡ଼ି ଆସିଲୁ।

ତହିଁପରଦିନ ଭୋର ୫ଟା ସମୟରେ ନଦିଆ ଅଭିମୁଖେ ଯାତ୍ରା। କୋଲକତା ସହରଠାରୁ ଏହା ୧୫୫ କି.ମି. ଦୂର। ବାଟରେ ଉଷାଗ୍ରାମ ଦେହାଂଶ କେନ୍ଦ୍ର ବୀରନଗରଠାରେ ଦର୍ଶନ କଲୁ। କେନ୍ଦ୍ରରେ ଭରପୁର ସାଧୀନତା ସଂଗ୍ରାମୀମାନଙ୍କର ଛବି ଯାହା ସଂଗ୍ରହାଳୟରେ ଦେଖିବାକୁ ପାଇଲୁ। ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର କୋଠାବାଡ଼ି, ପୁଷ୍ପବାଟିକା ଅତୀବ ମୁଗ୍ଧକର।

୧୧.୪୫ ମିନିଟରେ ପଶ୍ଚିମବଙ୍ଗର ନବଦ୍ୱୀପ ଜିଲ୍ଲାର ଅନ୍ୟତମ ଦେହାଂଶକେନ୍ଦ୍ର 'ବଙ୍ଗବାସୀ' ଦର୍ଶନ କଲୁ। ଏହା ପ୍ରଥମ କେନ୍ଦ୍ରମାନଙ୍କ ମଧ୍ୟରୁ ଗୋଟିଏ। ଏଠାକୁ ଦେହାଂଶ ୧୯୫୯ ମସିହାରେ ଆସିଥିଲେ। କେନ୍ଦ୍ରଟି ବଙ୍ଗବାସୀ ଟ୍ରଷ୍ଟଦ୍ୱାରା ପରିଚାଳିତ ହେଉଛି। ପ୍ରସ୍ତର ଫଳକରୁ ଯାହା ଜଣାଯାଏ: The great Relics of Sri Aurobindo was handed over by the Mother to Gobindlal Goswami founder of Bangabasi in Special Ceremony in Darsan Room of Sri Aurobindo Ashram, Pondicherry on the Mahasaraswati Puja Day the 12th Feb, 1959 in Presence of 12 persons selected specially by the Mother. The Relics reached Bangabasi on 16th Feb, 1959 on the 21st Feb, 1959. The Temple was inaugurated by Sri Surendra Mohan Ghosh M.P. Dy.Leader of Rajya Sabha and Relics was installed in the Marvol Lotus by Sri Prafulla Chandra Sen (The Then Food Minister of Bengal) who was life time President of Bangabasi.

ଦିନ ତମାମ ଲମ୍ବା ଯାତ୍ରା କରି ମଧ୍ୟ ଆମ୍ଭେମାନେ କେହି ନିଜକୁ କ୍ଳାନ୍ତ ମନେ କରୁନଥିଲୁ। ରାତି ୮ଟା ବାଜି ଯାଇଥିଲା କଲିକତାରେ ପହଞ୍ଚିବାକୁ। ଯେଉଁ ଦୀର୍ଘ ପ୍ରତୀକ୍ଷା ଓ ଅଭୀପ୍ସା ମୁଖ୍ୟ ଆକର୍ଷଣ ଥିଲା ପ୍ରଭୁଙ୍କ ଜନ୍ମଭୂମି ଦର୍ଶନ କରିବା, ଶେଷରେ ତାହା ଫଳବତୀ ହେଲା। ସେକ୍ସପିଅର ସରଣୀ, ଥେଟର ରୋଡ଼ରେ ଥିବା ଶ୍ରୀଅରବିନ୍ଦଙ୍କ ଜନ୍ମସ୍ଥାନ ଦର୍ଶନ କଲୁ। ଘର ସାମ୍ନା ପାର୍କରେ ପ୍ରଭୁଙ୍କର ପୂର୍ଣ୍ଣାଙ୍ଗ ମାର୍ବଲ ଅବୟବ ଶୋଭାପାଉଛି। ରାତି ୯ଟା ହୋଇ ଯାଇଥିଲା ନିବାସକୁ ଫେରିଲୁ।

ଭ୍ରମଣର ଅନ୍ତିମ ଦିବସରେ ସକାଳୁ ବିଶ୍ୱନାଥ ଦା' ମହାରାଷ୍ଟ୍ର ନିବାସରେ ପହଞ୍ଚ ଯାଇଥିଲେ। ତା'ପରେ ସେ ଆମ ସଙ୍ଗେ ଗାଡ଼ିରେ ସାଥି ହୋଇ ଆମକୁ ନେଇଯାଇଥିଲେ। ତାଙ୍କ ସ୍ଥାପିତ ଗୁର୍ଖା ଗ୍ରାଉଣ୍ଡସ୍ଥିତ ଚୁଚୁରା ଚରଣତୀର୍ଥ କେନ୍ଦ୍ରକୁ। ପୂର୍ବରୁ ଏହି ଚୁଚୁରା କେନ୍ଦ୍ର ନାମ ଥିଲା "ଟଚଶୀଳା"। ୧୯୦୯ ମସିହା ସେପ୍ଟେମ୍ବର ୪,୫ ତାରିଖରେ ଶ୍ରୀଅରବିନ୍ଦ ଏଠାରେ ୨ଦିନ ୩ରାତି ଅତିବାହିତ କରିଥିଲେ। ପ୍ରଫେସର ଜ୍ୟୋତିଷ ଚନ୍ଦ୍ର ଘୋଷ ଚାନସୁରା ରେଳଷ୍ଟେସନରୁ ପ୍ରଭୁଙ୍କୁ ନେଇ ଯାଇଥିଲେ। ହୁଗୁଳି ଜିଲ୍ଲା ସେତେବେଳେ ରାଜନୈତିକ ତଥା ଅନ୍ୟାନ୍ୟ ଦୃଷ୍ଟିକୋଣରୁ ବହୁ ଅନୁନ୍ନତ ସ୍ଥାନ ଥିଲା। ୫,୬ ତାରିଖରେ ଏଠାରେ Conference କରାଯାଉଥିଲା। ଶ୍ରୀଅରବିନ୍ଦ ଭବନ ହୁଗୁଳି ଚୁଚୁରା, ଯଦୁଦାସପଡ଼ା

ରୋଡ୍, ହୁଗୁଳି ତରଫରୁ ୧୯୮୯ରେ ପ୍ରଭୁଙ୍କ ବାର୍ତ୍ତା ଆମକୁ ଦିଆଯାଇଥିଲା: The animal is a living Laboratory in which nature has, it is said, worked out man. Man himself may well be a thinking and living laboratory in whom and with whose conscious co-operation She wills to work out the superman, the God or shall we not say, rather, to manifest God? -Sri Aurobindo

ପୁଲିସ ବ୍ୟାରେଜ -ଗୁର୍ଖାଗ୍ରାଉଣ୍ଡରେ ଯାହାକୁ ଏସିଆର ଦୀର୍ଘତମ କୋଠା ବୋଲି ଦାଦା ଆମକୁ କହିଥିଲେ। ଚୁଚୁରା ଆସିବା ବାଟରେ ଥିବା ଋଷି ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ଘର ବସରୁ ଜାଣିଲୁ ଓ ପ୍ରତିମୂର୍ତ୍ତି ଦେଖିଲୁ। ଯେଉଁ ଘରେ ସେ 'ବନ୍ଦେମାତରମ୍' ସଙ୍ଗୀତ ରଚନା କରିଥିଲେ।

ଚନ୍ଦନନଗର ସ୍ଥିତ ଲକ୍ଷ୍ମୀଗଞ୍ଜ ବଜାରଠାରେ ଶ୍ରୀଅରବିନ୍ଦଙ୍କ ଦେହାଂଶ ଦର୍ଶନ କଲୁ। ଏହି ସ୍ଥାନଟି ଫରାସୀ ଅଧିକୃତ ଥିଲା। ସ୍ୱୟଂ ମା' ଏହି ଦେହାଂଶଟିକୁ ପ୍ରେରଣ କରିଥିଲେ। ଶ୍ରୀଅରବିନ୍ଦଙ୍କ ନାମରେ ୱାରେଣ୍ଟ ବାହାରିଛି ବୋଲି ଉଡ଼ା ଖବର କର୍ମଯୋଗିନ ଅଫିସରେ ପ୍ରଭୁ ଶୁଣିବାକୁ ପାଇଲେ। ସମସ୍ତ ନେତୃତ୍ୱ ଓ ସମ୍ପାଦନା କାର୍ଯ୍ୟ ତ୍ୟାଗକରି ସେ ଗଙ୍ଗାନଦୀରେ ଏକ ନୌକା ଯୋଗେ ଚନ୍ଦନନଗର ଆସି ମୋତିଲାଲ ରାୟଙ୍କ ବାସଭବନରେ ଦେଢ଼ମାସ କଟାଇ ପଣ୍ଡିଚେରୀ ଯାତ୍ରା କରିଥିଲେ ବୋଲି ଜଣାଯାଏ।

ଏହାପରେ ଆମେ ହୁଗୁଳି ଜିଲ୍ଲା କୋନ୍‌ନଗରସ୍ଥିତ ଶ୍ରୀଅରବିନ୍ଦ ରୋଡ଼ଠାରେ ଶ୍ରୀଅରବିନ୍ଦଙ୍କ ପୈତୃକ ଘରକୁ ଯାଇଥିଲୁ। ସ୍ମାରକୀ ସଦୃଶ ପ୍ରଭୁଙ୍କ ଛବି ଓ ଆଶୀର୍ବାଦ ପୁଷ୍ପ ମା' ଏଠାକୁ ପ୍ରେରଣ କରିଥିଲେ। କୋନନଗରଠାରୁ ଅନତୀଦୂର ଚାଲି ଚାଲି ଯାଇ ପହଞ୍ଚିଲୁ ଶ୍ରୀଅରବିନ୍ଦ ସୋସାଇଟି ଏକ ବଖରା ବିଶିଷ୍ଟ କୋଠାଘର ଓ ପାଖକୁ ଲାଗି ଶ୍ରୀଅରବିନ୍ଦ ସ୍ମାରକୀ ହଲ୍‌ଟି ଯେଉଁଠାରେ ତାଙ୍କର ଶତବାର୍ଷିକୀ ଉପଲକ୍ଷ୍ୟେ ଭାରତ ସରକାରଙ୍କ ପ୍ରଚଳିତ ଦୁଇଟଙ୍କିଆ କଏନ ମୁଦ୍ରା ଓ ମା'ଙ୍କ ଆଶୀର୍ବାଦ ପୁଷ୍ପ ଓ ଛବି ଦର୍ଶନ କଲୁ। ଏଠାରୁ ଫେରି ଆସିଲୁ।

ସର୍ବଶେଷରେ ହୁଗୁଳି ଜିଲ୍ଲା, ଉତ୍ତରପଡ଼ା ସ୍ଥିତ ଜେ.କେ. ପବ୍ଲିକ୍ ଲାଇବ୍ରେରୀ ସାମ୍ନାରେ ପ୍ରଭୁଙ୍କ ଉତ୍ତରପଡ଼ା Speech field ଗଲୁ ଯେଉଁଠାରେ ଜେଲରୁ ମୁକୁଳି ପ୍ରଭୁ ଶେଷ ଅଭିଭାଷଣ ଦେଇଥିଲେ। ବଙ୍ଗପର୍ବର ଶେଷ ଦର୍ଶନ ଥିଲା ତାଙ୍କ ପାଇଁ। ୩୦ ମଇ ୨୦୦୯ ଅର୍ଥାତ୍ ଶତବାର୍ଷିକୀ ପାଳନ ଅବସରରେ ଏହି ସ୍ଥାନର ସତ୍ତ୍ୱାଧିକାର ମିଳିଥିଲା ଶ୍ରୀଅରବିନ୍ଦ ପରିଷଦକୁ। ଏଇ ସ୍ଥାନଟି ରାଜା ପ୍ୟାରୀମୋହନଙ୍କର ଥିଲା। ସେ ଜଣେ କୁଳୀନ ବ୍ରାହ୍ମଣ ଥିଲେ ମଧ୍ୟ ତାଙ୍କର ପୁଅ ଶ୍ରୀଅରବିନ୍ଦଙ୍କୁ ସାଷ୍ଟାଙ୍ଗ ପ୍ରଣାମ କରିଥିଲେ ଓ ଏହା ବଙ୍ଗବାସୀଙ୍କ ପାଇଁ ଥିଲା ଶେଷ ପ୍ରଣାମ। ତାଙ୍କର ସ୍ମୃତିସଭା ଉଦ୍ଦେଶ୍ୟରେ ମେ ୩୦ ୨୦୦୬ ମସିହାରେ ୧୦୮ - ଉତ୍ତରପଡ଼ା ଶ୍ରୀଅରବିନ୍ଦ ପରିଷଦଙ୍କ ଉଦ୍ୟମରେ ପାଳିତ ହୋଇଥିଲା। ଶତବାର୍ଷିକୀ ପୂର୍ତ୍ତି ଅବସରରେ ପୂର୍ବତନ ରାଷ୍ଟ୍ରପତି ଶ୍ରୀମତି ପ୍ରତିଭା ସିଂ ପାଟିଲ ୨୪ ଅଗଷ୍ଟ ୨୦୦୮ ମସିହାରେ ପରିଦର୍ଶନ ପୂର୍ବକ ଉକ୍ତ ସ୍ଥାନକୁ ଉଦ୍‌ଘାଟନ କରିଥିଲେ। ଏଠାରେ ପ୍ରଭୁଙ୍କ ଅର୍ଦ୍ଧ ପ୍ରତିମୂର୍ତ୍ତି ସରକାରଙ୍କ ଦ୍ୱାରା ସ୍ଥାପିତ ହୋଇଛି।

ସୁରୁଖୁରୁରେ ଭ୍ରମଣଟି ସଫଳ ହେଲା। ଇତ୍ୟବସରରେ ଆମର ଭ୍ରାମ୍ୟମାଣ ଗାଡ଼ିଟି ହାଉଡ଼ା ଷ୍ଟେସନକୁ ରାତି ୮ଟା ସମୟରେ ଫେରି ଆସିଲା। ବିଶ୍ୱନାଥ ଦାଙ୍କୁ କୃତଜ୍ଞତା ଜଣାଇଲୁ। ସେ ଆମକୁ ଦେଇଯାଇଥିଲେ ତାଙ୍କର ବହୁମୂଲ୍ୟ ସମୟ, ଶ୍ରଦ୍ଧା ଓ ଆନ୍ତରିକତା ! ହୃଦୟରେ ପବିତ୍ରତା ଓ ମହାନ୍ ଅନୁଭୂତି ନେଇ କଟକ ବାହୁଡ଼ି ଆସିଲୁ।

---

It is the Divine Presence that gives value to life. The Presence is the source of all Peace, all Joy, all Security. Find this Presence in yourself and all difficulties will disappear.

**-The Mother**

# ମା'ଙ୍କ ଯଥାର୍ଥ ସନ୍ତାନ

**କୈବଲ୍ୟ ଜେନା**

କୁହାଯାଏ ଯେ ଏପର୍ଯ୍ୟନ୍ତ ଛଅଥର ପ୍ରଳୟ ହେଲାଣି । ଅର୍ଥାତ୍ ଛଅଥର ଯୁଗଚକ୍ର ସଙ୍ଘଟିତ ହୋଇଯାଇଥିଲେ ମଧ୍ୟ ଯେହେତୁ ଅମୋଘ, ତେଜସ୍କ୍ରିୟ, ସ୍ୱୟଂଚାଳିତ, ସ୍ୱୟଂସମ୍ପୂର୍ଣ୍ଣ ଶକ୍ତିକୁ ଶ୍ରୀଅରବିନ୍ଦ ଏହି ଧରା ପୃଷ୍ଠକୁ ଅବତରଣ କରାଇ ଆଣିଛନ୍ତି ଏବଂ ମା' ଏହି ଶକ୍ତିକୁ ଧାରଣ କରି ମହାନ୍ ରୂପାନ୍ତର କାର୍ଯ୍ୟ କରାଇ ଚାଲିଛନ୍ତି ତେଣୁ ଆଉ ପ୍ରଳୟ ନ ହୋଇ କେବଳ ପୂର୍ଣ୍ଣ ସତ୍ୟ ଯୁଗ ଚାଲିବ । ପୂର୍ଣ୍ଣ ସତ୍ୟଯୁଗ କ୍ରିୟା କରିବ, ଯାହା ଫଳରେ ସତ୍ୟରୁ ଅଧିକ ସତ୍ୟ, ଆଲୋକରୁ ଅଧିକ ଆଲୋକ, ଜ୍ୟୋତିରୁ ଅଧିକ ଜ୍ୟୋତି ଏକ ନୂତନ ଯୁଗ ଦିଗରେ ପରିଚାଳିତ କରିବ । ସେ ଶକ୍ତି କ୍ରିୟା କରୁଥିବାର କେହି ଏପରିକି ଦେବତା, ମାନବ, ଜ୍ଞାନୀ, ପଣ୍ଡିତ ବୁଝି ପାରୁ ନାହାନ୍ତି । ବାସ୍ତବିକ ମା'ଙ୍କ ପାଖରେ ଶରଣାପନ୍ନ ନ ହେଲେ ଏହି ଶକ୍ତିର କ୍ରିୟାକୁ ଆଦୌ ବୁଝି ପାରିବା ନାହିଁ ।

କଥାରେ ଅଛି ଯେ ପକ୍ଷୀ ଯାଏ ଯେତେଦୂର ସେ ଜାଣେ ତହିଁର ବେଭାର ।" ବ୍ୟକ୍ତି ଯେତେ ଯେତେ ଉର୍ଦ୍ଧ୍ୱ ଚେତନାରେ ବାସ କରିବ ଭବିଷ୍ୟତ ଭଗବତ୍ ବିଧାନ ସେତେ ବୁଝି ପାରିବ, ଅନୁଭବ କରିପାରିବ । ଯେଉଁମାନେ ପୂର୍ଣ୍ଣଯୋଗର ଗଭୀର ସାଧନାରେ ରତ ରହିବେ ସେମାନେ କ୍ରମବିବର୍ତ୍ତନ ଧାରାକୁ ମର୍ମେ ମର୍ମେ ଉପଲବ୍ଧି କରିବେ ।

ଏହି ଅନ୍ତର୍ଦୃଷ୍ଟି ପ୍ରାପ୍ତ ହେବା ପାଇଁ ସାଧକ ତା ଭିତରେ ଅତୀବ ଗଭୀରରେ ଯେଉଁ ଅନ୍ତର୍ଯ୍ୟାମୀ ଅନ୍ତରାତ୍ମା ରୂପରେ ବିରାଜିତ ତାଙ୍କୁ ଆବିଷ୍କାର କରିବାକୁ ପଡ଼ିବ । ସେହି ଚୈତ୍ୟସତ୍ତାଙ୍କ ପ୍ରଭାବରେ ସାଧକ ନିଜ ଅଶୁଦ୍ଧ ମନ-ପ୍ରାଣ-ଶରୀରକୁ ଶୁଦ୍ଧ କରିବା ପାଇଁ କଠିନ ଶ୍ରମ କରିବାକୁ ହେବ । ତାକୁ ନିଜର ଅପରା ଜଗତର ସତ୍ତାତ୍ରୟ ମନ-ପ୍ରାଣ-ଶରୀରକୁ ଶୁଦ୍ଧରୁ ଶୁଦ୍ଧତର କରିବାକୁ ପଡ଼ିବ । ଅତିମାନସ ଶକ୍ତିର ସିଧା ସିଧା ଧାରକ ହେଉଛନ୍ତି କେବଳ ଚୈତ୍ୟସତ୍ତା । ଯେଉଁମାନେ ବର୍ତ୍ତମାନର ଓ ଭୌତିକ ଐଶ୍ୱର୍ଯ୍ୟକୁ ନେଇ ସନ୍ତୁଷ୍ଟ ସେମାନେ ପୂର୍ଣ୍ଣଯୋଗ ପଥରେ ପାଦେ ବି ଅଗ୍ରସର ହୋଇପାରିବେ ନାହିଁ । ଏଥିପାଇଁ ମା' ସତର୍କବାଣୀ ମାଧ୍ୟମରେ କହିଲେ, "Do not try to please yourself,

Do not try to please the others...

ଯଥାର୍ଥ ମାତୃସନ୍ତାନ ନିଜର ଅନ୍ତରର ପ୍ରଭୁଙ୍କୁ ହିଁ ସନ୍ତୁଷ୍ଟ କରିବାକୁ ଚେଷ୍ଟିତ ଓ ସାଧନାରତ ରହିବା ଏକାନ୍ତ ଆବଶ୍ୟକ । ମା' କହନ୍ତି ଆସ୍ପୃହାର ଅଗ୍ନିକୁ ଜଳାଇ ରଖ, ନିର୍ବାପିତ ହେବାକୁ ଆଦୌ ଦିଅ ନାହିଁ ସେ ଅଗ୍ନିର ଅନ୍ୟନାମ ହେଲ ଚୈତ୍ୟଅଗ୍ନି ।" ସେହି ଚୈତ୍ୟସତ୍ତା ଆମର ଅନ୍ତରର ଅଗ୍ନି ଯିଏ ଅନ୍ତର ଜଗତର ସବୁ ଅମଙ୍ଗଳ, ଅଶୁଭ, ଅବସାଦ, ବିଷାଦ, ଭୟ, ସଙ୍କୋଚ, ଜଡ଼ତାକୁ ପୋଡ଼ି ଭସ୍ମ କରିଦେବେ । ଯଥାର୍ଥ ମାତୃସନ୍ତାନ ଜାଣି ରଖିବା ଦରକାର ରୂପାନ୍ତରହିଁ ଆମର ଏକମାତ୍ର ଜୀବନର ବ୍ରତ ହେବା ଧେୟ । ପୃଥିବୀ ଏହି ରୂପାନ୍ତର ମାଧ୍ୟମରେ ଏକ ବିରାଟ ପରିବର୍ତ୍ତନର ସମ୍ମୁଖୀନ ହେବ । ମାତୃ ସନ୍ତାନଙ୍କ ସଂଖ୍ୟା କମ ହୋଇ ପାରେ ସେମାନେ ଯଦି ଜ୍ୱଳନ୍ତ ଉଦାହରଣ ହୋଇପାରନ୍ତି ତେବେ ସେମାନଙ୍କ ଭିତରେ ଥିବା ଦେବତ୍ୱର ସୌରଭ ସଂକ୍ରମିତ ହୋଇ ସର୍ବତ୍ର ବ୍ୟାପିଯିବ । ଆମ ଜୀବନର ଏକମାତ୍ର ଲକ୍ଷ୍ୟ ହେବ "ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ଭଗବତ୍ ପ୍ରାପ୍ତି ।"

ଯୋଗ ଜୀବନ ବଞ୍ଚି ଅନ୍ୟମାନଙ୍କୁ ସେହି ଯୋଗ ପଥରେ ଯାତ୍ରୀ ହେବାପାଇଁ ପରିବେଶ ସୃଷ୍ଟି କରିବା ଯାହା ଫଳରେ ଆମେ ଉଚ୍ଚାରଣ କରିବା "ଯୋଗସ୍ଥ କୁରୁକର୍ମାଣୀ, ଯୋଗ କର୍ମସ୍ୟ କୌଶଳମ୍ ।" ଯୋଗ ଜୀବନ ନ ବଞ୍ଚିଲେ ବର୍ତ୍ତମାନ ଆମେ ଅତିମାନସ ସତ୍ୟଯୁଗକୁ ସାମ୍ନା କରି ପାରିବା ନାହିଁ । ପୂର୍ଣ୍ଣ ଯୋଗର ମାତୃସନ୍ତାନମାନେ ମା' ଭଗବତୀଙ୍କ ଶାସନକୁ, ରାଜତ୍ୱକୁ ଆନନ୍ଦରେ ଗ୍ରହଣ କରିପାରିବେ ।

ବିନା ମାତୃକୃପା ବଳରେ କେହି ହେଲେ ଏହି ଦିବ୍ୟ ଜୀବନକୁ ସନ୍ଧାନ କରି ପାରିବ ନାହିଁ । ମା'ଙ୍କର ଅହେତୁକୀ କୃପା ସନ୍ତାନକୁ ନିକଟରୁ ନିକଟତର କରାଇଥାଏ ।

ମାତୃ ସନ୍ତାନ ନାମର ମହିମାକୁ ଭୁଲିଗଲେ ଚଳିବ ନାହିଁ । ଯେଉଁମାନେ ନାମ ଜପ କରନ୍ତି ତାଙ୍କ ଚତୁଃପାର୍ଶ୍ୱରେ ଏକ ଜ୍ୟୋତି, ଆଲୋକର ବଳୟ ଘେରି ରହିଥାଏ ଏବଂ ଯେଉଁମାନେ ଜପ କରନ୍ତି

ନାହିଁ ତାଙ୍କ ଚତୁଃପାର୍ଶ୍ୱରେ ଅସ୍ୱଚ୍ଛ କୁହୁଡ଼ିଆ ବଳୟ ଘେରି ରହିଥାଏ। ଶରୀର ଉପରେ ନାମଜପ ସିଧାସଳଖ କ୍ରିୟା କରେ। ଶରୀର ରୂପାନ୍ତର ଭଳି ଅତୀବ ମହାନ୍ ଜଟିଳ କାର୍ଯ୍ୟ ନାମଜପ ଦ୍ୱାରାହିଁ ସମ୍ଭବ ଅନ୍ୟ ଉପାୟ କିଛି ନାହିଁ। ଏଣୁ ପୂଜ୍ୟ ବାବାଜି ମହାରାଜ କହନ୍ତି, ଶ୍ରୀଅରବିନ୍ଦଙ୍କ ଯୋଗ ପାଇଁ ଆସ୍ପୃହା, ତ୍ୟାଗ, ସମର୍ପଣ ଯେପରି ନିତାନ୍ତ ଆବଶ୍ୟକ ସେହିପରି ମା'ଙ୍କର ନାମଜପର ମଧ୍ୟ ଗୁରୁତ୍ୱ ରହିଛି।

ପୂଜ୍ୟ ପ୍ରପତ୍ତି କହୁଥିଲେ ପ୍ରଥମେ ଦେଖିବା କେଉଁ ମନୋଭାବକୁ ଆଧାର କରି ଆମେ ମା'ଙ୍କର କାର୍ଯ୍ୟ କରୁଛୁ। ମା'ଙ୍କୁ ଅଧିକରୁ ଅଧିକ ଲୋକ ଜାଣନ୍ତି ଏବଂ ତାଙ୍କର ଦୁରୂହ ସାଧନାର ପଥକୁ ଅନୁସରଣ କରନ୍ତୁ। ସେ କଥା ନକରି ଯଦି ମାତୃକର୍ମୀ ତାର ନିଜର ନାମ, ଯଶ, କ୍ଷମତା, ଧନର ଲାଳସା ପାଇଁ କାର୍ଯ୍ୟ କରେ ତେବେ ତାହା ମାତୃକର୍ମ ନ ହୋଇ ଆସୁରିକ ଶକ୍ତିର କାର୍ଯ୍ୟ ହେବ ହିଁ ହେବ। ଦ୍ୱିତୀୟରେ ଆମେ ସବୁ ସମୟରେ ମା'ଙ୍କୁ କୃତଜ୍ଞତା ଜଣାଇବା। ସୁଖ, ଦୁଃଖ, ବେଦନା, ରୋଗ, ଶୋକ, ନାମ, ଯଶ ଯାହା ଆମକୁ ପ୍ରାପ୍ତ ହେବ ଏବଂ ଭୋଗିବାକୁ ପଡ଼ିବ କେବେ ବି ଭୁଲି ଯିବା ନାହିଁ ଯେ, ମା'ଙ୍କର ଏଗୁଡ଼ିକ ହେଉଛି ଅଶେଷ କୃପା, କରୁଣାର ଦାନ ଯାହା ମହାନ୍ ଦେବତାମାନଙ୍କୁ ମଧ୍ୟ ଅପ୍ରାପ୍ୟ। ଆମେ କୃତଜ୍ଞତାର ଅଶ୍ରୁ ତାଙ୍କ ପାଦପଦ୍ମରେ ଢ଼ାଳି ଦେବା ପାଇଁ ଭୁଲିଯିବା ନାହିଁ। ତୃତୀୟରେ ଆମେ ତାଙ୍କର ବାଣୀକୁ, ତାଙ୍କର ରଚନାବଳୀରେ ଯେଉଁ ଗୂଢ଼ ତଥ୍ୟମାନ ମନ୍ତ୍ର ଆକାରରେ ଲେଖାଯାଇଛି ତାହା ନିଶ୍ଚୟହିଁ ଘଟିବ ଏଥିରେ ଟିକିଏ ବି ସନ୍ଦେହ, ଅବିଶ୍ୱାସ ନରଖି ଦୃଢ଼, ଅଟଳ ବିଶ୍ୱାସ ରଖିବା। ଯେପରି ଚାଣକ୍ୟ କହନ୍ତି,

"ଉଦୟତି ଯଦି ଭାନୁ ପଶ୍ଚିମ ଦିଗ୍‌ଭାଗେ
ବିକଶତି ଯଦି ପଦ୍ମ ପର୍ବତାନାଂ ଶିଖାଗ୍ରେ
ପ୍ରଚଳିତ ଯଦି ମେରୁ ଶୀତତାଂ ଜାତି ବହ୍ନି
ନ ଚଳତି ଖଳୁ ବାକ୍ୟଂ ସଜ୍ଜନନାଂ କଦାଚନ।"

ପଶ୍ଚିମ ଦିଗରେ ସୂର୍ଯ୍ୟ ଉଦୟ ହେବା ଅସମ୍ଭବ, ତାହା ଯଦି ସମ୍ଭବ ହେଲା, ଗିରି ଶିଖରରେ ପଦ୍ମଫୁଲ ଫୁଟିବା ଅତି ଅସମ୍ଭବ ତାହା ଯଦି ବି ସମ୍ଭବ ହେଲା, ପର୍ବତ ଯଦି ଚଳପ୍ରଚଳ ହୋଇଯାଏ, ଯିଏ ଜ୍ଞାନୀ, ସଜ୍ଜନ ଖଳୁ ସମାଲୋଚକଙ୍କ କଥାରେ ବିଚଳିତ ହେବ ନାହିଁ ଅର୍ଥାତ୍ ମା' ଶ୍ରୀଅରବିନ୍ଦ ଯାହା କହିଛନ୍ତି, ଯେଉଁ ସୂର୍ଯ୍ୟ-ଦୀପ୍ତ ପଥର ସନ୍ଧାନ ଦେଇଛନ୍ତି ଯେଉଁ ଭବିଷ୍ୟ ବାଣୀ କରିଛନ୍ତି ତାହା ନିଶ୍ଚୟ ଘଟିବହିଁ ଘଟିବ। ମା'ଶ୍ରୀଅରବିନ୍ଦଙ୍କ ବାଣୀ ଘଟିବା ସ୍ଥିର ନିଶ୍ଚିତ ତ୍ରିବାର ସତ୍ୟ। ପୂଜ୍ୟ ପ୍ରପତ୍ତି ସେହି ମନୋଭାବ, ସେହି କୃତଜ୍ଞତା, ସେହି ସ୍ଥିର ନିଶ୍ଚିତତାକୁ ସମ୍ବଳ କରି ପୂର୍ଣ୍ଣଯୋଗ ଜୀବନ ଯାପନ କରୁଥିଲେ।

ଆଧ୍ୟାତ୍ମିକ ପଥରେ ଯିବାକୁ ହେଲେ ମା' ଆମ ମଧ୍ୟରେ ଅଛନ୍ତି ସାଧନା ଆମ ମଧ୍ୟରେ ରହିଛି। ସାଧ ମଧ୍ୟ ଆମର ରହିଛି। କେବଳ ସମର୍ପଣ ଓ ଆସ୍ପୃହାକୁ ନେଇ ବ୍ରିଜ୍ ତିଆରି କରି ସେ ପଥରେ ଯିବାକୁ ହେବ। ଶ୍ରୀଅରବିନ୍ଦଙ୍କ ଯୋଗପଥ ହେଉଛି ସମ୍ପୂର୍ଣ୍ଣ ନୂତନ ଆଧ୍ୟାତ୍ମିକ ପଥ। ଆଧ୍ୟାତ୍ମିକତାର ମଧୁ ଚାଖି ହେବ ଏବଂ ସେହି ଦୁଃସାହସିକ ଅଭିଯାନରେ ଅଗ୍ରସର ହେବାକୁହିଁ ହେବ। ସବୁ ଛାଡ଼ି ମାତୃସନ୍ତାନ କେବଳ ଜାବୁଡ଼ି ଧର ମା'ଙ୍କୁ ଏବଂ ତାଙ୍କର ଇଚ୍ଛାକୁ ପୂରଣ ହେବାପାଇଁ ଅକାତରେ ନିଜକୁ ଏବଂ ନିଜର ଯାହା କିଛି ଅଛି ସବୁକୁ ସମର୍ପିତ କରି ଦିଅ ତାଙ୍କର ପାଦପଦ୍ମରେ। କହି ଉଠିବା ଦିବ୍ୟ-ଜନନୀଙ୍କର ଜୟ ହେଉ, ଦିବ୍ୟ ଜନନୀଙ୍କର ଜୟ ହେଉ, ଦିବ୍ୟ ଜନନୀଙ୍କର ଜୟ ହେଉ।

# ଭୟ ଓ ବିଷାଦ

(ଆଧୁନିକ ଜଗତ୍‌ବ୍ୟାପୀ ବିକ୍ଷୋଭ ଓ ଉତ୍ତେଜନାର ମୂଳକାରଣ ଭୟ ଓ ବିଷାଦ। ଆଧାତ୍ମିକତାର ଅର୍ଥହିଁ ହେଲା ଭଗବତ୍ ଆଶ୍ରୟ ଯାହାଫଳରେ ଆସେ ନିର୍ଭରତା, ନିଶ୍ଚିତତା ଏବଂ ଦୃଢ଼ତା। ଯେଉଁଠି ଭୟ ଓ ନୈରାଶ୍ୟ ରାଜତ୍ୱ କରେ, ସେଠାରେ ଧ୍ୱଂସ ଅବଶ୍ୟମ୍ଭାବୀ। ଉନ୍ନତ ଆଧାତ୍ମିକ ଓ ସୁଦୃଢ଼ ଆନନ୍ଦମୟ ଜୀବନ ଗଠନ କରିବାକୁ ହେଲେ ଭୟ ଓ ବିଷାଦ କିପରି ଦୂର କରିବାକୁ ହେବ ଲେଖକ ତାହା ଏହି ପ୍ରବନ୍ଧରେ ଆଲୋଚନା କରିଛନ୍ତି)

**ଦୁଇଟି ସର୍ବପ୍ରଧାନ ରୋଗ:**

"ବିଷାଦ" ବା ଇଂରାଜୀରେ ଯାହାକୁ କୁହାଯାଏ ଡିପ୍ରେସନ୍ (depression), ସେଇଟି ହେଲା ମାନବ ଜାତିର ସର୍ବପ୍ରଧାନ ଦୁଇଟି ରୋଗ ମଧ୍ୟରୁ ଗୋଟିଏ। ଯେଉଁ ଦୁଇଟି ରୋଗ କଥା ଉଲ୍ଲେଖ କଲି, ସେଥିରୁ ଅପରଟି ହେଲା "ଭୟ"। ଏହି ଦୁଇଟି ହେଲା ସର୍ବପ୍ରଧାନ ରୋଗ, ତାର କାରଣ ହେଲା ଏହି ଯେ ଏହି ଦୁଇଟି ରୋଗ ନ ଥିବା ମଣିଷ ପୃଥିବୀରେ ବିରଳ। ଆଉ ଏହି ଦୁଇଟି ନିହାତି ରୋଗ ଭିନ୍ନ ଆଉ କିଛି ବି ନୁହେଁ, ତାହାର ପ୍ରମାଣ ହେଲା ରୋଗ ପରି ଏହାର "ଆକ୍ରମଣ" ଓ "ପ୍ରଶମନ" ହୁଏ, ଏହା ମଧ୍ୟ ସଂକ୍ରାମକ ରୂପେ ଦେଖାଦେଇପାରେ, ଏହାର ମଧ୍ୟ ପ୍ରତିଷେଧକ ଅଛି, ଏହା ଭଲ ମଧ୍ୟ ହୋଇଯାଏ– ଏମିତିକି ସମ୍ପୂର୍ଣ୍ଣ ଆରୋଗ୍ୟ ମଧ୍ୟ ହୋଇପାରେ।

**ତଥାକଥିତ ଦୁରାରୋଗ୍ୟ ରୋଗର ମୂଳରେ:**

କେବଳ ଏଇଥିପାଇଁ ଯେ ଏହାକୁ ସର୍ବପ୍ରଧାନ ରୋଗ କୁହାଯାଏ ତା ନୁହେଁ, ଏହି ଦୁଇଟିକୁ ଭିତ୍ତି କରି ଅନ୍ୟାନ୍ୟ ଆଉ କେତୋଟି ରୋଗ ଯେ ସୃଷ୍ଟି ହୋଇଥାଏ, ବିଭିନ୍ନ ଦେଶର ବୈଜ୍ଞାନିକମାନେ ସେ ସତ୍ୟ ଆବିଷ୍କାର କରିବାକୁ ଆରମ୍ଭ କରିଛନ୍ତି। ତା'ଛଡ଼ା ଶ୍ୱାସ, ଥ୍ରମ୍ବୋସିସ୍ ଓ କର୍କଟ ରୋଗ ପ୍ରଭୃତି ତଥାକଥିତ ଦୁରାରୋଗ୍ୟ ରୋଗର ମୂଳରେ ଯେ ଏହି ରୋଗ ଦୁଇଟି ରହିଛି, ତାହା ମଧ୍ୟ ବର୍ତ୍ତମାନ ଧୀରେ ଧୀରେ ଆବିଷ୍କୃତ ହେଉଛି।

ଅବଶ୍ୟ ଏକଥା କହିବା ମୋର ଲକ୍ଷ୍ୟ ନୁହେଁ ଯେ ଏ ଦୁଇଟି ରୋଗ ଯେଉଁଠାରେ ଅଛି, ସେହିଠାରେହିଁ ଏହି ଦୂରାରୋଗ୍ୟ ରୋଗସବୁ ମଧ୍ୟ "ଅବଶ୍ୟମ୍ଭାବୀ" ଭାବେ ରହିବ, ତା ନୁହେଁ। କିନ୍ତୁ ସେହିସବୁ ରୋଗର ରୋଗୀମାନେ ଯଦି କୌଣସି ଉପାୟରେ ଏହି ବିଷାଦ ଓ ଭୟଠାରୁ ମୁକ୍ତ ହୋଇପାରନ୍ତି, ତା'ହେଲେ ସେମାନଙ୍କର ରୋଗ ଦୁର୍ବଳ ହୋଇ ଶେଷରେ ସମ୍ପୂର୍ଣ୍ଣ ଯେ ଭଲ ହୋଇଯିବ, ସେଥିରେ ସନ୍ଦେହ ନାହିଁ। ମୁଁ ଏହି ନୂତନ ଆବିଷ୍କାର କଥା ଆପଣମାନଙ୍କୁ ଜଣାଉଛି।

**ପୃଥିବୀର ପ୍ରଧାନ ଦୁଇଟି ବଦ୍‌ମାସ:**

ଏହି ବିଷାଦ ଓ ଭୟ ଯେ କେତେ ଭୟାନକ ଭାବରେ ମନୁଷ୍ୟର କ୍ଷତି କରୁଛି ତାହା ଆମେ ସେତେବେଳେ ଉପଲବ୍ଧି କରିପାରିବା ଯେତେବେଳେ ଏମାନଙ୍କ ଉପସ୍ଥିତିରେ ମନୁଷ୍ୟ କେତେ କର୍ମକ୍ଷମତା, ଉଦ୍ୟମ ଓ ଉତ୍ସାହରୁ ବଞ୍ଚିତ ହେଉଛି ତାହା ଅନୁମାନ କରିବା ସମ୍ଭବପର ହେବ।

ଭଗବତ୍ ସାଧନା ପଥରେ ଯେଉଁମାନେ ଚାଲୁଛନ୍ତି, ଏହି ଦୁଇଟି ରୋଗ ସେମାନଙ୍କର ମଧ୍ୟ ପଥରୋଧ କରି ଛିଡ଼ା ହୋଇଥାଏ। କେବେ ବା ଯଦି ଏସବୁକୁ କାଟି ସାଧକ ଭଗବାନଙ୍କ ନିକଟକୁ ଯାଏ, ସେତେବେଳେ ମଧ୍ୟ ଏମାନେ ପଛରୁ ଆସି ସାଧକ ଓ ଭଗବାନଙ୍କ ମଧ୍ୟରେ ଏକ ଦୁର୍ଲଙ୍ଘ୍ୟ ପ୍ରାଚୀର ସୃଷ୍ଟି କରିବାକୁ ସାହସ କରନ୍ତି, ଏବଂ ଅନ୍ତତଃ ବେଶ୍ କିଛିଦିନ ପର୍ଯ୍ୟନ୍ତ ଯେ ସେହି ପ୍ରାଚୀରକୁ ଦୁର୍ଭେଦ୍ୟ କରି ରଖିବାକୁ ସକ୍ଷମ ହୁଅନ୍ତି, ତା'ର ପ୍ରମାଣର କିଛି କମ୍ ନାହିଁ। ଏତେ ବେଶୀ କ୍ଷତିକର, ଏତେ ବେଶୀ ଭୟଙ୍କର, ଏତେ ବେଶୀ ବଦ୍‌ମାସ ଏମାନେ।

**ଅଥଚ ଆମ୍ଭେମାନେ କି ମୂର୍ଖ !**

ଅଥଚ ମନୁଷ୍ୟ ମନୁଷ୍ୟକୁ ପିଲାବେଳଠାରୁହିଁ ଭୟ ଦେଖାଇବାକୁ ଆରମ୍ଭ କରିଦିଏ। ତା'ର ଆନନ୍ଦ ଅପହରଣ କରି ନିରାନନ୍ଦ ସୃଷ୍ଟି କରିବା ପାଇଁ, ଆଶାହତ କରି ବିଷାଦଗ୍ରସ୍ତ କରିବା ପାଇଁ କେତେ ପ୍ରକାରର କୌଶଳ ସେ ସୃଷ୍ଟି କରି ନ ଚାଲିଛି ! ଏପରିକି ଅନ୍ୟର ମନରେ ବିଷାଦ ସୃଷ୍ଟି କରିବାର କ୍ଷମତା କାହାର କେତେ ବେଶୀ, ସେଇଥିରୁହିଁ ଜଣାଯାଏ କିଏ କେତେ ଶକ୍ତିଶାଳୀ। କି ମୂର୍ଖ ଆମ୍ଭେମାନେ !

**ଏମାନେ ମୋଟେ ଅପ୍ରତିରୋଧ୍ୟ ନୁହନ୍ତି:**

ଇତି ମଧ୍ୟରେ ମୁଁ ଅନୁଭବ କରିଛି, ପାଠକପାଠିକାମାନେ ଭାବିବାକୁ ଆରମ୍ଭ କରିଛନ୍ତି ଯେ ଏ ପ୍ରକାର ଭୟାନକ ଶତ୍ରୁହାତରୁ

ମୁକ୍ତି ପାଇବା କ'ଣ କେବେ ସମ୍ଭବ? ସମ୍ଭବ ଯଦି ନ ହୁଅନ୍ତା ତାହାହେଲେ ଆଜି ଏ ପ୍ରସଙ୍ଗରେ ଅବତାରଣା ମଧ୍ୟ ସମ୍ଭବ ହୁଅନ୍ତା ନାହିଁ। ଶତ୍ରୁ ସେହି ସମୟ ପର୍ଯ୍ୟନ୍ତ ଭୟଙ୍କର ହୋଇଥାଏ, ଯେପର୍ଯ୍ୟନ୍ତ ତାକୁ ଚିହ୍ନ ଯାଇ ନ ଥାଏ, ତାହାର ଗତିବିଧି ଜଣାପଡ଼ି ନ ଥାଏ। ଯେବେ ତାହାକୁ ଚିହ୍ନ ଯାଏ ଓ ଜଣାଯାଏ, ତାହାର "ଔଷଧ"ମଧ୍ୟ ସେତେବେଳେ ଆବିଷ୍କାର କରିବା ସମ୍ଭବ ହୁଏ। ସେ ଆଉ ସେତେବେଳେ ଭୟଙ୍କର ହୋଇ ରହେ ନାହିଁ।

**ଶତ୍ରୁର ସ୍ୱରୂପ:**

ବିଷାଦର ଚେହେରାଟା କିପରି ବର୍ତ୍ତମାନ ଥରେ ଦେଖାଯାଉ। ବିଷାଦ ଯେତେବେଳେ ପ୍ରକୃତରେ ସଙ୍କଟ ଅବସ୍ଥା ସୃଷ୍ଟି କରେ, ସେତେବେଳେ ସବୁ ସମୟରେହିଁ ମନ ଦୁଃଖିତ ଓ ଅବସାଦଗ୍ରସ୍ତ ହୋଇଥାଏ। କୌଣସି ପ୍ରକାରର ଭାବନା, ଚିନ୍ତା, ଲେଖାପଢ଼ା ବା କାର୍ଯ୍ୟ ପାଇଁ ମନ ଏବଂ ଦେହ କେହି ମଧ୍ୟ ସେତେବେଳେ ଆଉ ତତ୍ପରତାର ସହ କ୍ରିୟା କରିବାକୁ ଚାହାନ୍ତି ନାହିଁ। ଧୀରେ, ଆସ୍ତେ, ଧିମେଇ, ଧିମେଇ ମାନ୍ଦା ଭାବରେ ସେ ସବୁକଥା କରେ। କୌଣସି କାର୍ଯ୍ୟ ନ କରିପାରିବାଟାକୁହିଁ ସେ ପସନ୍ଦ କରେ। ଆଉ ଏହା ସହିତ ତିକ୍ତତା ସହକାରେ ମଣିଷ ନିଜକୁ ସବୁବେଳେ ଦୋଷୀ ବୋଲି କହି ସମାଲୋଚନା କରେ। ହାୟ, ଏକଥା ମୁଁ କାହିଁକି କଲି, ଏଇଟା ତ ନ କରିଥିଲେ ହୋଇଥା'ନ୍ତା, ଏମିତି କଥା କାହିଁକି ଭାବିଲି, କାହିଁକି କହିଲି, ଇତ୍ୟାଦି ଏହି ପ୍ରକାରର ବିରକ୍ତିକର କଟୁ ଆତ୍ମସମାଲୋଚନା କରିଥାଏ।

ବିଷାଦ ଯେତେବେଳେ ଏହି ପ୍ରକାରର ଅବସ୍ଥାରେ ଆସି ପହଞ୍ଚେ, ସେତେବେଳ ନିୟମିତ ଭାବରେ ଡାକ୍ତରଙ୍କର ସାହାଯ୍ୟ ଗ୍ରହଣ କରିବା ଉଚିତ। ଆଉ ତା' ସହିତ ଏଠାରେ ବର୍ଣ୍ଣିତ ସବୁ ମାନସିକ କ୍ରିୟାଗୁଡ଼ିକ ରୋଗୀଦ୍ୱାରା କରାଇବା ଉଚିତ।

**ସାଧାରଣତଃ ଯାହା ହୋଇଥାଏ:**

କିନ୍ତୁ ସାଧାରଣତଃ ଯେଉଁ ଧରଣର ବିଷାଦ ବା ଡିପ୍ରେସ୍ ପୃଥିବୀର ପ୍ରାୟ ସବୁ ମଣିଷକୁହିଁ ଆଂଶିକ ଭାବରେ ମନ, ପ୍ରାଣ ଓ ଦେହରେ ପଙ୍ଗୁ କରିରଖିଛି ତାହା ଏତେ ଶକ୍ତ ଧରଣର ନୁହେଁ। ଆଉ ଏତେ ଶକ୍ତ ନୁହେଁ ବୋଲି ନିଜ ମଧ୍ୟରେ ପୋଷି ରଖିବାକୁ ଅଭ୍ୟସ୍ତ ହୋଇପଡିଛୁ। ଏହି ପ୍ରକାରର ବିଷାଦକୁ କୁହାଯାଏ ହାଲୁକା ପ୍ରକାର ବିଷାଦ। ଏହାର ସ୍ୱରୂପଟା ହାଲୁକା ଏଥିରେ ସନ୍ଦେହ ନାହିଁ। କିନ୍ତୁ ତାହାର ବନ୍ଧନଟା ସେତେ ହାଲୁକା ନୁହେଁ। କାରଣ ତାକୁ ଚିହ୍ନିବା ମୁସ୍କିଲ ବୋଲି ତାକୁ ଦୂର କରିବାର ଚେଷ୍ଟା ସମ୍ଭବ ହୋଇପାରେ ନାହିଁ।

**ଏହାର ସ୍ୱରୂପ କ'ଣ?**

ଏହି ଦ୍ୱିତୀୟ ଧରଣର ବିଷାଦର ସ୍ୱରୂପ ଏହି ଯେ ଏହାଦ୍ୱାରା ଯେଉଁମାନେ କଷ୍ଟପାଉଛନ୍ତି ସେମାନେ ସବୁ ବିଷୟରେହିଁ ନିରୁଦ୍ୟମ ହୋଇଥା'ନ୍ତି। "ଏକଥା କଲେ କ'ଣ ହେବ", ଏଇଟା ତ ହେବ ନିଶ୍ଚୟ, କିଛି କରାଯାଇପାରିବ ନାହିଁ", ଚେଷ୍ଟା ତ କରୁଛି ଆଉ କେତେ କରିବି" ଇତ୍ୟାଦି ମନୋଭାବସବୁ ସେମାନଙ୍କର ହୁଏ ସେତିକିବେଳେ, ଯେତେବେଳେ କୌଣସି ଚେଷ୍ଟାର ପ୍ରୟୋଜନ ହୁଏ। ଏହାଛଡ଼ା ସବୁ ସମୟରେ ନିଜକୁ ଏମାନେ ଏକୁଟିଆ ବୋଲି ଭାବନ୍ତି। ଯେମିତି ଏମାନଙ୍କର କେହି ନାହିଁ, ଥାଇ ବି ନ ଥିବା ସମାନ, ଯେଉଁମାନେ ଅଛନ୍ତି ସେମାନେ ବିପଦଆପଦ ପାଇଁ କେହି ନୁହନ୍ତି– ଭାବନ୍ତି ଏହାହିଁ ମୋର ଚିରକାଳର ଭାଗ୍ୟ ହାୟରେ! ସବୁବେଳେ ଏବଂ ସବୁ ଅବସ୍ଥାରେ ନିଜକୁ ଅନ୍ୟଠାରୁ ନୀଚ, ହୀନ, ଅକର୍ମଣ୍ୟ ଭାବିବା, ନିଜର କର୍ତ୍ତବ୍ୟଟିକକ କରିବା ସମୟରେ ମଧ୍ୟ ଅନ୍ୟମାନଙ୍କ ଆଗରେ ଇତସ୍ତତଃ ହେବା– ଏଗୁଡ଼ିକ ମଧ୍ୟ ଏହି ପ୍ରକାର ବିଷାଦର ଲକ୍ଷଣ, ଇଂରାଜୀରେ ଯାହାକୁ କୁହାଯାଏ inferiority feelings। ଏହିସବୁ ଲୋକମାନେ ଜୀବନର ଆନନ୍ଦଠାରୁ ଦୂରରେ ଥା'ନ୍ତି, ଜୀବନର ସ୍ଫୁରଣ ଏମାନଙ୍କ ମଧ୍ୟରେ ଅତ୍ୟନ୍ତ କ୍ଷୀଣ, ଏପରିକି ସ୍ତବ୍ଧ ହୋଇଯାଇଥାଏ କହିଲେ ଚଳିବ। ଧୀରେ ଧୀରେ ଏମାନେ ବିଶ୍ୱର ଜୀବନଧାରାଠାରୁ ବିଚ୍ଛିନ୍ନ ହୋଇ କ୍ରମେ ଉଦାସୀନ ହୋଇଯା'ନ୍ତି।

**ଏ ପ୍ରକାର ଲୋକମାନଙ୍କର ସଂଖ୍ୟା କେତେ?**

ଏପରି ଲୋକଙ୍କର ସଂଖ୍ୟା ପ୍ରଚୁର। ଗୋଟିଏ ଆନ୍ତର୍ଜାତିକ ସମୀକ୍ଷାରେ କୁହାଯାଇଛି ଯେ ପ୍ରତି ତିନି ଜଣ ନାରୀ ପୁରୁଷମାନଙ୍କ ମଧ୍ୟରେ ଏପରି ଜଣେ ଅଛନ୍ତି। କିନ୍ତୁ ଏହି ସମୀକ୍ଷାରେ ବିଶେଷକରି ଇଂଲଣ୍ଡ ଓ ଆମେରିକା ପ୍ରଭୃତି ଦେଶର ଲୋକମାନଙ୍କୁ ଧରାଯାଇଛି। ଭାରତବର୍ଷରେ ଯଦି ଏହିପରି ଗୋଟିଏ ସମୀକ୍ଷା ହୁଏ ତାହେଲେ ଦେଖାଯିବ ଯେ ପ୍ରତି ତିନି ଜଣଙ୍କ ମଧ୍ୟରେ ଅଢ଼େଇ ଜଣ ବୋଧହୁଏ ଏହି ବିଷାଦ ରୋଗଗ୍ରସ୍ତ ହୋଇଅଛନ୍ତି।

**ଏଥିପାଇଁ ଦରକାର ଦେଶବ୍ୟାପୀ ସଂଗ୍ରାମ:**

ଏହି ବିଷାଦରୋଗ ବିରୁଦ୍ଧରେ ପ୍ରୟୋଜନ ସାରା ଦେଶବ୍ୟାପୀ ସଂଗ୍ରାମ। ପ୍ରଚଣ୍ଡ ସଂଗ୍ରାମ ଅର୍ଥ ଉତ୍ତେଜନା ବା ସାମର୍ଥ୍ୟର କୌଣସି କଷ୍ଟକର ଅପଚୟ କଥା କୁହାଯାଉ ନାହିଁ। ଏହି କାର୍ଯ୍ୟରେ କେବଳ ଟିକିଏ ଲାଗି ରହିବାର ଚେଷ୍ଟାହିଁ ଯଥେଷ୍ଟ। କାର୍ଯ୍ୟଟା ସରଳ, କିନ୍ତୁ ଆମ୍ଭମାନଙ୍କୁ ଲାଗି ରହିବାକୁ ହେବ।

**ବିଷାଦର ପ୍ରଧାନ କାରଣ କ'ଣ?**

ବିଷାଦର ପ୍ରଧାନ କାରଣ ହେଲା ଆଶାହତ ହେବା। ଯିଏ ଆଶାହତ ସେଇହିଁ ବିଷାଦଗ୍ରସ୍ତ ହୋଇଥାଏ। ଯିଏ ବାରମ୍ବାର ଆଶାହତ ହୁଏ, ତାହା ମଧ୍ୟରେ ବିଷାଦଟା କ୍ରନିକ୍ ହୋଇଉଠେ। ସେ ଭାବେ ଏଇ

ହେଲା ତ "ନିୟମ", ଏଇ ହେଲା ତ "ସ୍ୱାଭାବିକ"। ବିଷାଦହିଁ ସେତେବେଳେ ତାହାର ସଭାବ ହୋଇଉଠେ। ଶିଶୁସମୟଠାରୁ ବାପ, ମା, ଶିକ୍ଷକ, ଏହିମାନଙ୍କ ପାଖରେ କିଛି ଆଶା କରି ତାହା ପୂର୍ଣ୍ଣ ନ ହେଲେ, ଶିଶୁମାନେ ଆଶାହତ ହୋଇ ରହନ୍ତି। କ୍ରମେ ବଡ଼ ହେଲେ ଉଦ୍ୟମର ସ୍ୱଳ୍ପତା ପାଇଁ ଆହୁରି ଅନେକ କଥାରେ ମଣିଷ ଆଶାହତ ହୋଇପାରେ। ପାରିବାରିକ ଜୀବନରେ ସେ ଆଶାହତ ହୋଇପାରେ– ଆଜି ଯେମିତି ଭାରତର ସବୁ ମଣିଷ ଆଶାହତ ହୋଇଛନ୍ତି। ଏହିସବୁ ତାହାର ଅନ୍ତରର ସ୍ଫୁରଣକୁ ଧୀରେ ଧୀରେ ମନ୍ଦୀଭୂତ କରିଦିଏ। ଏହାଦ୍ୱାରା ତାହାର ଶୈଥିଲ୍ୟ, ଅକର୍ମଣ୍ୟତା ଓ ଅସାବଧାନତା ଆଦି ଆତ୍ମପ୍ରକାଶ କରେ।

**କ'ଣ କରିବାକୁ ହେବ ?**

ବିଷାଦ ବିରୁଦ୍ଧରେ ସଂଗ୍ରାମ କରିବାକୁ ହେବ। ପ୍ରଥମ ହେଲା, ଆପଣଙ୍କୁ ସଚେତନ ହେବାକୁ ହେବ ଯେ ଆପଣ ବିଷାଦଗ୍ରସ୍ତ। ତା'ପରେ ଆପଣଙ୍କୁ ବିଶ୍ୱାସ କରିବାକୁ ହେବ ଯେ ବିଷାଦଟା କୌଣସି "ସଭାବିକ" ବ୍ୟାପାର ନୁହେଁ– ଏହାର କବଳରୁ ମୁକ୍ତ ହେବା ସମ୍ଭବ। ଏହାପରେ ଆପଣଙ୍କୁ ସ୍ଥିର ସିଦ୍ଧାନ୍ତ ଗ୍ରହଣ କରିବାକୁ ହେବ ଯେ ଆପଣ ପ୍ରକୃତରେ ବିଷାଦର କବଳରୁ ମୁକ୍ତ ହେବାକୁ ଚାହାନ୍ତି ଏବଂ ସେଥିପାଇଁ ଯାହା କରିବା ଦରକାର ତାହା ଆପଣ କରିବେ।

**କାମଟି ଖୁବ୍ ସରଳ-କିନ୍ତୁ ନିୟମିତ ଭାବରେ ଆପଣ କରିବେ କି ?**

ଏହି ସିଦ୍ଧାନ୍ତ ଗ୍ରହଣ କରିବା ପରେ ଯେଉଁ କାର୍ଯ୍ୟଟି ଆପଣଙ୍କୁ କରିବାକୁ ହେବ, ସେଇଟା ଖୁବ୍ ସରଳ। ତାହା ହେଲା ଆଶା କରିବାକୁ ଅଭ୍ୟାସ କରିବା। ଜୀବନର ଅଭିଜ୍ଞତା ଆପଣଙ୍କର ବା ଆଉ ସମସ୍ତଙ୍କର ଯାହା ହେଉନା କାହିଁକି, ଆଜିଠାରୁ, ଏଇ ବର୍ତ୍ତମାନଠାରୁ ଯାହା ଭଲ ତାହା ଆପଣଙ୍କର ଜୀବନରେ ଘଟିବାକୁ ଆରମ୍ଭ କଲା। ଏହି କଥାଟି ସର୍ବଦା ଆପଣଙ୍କ ମନେ ରଖିବାକୁ ହେବ। ମନେ ରଖିବାକୁ ହେବ ଯେ ଭଗବାନ ରହିଛନ୍ତି ଆମ ଭିତରେ, ବାହାରେ, ଚାରିପାଖରେ ଓ ସବୁଆଡ଼େ। ସଙ୍କଳ୍ପ କରିବାକୁ ହେବ– ଆଜିଠାରୁ ମୁଁ ତାଙ୍କରହିଁ ସେବକ ହେଲି। ସେତିକିବେଳେ ବିଶ୍ୱାସ ଆସିବ ଯେ ସବୁ କାର୍ଯ୍ୟରେ, ସବୁ ଅବସ୍ଥାରେ ସେ ସେହି ସମୟଠାରୁହିଁ ଆମର ସହାୟକରୂପେ ଯାହା ଆମ ପକ୍ଷେ ସବୁଠାରୁ ଭଲ ତାହାହିଁ କରିଚାଲିଛନ୍ତି ଆମରି ପାଇଁ। ଆମର ସବୁ ସମସ୍ୟା, ସବୁକାର୍ଯ୍ୟ ସେହିଁ ଗ୍ରହଣ କରିଛନ୍ତି ଉପଯୁକ୍ତ ସମାଧାନ ଓ ମୀମାଂସା ପାଇଁ। ସକାଳେ, ସନ୍ଧ୍ୟାରେ ଓ ରାତ୍ରିରେ ନିଜକୁ ୧୫/୨୦ ବାର କରି କହନ୍ତୁ-

All our affairs and problems have been taken over by The Mother, for Right management and Right solution. I am quite at peace with the certitude that all that is good and necessary for me is being done by Her.

"ଆମ୍ଭମାନଙ୍କର ସମସ୍ତ ବ୍ୟାପାର ଓ ସମସ୍ତ ସମସ୍ୟାର ଭାରହିଁ ଗ୍ରହଣ କରିଛନ୍ତି ମା, ସୁବ୍ୟବସ୍ଥା ଉଚିତ ସମାଧାନ ସକାଶେ। ଯାହା ଆମ ପାଇଁ ମଙ୍ଗଳଜନକ, ଯାହା ଆମର ପ୍ରୟୋଜନ, ମା ତାହାହିଁ କରୁଛନ୍ତି। ଏ ବିଷୟରେ ସୁନିଶ୍ଚିତ ହୋଇ ତାଙ୍କରି ଶାନ୍ତିମୟ କୋଳରେ ମୁଁ ନିଜକୁ ସମର୍ପଣ କଲି।"

ଯାହାକିଛି ଆପଣଙ୍କର ସମସ୍ୟା ହେଉନା କାହିଁକି, ଏହି ପ୍ରକାରରେ ଏଇ ବର୍ତ୍ତମାନଠାରୁହିଁ ଆରମ୍ଭ କରନ୍ତୁ। ତା'ପରେ ଦେଖନ୍ତୁ ଅଳ୍ପ କିଛିଦିନ ମଧରେ, କୌଣସି କୌଣସି କ୍ଷେତ୍ରରେ ଏମିତିକି ଖୁବ୍ ଅଳ୍ପ ସମୟ ମଧରେ, ଆପଣଙ୍କର ସମସ୍ୟାର ସମାଧାନ ହେଉଛି ନା ନାହିଁ।

**ସର୍ବଦା ଭାବିବେ ମା' ଅଛନ୍ତି:**

ସବୁ ସମୟରେ ଭାବିବେ, "ମା' ଅଛନ୍ତି, ଯାହା ଭଲ କେବଳ ସେଇଆ ହୋଇପାରିବ। ଆଉ କୌଣସି ଖରାପ ବର୍ତ୍ତମାନ ହୋଇ ନ ପାରେ।" ଏହି ଭାବରେ ଆଶାକୁ ପୁନର୍ଜୀବିତ କରନ୍ତୁ। ଏହି କାର୍ଯ୍ୟ ଫଳରେ ଥରେ ଦୁଇଥର ଆପଣଙ୍କର ମଙ୍ଗଳ ସାଧିତ ହେବା ପରେ ସମସ୍ତ ନୈରାଶ୍ୟ ଉଭେଇ ଯିବ। ପ୍ରବଳ ଆତ୍ମବିଶ୍ୱାସ ଜାଗିଉଠିବ ଯେ ମା'ଙ୍କର ସାହାଯ୍ୟ ପାଇଁ ଯାହା ଦରକାର ତାହାହିଁ କେବଳ ସମ୍ଭବ ହେବ, ଯାହା ମଙ୍ଗଳକର ତାହାହିଁ କରିବା ସମ୍ଭବ ହେବ। ବିଷାଦ ସେତେବେଳେ ଘୁଞ୍ଚି ଯାଇ ପାରିଲେ ଆପଣ ମୁକ୍ତି ପାଇବେ। ଆପଣହିଁ ସେତେବେଳେ ଖୋଜି ବାହାର କରିବେ କେଉଁଠାରେ ବିଷାଦର ଛାୟା ରହିଛି। ସେଇଠାକୁ ଯାଇ ଆପଣ ସେତେବେଳେ ବିଷାଦକୁ ନିର୍ମୂଳ କରିବା ପାଇଁ ଆଶାର ଆଲୋକକୁ ଜାଳି ଧରିବେ।

**ଆପଣଙ୍କର ଜୟ ସୁନିଶ୍ଚିତ:**

ମାନବଜାତିର ସବୁଠାରୁ କ୍ଷତିକର ଏହି ଶତ୍ରୁଟିକୁ ନିର୍ମୂଳ କରିବା ପାଇଁ ମୁଁ ମଧ ସେହି ଯୁଦ୍ଧରେ ଆନ୍ତରିକ ଭାବରେ ଯୋଗ ଦେବାକୁ ପ୍ରସ୍ତୁତ। ବିଷାଦକୁ ନିର୍ମୂଳ କରିବା ପାଇଁ ଆହୁରି ଯେଉଁସବୁ ଅସ୍ତ୍ର ରହିଛି ମୋର ଅସ୍ତ୍ରାଗାରରେ, ସେହିସବୁ ନେଇ ମୁଁ ଆଉ ଥରେ ଆପଣଙ୍କ ନିକଟରେ ଉପସ୍ଥିତ ହେବି। ଆଜି ଯେଉଁ ଅସ୍ତ୍ରଟିର କଥା ଉଲ୍ଲେଖ କରାହେଲା ଆପାତତଃ ଏହି କେତେଦିନ ଏଇଟିର ସାହାଯ୍ୟରେ ଦେଖିବେ ଆପଣଙ୍କର ଜୟ ସୁନିଶ୍ଚିତ ହୋଇଯାଇଛି।

('ଶୃଣ୍ୱନ୍ତୁ' ୧୪ଶ ବର୍ଷ ୫ ସଂଖ୍ୟାରୁ ଗୃହୀତ)

# ନିଷ୍ଠା

ଲତା ଦାସ

ନିଷ୍ଠା ଶବ୍ଦଟି ହେଉଛି ଅବିରାମ ପ୍ରଗତିର ଦୃଢ଼ ସଙ୍କଳ୍ପ। ଉଚ୍ଚତର ପଦକ୍ଷେପ ପାଇଁ ନିଷ୍ଠାହିଁ ଏକମାତ୍ର ସର୍ବପ୍ରଥମ ଓ ସର୍ବୋତ୍ତମ ମାର୍ଗ। ଜୀବନର ଏକମାତ୍ର ସରଳ ଓ ସିଧା ରାସ୍ତା ହେଲା ନିଷ୍ଠା। ନିଷ୍ଠାକୁ ଉପଯୋଗ କଲେ ପରିବେଶ, ସମାଜ, ରାଷ୍ଟ୍ର ସଜାଡ଼ି ଦେବାର ଶକ୍ତି ଓ ସାମର୍ଥ୍ୟ ଅଛି। ନିଷ୍ଠାହିଁ ଶକ୍ତି ଓ ଦିବ୍ୟଗତିର ଇଚ୍ଛା। ନିଷ୍ଠା ଏକ କମନୀୟ ଓ ନମନୀୟ ମୂର୍ତ୍ତୀ। ନିଷ୍ଠାହିଁ ଜ୍ଞାନକୁ ସ୍ଥିର... କରେ। କଳୁଷିତ ଭାବାବେଗକୁ ଆଡ଼େଇ ଦେଇ ଏକ ମହତ୍ତର ଆଧ୍ୟାତ୍ମିକ ଭାବ ଜାଗ୍ରତ କରାଏ। ବ୍ୟକ୍ତିତ୍ୱ ମଧ୍ୟରେ ଏବଂ ସଂସ୍ଥା ଓ ସଙ୍ଗଠନ ମଧ୍ୟରେ ମଧ୍ୟ ନିଷ୍ଠାହିଁ ଅଭାବରେ ଭାବ, ଅବିଶ୍ୱାସରେ ବିଶ୍ୱାସ, ନିରାଶାରେ ଆଶା ଏବଂ ଅଧୈର୍ଯ୍ୟରେ ଧୈର୍ଯ୍ୟକୁ ଆପଣେଇ ସଙ୍କଟରେ ସୁଯୋଗ ଆଣିପାରେ। ନୂତନ ଆଶା ସଞ୍ଚାର କରେ ନିଷ୍ଠା ନିରାନନ୍ଦକୁ ପରମ ଆନନ୍ଦରେ ରୂପାୟିତ କରିବା ନିଷ୍ଠାର ଲକ୍ଷ୍ୟ।

ନିଷ୍ଠାର ସାମର୍ଥ୍ୟ ଓ ସଙ୍କଳ୍ପ ଏତେ ଦୃଢ଼ ଓ ଶକ୍ତିଶାଳୀ ଯେ ଯେତେ ବଡ଼ ଜଟିଳ ସମସ୍ୟା ହୋଇଥାଉ ପଛେ ନିଷ୍ଠା ତାର ଏକନିଷ୍ଠ ଓ ଦୃଢ଼ତା ଦ୍ୱାରା ଯଥାଯୋଗ୍ୟ ଭାବରେ ସମସ୍ୟାର ବାଟ କାଢ଼ିଦିଏ। କୌଣସି ପ୍ରକାରର କୁଟିଳ ବୁଦ୍ଧି, ଜଟିଳ ଗ୍ରନ୍ଥି ନିଷ୍ଠା ପାଖରେ ସିଧା ହୋଇ ଠିଆହୋଇ ପାରିବେ ନାହିଁ। ନିଷ୍ଠା ପାଖରେ ମଥାନତ କରିବାକୁ ବାଧ ହୁଅନ୍ତି। ଯେତେ ଅସଦିଚ୍ଛା, ବିଦ୍ରୋହ, ବିମୁଖତା ଅସମ୍ପୂର୍ଣ୍ଣତାର ବିରୋଧ ଭାବ ସବୁ ଆମ ଆଗରେ ଚାରିଦିଗରୁ ପଥରୋଧ କରେ ସେସବୁକୁ ନିଷ୍ଠା ନିରପେକ୍ଷ ବିଚାର ମାଧ୍ୟମରେ କୁଶକ୍ତିର ଶକ୍ତ ପାଚେରୀ ଭାଙ୍ଗିଦେଇ ଆଗକୁ ଆଗକୁ ମାଡ଼ିଚାଲେ।

ନିଷ୍ଠା ଅବିଚଳିତ। ସମସ୍ତ ପରିସ୍ଥିତିରେ ନିଷ୍ଠା ସ୍ଥିର ଓ ନିଶ୍ଚଳ। ନିଷ୍ଠା ନିରପେକ୍ଷ। ନିଷ୍ଠା କେବେବି କାହାରି ସାଙ୍ଗରେ ପକ୍ଷପାତିତା କରିପାରିବ ନାହିଁ। ନିଷ୍ଠା ନିଜକୁ ପ୍ରତି ମୁହୂର୍ତ୍ତରେ ତନ୍ନ ତନ୍ନ କରି ପରୀକ୍ଷା କରିଚାଲିଥାଏ। ନିଷ୍ଠା ସବୁ ରହସ୍ୟକୁ ହୃଦୟଙ୍ଗମ କରିବାପାଇଁ ସର୍ବଦା ପ୍ରୟାସ ଚଳାଇଥାଏ।

ଯେଉଁମାନଙ୍କର ଜୀବନବିଜ୍ଞାନ ବିଷୟରେ ଅନୁଧ୍ୟାନ କରିବାର ଆଗ୍ରହ ରହିଛି ସେମାନେ ନିଷ୍ଠାର ମୂଲ୍ୟ ବୁଝିପାରନ୍ତି। ଆଗାମୀ ଭବିଷ୍ୟତର ମଙ୍ଗଳ କାମନା ପାଇଁ ଏବଂ ଏଇ ମାନବ ସମାଜକୁ ଦିବ୍ୟ ଭାବନାରେ ଆଗେଇ ନେବାପାଇଁ ନିଷ୍ଠାର ମୂଲ୍ୟକୁ ବୁଝିବାକୁ ଚେଷ୍ଟା କରୁଛନ୍ତି। ନିଷ୍ଠାର ସହିତ ନିଜ ନିଜ କର୍ମରେ କର୍ମଠ ରହି ସଂସାରକୁ ବଦଳାଇବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ଆଉ କେତେକଙ୍କର ଆନ୍ତରିକତାର ଅଭାବ ଓ ସ୍ୱାର୍ଥ ମନୋଭାବ ଯୋଗୁଁ ଲକ୍ଷ୍ୟଭ୍ରଷ୍ଟ ହୁଅନ୍ତି। ଅଶାନ୍ତିର ବାତାବରଣ ଭିତରେ ସେମାନେ ବୁଡ଼ିରୁହନ୍ତି। ବିଶୃଙ୍ଖଳା, ଦ୍ୱନ୍ଦ୍ୱ, ହତାଶା, ନିରାଶା, ନିରାନନ୍ଦମୟ ଜୀବନଶୈଳୀ ରୋଗ ଓ ଯନ୍ତ୍ରଣାର ପ୍ରସାରିତ ବାହୁ ମୃତ୍ୟୁକୁ ପାଖକୁ ନେଇଆସେ, ଭୟ ପ୍ରହେଳିକା ସୃଷ୍ଟି କରେ।

ଏ ସଂସାର ରୂପକ କର୍ମକ୍ଷେତ୍ରରେ ସମସ୍ତ ବ୍ୟକ୍ତି କର୍ମରତ ହୋଇ ଇତଃସ୍ତତ ହେଲେ ମଧ୍ୟ ସମସ୍ତଙ୍କ ଅନ୍ତରର ବୋଧ ଜାଣେ ସେ ପ୍ରକୃତରେ କ'ଣ ଚାହେଁ। ଶୃଙ୍ଖଳିତ ନିଷ୍ଠାପର ମାର୍ଜିତ ଦିବ୍ୟ ଆଧ୍ୟାତ୍ମିକ ଜୀବନ ହିଂସା, ଈର୍ଷା, ତାମସିକତା ଓ ପ୍ରବଞ୍ଚନାର ଅନ୍ତରାଳରେ ନିଜକୁ ଲୁଚାଇ ରଖିଥିବା କାମନା ବାସନା ପୂର୍ଣ୍ଣ ବିଶୃଙ୍ଖଳିତ କ୍ଷତବିକ୍ଷତ ଜୀବନଟିଏ। ସେ ନିଶ୍ଚୟ ଚାହୁଁଥିବ ଶାନ୍ତି ଓ ସୁଖମୟ ଜୀବନ କିନ୍ତୁ ଗର୍ବ ଓ ଆତ୍ମବଡ଼ିମାର ଅହଂ ତାକୁ ଅନ୍ତରର ଦିବ୍ୟସତ୍ତାଙ୍କ ସହିତ ସଂଯୁକ୍ତ କରାଇ ଦିଏ ନାହିଁ। ତେଣୁ ସେ ଅନ୍ତରରେ ଓ ବାହାରେ କୌଣସିଠାରେ ନିଷ୍ଠାପର ହୋଇପାରେ ନାହିଁ। କୁପ୍ରବୃତ୍ତିର ଜ୍ୱାଳାରେ ପୀଡ଼ିତ ହୋଇ ଇତଃସ୍ତତ ପ୍ରାୟ ଲକ୍ଷ୍ୟଭ୍ରଷ୍ଟ ହୋଇ ବାଟବଣା ହୁଏ। ଜୀବନଟି ସମ୍ପୂର୍ଣ୍ଣ ଅସଙ୍ଗତିରେ ପୂର୍ଣ୍ଣ ହୋଇଯାଏ। ଜୀବନର ମୂଲ୍ୟ ବୁଝିବା କଥା ତ ଦୂରେ ଥାଉ ମଣିଷ ଦେହଧାରୀ ପଶୁଭଳି ଜୀବନ ବିତାଏ। କେବଳ ବିରୋଧି ଶକ୍ତିମାନଙ୍କୁ ଆମନ୍ତ୍ରଣ କରେ।

ପରମ ପ୍ରଭୁ ଶ୍ରୀଅରବିନ୍ଦ ଓ ପରମାଜନନୀ ଶ୍ରୀମା ଯେଉଁ ପରମ ସତ୍ୟକୁ ଆମ ସମ୍ମୁଖକୁ ଆଣିଛନ୍ତି, ସେହି ସତ୍ୟକୁ ଯଦି ଆମେ ଗ୍ରହଣ କରିବା ପାଇଁ ନିଜକୁ ପ୍ରସ୍ତୁତ କରିବା ତାହେଲେ ଆମେ ଆମ ଜୀବନକୁ ନିଷ୍ଠାପର ଭାବେ ଗଢ଼ିପାରିବା। ଏହାହିଁ ହେଉଛି ସର୍ବୋତ୍ତମ ଓ ସର୍ବୋତ୍କୃଷ୍ଟ ମାର୍ଗ।

ପରମପ୍ରଭୁ ଆମକୁ ବିଭିନ୍ନ ଦାୟିତ୍ୱ ଦେଇଛନ୍ତି। ଆମର ସଂସ୍ଥା, ଶିକ୍ଷାକେନ୍ଦ୍ର, ପାଠଚକ୍ର ଓ ସଙ୍ଗଠନ ଇତ୍ୟାଦି ମାଧ୍ୟମରେ ଲକ୍ଷ୍ୟକୁ ହାସଲ କରିବା ନିମନ୍ତେ ମାର୍ଗ ସହଜ କରିଦେଇଛନ୍ତି। ନିଷ୍ଠାର ମୂଲ୍ୟ ବୁଝିଲେ ସକଳ ସମସ୍ୟାର ସହଜ ସମାଧାନର ବାଟ ଖୋଲିଯିବ।

# ତୋ କୃପାରେ ରଖିଛି ଭରସା

ଜ୍ୟୋସ୍ନାରାଣୀ ଦାଶ

ମାଆଗୋ.....
ମୁଁ ମୋର ମୂଳ ସ୍ୱରୂପରେ ଯାହା
ତାହା ହୋଇ ଉଠିବାକୁ
କେତେ ବେଶୀ ଚାହୁଁଥାଏ
ପ୍ରତିମୁହୂର୍ତ୍ତରେ ଆଉ ପ୍ରତିଟି କ୍ଷଣରେ
ଏକଥାଟା
ତୋ ଛଡ଼ା ଆଉ
କ'ଣ କିଏ ବେଶି ଜାଣିଛି ।
ସେଇ ସତ୍ୟ
ସେଇ ସାମର୍ଥ୍ୟ !!
ସେ ପୂର୍ଣ୍ଣତା୧ !!!
ଯାହା ମୋ ସତ୍ତାର
କେଉଁ ଅତଳରେ ଲୁକ୍କାୟିତ ହୋଇ ରହିଛି
ତାକୁ ଲାଭ କରିବାର ନୀରବ ପ୍ରୟାସ
ନିରନ୍ତର ନୀରବ ଜିଜ୍ଞାସା
ଯାହା ଧୂପ ଧୂଆଁର କୁଣ୍ଡଳୀ ସମ
ଅନବରତ ଉଠି ଚାଲୁଥାଏ
ତୋ ଅଭିମୁଖରେ
ତୋ ଛଡ଼ା
ଏକଥାଟା ଆଉ କ'ଣ କିଏ
ବେଶି ଜାଣିଛି ।

ମଧୁମୟୀ ମାଆ ଗୋ !
ତଥାପି ମୋ ସମର୍ପଣ
କେତେ ଅପୂର୍ଣ୍ଣ
ତଥାପି ମୋ ପ୍ରୟାସ
କେତେ କୁଣ୍ଠାଗ୍ରସ୍ତ
ତଥାପି ଜିଜ୍ଞାସା ମୋର
କେତେ ମୂଲ୍ୟହୀନ
ଯାହା ମୋତେ ତୋ କରୁଣାର
ବିମୁକ୍ତ ଦୁଆରୁ
ଠେଲି ଠେଲି ଦୂରେଇ ନେଉଛି
କାହିଁ କେଉଁ ଦୂରାନ୍ତର ଅଜ୍ଞତା-ବନକୁ
କୃପାମୟୀ !
କେବଳ ମୁଁ ତୋ କୃପାରେ ରଖିଛି ଭରସା
ତୋ କୃପାରେ ସ୍ନାତ ହୋଇ
ସମଗ୍ର ଜୀବନ ମୋର
ନିଶ୍ଚେ ଦିନେ ହେବ ମହନୀୟ
ଶାଶ୍ୱତ ଦିବ୍ୟାନନ୍ଦର
ଅଭିବ୍ୟକ୍ତି ଓ ପରିପ୍ରକାଶ ।

# ହୃଦୟ ହୁଅଇ ପୂର୍ଣ୍ଣ

- ପ୍ରସାଦ ତ୍ରିପାଠୀ

ତୁମ ଆଖି ସାଥେ ଆଖିକୁ ମିଳାଇ
ଦେଖିଥିଲି ଯେଉଁ ଦିନ
ତୁମ ହସ ସାଥେ ହସକୁ ମିଳାଇ
ହସିଥିଲି ଭରି ମନ ।୦।
ଗହାଣୀରେ ତୁମ ଥିଲା ଯେଉଁ ଭାଷା
ତାହାରି ଭିତରେ ଭରିଥିଲା ଆଶା
ସାରା ଦୁନିଆଁର ସବୁ କୋଳାହଳ
ଲାଗିଥିଲା ଅକାରଣ । ।୧।

ତୁମରି ଛବିକୁ ସାଇତି ଅନ୍ତରେ
ତୁମରି ସ୍ମୃତିକୁ ସାଉଁଟିଲି ଧୀରେ
କେତେ ସଉଭାଗ୍ୟ ଅଛି ବୋଲି ସିନା
ଜୀବନ ମୋ ହେଲା ଧନ୍ୟ । ।୨।
ସମଗ୍ର ସୃଷ୍ଟିର ଯିଏ ସୃଷ୍ଟିକର୍ତ୍ତା
ସିଏ ପୁଣି ମୋର ଭାଗ୍ୟ ବିଧାତା
କେବଳ ଏତିକି ଭାବି ଦେଲେ ବାରେ
ହୃଦୟ ହୁଅଇ ପୂର୍ଣ୍ଣ । ।୩।

# LIST OF INTEGRAL SCHOOLS IN ORISSA

| Act No | Sch No | CODE | ADDRESS | PIN | UP TO |
|---|---|---|---|---|---|
| 1 | 1 | ASPR.GAJAP.001 | At-Matrupitha (Idco Area) Po/Via-Paralakhemundi | 761200 | STD-10 |
| 2 | 2 | ASPR.GAJAP.002 | At-Purnapitha, Po- Parasamba Via- Tarangada, (Paralakhemundi) | 761201 | STD-7 |
| 3 | 3 | ASPR.GAJAP.003 | Matrupitha, At/Po-Chandragiri, | 761017 | STD-5 |
| 4 | 4 | ASPR.GAJAP.004 | At/Po-R. Udayagiri | 761016 | STD-5 |
| 5 | 5 | ASPR.GAJAP.005 | At-Chadiapada Po-Parimala Via-R.Udayagiri | 761016 | KG |
| 6 | 1 | ASPR.GANJM.001 | At- Meera Vihar, Po- Gosaninuagan, Via-Berhampur | 760003 | STD-10 |
| 7 | 2 | ASPR.GANJM.002 | At/Po/Via-Khallikote | 761030 | STD-10 |
| 8 | 3 | ASPR.GANJM.003 | At- Sri Aurobindo Nagar,Po/Via- Buguda | 761118 | STD-8 |
| 9 | 4 | ASPR.GANJM.004 | At/ Po/Via- Balipadar | 761117 | STD-8 |
| 10 | 5 | ASPR.GANJM.005 | At-Block Colony, Po- Chhatrapur | 761020 | STD-10 |
| 11 | 6 | ASPR.GANJM.006 | At-Basudevpur, Po/Via-Gobara, | 761124 | STD-7 |
| 12 | 7 | ASPR.GANJM.007 | At/Po- Badamadhanpur, PS- Chatrapur, Via-Ganjam | 761026 | STD-7 |
| 13 | 8 | ASPR.GANJM.008 | At- Lalsingh, College Road,Po- Bhanjanagar | 761126 | STD-8 |
| 14 | 9 | ASPR.GANJM.009 | At/Po-S.Chhachina, Via- Beguniapada | 761031 | STD-8 |
| 15 | 10 | ASPR.GANJM.010 | At-Maa Nuapalli, PO -Mundula, Via -Kodala | 761032 | STD-7 |
| 16 | 11 | ASPR.GANJM.011 | At-Bankatara,Po- Patarapalli, Via- Bellaguntha | 761119 | STD-7 |
| 17 | 12 | ASPR.GANJM.012 | At/Po- Jagannath Prasad | 761121 | STD-8 |
| 18 | 13 | ASPR.GANJM.013 | At/Po- Panchabhuti,Via- Jagannathaprasad | 761121 | STD-6 |
| 19 | 14 | ASPR.GANJM.014 | At/Po- Kullada, Via- Bhanjanagar | 761131 | STD-7 |
| 20 | 15 | ASPR.GANJM.015 | At-Bellaguntha PO-Pentha Street | 761119 | STD-8 |
| 21 | 16 | ASPR.GANJM.016 | At-Agajhola, Po-Baunsaundi,Via-Badakodanda | 761126 | STD-5 |
| 22 | 17 | ASPR.GANJM.017 | At-Pudamari , Via- Digapahandi | 761014 | STD-7 |
| 23 | 18 | ASPR.GANJM.018 | At/Po- Sabulia Via-Rambha | 761028 | STD-8 |
| 24 | 19 | ASPR.GANJM.019 | At- Talarampalli, Po- Barasara, Via- Khallikote | 761030 | STD-9 |
| 25 | 20 | ASPR.GANJM.020 | Matrunilaya, At/Po- B.Arjyapalli, Via- Chatrapur | 761045 | STD-7 |
| 26 | 21 | ASPR.GANJM.021 | At-R.Damodarapally,P.O-G.Damodarapally,Via-Aska | 761111 | STD-8 |
| 27 | 22 | ASPR.GANJM.023 | At-Court Line, Po\Via -Kodala, | 761032 | STD-8 |
| 28 | 23 | ASPR.GANJM.024 | At/Po - Benipalli Via - Gobara | 761124 | STD-7 |
| 29 | 24 | ASPR.GANJM.025 | At/Po -Purusottampur, Near court | 761018 | STD-7 |
| 30 | 25 | ASPR.GANJM.026 | At-Ramchandrapur,Po-Kukudakhandi,Via Berhampur | 761100 | STD-10 |
| 31 | 26 | ASPR.GANJM.027 | At/Po-Kairasi,Via-Khallikote | 761029 | STD-8 |
| 32 | 27 | ASPR.GANJM.028 | At/Po-Baniya, Via- Khalikote | 761030 | STD-7 |
| 33 | 28 | ASPR.GANJM.029 | At- Kalamba Chhak, Po\Via- Balipadar | 761117 | STD-3 |
| 34 | 29 | ASPR.GANJM.030 | At/Po- Mundula, Via-Kodala, | 761032 | STD-8 |
| 35 | 30 | ASPR.GANJM.031 | At/Po- Kabisuryja Nagar, Hanuman Temple Road | 761104 | STD-7 |
| 36 | 31 | ASPR.GANJM.032 | At/Po— Khojapalli, Via- Khallikota R.s. | 761029 | STD-7 |
| 37 | 32 | ASPR.GANJM.033 | At/Po-Tanarada, Via- Belaguntha | 761140 | STD-6 |
| 38 | 33 | ASPR.GANJM.035 | At/Po—Bishnuchakra, Via-Balipadar | 761117 | STD-3 |
| 39 | 34 | ASPR.GANJM.036 | At/Po-B.D. Pur, Via-Baragaon | 761120 | STD-6 |
| 40 | 35 | ASPR.GANJM.037 | At-Kabisurya Nagar (Bana Devi Patna) | 761104 | STD-2 |
| 41 | 36 | ASPR.GANJM.038 | At-Gunjabala Po-Badakhair Khama Via-Sumandal | 761035 | KG |
| 42 | 1 | ASPR.KANDHM.001 | At-Amalapada, Po- Phulbani | 762001 | STD-10 |
| 43 | 2 | ASPR.KANDHM.002 | At/Po-Sankarakhola Via-Tikabali | 762019 | STD-7 |
| 44 | 3 | ASPR.KANDHM.003 | At/Po -Gudari, via-Khajuripada | 762012 | STD-7 |
| 45 | 4 | ASPR.KANDHM.004 | At/Po -Khajuripada | 762012 | STD-1 |
| 46 | 1 | ASTH.BALESW.001 | At-Aruhabrutti-II, Po-Aruhabrutti-1, Via- Dahamunda | 756079 | STD-10 |
| 47 | 2 | ASTH.BALESW.002 | At/Po- Gopinathpur(Bhogarai),Via- Dehurda | 756036 | STD-8 |
| 48 | 3 | ASTH.BALESW.003 | At-Ajodhya,Po-Bhaunriabad, Via-Mitrapur-Sajanagad | 756020 | STD-8 |
| 49 | 4 | ASTH.BALESW.004 | Matrupuram ,Bhagia, Po-Markona, Via- Simulia | 756126 | STD-7 |
| 50 | 5 | ASTH.BALESW.005 | At-Rajabagicha ,Po/Via-Balesore | 756001 | STD-10 |
| 51 | 6 | ASTH.BALESW.008 | At-Kanthibhaunri, Po- Bichitrapur, via-Fulbani | 756037 | STD-7 |
| 52 | 7 | ASTH.BALESW.010 | Matru Sadhana Kendra, At-Raghunathpur, PO-B.M.Pur, Via-Soro | 756045 | STD-10 |
| 53 | 8 | ASTH.BALESW.011 | Sri Aurobindo Sadan, At-Machiya Po/Via-Basta | 756029 | STD-5 |
| 54 | 9 | ASTH.BALESW.012 | At-Matrubhoomi, Po-Markona Via-Simulia | 756126 | STD-8 |

| Act No | Sch No | CODE | ADDRESS | PIN | UP TO |
|---|---|---|---|---|---|
| 55 | 10 | ASTH.BALESW.013 | At/Po/Via-Jaleswar | 756032 | STD-7 |
| 56 | 11 | ASTH.BALESW.014 | At/Po-Velora,Via- Amarda Road | 756030 | STD-8 |
| 57 | 12 | ASTH.BALESW.015 | At /P.O.-Sajangarh,Via-Nilgir | 756041 | STD-5 |
